

'ସ୍ପିରିଟ୍'ରେ ରଣବୀର
▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-153 ♦SATURDAY ♦29 NOVEMBER 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୧୫୩ ♦ଶନିବାର ♦୨୯ ନଭେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


## କାର୍ ଉପରେ ଓଲଟିଲା ଡମ୍ଫର; ଶିଶୁ ସମେତ ୭ ମୃତ

■ ସାହାରନପୁର, ୨୮ ।୧୧ (ଏଜେନ୍ସି): ଉତ୍ତରପ୍ରଦେଶର ସାହାରନପୁରରେ ଶୁକ୍ରବାର ଏକ ସଡ଼କ ଦୁର୍ଘଟଣାରେ ୭ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ଏକ ଡମ୍ଫର ନିୟନ୍ତ୍ରଣ ହରାଇ କାର୍ ଉପରେ ଓଲିଟିବା କାରଣରୁ ଏହି ଦୁର୍ଘଟଣା ଘଟିଥିଲା। ମୃତକଙ୍କ ମଧ୍ୟରେ ଏକ ୪ ବର୍ଷର ପିଲା ମଧ୍ୟ ରହିଛି। ଡମ୍ଫରରେ ବଜୁରୀ ଭରି ରହିଥିଲା। ଦ୍ରୁତଗିତରେ ଆସୁଥିବାରୁ ଡମ୍ଫର ନିୟନ୍ତ୍ରଣ ହରାଇ ନିକଟରେ ଯାଉଥିବା କାର୍ ଉପରେ ପଲଟି ଯାଇଥିଲା। ଡମ୍ଫରରେ ଥିବା ବଜୁରୀ ମଧ୍ୟ କାର୍ ଉପରେ ପଡିଥିଲା। ସମ୍ପୂର୍ଣ୍ଣ କାର୍ ଡମ୍ଫର ଓ ବଜୁରୀ ତଳେ ଦବି ରହିଥିଲା। ଫଳରେ ୫ ଫୁଟ୍‌ର କାର ୨ ଫୁଟ୍‌ରେ ପରିଣତ ହୋଇଥିଲା। ୩ଟି କ୍ରେନ୍ ସହାୟତାରେ ଡମ୍ଫରକୁ ଉଠାଯାଇଥିଲା। ବଜୁରୀକୁ ହଟାଇବା ପାଇଁ ଲୋକଙ୍କୁ ଘଣ୍ଟା ଘଣ୍ଟା ପରିଶ୍ରମ କରିବାକୁ ପଡିଥିଲା। ସେପର୍ଯ୍ୟନ୍ତ କାର୍‌ରେ ଥିବା ବ୍ୟକ୍ତିମାନେ ଯନ୍ତ୍ରଣାରେ ଛଟପଟ ହେଉଥିଲେ। ଶେଷରେ କାର୍‌ର ଛାତକୁ କଟାଯାଇ ଫସି ରହିଥିବା ଲୋକଙ୍କୁ ବାହାରକୁ ବାହାର କରାଯାଇଥିଲା। ଏକ ଅନ୍ତିମ ସଂସ୍କାରରେ ଯୋଗ ଦେବାକୁ ଏମାନେ କାର୍‌ରେ ଯାତ୍ରା କରୁଥିଲେ। କାର୍‌ରେ ଗୋଟିଏ ପରିବାରର ୭ ଲୋକ ଯାତ୍ରା କରୁଥିଲେ। ଏମାନେ ସବୁ ସୟଦ ମାଜରା ଗାଁରୁ ଗଙ୍ଗୋ ଯାଉଥିଲେ। ଗାଁଠାରୁ ଗୋଟିଏ କିମି ଦୂରରେ ଏହି ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣା ପରେ ଡମ୍ଫର ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। କାର୍‌ରୁ ୭ଟି ମୃତ ଦେହକୁ ବାହର କରାଯାଇ ବ୍ୟବଚ୍ଛେଦ ପାଇଁ ପଠାଇ ଦିଆଯାଇଛି। ଗାଗଲହେଡି ଥାନରେ ଏହି ଦୁର୍ଘଟଣା ହୋଇଛି।



## ଭାରତର ୩ଟି ଅଞ୍ଚଳକୁ ନିଜର ଦାବି କଲା ନେପାଳ

■ କାଠମାଣ୍ଡୁ, ୨୮ ।୧୧ (ଏଜେନ୍ସି): ନେପାଳ ପୁଣିଥରେ ଭାରତ ସହ ଥିବା ସୀମା ବିବାଦକୁ ଆଗକୁ ବଢାଇବା ପାଇଁ ପ୍ରୟାସ କରିଛି। ନେପାଳ ନିଜର ୧୦୦ ଟଙ୍କିଆ ନୋଟ ଉପରେ ଏନେଇ ବିବାଦୀୟ ମାନଚିତ୍ର ଛାପିଛି। ନେପାଳ ଏହି ମାନଚିତ୍ରରେ ଲିପୁଲେଖ, କାଲାପାନୀ ଓ ଲିମ୍ପିୟାଧୁରାକୁ ନିଜର ଅଂଶ ବୋଲି ଦର୍ଶାଇଛି। କିନ୍ତୁ ଏହି ୩ଟି ଅଞ୍ଚଳ ଭାରତର ସୀମା ଭିତରରେ ରହିଛି। ନେପାଳର ଏହି ଅଭିମୁଖ୍ୟକୁ ଭାରତ କଡ଼ା ସାମାଲୋଚନା କରିଛି ଓ ଏହାକୁ ଏକତରଫା ବୋଲି କହିଛି। ଏଥିରେ ନେପାଳ ଐତିହାସିକ ତଥ୍ୟକୁ ଅଣଦେଖା କରିଛି ବୋଲି ଭାରତ କହିଛି। ଏଭଳି ଅନୁଚିତ ଦାବି ଉପସ୍ଥାପନ କରିବା ଦ୍ୱାରା ସତ୍ୟର ପରିବର୍ତ୍ତନ ହେବ ନାହିଁ। ଭାରତର ସାର୍ବଭୌମତ୍ୱ ଓ ଅଖଣ୍ଡତାକୁ ନେପାଳ ସମ୍ମାନ କରିବା ଉଚିତ ଓ ଏଭଳି ଦାବି ଦ୍ୱିପାକ୍ଷିକ ଚୁକ୍ତିର ଉଲ୍ଲଂଘନ ବୋଲି ଭାରତର ବୈଦେଶିକ ମନ୍ତ୍ରଣାଳୟ କହିଛି।



**୧୦୦ ଟଙ୍କିଆ ନୋଟ୍‌ରେ ଛାପିଲା ବିବାଦୀୟ ମାନଚିତ୍ର**

**ଏଭଳି ଦାବିରେ ସତ୍ୟ ବଦଳି ନ ଥାଏ: ଭାରତ**

ଏହି ବିବାଦିତ ମାନଚିତ୍ର ୧୦୦ ଟଙ୍କା ନୋଟରେ ହଳକା ହଳଦିଆ ରଙ୍ଗରେ ଚିହ୍ନିତ ହୋଇଛି। ତେବେ ଏହି ମାନଚିତ୍ର କେବଳ ୧୦୦ ଟଙ୍କା ନୋଟରେ ହିଁ ଚିହ୍ନିତ ହୋଇଛି। କିନ୍ତୁ ଏହା ୧୦, ୫୦ ଓ ୨୦୦ ଟଙ୍କା ନୋଟ ଉପରେ ଚହ୍ନିତ ହୋଇନାହିଁ। ପୁରୁଣା ୧୦୦ ଟଙ୍କା ନୋଟରେ ଏହି ମାନଚିତ୍ର ଥିଲା ବୋଲି ବ୍ୟାଙ୍କ ତରଫରୁ କୁହାଯାଇଛି। ଏବେ କେବଳ ସରକାରଙ୍କ ନିଷ୍ପତ୍ତି କ୍ରମେ ଏହାକୁ ସଂଶୋଧନ କରାଯାଇଛି ▶ପୃଷ୍ଠା-୭


# ୧୭,୪୪୦ କୋଟିର ଅତିରିକ୍ତ ବଜେଟ

## ଆର୍ଥିକ ବର୍ଷ ଶେଷ ସୁଦ୍ଧା ୧ .୩୪ କୋଟି ଟପିବ ଋଣ ଭାର

■ ଭୁବନେଶ୍ୱର, ୨୮ ।୧୧ (ସମିସ): ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ୧୭୪୪୦କୋଟି ଟଙ୍କାର ଅତିରିକ୍ତ ବଜେଟ୍ ଆସିଛି। ମୁଖ୍ୟମନ୍ତ୍ରୀ ତଥା ଅର୍ଥମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ଏହି ଅତିରିକ୍ତ ବଜେଟ୍ ଉପସ୍ଥାପନ କରିଛନ୍ତି। ଅତିରିକ୍ତ ବ୍ୟୟବରାଦରେ କାର୍ଯ୍ୟକ୍ରମ ବ୍ୟୟ ବାବଦରେ ସର୍ବାଧିକ ୧୩୭୧୬ କୋଟି ଟଙ୍କା ରହିଥିବା ବେଳେ ପ୍ରଶାସନିକ ବ୍ୟୟ ପାଇଁ ୩୩୮ ୯ କୋଟି ଟଙ୍କା ଓ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ପାଣି ୧୭୧ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି। ଅନ୍ୟପଟେ ଚଳିତ ଆର୍‌ଠଥକ ବର୍ଷ ଶେଷ ସୁଦ୍ଧା ରାଜ୍ୟର ଋଣ ଭାର ୧ ଲକ୍ଷ ୩୪ ହଜାର ୯୧୪ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଏହା ରାଜ୍ୟ ସକଳ ଘରୋଇ ଉତ୍ପାଦ (ଜିଡିପି) ୧୨.୭ ପ୍ରତିଶତ ବୋଲି ବଜେଟ୍ ପୁସ୍ତିକାରେ ଦର୍ଶାଯାଇଛି।

୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୨.୯୦ଲକ୍ଷ କୋଟି ଟଙ୍କାର ବଜେଟ ୨୦୨୫ ମାର୍ଚ୍ଚ ୨୯ ତାରିଖରେ ଓଡ଼ିଶା ବିଧାନସଭାରେ ଅନୁମୋଦନ ହୋଇଥିଲା। ଏହାସତ୍ତ୍ୱେ ବିଭିନ୍ନ କାରଣରୁ ଅତିରିକ୍ତ ବଜେଟର ଆବଶ୍ୟକତା ରହିଥିବା ନେଇ ରାଜ୍ୟ ସରକାର ବଜେଟ୍ ପୁସ୍ତିକାରେ ଦର୍ଶାଇଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ରାଜ୍ୟରେ ଚାଲିଥିବା ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଓ ନୂଆ ଯୋଜନାଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ଏବଂ କେନ୍ଦ୍ର ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା କେନ୍ଦ୍ରୀୟ ଓ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନାଗୁଡ଼ିକ ପାଇଁ ପାଣ୍ଠିର ଆବଶ୍ୟକତା ରହିଛି। ଏହାସହିତ ଓଡ଼ିଶା ଆକସ୍ମିକ ପାଣ୍ଠିରୁ ନିଆଯାଇଥିବା ଅଗ୍ରୀମକୁ ଫେରସ୍ତ ଓ ବିଭିନ୍ନ ପ୍ରଶାସନିକ ବ୍ୟୟବରାଦରେ ଲେଖା ସଂଶୋଧନ ପାଇଁ ଏହି ୧୭୪୪୦କୋଟି ଟଙ୍କାର ଅତିରିକ୍ତ ବ୍ୟୟବରାଦର ଆବଶ୍ୟକତା ଥିବା ଉଲ୍ଲେଖ କରାଯାଇଛି। ଅତିରିକ୍ତ ବଜେଟ୍‌ରେ କାର୍ଯ୍ୟକ୍ରମ ବ୍ୟୟ ବାବଦକୁ ରହିଥିବା ସର୍ବାଧିକ ୧୩୭୧୬ କୋଟି ଟଙ୍କା ମଧ୍ୟରୁ କେନ୍ଦ୍ରୀୟ ଯୋଜନାରେ ୨୦୫୪କୋଟି ଓ ରାଜ୍ୟ ଯୋଜନାରେ ୧୧୬୪୩କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ସରକାର ସୂଚନା ଦେଇଛନ୍ତି।

ଅତିରିକ୍ତ ବଜେଟ୍‌ରେ ରାଜ୍ୟ ସରକାର 'ଶକ୍ତିଶ୍ରୀ' ନାମରେ ଏକ ନୂଆ ଯୋଜନା ବାବଦରେ ସୂଚନା ଦେଇଛନ୍ତି। ମହିଳାମାନଙ୍କ ସୁରକ୍ଷା ଏବଂ ନିରାପତ୍ତାକୁ ସୁନିଶ୍ଚିତ କରିବା ପାଇଁ 'ଶକ୍ତିଶ୍ରୀ' ନାମରେ ଏକ ନୂଆ ଯୋଜନା କାର୍ଯ୍ୟକାରୀ ପାଇଁ ନିଷ୍ପତ୍ତି ହୋଇଛି। ଏ ବାବଦକୁ ୧୫ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ସେହିପରି 'ସୁଭଦ୍ରା' ଯୋଜନା ପାଇଁ ୨୯୫ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିବା ବେଳେ ମିଶନ ଶକ୍ତି କାର୍ଯ୍ୟକ୍ରମ ଅଧୀନରେ ୪୦୫ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି। ଏହାସହିତ ମମତା ଯୋଜନା ପାଇଁ ୧୪୨ କୋଟି ଟଙ୍କା ବ୍ୟୟ ବରାଦ ସହିତ ଶିକ୍ଷା କ୍ଷେତ୍ରରେ, ପିଏମ୍-ପୋଷଣ ଅଧୀନରେ ୩୯୨ କୋଟି ଟଙ୍କା ଏବଂ ମୁଖ୍ୟମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ ପାଇଁ ୭୧ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ଅତିରିକ୍ତ ବଜେଟରେ ରାଜ୍ୟ ସରକାର କୃଷକ କଲ୍ୟାଣ ଏବଂ ଖାଦ୍ୟ ▶ପୃଷ୍ଠା-୭




**କାର୍ଯ୍ୟକ୍ରମ ବ୍ୟୟ ବାବଦରେ ସର୍ବାଧିକ ୧୩୭୧୬ କୋଟି**

**ନୂଆ ଯୋଜନା 'ଶକ୍ତିଶ୍ରୀ' ପାଇଁ ୧୫ କୋଟି ବ୍ୟୟ ବରାଦ**

**ଜିଲ୍ଲା ପରିଷଦ ନିର୍ବାଚନ ପରିଚାଳନା ପାଇଁ ୪୨ କୋଟି**

## ଡିସେମ୍ବର ୪ରେ ଭାରତ ଗସ୍ତରେ ଆସିବେ ପୁତିନ

### ଭାରତ-ରୁଷିଆ ବାର୍ଷିକ ସମ୍ମିଳନୀରେ ଯୋଗଦେବେ

■ ନୂଆଦିଲ୍ଲୀ, ୨୮ ।୧୧ (ଏଜେନ୍ସି): ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ଆଗାମୀ ଡିସେମ୍ବର ୪-୫ରେ ଦୁଇଦିନିଆ ଗସ୍ତରେ ଭାରତ ଆସିବେ ବୋଲି ରୁଷିଆର ଗଣମାଧ୍ୟମଗୁଡିକ ଘୋଷଣା କରିଛନ୍ତି। ୨୩ତମ ଭାରତ-ରୁଷିଆ ବାର୍ଷିକ ସମ୍ମିଳନୀରେ ଯୋଗ ଦେବାକୁ ସେ ଭାରତ ଆସିବେ। ପ୍ରତିବର୍ଷ ଭାରତ ଓ ରୁଷିଆ ମଧ୍ୟରେ ହେଉଥିବା ବୈଠକର ଏହା ଅଂଶ। ଭାରତ ଓ ରୁଷିଆ ପ୍ରତିବର୍ଷ ପାଳି କରି ଏହି ବୈଠକର ଆୟୋଜନ କରିଥାନ୍ତି। ଏଥର ଭାରତର ଏହି ବୈଠକ ଆୟୋଜନ କରିବାର ପାଳି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ସ୍ୱାଗତ କରିବା ସହ ତାଙ୍କ ସମ୍ମାନରେ ଏକ ଭୋଜି ଆୟୋଜନ କରିବେ। ଏହି ଗସ୍ତରେ ପୁତିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିବେ। ଏହି ଅବସରରେ ଦୁଇ ନେତା ଆଶୋଧିତ ତୈଳ ଚୁକ୍ତି ସହିତ ଏସ୍-୪୦୦ ମିସାଇଲ ଡିଫେନ୍ସ ସିଷ୍ଟମ କ୍ରୟ ଓ ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫ୍‌ଟିଏ) ନେଇ ଆଲୋଚନା କରିବା ଆଶା କରାଯାଉଛି।

ରୁଷ ତୈଳ କ୍ରୟ କରୁଥିବାରୁ ଭାରତ ଉପରେ ଆମେରିକା ୨୫ ପ୍ରତିଶତ ଅତିରିକ୍ତ ଟାରିଫ ଲାଗୁ କରିଛି। ଫଳରେ ଭାରତ ମୋଟ୍ ଉପରେ ୫୦ ପ୍ରତିଶତ ଟାରିଫର ଭାର ବହନ କରୁଛି। ଭାରତ ତୈଳ କ୍ରୟ କରୁଥିବାରୁ ୟୁକ୍ରେନ ସହିତ ଯୁଦ୍ଧ କରିବାକୁ ରୁଷିଆକୁ ବଳ ମିଳୁଛି ବୋଲି ଆମେରିକା କହୁଛି। ରୁଷିଆ- ୟୁକ୍ରେନ ଯୁଦ୍ଧ ଆରମ୍ଭ ହେବା ପରେ ପୁତିନ ପ୍ରଥମଥର ପାଇଁ ଭାରତ ଗସ୍ତରେ ଆସିବେ। ୨୦୨୨ ଫେବୃଆରୀ ▶ପୃଷ୍ଠା-୭



**ଏସ୍-୪୦୦, ଏସ୍ୟୁ-୫୭ ଜେଟ୍ କ୍ରୟ ନେଇ ହେବ ଆଲୋଚନା**

## ଗୃହରେ ଉଦ୍‌ବେଗ | ଅନ୍ଧାରରେ 'ଅନ୍ୱେଷା'

### ଯୋଜନା ଅଧୀନରେ ଚଳିତବର୍ଷ ହୋଇନି ନାମଲେଖା

■ ଭୁବନେଶ୍ୱର, ୨୮ ।୧୧ (ସମିସ): ଆଦିବାସୀ ପିଲାଙ୍କୁ ଉତ୍କୃଷ୍ଟ ଶିକ୍ଷା ପ୍ରଦାନ ପାଇଁ ନବୀନ ପଟ୍ଟନାୟକ ସରକାର ଆରମ୍ଭ କରିଥିଲେ 'ଅନ୍ୱେଷା' ଯୋଜନା। ମାତ୍ର ରାଜ୍ୟରେ ନୂଆ ସରକାର ଆସିବା ପରେ ଏହି ଯୋଜନାର ଭବିଷ୍ୟତ ଏବେ ସମ୍ପୂର୍ଣ୍ଣ ଅନ୍ଧାର। ଏହାକୁ ନେଇ ଶିକ୍ଷାବିତ୍, ଅଭିଭାବକ, ସମାଜତତ୍ତ୍ୱବିତ୍ ଉଦ୍‌ବେଗ ପ୍ରକାଶ କରିଥିବା ସମୟରେ ବିଧାନସଭାରେ ବିରୋଧୀ ନେତାମାନେ କ୍ଷୋଭପ୍ରକାଶ କରିଛନ୍ତି। ଆଦିବାସୀ ପିଲାଙ୍କ ପାଇଁ ସରକାରଙ୍କ ଏପରି ଆଭିମୁଖ୍ୟକୁ ନେଇ ମଧ୍ୟ ବିଧାୟକମାନେ ପ୍ରଶ୍ନ କରିଛନ୍ତି। ବିରୋଧୀ ବିଜେଡିର ବିଧାୟକମାନେ ଅନ୍ୱେଷା ଯୋଜନା ସଂକ୍ରାନ୍ତରେ ସରକାରଙ୍କୁ ପ୍ରଶ୍ନ କରିଥିବା ବେଳେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ବୁଲେଇ ବଙ୍କେଇ ପ୍ରଶ୍ନକୁ ଏଡ଼ାଇଯିବାକୁ ଉଦ୍ୟମ କରିଛନ୍ତି।।



ଯୋଜନା ବନ୍ଦ ହେବକି ଜାରି ରହିବ, ସେ ନେଇ ମନ୍ତ୍ରୀ କୌଣସି ସ୍ୱଷ୍ଟୋକ୍ତି ରଖିନଥିବା ବେଳେ ଚଳିତ ଶିକ୍ଷାବର୍ଷରେ ପ୍ରଥମ ଶ୍ରେଣୀରେ ଏହି ଯୋଜନାରେ ନାମଲେଖା ହୋଇ ନ ଥିବା ସ୍ୱୀକାର କରିଛନ୍ତି। ତେଣୁ ଯୋଜନାକୁ ବନ୍ଦ କରିବା ପାଇଁ ସରକାର ଏକପ୍ରକାର ନିଷ୍ପତ୍ତି କରିଥିବା ନେଇ ମନ୍ତ୍ରୀଙ୍କ ଇଙ୍ଗିତ ସ୍ପଷ୍ଟ କରୁଛି ବୋଲି ବୁଦ୍ଧିଜୀବି ମହଲରେ ମତପ୍ରକାଶ ପାଇଛି।

ଶୁକ୍ରବାର ପ୍ରଶ୍ନକାଳରେ ମୂଳ ପ୍ରଶ୍ନକର୍ତ୍ତା ଓମ୍ ପ୍ରକାଶ ମିଶ୍ରଙ୍କ ଏକ ତାରକା ପ୍ରଶ୍ନରେ ଉପରୋକ୍ତ ପ୍ରସଙ୍ଗ ଉଠାଇଥିଲେ ବିଧାୟକ ପ୍ରଦୀପ ଦିଶାରୀ। ସରକାର ଅନ୍ୱେଷା ଯୋଜନା ବନ୍ଦ କରିବାକୁ ଯାଉଛନ୍ତି କି ? ଯଦି ନୁହେଁ, ତାହେଲେ ନାମଲେଖା କେବେ ଆରମ୍ଭ ହେବ ବୋଲି ସେ ପ୍ରଶ୍ନ କରିଥିଲେ। ସେହିପରି ବିଧାୟକ ରମେଶ ଚନ୍ଦ୍ର ବେହେରା ମଧ୍ୟ ଅନୁରୂପ ପ୍ରଶ୍ନ କରିଥିଲେ। ସେ କହିଥିଲେ ଯେ ଚଳିତ ବର୍ଷ ଅନ୍ୱେଷା ଯୋଜନାରେ ନାମଲେଖା ହୋଇପାରି ନାହିଁ। ଯଦି ପ୍ରଥମ ଶ୍ରେଣୀରେ ▶ପୃଷ୍ଠା-୭



## ଧାନକିଣା: ଆରମ୍ଭରୁ ବିଭ୍ରାଟ

### ଆଜିଯାଏଁ ବସ୍ତାଏ ବି ଧାନ କିଣି ନାହାନ୍ତି ସରକାର

■ ଭୁବନେଶ୍ୱର, ୨୮।୧୧ (ସମିସ): ନଭେମ୍ବର ପ୍ରଥମ ସପ୍ତାହରୁ ରାଜ୍ୟରେ ଧାନକିଣା ଆରମ୍ଭ ହୁଏ। ମାତ୍ର ନଭେମ୍ବର ଶେଷ ହେବାକୁ ବସିଲାଣି, ଆଜି ସୁଦ୍ଧା ସରକାର ବସ୍ତାଟିଏ ଧାନ କିଣିନାହାନ୍ତି। ଚାଷୀଙ୍କ ପାଖରେ ଧାନ ରଖିବାକୁ ଯାଗା ନାହିଁ। ଫଳରେ ଚାଷୀ ଅଭାବୀ ବିକ୍ରି କରିବା ଆରମ୍ଭ କଲେଣି। ସରକାର ଚାଷୀଙ୍କ ଭାଗ୍ୟ, ଭବିଷ୍ୟତ ସହ ଖେଳ ଖେଳୁଛନ୍ତି। ଏଥିରୁ ବିରତ ନ ହେଲେ ସାରା ରାଜ୍ୟରେ ନିଆଁ ଲାଗିଯିବ ବୋଲି ବିଧାନସଭାରେ ସରକାରଙ୍କୁ ଚେତାବନୀ ଶୁଣାଇଛନ୍ତି ବିରୋଧୀଦଳ ଉପନେତାପ୍ରସନ୍ନ ଆଚାର୍ଯ୍ୟ। ଶୁକ୍ରବାର ଶୂନ୍ୟକାଳରେ ଧାନକିଣାକୁ ନେଇ ସେ ଗଭୀର ଉଦବେଗ ପ୍ରକାଶ କରିବା ସହ ତୁରନ୍ତ ସରକାର ଏ ନେଇ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

**ଶୂନ୍ୟକାଳରେ ସରକାରଙ୍କ ଉପରେ ବର୍ଷିଲା ବିଜେଡି**

**ଚାଷୀଙ୍କ ଭାଗ୍ୟ ସହ ଖେଳନ୍ତୁନି; ନିଆଁ ଲାଗିଯିବ**

ଶୂନ୍ୟକାଳରେ ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ ବରଗଡ଼, ସମ୍ବଲପୁରରେ ଆଜିଠାରୁ ଧାନକ୍ରୟ ପାଇଁ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ନିଷ୍ପତ୍ତି ହୋଇଥିଲା। ମାତ୍ର ଆଜି ତାରିଖ ସୁଦ୍ଧା ବସ୍ତାଏ ମଧ୍ୟ ଧାନ କିଣା ଯାଇପାରିଲା ନାହିଁ। ବରଗଡ଼ ଜିଲ୍ଲାରେ ୫୦୦୦ରୁ ଅଧିକ ଚାଷୀ ପଞ୍ଜୀକରଣ କରି ନାହାନ୍ତି। କୌଣସି ମିଲକୁ ଧାନ କିଣିବା ପାଇଁ ସରକାର ଆଲଟମେଣ୍ଟ ଦେଇ ▶ପୃଷ୍ଠା-୭

### ଖେଞ୍ଚ ମାରିଲେ ସନ୍ତୋଷ

■ ଭୁବନେଶ୍ୱର,୨୮।୧୧(ସମିସ): ଗତ ଖରିଫରେ ଧାନକିଣାରେ ସଫଳତାକୁ ନେଇ ନିଜ ସରକାରଙ୍କୁ ପ୍ରଶଂସା କରିଥିଲେ ବି ସରକାରଙ୍କୁ ଖେଞ୍ଚ ମାରିଛନ୍ତି ବିଜେପି ବିଧାୟକ ସନ୍ତୋଷ ଖଟୁଆ। ଶ୍ରୀ ଖଟୁଆ କହିଛନ୍ତି, ଚଳିତ ଖରିଫରେ ପ୍ରାୟ ୯୦ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ ହେବାର ସମ୍ଭାବନା ରହିଛି। ଏତେଧାନ ସରକାର କେଉଁଠି ରଖିବେ, ତାହା ନିଶ୍ଚିତ ଭାବେ ଆହ୍ୱାନର ବିଷୟ। ସରକାର ଏନେଇ ସୁବ୍ୟବସ୍ଥା କରନ୍ତୁ ବୋଲି ସେ ପରାମର୍ଶ ଦେଇଥିଲେ।

ଶୂନ୍ୟକାଳରେ ଉପରୋକ୍ତ ପ୍ରସଙ୍ଗ ଉଠାଇ ଶ୍ରୀ ଖଟୁଆ କହିଥିଲେ ଯେ ଗତ ଖରିଫରେ ସରକାର ୧୭ ଲକ୍ଷ ଚାଷୀଙ୍କ ନିକଟରୁ ୭୫ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ କରିଥିଲେ। କେବଳ ଗତବର୍ଷ ରାଜ୍ୟରେ ୪ ଲକ୍ଷରୁ ଅଧିକ ଚାଷୀ ପଞ୍ଜୀକରଣ କରିଥିବା ବେଳେ ସରକାର ୨୦ ଲକ୍ଷ ମେଟ୍ରିକ ଟନ୍ ଅଧିକ ଧାନ କ୍ରୟ କରିଥିଲେ। ▶ପୃଷ୍ଠା-୭

## କଂଗ୍ରେସରେ ନରସିଂହ ଅଲୋଡ଼ା !



■ ଭୁବନେଶ୍ୱର, ୨୮ ।୧୧ (ସମିସ): ପୂର୍ବତନ ମନ୍ତ୍ରୀ, ପୂର୍ବତନ ବିରୋଧୀଦଳ ନେତା ତଥା କଂଗ୍ରେସର ବରିଷ୍ଠ ନେତା ନରସିଂହ ମିଶ୍ର ଏବେ ଅଲୋଡ଼ା। ଯେତେବେଳେ ରାଜ୍ୟରେ କ୍ଷମତାକୁ ଫେରିବା ପାଇଁ ସବୁ ନେତା ଏକାଠି ହେବାର ଆବଶ୍ୟକତା ଥିବା ଆହ୍ୱାନ ଦେଉଛନ୍ତି, ସେତେବେଳେ ଦଳର ସବୁଠାରୁ ଟାଣୁଆ ନେତା ନରସିଂହଙ୍କୁ କିପରି ଉପେକ୍ଷା କରାଯାଇ ପାରିବ ? ମାତ୍ର ଏହା ବାସ୍ତବତଃ ସତ୍ୟ ଓ ଖୋଦ୍ ନରସିଂହ ହିଁ ଏହାକୁ ସ୍ୱୀକାର କରିଛନ୍ତି। ତାଙ୍କୁ କୌଣସି ପ୍ରସଙ୍ଗରେ ପଚରା ଯାଉ ନାହିଁ କି ତାଙ୍କଠାରୁ କୌଣସି ମତ ଲୋଡ଼ାଯାଉ ନାହିଁ। ଗତ ସାଧାରଣ ନିର୍ବାଚନ ପରଠାରୁ ତାଙ୍କୁ ଏଭଳି ଅଣଦେଖା କରାଯାଉଛି ବୋଲି ଶୁକ୍ରବାର ଗଣମାଧ୍ୟମ ଆଗରେ କହିଛନ୍ତି ଶ୍ରୀ ମିଶ୍ର। ବଲାଙ୍ଗିରଠାରେ ଗଣମାଧ୍ୟମ ସହ ଅନୌପଚାରିକ ଆଲୋଚନା ସମୟରେ ସେ କହିଛନ୍ତି ଯେ ଗତ ସାଧାରଣ ନିର୍ବାଚନ ପରଠାରୁ ତାଙ୍କୁ ଅଣଦେଖା କରାଯାଉଛି। ଏପରିକି ଦଳର କୌଣସି କାର୍ଯ୍ୟକ୍ରମରେ ନିମନ୍ତ୍ରଣ କରାଯାଉନାହିଁ। କାର୍ଯ୍ୟକ୍ରମ ପାଇଁ ତାଙ୍କୁ ସୌଜନ୍ୟମୂଳକ ଫୋନ ଟିଏ ବି କରାଯାଉ ନାହିଁ । ପୂର୍ବରୁ ସେ ରାଜ୍ୟ ସରକାରରେ ଆଇନମନ୍ତ୍ରୀ, ବିରୋଧୀ ଦଳ ନେତା, କଂଗ୍ରେସ ବିଧାୟକ ଦଳ ନେତା ଓ ଆଇନ ପରିଷଦ ସଦସ୍ୟ ଭାବେ କାର୍ଯ୍ୟ କରିଛନ୍ତି। ସେହି ସମୟରେ ଦଳ ତାଙ୍କ ଠାରୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରୁଥିଲା। ମାତ୍ର ଗତ ନୂଆପଡ଼ା ଉପନିର୍ବାଚନରେ ତାଙ୍କୁ ଡ଼କା ଗଲାନାହିଁ। କଂଗ୍ରେସର କିଛି ବରିଷ୍ଠ ନେତା ତାଙ୍କୁ ତାଙ୍କ ବାସଭବନରେ ସାକ୍ଷାତ କରିଥିଲେ, ମାତ୍ର ଏହା କେବଳ ସୌଜନ୍ୟମୂଳକ ▶ପୃଷ୍ଠା-୭

### ରାଜଧାନୀରେ ବି ଅପରାଧୀଙ୍କଠାରୁ ତ୍ରାହି ନାହିଁ

## ସ୍କୁଲରେ ବୋମା ମାଡ଼, ଅଳ୍ପକେ ବର୍ତ୍ତିଲେ ଛାତ୍ରଛାତ୍ରୀ

▶▶ **ପୁଲିସ ସହ ତଦନ୍ତରେ ସାମିଲ ହେଲା ଏନ୍‌ଆଇଏ**

▶▶ **ବିଧାନସଭାରେ ପ୍ରଶ୍ନ ଉଠାଇଲେ ବିରୋଧୀ ସଦସ୍ୟ**

▶▶ **ବିଭାଗୀୟ ମନ୍ତ୍ରୀଙ୍କୁ ଉତ୍ତର ରଖିବାକୁ ବାଚସ୍ପତିଙ୍କ ନିର୍ଦ୍ଦେଶ**

■ ଭୁବନେଶ୍ୱର, ୨୮।୧୧ (ସମିସ): ରାଷ୍ଟ୍ରପତିଙ୍କ ଗସ୍ତ ଓ ବିଧାନସଭା ଅଧିବେଶନ ପାଇଁ ସାରା ରାଜଧାନୀରେ ଏବେ ପୁଲିସ ଛାଉଣି। ଘନଘନ ଚେକିଂ, ଛକଛକରେ ବ୍ଲକିଂ। ଏହା ସତ୍ତ୍ୱେ ସବୁ ପୁଲିସ ବ୍ୟବସ୍ଥାକୁ ଉପହାସ କରି ଅପରାଧୀ ସେମାନଙ୍କର ଆତଙ୍କରାଜ ଚଳାଇଛନ୍ତି। ସୁରକ୍ଷା ବ୍ୟବସ୍ଥାକୁ ସିଧାସଳଖ ଚାଲେଞ୍ଜ କରିଛନ୍ତି । ସକାଳୁ ସକାଳୁ ଗାଡ଼କଣ ସ୍ଥିତ କେଳୁଚରଣ ପାର୍କ ଛକରେ ଥିବା କେନ୍ଦ୍ରୀୟ ବିଦ୍ୟାଳୟ-୩ ସ୍କୁଲ ସାମ୍ନାରେ ବୋମାମାଡ଼ ଘଟିଛି। ଏହାକୁ ନେଇ ଅଭିଭାବକ ମହଲରେ ଭୟର ବାତାବରଣ ସୃଷ୍ଟି ହୋଇଛି। ବୋମାମାଡ଼ ହେବା ସମୟରେ ଛାତ୍ରଛାତ୍ରୀମାନେ ସ୍କୁଲ ପରିସରକୁ ପଶି ଯାଇଥିବାରୁ ଏକ ବଡ଼ ଧରଣ ଅଘଟଣ ଟଳି ଯାଇଥିଲା। ଛାତ୍ରଛାତ୍ରୀମାନେ ସ୍କୁଲ ଭିତରେ ପ୍ରବେଶ କରିବା ପରେ ଏଭଳି ଅଘଟଣ ଘଟିଥିଲା। ଏଣୁ ଛାତ୍ରଛାତ୍ରୀମାନେ ଏକ ବଡ଼ ବିପଦରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ସହରରେ ଖୋଦ ରାଷ୍ଟ୍ରପତିଙ୍କ ଉପସ୍ଥିତି ଓ ବିଧାନସଭା ଅଧିବେଶନ ସମୟରେ ଏ ପ୍ରକାର ଅରାଜକତାକୁ କେହି ସହଜରେ ଗ୍ରହଣ କରିପାରୁ ନାହାନ୍ତି ।



ପ୍ରତ୍ୟେକଦିନ ଭଳି ଛାତ୍ରଛାତ୍ରୀଙ୍କ ସ୍କୁଲ ଆସିବା ସମୟ ହୋଇ ସାରିଥିଲା ଓ ୭ଟା ୪୫ ସୁଦ୍ଧା ସମସ୍ତ ଛାତ୍ରଛାତ୍ରୀ ସ୍କୁଲ ଭିତରକୁ ପ୍ରବେଶ କରି ସାରିଥିଲେ। ସକାଳ ପ୍ରାୟ ୮ ଟା ସମୟରେ ସ୍କୁଲ ଫାଟକ ନିକଟରେ ଭୟଙ୍କର ବିସ୍ଫୋରଣ ହୋଇଥିଲା। ଅଭିଭାବକ ଏବଂ ସ୍ଥାନୀୟ ଲୋକେ ଏହି ଶବ୍ଦରେ ଥରହର ହୋଇଯାଇଥିଲେ। ଆତଙ୍କିତ ହୋଇ ଲୋକେ ଏପଟ ସେପଟ ଦୌଡିବାକୁ ଲାଗିଲେ। ବୋମା ମାଡ଼ରେ ପାଚେରୀ ଖଣ୍ଡିଆ ଖାବରା ହେବା ହୋଇ ▶ପୃଷ୍ଠା-୭

## ମାସିକ ଧର୍ମର ପ୍ରମାଣ ମାଗିବାରୁ ସୁପ୍ରିମକୋର୍ଟ କ୍ଷୁବ୍ଧ

# କେନ୍ଦ୍ର-ହରିୟାଣା ସରକାରଙ୍କୁ ମାଗିଲେ ଜବାବ

ନୂଆଦିଲ୍ଲୀ, ୨୮।୧୧ (ଏଜେନ୍ସି):ହରିୟାଣାର ମହର୍ଷି ଦୟାନନ୍ଦ ୟୁନିଭର୍ସିଟିରେ ମହିଳା ସଫେଇ କର୍ମଚାରୀଙ୍କୁ ମାସିକ ଧର୍ମର ପ୍ରମାଣ ମାଗିବା ମାମଲାକୁ ନେଇ ସୁପ୍ରିମକୋର୍ଟ କ୍ଷୁବ୍ଧ ହୋଇଛନ୍ତି। ଏହାକୁ କେନ୍ଦ୍ର, ହରିୟାଣା ସରକାର ଏବଂ ଅନ୍ୟ ପକ୍ଷଙ୍କୁ ଜଷ୍ଟିସ ବିଭି ନାଗରତ୍ନାଙ୍କ ଖଣ୍ଡପୀଠ ଜବାବ ମାଗିଛନ୍ତି। ସୁପ୍ରିମକୋର୍ଟ କହିଥିଲେ ଯେ ଏହା ମହିଳାଙ୍କ ପ୍ରତି ଲୋକଙ୍କ ଭାବନାକୁ ଦେଖାଉଛି। ଯଦି ମହିଳା କର୍ମଚାରୀଙ୍କ ଅନୁପସ୍ଥିତିରେ କୌଣସି ବଡ଼ କାମ ହୋଇପାରୁ ନାହିଁ ତେବେ ଅନ୍ୟ କର୍ମଚାରୀଙ୍କୁ ଡାକିବା କଥା। କର୍ଣ୍ଣାଟକରେ ମାସିକ ଧର୍ମ ସମୟରେ ଛୁଟି ଦିଆଯାଉଛି। କିନ୍ତୁ ଏବେ ଏହି ଛୁଟି ଦେବା ପାଇଁ ମାସିକ ଧର୍ମର ପ୍ରମାଣ ମଗାଯିବ କି ବୋଲି ଜଷ୍ଟିସ ନାଗରତ୍ନା ପଚାରି ଥିଲେ। ସୁପ୍ରିମକୋର୍ଟ ଓକିଲ ସଂଘର ଅଧ୍ୟକ୍ଷ ତଥା ବରିଷ୍ଠ ଓକିଲ ବିକାଶ ସିଂହ କହିଥିଲେ ଯେ ଏହା ଏକ ଗମ୍ଭୀର ମାମଲା। ଏହାର ଉଚ୍ଚସ୍ତରୀୟ ତଦନ୍ତ ଜରୁରୀ। କେନ୍ଦ୍ର ଓ ହରିୟାଣା ସରକାରଙ୍କୁ ଏହାର ବିସ୍ତୃତ ଯାଞ୍ଚ ନିର୍ଦ୍ଦେଶ ଦେବାକୁ ସେ ଦାବି କରିଥିଲେ।

# ୟୁରୋପ ଉପରେ ରୁଷ୍ କେବେ ଆକ୍ରମଣ କରିବନି: ପୁଟିନ

ବିଶକେକ୍, ୨୮ ।୧୧(ଏଜେନ୍ସି): ରୁଷିଆ ୟୁରୋପ ଉପରେ କେବେ ବି ଆକ୍ରମଣ କରିବ ନାହିଁ ବୋଲି ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ କହିଛନ୍ତି। ଯଦି ୟୁରୋପ ଚାହିଁବ ତେବେ, ଲିଖିତ ଭାବେ ପ୍ରତଶ୍ରୁତି ଦେବାକୁ ପ୍ରସ୍ତୁତ ଅଛି ବୋଲି ସେ ସ୍ପଷ୍ଟ କରିଛନ୍ତି। ୟୁରୋପ ଉପରେ ରୁଷ୍ ଆକ୍ରମଣ କରିବା ନେଇ ଯେଉଁ ଆଶଙ୍କା ପ୍ରକାଶ ପାଇଛି ତାହାକୁ ସେ ବେକାର କଥା ବୋଲି କହିଛନ୍ତି। ୟୁରୋପୀୟ ନେତାମାନେ କେବଳ ଅସ୍ତ୍ରଶସ୍ତ୍ର କମ୍ପାନୀଗୁଡ଼ିକୁ ଖୋସାମତି କରୁଛନ୍ତି। ଏହି ନେତାମାନେ ନିଜ ଲୋକଙ୍କ ମନରେ ଭୟ ଓ ଆତଙ୍କ ସୃଷ୍ଟି କରିବାକୁ ପ୍ରୟାସ କରୁଛନ୍ତି। ଏହା ପୂର୍ବରୁ ଜର୍ମାନୀର ବୈଦେଶିକ ମନ୍ତ୍ରୀ ଯୋହାନ ୱାଡଫୁଲ ଅଭିଯୋଗ କରିଥିଲେ ଯେ, ରୁଷିଆ ଆଗାମୀ ୪ ବର୍ଷ ମଧ୍ୟରେ କୌଣସି ନାଟୋ ଦେଶ ଉପରେ ଆକ୍ରମଣ କରିପାରେ। ୨୦୨୯ ପର୍ଯ୍ୟନ୍ତ ରୁଷିଆ ନାଟୋ ବିପକ୍ଷରେ ଯୁଦ୍ଧ କରିବାକୁ ପ୍ରସ୍ତୁତି କରୁଛି ବୋଲି ଜର୍ମାନୀର ଗୁଇନ୍ଦା ସଂସ୍ଥା କହିଥିବା କଥା ୱାଡଫୁଲ କହିଥିଲେ। ରୁଷିଆ ଓ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧକୁ ଶେଷ କରିବା ପାଇଁ ଆମେରିକା, ୟୁରୋପ ଓ ୟୁକ୍ରେନ ମଧ୍ୟରେ ଶାନ୍ତି ଯୋଜନା ନେଇ ଆଲୋଚନା ଚାଲିଥିବା ବେଳେ ପୁଟିନ ଏହି ଟିପ୍ପଣୀ ଦେଇଛନ୍ତି। କିନ୍ତୁ ରୁଷିଆ ଅଞ୍ଚଳରେ ଥିବା ୟୁକ୍ରେନ ସୈନିକଙ୍କୁ ପଛକୁ ହଟିବାକୁ ହେବ ବୋଲି ପୁଟିନ ସ୍ପଷ୍ଟ କରିଛନ୍ତି। କିନ୍ତୁ ରୁଷିଆ ଏବେ ୟୁକ୍ରେନର ୧୯ ପ୍ରତିଶତ ଅଂଶକୁ କବ୍‌ଜା କରିନେଇଛି।

# ପ୍ରତିଦିନ ରଣକୌଶଳରେ ପରିବର୍ତ୍ତନ ହେଉଛି: ସିଡିଏସ୍

ନୂଆଦିଲ୍ଲୀ, ୨୮ ।୧୧(ଏଜେନ୍ସି): ଆଧୁନିକ ଯୁଦ୍ଧର ରଣକୌଶଳ ପ୍ରତିଦିନ ପରିବର୍ତ୍ତନ ହେବାରେ ଲାଗିଛି ବୋଲି ଭାରତର ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ) ଅନୀଲ ଚୌହାନ କହିଛନ୍ତି। ଭବିଷ୍ୟତ ପାଇଁ ଯେଉଁ ରଣନୀତି ପ୍ରସ୍ତୁତ ହେଉଛି ତାହା ଲାଗୁ ହେବା ପୂର୍ବରୁ ହିଁ ପୁରୁଣା ହେଇ ଯାଉଛି। ତେଣୁ ସେନାକୁ ଏଭଳି ବିପଦ ନେବାକୁ ପଡୁଛି। ଭବିଷ୍ୟତର ଯୁଦ୍ଧ ପାଇଁ ପୂର୍ବାନୁମାନ ଓ ପ୍ରସ୍ତୁତ କରିବା ଆମର ଅସ୍ତିତ୍ୱ ସହିତ ଜଡ଼ିତ। ଏ ନେଇ ଦ୍ୱିତୀୟ ବିକଳ୍ପ ନାହିଁ ବୋଲି ସେ କହିଛନ୍ତି। ଗୁରୁବାର ଦିଲ୍ଲୀର ସାମ ମାଣିକସା ସେଣ୍ଟରରେ ଚାଲିଥିବା ଚାଣକ୍ୟ ଡିଫେନ୍ସ ଡାଏଲଗରେ ଯୋଗ ଦେଇ ସିଡିଏସ ଏହି ଟିପ୍ପଣୀ ଦେଇଛନ୍ତି। ସେ କହିଥିଲେ ଯେ ଯୁଦ୍ଧ ଏବେ ଜଳ, ସ୍ଥଳ ଓ ଆକାଶରେ ସୀମିତ ହୋଇ ରହିନାହିଁ। ଏହା ସାଇବର, ଗଣମାଧ୍ୟମ ସମେତ ଆହୁରି କେତୋଟି କ୍ଷେତ୍ରକୁ ବ୍ୟାପିଗଲାଣି।

# ସୀମାରେ ରୋବୋଟ୍ ମୁତୟନ କରିବ ଚୀନ୍

ବେଜିଂ, ୨୮ ।୧୧(ଏଜେନ୍ସି): ନିଜ ସୀମାରେ ସେନା ସହିତ ରୋବୋଟ ସୈନ୍ୟ ନିୟୋଜିତ କରିବାକୁ ଚୀନ୍ ନିଷ୍ପତ୍ତି ନେଇଛି। ଏହାକୁ ସାକାର କରିବାକୁ ଆଗାମୀ ଦୁଇବର୍ଷ ମଧ୍ୟରେ ଚୀନ୍ ୧୦ ହଜାର ରୋବୋଟ ସୈନ୍ୟ ପ୍ରସ୍ତୁତ କରିବ। ଏଥିପାଇଁ ୟୁପିଟେକ୍ ରୋବୋଟିକ୍ସକୁ ୨୬୪ ମିଲିୟନ ୟୁଆନ ଅର୍ଥାତ ୩୭ ମିଲିୟନ ଡଲାରର ଏକ ବଡ଼ ଅର୍ଡର ମିଳିଛି। ଭିଏତନାମ ସୀମାରେ ଚୀନ୍ ପ୍ରଥମେ ଏହି ରୋବୋଟକୁ ନିୟୋଜିତ କରିବ। ପାଟ୍ରୋଲିଂ ସହିତ ରୋବୋଟ ସୀମା ଉପରେ ତୀକ୍ଷଣ ନଜର ରଖିବେ। ସୀମା ଭିତରକୁ ଓ ବାହରକୁ ଯାଉଥିବା ପର୍ଯ୍ୟଟକଙ୍କୁ ଦିଗଦର୍ଶନ ମଧ୍ୟ ଦେବେ।

**ରାହୁଲ ଗାନ୍ଧୀଙ୍କ ପ୍ରଶ୍ନ**

# ଦିଲ୍ଲୀ ପ୍ରଦୂଷଣକୁ ନେଇ କେନ୍ଦ୍ର ଚୁପ୍ କାହିଁକି



- ଶିଶୁ ବିଷାକ୍ତ ବାୟୁରେ ବଢୁଥିବା କହୁଛନ୍ତି ମାଆ
- ସଂସଦରେ ବିସ୍ତୃତ ଚର୍ଚ୍ଚା ଦାବି କଲେ ରାହୁଲ
- ସ୍ୱାସ୍ଥ୍ୟଗତ ଜରୁରୀ ସ୍ଥିତି ସୃଷ୍ଟି କରିଛି ପ୍ରଦୂଷଣ
- ପିଲାଙ୍କୁ ବାହାନା ନୁହେଁ, ସ୍ୱଚ୍ଛ ବାୟୁ ଦରକାର

ନୂଆଦିଲ୍ଲୀ, ୨୮।୧୧ (ଏଜେନ୍ସି): ଦିଲ୍ଲୀ-ଏନ୍‌ସିଆରରେ ପ୍ରଦୂଷଣ ପାଇଁ ଭାରତ ସାରା ବିଶ୍ୱରେ ନିନ୍ଦିତ ହେଉଛି। ସବୁଠାରୁ ପ୍ରଦୂଷିତ ରାଜଧାନୀ ତାଲିକାରେ ଦିଲ୍ଲୀ ଶୀର୍ଷରେ ରହିଛି। ପ୍ରତି ବର୍ଷ ଏହି ସମସ୍ୟା ସୃଷ୍ଟି ହେଉଥିବାବେଳେ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ପ୍ରଦୂଷଣକୁ ନେଇ ଦିଲ୍ଲୀରୁ ପଲ୍ଲୀ ପର୍ଯ୍ୟନ୍ତ ସଚେତନତା ବାର୍ତ୍ତା ଦିଆଯାଉଛି। ମାତ୍ର ଏହା କେବଳ ପ୍ରଚାରପ୍ରସାର ସୀମିତ ରହୁଛି। ତେଣୁ ପ୍ରଦୂଷଣର ଫଳ ସାଧାରଣ ଲୋକଙ୍କୁ ଭୋଗିବାକୁ ପଡୁଛି। ଶିଶୁଙ୍କଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ପ୍ରଦୂଷଣରେ ରୁନ୍ଧି ହୋଇଯାଉଛନ୍ତି। ଏହାକୁ ନେଇ ଲୋକସଭା ବିରୋଧୀ ଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। ପ୍ରଦୂଷଣ ବୃଦ୍ଧିକୁ ନେଇ ମୋଦୀ ଚୁପ୍ କାହିଁକି ବୋଲି ସେ ପଚାରିଛନ୍ତି। ପ୍ରଦୂଷଣକୁ ରୋକିବା ପାଇଁ ସରକାର କୌଣସି ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେଉ ନାହାନ୍ତି। କୌଣସି ଯୋଜନା ମଧ୍ୟ କରୁନାହାନ୍ତି। ଆଉ ଉତ୍ତରଦାୟିତ୍ୱ ମଧ୍ୟ ନେଉନାହାନ୍ତି। ଦିଲ୍ଲୀ ମହିଳାଙ୍କ ସହ ପ୍ରଦୂଷଣ ଉପରେ ଆଲୋଚନା କରି ରାହୁଲ ଏହି ଟିପ୍ପଣୀ ଦେଇଥିଲେ। ସେ ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ଛାଡ଼ିଛନ୍ତି।

ରାହୁଲ ଲେଖିଛନ୍ତି ଯେ ଦିଲ୍ଲୀ ପ୍ରଦୂଷଣକୁ ନେଇ ମାଆମାନେ ଚିନ୍ତିତ ଅଛନ୍ତି। ଶିଶୁମାନେ ବିଷାକ୍ତ ବାୟୁରେ ପ୍ରଶ୍ୱାସ ନେଇ ବଡ଼ ହେଉଥିବା ମାଆମାନେ କହୁଛନ୍ତି। ଲୋକେ ଥକିଗଲେଣି, ଭୟଭୀତ ହେଲେଣି ଏବଂ କ୍ରୋଧ ପ୍ରକାଶ କରୁଛନ୍ତି। ମୋଦୀ ଜୀ ଭାରତର ଶିଶୁ ଆମ ସାମ୍‌ନାରେ ଅଣନିଃଶ୍ୱାସୀ ହୋଇଯାଉଛନ୍ତି। ଏହା ସହିତ ଡିସେମ୍ବର ୧ରୁ ଆରମ୍ଭ ହେଉଥିବା ଶୀତକାଳୀନ ଅଧିବେଶନରେ ପ୍ରଦୂଷଣ ଉପରେ ବିସ୍ତୃତ ଆଲୋଚନା କରିବାକୁ ରାହୁଲ ଦାବି କରିଛନ୍ତି। ସେ କହିଛନ୍ତି ଯେ ଏହି ସ୍ୱାସ୍ଥ୍ୟଗତ ଜରୁରୀ ସ୍ଥିତିର ମୁକାବିଲା ପାଇଁ ଏକ କଠୋର ଏବଂ ତୁରନ୍ତ କାର୍ଯ୍ୟକାରୀ ହୋଇ ପାରୁଥିବା କାର୍ଯ୍ୟଖସଡ଼ାର ଆବଶ୍ୟକତା ରହିଛି। ପିଲାଙ୍କୁ ବାହାନା ନୁହେଁ, ବରଂ ସ୍ୱଚ୍ଛ ବାୟୁ ଦରକାର। ଶିଶୁଙ୍କ କଷ୍ଟ ମାଆଙ୍କୁ ଗଭୀର ଆଘାତ ଦେଉଛି। ଏହା ତାଙ୍କୁ ପ୍ରଭାବିତ କରୁଛି।

ଦିଲ୍ଲୀରେ ପ୍ରଦୂଷଣ ବିରୋଧରେ ଲଢୁଥିବା ଏଭଳି କିଛି ସାହସୀ ମହିଳାଙ୍କୁ ରାହୁଲ ଆଜି ମାଆ ସୋନିଆ ଗାନ୍ଧୀଙ୍କ ବାସଭବନରେ ଭେଟି ବିସ୍ତୃତ ଆଲୋଚନା କରିଛନ୍ତି। ସେମାନେ କେବଳ ନିଜର ନୁହେଁ, ସାରା ଦେଶରେ ଶିଶୁଙ୍କ ଭବିଷ୍ୟତକୁ ନେଇ ଭୟଭୀତ ଥିବା ଉଲ୍ଲେଖ କରିଥିଲେ।

ରାହୁଲ କହିଥିଲେ ଯେ ବିଷାକ୍ତ ବାୟୁ ଯୋଗୁଁ ଶିଶୁ ଫୁସ୍‌ଫୁସ, ହୃତ୍‌ପିଣ୍ଡ ଏବଂ ମାନସିକ ରୋଗର ଶିକାର ହେଉଛନ୍ତି। ଏଭଳି ଭୟାନକ ସ୍ଥିତି ସତ୍ତ୍ୱେ କେନ୍ଦ୍ର ସରକାର ହାତରେ ହାତ ପକାଇ ବସି ରହିଛନ୍ତି। ସମୟ ଦ୍ରୁତଗତିରେ ହାତରୁ ଖସି ଚାଲିଛି। ପ୍ରଦୂଷଣ ଉପରେ ତୁରନ୍ତ ଚର୍ଚ୍ଚା ଏବଂ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ଜରୁରୀ। ସ୍ୱଚ୍ଛ ବାୟୁ ପାଇଁ ଶିଶୁଙ୍କ ସଂଘର୍ଷକୁ ବନ୍ଦ କରିବା ନିମନ୍ତେ ଏହା ଜରୁରୀ। ସୁସ୍ଥ, ସୁରକ୍ଷିତ ପରିବେଶରେ ଶିଶୁଙ୍କୁ ବଡ଼ ହେବା ପାଇଁ ସୁଯୋଗ ଦେବା ଆବଶ୍ୟକ। ସୂଚନାଯୋଗ୍ୟ ଯେ ଦିଲ୍ଲୀ ବାୟୁ ଏବେ ସବୁଠୁ ବିପଜ୍ଜନକ ସ୍ତରରେ ରହିଛି। ଆଜି କିଛି ଅଞ୍ଚଳରେ ବାୟୁ ମାନ ସୂଚକାଙ୍କ (ଏକ୍ୟୁଆଇ) ୫୪୫ ଥିଲା। ସେହିପରି ଗୁରୁବାର ଏହା ୪୯୩, ବୁଧବାର ୩୦୦, ମଙ୍ଗଳବାର ୩୯୬, ସୋମବାର ୪୬୬, ରବିବାର ୪୭୦, ଶନିବାର ୪୫୧ ଏବଂ ଗତ ଶୁକ୍ରବାର ୪୦୦ ରେକର୍ଡ କରାଯାଇଥିଲା।

## କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ବିବାଦରେ ହାଇକମାଣ୍ଡଙ୍କ ହସ୍ତକ୍ଷେପ

# ଡିକେଙ୍କୁ ଜଳଖିଆ ପାଇଁ ଡାକିଲେ ସିଦ୍ଧରମେୟା

ବେଙ୍ଗାଲୁରୁ, ୨୮।୧୧ (ଏଜେନ୍ସି): କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ବଦଳାଇବାକୁ ନେଇ ରାଜ୍ୟ ରାଜନୀତିରେ ଚହଳ ସୃଷ୍ଟି ହୋଇଛି। ଏହି ପ୍ରସଙ୍ଗ ଦିଲ୍ଲୀ ପର୍ଯ୍ୟନ୍ତ ପହଞ୍ଚି ଯାଇଛି। ବିବାଦର ସମାଧାନ ପାଇଁ କଂଗ୍ରେସ ହାଇକମାଣ୍ଡ ଏଥିରେ ହସ୍ତକ୍ଷେପ କରି ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ଏବଂ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟାଙ୍କୁ ଫୋନ କରିଛନ୍ତି। ହାଇକମାଣ୍ଡଙ୍କ ନିର୍ଦ୍ଦେଶରେ ସିଦ୍ଧରମେୟା ଏବେ ଡିକେଙ୍କୁ ଜଳଖିଆ ପାଇଁ ଶନିବାର ନିଜ ବାସଭବନକୁ ଡକାଇଛନ୍ତି। ଏହା ସହିତ ମୁଖ୍ୟମନ୍ତ୍ରୀ ପଦକୁ ନେଇ ଦୁଇ ନେତାଙ୍କ ମଧ୍ୟରେ ଚାଲିଥିବା ବାକ୍‌ଯୁଦ୍ଧକୁ କଂଗ୍ରେସର ବରିଷ୍ଠ ନେତାମାନେ ସମାଲୋଚନା କରିଥିବା ସୂଚନା ମିଳିଛି।


ଅନ୍ୟପକ୍ଷରେ ସାମାଜିକ ଗଣମାଧ୍ୟମରେ ମୁହାଁମୁହିଁ ହେବା ପରେ ଡିକେ ଏବଂ ଶିବକୁମାର ଆଜି ଗୋଟିଏ ମଞ୍ଚରେ ଏକାଠି ହୋଇଥିଲେ। ଅଙ୍ଗନବାଡ଼ି କାର୍ଯ୍ୟକ୍ରମର ୫୦ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଏହି ସମାରୋହରେ ଦୁଇ ନେତା ଏହି ପ୍ରସଙ୍ଗକୁ ଇଙ୍ଗିତ କରି ମନ୍ତବ୍ୟ ଦେଇଥିଲେ। ଏଠାରେ ସିଦ୍ଧରମେୟା କହିଥିଲେ ଯେ ସୋନିଆ ଗାନ୍ଧୀ କ୍ଷମତା ତ୍ୟାଗ କରିଥିଲେ। ୨୦୦୪ରେ ସୋନିଆ ପ୍ରଧାନମନ୍ତ୍ରୀ ହୁଅନ୍ତୁ ବୋଲି ଦିବଂଗତ ରାଷ୍ଟ୍ରପତି ଅବଦୁଲ କଲାମ ଚାହୁଁଥିଲେ। କିନ୍ତୁ ସୋନିଆ କ୍ଷମତା ତ୍ୟାଗ କରି ଦିବଂଗତ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ନାମ ପ୍ରସ୍ତାବ ଦେଇଥିବା କହିଥିଲେ।

ଏହା ପୂର୍ବରୁ ଶିବକୁମାର କହିଥିଲେ ଯେ ମୋର କିଛି ଦରକାର ନାହିଁ। ମୁଁ ତରବରିଆ ହେଉ ନାହିଁ। ଦଳ ଏହି ନିଷ୍ପତ୍ତି ନେବ। ମୁଁ କୌଣସି ସମୁଦାୟର ରାଜନୀତି ଚାହୁଁନାହିଁ। କଂଗ୍ରେସ ହିଁ ମୋର ସମୁଦାୟ ଏବଂ ସବୁ ବର୍ଷ ମୋତେ ଭଲ ପାଆନ୍ତି। ଅନ୍ୟପଟେ ଡିକେ ଆଜି ମାଲୁର, କୋଲାର, ମୁଲବଗଲ ଏବଂ କୁନିଗଲର କଂଗ୍ରେସ ବିଧାୟକ ଏବଂ ନେତାଙ୍କୁ ଭେଟିଛନ୍ତି। ସେ ରାତିରେ ଦିଲ୍ଲୀ ଗସ୍ତରେ ଯିବାର କାର୍ଯ୍ୟକ୍ରମ ଥିଲା। ସେଠାରେ ମୁଖ୍ୟମନ୍ତ୍ରୀ ପଦକୁ ନେଇ ହାଇକମାଣ୍ଡଙ୍କ ସହ ଆଲୋଚନା କରିଥାନ୍ତେ। କିନ୍ତୁ ଏବେ ତାଙ୍କୁ ଜଳଖିଆ ପାଇଁ ଡକାଯାଇଛି।

# ପୁଅ ମାଗିଲେ ପ୍ରମାଣ: ଇମ୍ରାନ ଜୀବିତ କି ମୃତ

ଇସଲାମାବାଦ, ୨୮।୧୧ (ଏଜେନ୍ସି): ପାକିସ୍ତାନ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କ ହତ୍ୟାକୁ ନେଇ ଚର୍ଚ୍ଚା ଥମିବାର ନା ଧରୁନି। ଦୀର୍ଘ ଦିନ ହେଲା ଇମ୍ରାନଙ୍କୁ ଭେଟିବା ପାଇଁ କାହାକୁ ଅନୁମତି ଦିଆଯାଉ ନ ଥିବାରୁ ପାକିସ୍ତାନ ସେନା ମୁଖ୍ୟ ଅସୀମ ମୁନୀର ଏବଂ ସରକାରଙ୍କ ଆଭିମୁଖ୍ୟ ଉପରେ ସନ୍ଦେହ ସୃଷ୍ଟି ହେଉଛି। ଏବେ ବାପା ଜୀବିତ ଅଛନ୍ତି କି ନାହିଁ ତାହାର ପ୍ରମାଣ ଇମ୍ରାନଙ୍କ ପୁଅ କାସିମ ଖାନ ମାଗିଛନ୍ତି। ଇମ୍ରାନ ବଞ୍ଚିଛନ୍ତି ନା ନାହିଁ ତାହା କେହି ଜାଣି ନ ଥିବା ସେ କହିଛନ୍ତି। ସେ ସାମାଜିକ ଗଣମାଧ୍ୟମରେ ଲେଖିଛନ୍ତି ଯେ ୮୪୫ ଦିନ ତଳେ ବାପାଙ୍କୁ ଗିରଫ କରାଯାଇଥିଲା। ଗତ ୬ ସପ୍ତାହ ହେଲା ତାଙ୍କୁ ମତ୍ୟୁ ଯନ୍ତାରେ ରଖାଯାଇଥିଲା। ଅନ୍ୟପକ୍ଷରେ ଆଜି ଇମ୍ରାନଙ୍କ ସମର୍ଥନରେ ଖୈବର ପଖତୁନଖ୍ୱା ରାଜ୍ୟର ମୁଖ୍ୟମନ୍ତ୍ରୀ ସୋହେଲ ଆଫ୍ରୀଦି ରାୱାଲପିଣ୍ଡିର ଅଡିୟାଲ ଜେଲ୍‌କୁ ଯାଇଥିଲେ। କିନ୍ତୁ ପୁଲିସ ମୁଖ୍ୟମନ୍ତ୍ରୀଙ୍କୁ ବି ଛାଡ଼ି ନ ଥିଲା। ପୁଲିସ ସୋହେଲଙ୍କୁ ରାସ୍ତାରେ ଗୁଡେଇ ତୁଡ଼େଇ ପିଟି ଥିଲା। ଖୁନ୍ଦା ବିନ୍ଧା ମଧ୍ୟ ମାରିଥିଲେ। ସେନାର ନିର୍ଦ୍ଦେଶରେ ମୁଖ୍ୟମନ୍ତ୍ରୀଙ୍କ ଉପରେ ଆକ୍ରମଣ କରାଗଲା ବୋଲି ଜଣାପଡ଼ିଛି।

# ଶ୍ରୀରାମଙ୍କ ସର୍ବୋଚ୍ଚ ପ୍ରତିମା ଉନ୍ମୋଚନ କଲେ ମୋଦୀ



ବେଙ୍ଗାଲୁର, ୨୮ ।୧୧(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ଦକ୍ଷିଣ ଗୋଆର କାନାକୋନାରେ ଶ୍ରୀ ସଂସ୍ଥାନ ଗୋକର୍ଣ୍ଣ ଜିବୋତମ ମଠରେ ପୂଜାର୍ଚ୍ଚନା କରିଛନ୍ତି। ଏଠାରେ ସେ ୭୭ ଫୁଟର ଶ୍ରୀରାମଙ୍କ ବ୍ରୋଞ୍ଜ୍ ପ୍ରତିମା ଉନ୍ମୋଚନ କରିଛନ୍ତି। ଶ୍ରୀରାମଙ୍କର ଏହି ପ୍ରତିମା ବିଶ୍ୱର ସବୁଠାରୁ ଉଚ୍ଚ ବୋଲି ବିବେଚନା କରାଯାଇଛି। 'ଷ୍ଟାଚ୍ୟୁ ଅଫ୍ ୟୁନିଟି'ର ଶିଳ୍ପକାର ରାମ ସୂତାର ଏହି ମୂର୍ତ୍ତି ତିଆରି କରିଛନ୍ତି। ଏଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୋଦୀ ବିଶେଷ ସ୍ମାରକ ଡାକଟିକେଟ ଓ ଏକ ମୁଦ୍ରା ମଧ୍ୟ ଜାରି କରିଛନ୍ତି। ସେ ମଧ୍ୟ ମଠ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ରାମାୟଣ ଥିମ ପାର୍କ ଗାର୍ଡେନର ଉଦ୍‌ଘାଟନ କରିଛନ୍ତି। ଏହା ପୂର୍ବରୁ ସେ କର୍ଣ୍ଣାଟକର ଉଡୁପୀରେ ଶ୍ରୀ କୃଷ୍ଣ ମଠରେ ପୂଜାର୍ଚ୍ଚନା କରିଥିଲେ। ଏଠାରେ ସୁବର୍ଣ୍ଣ ତୀର୍ଥ ମଣ୍ଡପର ଉଦ୍‌ଘାଟନ କରିବା ସହ ସୁନାର କଳସ ଚଢ଼ାଇ ଏକ ଲକ୍ଷ ଲୋକଙ୍କ ସହ ଶ୍ରୀମଦ ଭାଗବତ ଗୀତା ପାଠ କରିଥିଲେ।

# ଗରିବଙ୍କ ପାଇଁ ଅଧରାତି ପର୍ଯ୍ୟନ୍ତ ଚାଲିବ ସୁପ୍ରିମକୋର୍ଟ: ସିଜେଆଇ



ନୂଆଦିଲ୍ଲୀ, ୨୮।୧୧ (ଏଜେନ୍ସି): ଗରିବଙ୍କୁ ନ୍ୟାୟ ଦେବାକୁ ସର୍ବାଧିକ ପ୍ରାଧାନ୍ୟ ଦିଆଯିବ। ଏଭଳି ଲୋକଙ୍କ ପାଇଁ ସୁପ୍ରିମକୋର୍ଟରେ ଅଧ ରାତି ପର୍ଯ୍ୟନ୍ତ ବସିପାରିବି ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିସ ସୂର୍ଯ୍ୟକାନ୍ତ କହିଛନ୍ତି। ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କ ସହ ଏକ ମାମଲାର ଶୁଣାଣି କରୁଥିବା ସମୟରେ ସିଜେଆଇ ଏହି ଟିପ୍ପଣୀ ଦେଇଥିଲେ। ସେ କହିଥିଲେ ଯେ ମୋ କୋର୍ଟରେ କୌଣସି ଡ୍ରାମା ଚାଲିବ ନାହିଁ। ବ୍ୟୟବହୁଳ ମାମଲାକୁ ଧନୀ ଲୋକ ହିଁ ଲଢ଼ିଥାନ୍ତି। କହିବାକୁ ଚାହୁଁଛି ଯେ ସବୁଠାରୁ ଗରିବ ଏବଂ ଅନ୍ତିମ ପର୍ଯ୍ୟାୟର ବ୍ୟକ୍ତି ପାଇଁ ମୁଁ ଏଠାରେ ରହିଛି। ଆବଶ୍ୟକ ପଡ଼ିଲେ ତାଙ୍କ ପାଇଁ ରାତି ଅଧ ପର୍ଯ୍ୟନ୍ତ ବସିପାରିବି। ତିଲକ ସିଂହ ଡାଙ୍ଗି ନାମକ ବ୍ୟକ୍ତି କେନ୍ଦ୍ର ସରକାର ଏବଂ ଅନ୍ୟମାନଙ୍କ ବିରୋଧରେ ଏହି ମାମଲା ଦାଏର କରିଥିଲେ। ଖଣ୍ଡପୀଠ ଏହାକୁ ଖାରଜ କରିଦେଇଛନ୍ତି। ହରିୟାଣା ହିସାର ଜିଲ୍ଲାର ଏକ ମଧ୍ୟବିତ୍ତ ପରିବାରରୁ ଆସୁଥିବା ଜଷ୍ଟିସ ସୂର୍ଯ୍ୟକାନ୍ତ ଗତ ୨୪ ତାରିଖରେ ଭାରତର ୫୩ ତମ ସିଜେଆଇ ହୋଇଥିଲେ।

# ଏସିଆ ପାୱାର ଇଣ୍ଡେକ୍ସରେ ଆମେରିକା, ଚୀନ୍ ପରେ ଭାରତ ତୃତୀୟ


- ଅପରେସନ ସିନ୍ଦୂର ପରେ ପ୍ରତିରକ୍ଷା ମୂଲ୍ୟାଙ୍କନରେ ବୃଦ୍ଧି
- ନିବେଶରେ ଚୀନ୍‌କୁ ପଛରେ ପକାଇଲା

ନୂଆଦିଲ୍ଲୀ, ୨୮ ।୧୧(ଏଜେନ୍ସି): ଏସିଆ ପାୱାର ଇଣ୍ଡେକ୍ସରେ ୨୭ଟି ଦେଶକୁ ନେଇ ପ୍ରକାଶିତ ତାଲିକାରେ ଭାରତ ତୃତୀୟ ସ୍ଥାନରେ ରହିଥିବାବେଳେ ପାକିସ୍ତାନ ୧୬ତମ ସ୍ଥାନରେ ରହିଛି। ଅର୍ଥାତ ପାକିସ୍ତାନକୁ ଏସିଆର ଶ୍ରେଷ୍ଠ-୧୦ରେ ସ୍ଥାନ ମିଳିନାହିଁ। ପୂର୍ବାପେକ୍ଷା ଭାରତର ସାମରିକ ଶକ୍ତି ଓ ସାମର୍ଥ୍ୟ ଦ୍ରୁତଗତିରେ ବୃଦ୍ଧି ପାଇଛି। ଅଷ୍ଟ୍ରେଲିଆ ଥିଙ୍କ୍ ଟ୍ୟାଙ୍କ ଲୋଇ ଇନ୍‌ଷ୍ଟିଚ୍ୟୁଟ୍ ପ୍ରତିବର୍ଷ ଏହି ପାୱାର ଇଣ୍ଡେକ୍ସ ଜାରି କରିଥାଏ। ଏହି ର୍‍ୟାଙ୍କିଂରେ ଆମେରିକା ଓ ଚୀନ୍ ପଛକୁ ଭାରତ ତୃତୀୟ ସ୍ଥାନ ଅଧିକାର କରିଛି। କିନ୍ତୁ ନିବେଶରେ ଭାରତ ଚୀନ୍‌କୁ ପଛରେ ପକାଇ ଦେଇଛି। ରିପୋର୍ଟ ଅନୁଯାୟୀ ଭାରତ ଏକ ବୃହତ୍ ଶକ୍ତି ବିବେଚିତ ହେଉଛି। ଅପରେସନ ସିନ୍ଦୂର ପରେ ପ୍ରତିରକ୍ଷା ମୂଲ୍ୟାଙ୍କନରେ ଭାରତ ତା'ର ସ୍ଥିତିକୁ ଆହୁରି ଦୃଢ଼ କରିଛି। ଯେଉଁ ଦେଶର ଅଙ୍କ ୪୦ କିମ୍ବା ତା'ଠାରୁ ଅଧିକ ହୋଇଥାଏ ସେହି ଦେଶକୁ ମେଜର ପାୱାର ବା ବୃହତ ଶକ୍ତି ବୋଲି କୁହାଯାଇଥାଏ। ପ୍ରଥମଥର ପାଇଁ ଭାରତ ଏହି ମେଜର ପାୱାର ରେଖା ପାର କରିଛି। ସୈନ୍ୟ କ୍ଷମତା ଓ ଡିଫେନ୍ସ ନେଟ୍‌ୱର୍କ, ଆର୍ଥିକ କ୍ଷମତା, କୂଟନୈତିକ ତଥା ସାଂସ୍କୃତିକ ପ୍ରଭାବ ଏବଂ ଭବିଷ୍ୟତର ସଂଶାଧନ ଭଳି ମାପଦଣ୍ଡକୁ ଆଧାର କରି ଏହି ତାଲିକା ପ୍ରସ୍ତୁତ କରାଯାଇଥାଏ। ସଦ୍ୟ ପ୍ରକାଶିତ ତାଲିକା ଏସିଆ ପାୱାର ଇଣ୍ଡେକ୍ସର ୭ମ ସଂସ୍କରଣ। ଏଥିରେ ୨୭ଟି ଦେଶକୁ ସାମିଲ କରାଯାଇଛି। ଆମେରିକା ୮୧.୭ ଅଙ୍କ ହାସଲ କରି ପୁଣି ଥରେ ଶୀର୍ଷ ସ୍ଥାନରେ ରହିଥିବା ବେଳେ ଚୀନ୍ ୭୩.୭ ଅଙ୍କ ହାସଲ କରି ଦ୍ୱିତୀୟ ସ୍ଥାନରେ ରହିଛି। ୧୦୦ରୁ ଏହି ଅଙ୍କ ପ୍ରଦାନ କରାଯାଇଥାଏ। ଚଳିତ ବର୍ଷ ଚୀନ୍‌ର ଗୋଟିଏ ଓ ଭାରତ ୨ ଅଙ୍କ ବୃଦ୍ଧି ପାଇଛି। ଭାରତ ୧୦୦ରୁ ୪୦ ଅଙ୍କ ହାସଲ କରିଛି। ରୁଷ ୩୨.୧ ଅଙ୍କ ସହ ୫ମ ସ୍ଥାନରେ ରହିଛି। ସେହିପରି ଜାପାନ ୩୮.୮ ପଏଣ୍ଟ ସହ ଚତୁର୍ଥ ସ୍ଥାନରେ ରହିଛି। ପାକିସ୍ତାନ ୧୪. ୫ ଅଙ୍କ ହାସଲ କରିଛି।

**ଟ୍ରମ୍ପଙ୍କ ଏକଚ୍ଛତ୍ରନୀତି**

# ଗରିବ ରାଷ୍ଟ୍ରର ଶରଣାର୍ଥୀଙ୍କୁ ପଶିବାକୁ ଦେବୁନି

- ଆମେରିକାକୁ ଭଲ ପାଉ ନ ଥିବା ଲୋକଙ୍କୁ ବାହାର କରିବୁ



ୱାଶିଂଟନ, ୨୮।୧୧ (ଏଜେନ୍ସି): ଶୁଳ୍କ ଲଗାଇ ବିଶ୍ୱରେ ଅସ୍ଥିରତା ସୃଷ୍ଟି କରିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଆଉ ଏକ ଏକଚ୍ଛତ୍ରନୀତିକୁ ନେଇ ଭୟ ସୃଷ୍ଟି ହୋଇଛି। କଥା କଥାରେ ମାନବାଧିକାର ପ୍ରସଙ୍ଗ ଉଠାଉ ଥିବା ଆମେରିକାର ଏହି ରାଷ୍ଟ୍ରପତି 'ଥାର୍ଡ ୱାଲ୍ଡ କଣ୍ଟ୍ରି' ତଥା ଗରିବ ଦେଶରୁ ଆସୁଥିବା ଶରଣାର୍ଥୀଙ୍କ ଉପରେ ସବୁବେଳ ପାଇଁ କଟକଣା ଲଗାଇବାକୁ ଘୋଷଣା କରିଛନ୍ତି। ଏପରି କରି ଆମେରିକାକୁ ପୁଣିଥରେ ମଜବୁତ କରାଯିବ ବୋଲି ଟ୍ରମ୍ପ କହିଛନ୍ତି। ଏହା ସହିତ ଆମେରିକାରୁ ଭଲ ପାଉ ନ ଥିବା ଲୋକଙ୍କୁ ଦେଶରୁ ବିଦା କରାଯିବ ବୋଲି ସେ ଘୋଷଣା କରିଛନ୍ତି।

'ଥାର୍ଡ ୱାଲ୍ଡ କଣ୍ଟ୍ରି'ର କୌଣସି ଆଇନଗତ ଅର୍ଥ ନାହିଁ। କିନ୍ତୁ ଆଫ୍ରିକା, ଏସିଆ, ଲାଟିନ ଆମେରିକା ଏବଂ ମଧ୍ୟପ୍ରାଚ୍ୟର ଗରିବ ଦେଶଗୁଡ଼ିକ ତଥା କମ୍ ଆୟକାରୀ ରାଷ୍ଟ୍ରଗୁଡ଼ିକ ଏହି ଶ୍ରେଣୀରେ ଆସନ୍ତି। ହ୍ୱାଇଟ ହାଉସ ନିକଟରେ ବୁଧବାର ସକାଳେ ୨ ନ୍ୟାସନାଲ ଗାର୍ଡଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣାକୁ ନେଇ ଟ୍ରମ୍ପ କ୍ଷୁବ୍ଧ ହୋଇଥିଲେ। ଏହା ପରେ ଶରଣାର୍ଥୀଙ୍କ ଉପରେ କଟକଣା ଲଗାଇବାକୁ ନିଷ୍ପତ୍ତି ନେଇଥିଲେ। ଉକ୍ତ ଆକ୍ରମଣରେ ଆହତ ମହିଳା ଗାର୍ଡ ସାରା ବେକ୍‌ଷ୍ଟ୍ରମ୍ ଆଜି ମୃତ୍ୟୁବରଣ କରିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ସୂଚନା ଦେଇଛନ୍ତି। ଅନ୍ୟ ଗାର୍ଡ ଆଣ୍ଡ୍ର୍ୟୁ ଉଲ୍‌ଫଙ୍କ ସ୍ଥିତି ମଧ୍ୟ ଗୁରୁତର ରହିଛି।

ଟ୍ରମ୍ପ କହିଛନ୍ତି ଯେ ଇମିଗ୍ରେସନ ତଥା ଆପ୍ରବାସନ ନୀତି ପାଇଁ ଆମେରିକୀୟଙ୍କ ଜୀବନ ଖରାପ ହୋଇଗଲାଣି। ଯେଉଁ ଲୋକ ଆମେରିକା ପାଇଁ ଲାଭଦାୟକ ନୁହେଁ କିମ୍ବା ଯେଉଁମାନେ ଦେଶକୁ ଭଲ ପାଉନାହାନ୍ତି ତାଙ୍କୁ ମଧ୍ୟ ହଟାଇ ଦିଆଯିବ। ଆପ୍ରବାସନ ନୀତିକୁ ଅଧିକ କଠୋର କରାଯିବ। ଏହା ପୂର୍ବରୁ ୧୯ ଦେଶରୁ ଆସୁଥିବା ପ୍ରବାସୀଙ୍କୁ କଠୋର ଯାଞ୍ଚର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ଟ୍ରମ୍ପ ଗୁରୁବାର କହିଥିଲେ। ମାତ୍ର ୨୪ ଘଣ୍ଟା ଭିତରେ ଟ୍ରମ୍ପ ନିଜ ନୀତି ବଦଳାଇ ଦେଇଛନ୍ତି। ତୃତୀୟ ବିଶ୍ୱର ଦେଶଙ୍କ ଉପରେ ସ୍ଥାୟୀ କଟକଣା ଲଗାଇ ଦେବେ ବୋଲି କହିଛନ୍ତି। ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନଙ୍କ ସମୟରେ ହୋଇଥିବା କୋଟି କୋଟି ଆପ୍ରବାସନକୁ ରୋକି ଦିଆଯିବ। ବେଆଇନ ଭାବେ ବାଇଡେନ ମଞ୍ଜୁରି ଦେଇଥିବା ଲୋକଙ୍କୁ ମଧ୍ୟ ଦେଶରୁ ହଟାଯିବ।

ହାଇତି, କ୍ୟୁବା, ଟୋଗୋ, ଭେନେଜୁଏଲା, ଇକ୍ୱେଟୋରିଅଲ ଗିନି, କଙ୍ଗୋ ରିପବ୍ଲିକ, ଆଫଗାନିସ୍ତାନ, ମ୍ୟାଁମାର, ଲାଓସ, ଇରାନ, ତୁର୍କମେନସ୍ତାନ, ସୋମାଲିଆ, ସୁଦାନ, ୟେମେନ, ଇରିଟ୍ରିଆ, ଲିବିଆ, ସିଏରା ଦେଶର ଶରଣାର୍ଥୀଙ୍କୁ ଟ୍ରମ୍ପ ରୋକିଦେବେ। ସେ କହିଛନ୍ତି ଯେ ଅଣ-ନାଗରିକଙ୍କୁ ଆଉ କୌଣସି ସରକାରୀ ସୁବିଧା, କିମ୍ବା ରିଆତିର ଲାଭ ମିଳିବ ନାହିଁ। ଦେଶର ଶାନ୍ତି ଭଙ୍ଗ କରୁଥିବା ପ୍ରବାସୀଙ୍କ ନାଗରିକତା ରଦ୍ଦ କରିଦିଆଯିବ। ସାର୍ବଜନୀନ ବୋଝ, ସୁରକ୍ଷା ପାଇଁ ବିପଦ କିମ୍ବା ପଶ୍ଚିମ ସଭ୍ୟତା ସହ ମେଳ ଖାଉ ନ ଥିବା ଲୋକଙ୍କୁ ଦେଶରୁ ବାହାର କରାଯିବ। ଭୁଲ ଆପ୍ରବାସନ ନୀତି ଯୋଗୁଁ ଆମେରିକାରେ ଅପରାଧ ଏବଂ ଅବ୍ୟବସ୍ଥା ବଢ଼ିଯାଇଛି। ଲୋକଙ୍କୁ ପୁଣିଥରେ ନିଜ ଦେଶକୁ ପଠାଇଲେ ସବୁ ସମସ୍ୟାର ସମାଧାନ ହୋଇଯିବ ବୋଲି ଟ୍ରମ୍ପ ଭାବୁଛନ୍ତି।

**● ଏସ୍‌ଆଇଆର୍ ମାମଲା**

# ନିର୍ବାଚନ କମିଶନଙ୍କୁ ଭେଟିଲେ ଟିଏମ୍‌ସିର ୧୦ ସାଂସଦ

ନୂଆଦିଲ୍ଲୀ, ୨୮ ।୧୧(ଏଜେନ୍ସି): ଦେଶବ୍ୟାପୀ ସ୍ପେଶିଆଲ ଇଣ୍ଟେନସିଭ ରିଭିଜନ (ଏସ୍‌ଆଇଆର୍)କୁ ନେଇ ବିବାଦ ଚାଲିଥିବା ବେଳେ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ୧୦ ସାଂସଦ ଶୁକ୍ରବାର ନିର୍ବାଚନ କମିଶନଙ୍କୁ ଭେଟିଛନ୍ତି। ଦୁଇ ପକ୍ଷ ମଧ୍ୟରେ ପ୍ରାୟ ୨ ଘଣ୍ଟା କଥାବାର୍ତ୍ତା ହୋଇଥିଲା। ଏସ୍‌ଆଇଆର୍ ପ୍ରକ୍ରିୟା ମୃତ୍ୟୁବରଣ କରିଥିବା ୪୦ ଜଣ ବ୍ଲକ ଲେବୁଲ ଅଫିସର (ବିଏଲ୍‌ଓ)ଙ୍କ ତାଲିକା କମିଶନଙ୍କୁ ଦେଇଥିଲୁ ବୋଲି ଟିଏମ୍‌ସି ସାଂସଦ ଡେରେକ ଓ ବ୍ରାଏନ କହିଛନ୍ତି। କମିଶନଙ୍କୁ ଆମେ ୫ଟି ପ୍ରଶ୍ନ ପଚାରିଥିଲୁ। କିନ୍ତୁ ତା'ର ଜବାବ ମିଳିଲା ନାହିଁ। ଉଲ୍ଲେଖଥାଉ କି, ଏସ୍‌ଆଇଆର୍‌କୁ ନେଇ ବିରୋଧୀ ଦଳଗୁଡ଼ିକ ତରଫରୁ ଲଗାତର ପ୍ରଶ୍ନ ଉଠାଯାଉଛି। ଡିସେମ୍ବର ପହିଲାରୁ ଶୀତକାଳୀନ ଅଧିବେଶନ ଆରମ୍ଭ ହେବାକୁ ଯାଉଥିବା ବେଳେ ବିରୋଧୀ ଦଳଗୁଡ଼ିକ ଏସ୍‌ଆଇଆର୍ ନେଇ ହଙ୍ଗାମା କରିପାରନ୍ତି। ଗତ ୨୨ ଦିନରେ ୭ଟି ରାଜ୍ୟରେ ୨୫ ଜଣ ବିଏଲ୍‌ଓ ମୃତ୍ୟୁବରଣ କରିଛନ୍ତି। ତେବେ କେବଳ ପଶ୍ଚିମବଙ୍ଗରେ ୪୦ ଜଣ ବିଏଲଓ ପ୍ରାଣ ହରାଇଥିବା ଟିଏମସି ଦାବି କରିଛି। ମାମଲା ଏବେ ସୁପ୍ରିମକୋର୍ଟରେ ପହଞ୍ଚିଛି। ଡିସେମ୍ବର ୨ରେ ଏହାର ପରବର୍ତ୍ତୀ ଶୁଣାଣି ହେବ। ୧୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶରେ ଏବେ ଏସ୍‌ଆଇଆର୍ ଚାଲିଛି। ଏହାର ଅନ୍ତିମ ଭୋଟର ତାଲିକା ୨୦୨୬ ଫେବୃଆରୀ ୭ରେ ପ୍ରକାଶ ପାଇବ। ଏସ୍‌ଆଇଆର୍ ପ୍ରଥମ ପର୍ଯ୍ୟାୟ ବିହାରରେ ଗତ ସେପ୍ଟେମ୍ବରରେ ବିଧାନସଭା ନିର୍ବାଚନ ପୂର୍ବରୁ କରାଯାଇଥିଲା।

**ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ଅଭାବନୀୟ ସ୍ଥିତି**

## ବେପାରୀଙ୍କୁ ଶାଗମାଛ ମୂଲ୍ୟରେ ଧାନ ବିକିବା ପରେ ଖୋଲୁଛି ମଣ୍ଡି

**୩୧୬୯ ଟଙ୍କାରେ ଧାନ ନ କିଣିଲେ ମଣ୍ଡି ଘେରିବ କଂଗ୍ରେସ କୃଷକ ସେଲ୍**

ଭୁବନେଶ୍ୱର,୨୮।୧୧(ସମିସ): ରାଜ୍ୟ ସରକାର ଗତ ନଭେମ୍ବର ୧ ତାରିଖରୁ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଚାଷୀଙ୍କଠାରୁ ଧାନ କିଣିବା ପାଇଁ ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ନଭେମ୍ବର ୨୭ ତାରିଖ ମଧ୍ୟରେ ମଣ୍ଡି ଖୋଲା ନ ଯିବାରୁ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଚାଷୀ ଏମ୍‌ଏସ୍‌ପିଠାରୁ କମ୍ ଦରରେ ବେପାରୀଙ୍କୁ ଶାଗମାଛ ମୂଲ୍ୟରେ ଧାନ ବିକି ସାରିବା ପରେ ମଣ୍ଡି ଖୋଲାଯାଉଛି। ଏହି ସବୁ ଅଞ୍ଚଳର ବହୁ ମିଲର ଚାଷୀଙ୍କଠାରୁ କମ୍ ରେଟରେ ଧାନ କିଣି ଗୋଦାମରେ ରଖି ସାରିଲେଣି ବୋଲି ଜାତୀୟ କିଷାନ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ଅମିୟ ପଟ୍ଟନାୟକ କହିଛନ୍ତି।

ଏକ ପ୍ରେସ୍ ବାର୍ତ୍ତାରେ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଚାଷୀ ଅଦ୍ୟାବଧି ଟୋକନ ପାଇ ନାହାଁନ୍ତି କିମ୍ବା ମଣ୍ଡି ଭିତ୍ତିଭୂମି ସୁଦୃଢ଼ ନାହିଁ। ସେପଟେ ସୋସାଇଟିରେ ଆବଶ୍ୟକ କର୍ମଚାରୀ ନାହାନ୍ତି। ବରଗଡ଼ ପ୍ରଭୃତି ଜିଲ୍ଲାର ଅନେକ ଯୋଗ୍ୟ ଚାଷୀଙ୍କୁ ଧାନ ବିକ୍ରି ପଞ୍ଜୀକରଣରେ ବିଭିନ୍ନ ଆଳ ଦେଖାଇ ବାଦ୍ ଦିଆଯାଇଛି। ଅନେକ ସମୟରେ ପ୍ରତି ବସ୍ତାରେ ୫ରୁ ୭ କେଜି ପର୍ଯ୍ୟନ୍ତ କଟ୍‌ନୀଛଟ୍‌ନୀ କରାଯାଉଥିବାର ନଜିର ରହିଛି। ଧାନ ପରିଲକ୍ଷିତ ମାପକ ଯନ୍ତ୍ର ବା ଆନାଲାଇଜର ମେସିନ୍‌ରେ ସାଙ୍ଘାତିକ ତ୍ରୁଟି ରହିଥିବାବେଳେ ସରକାରଙ୍କ ଧାନକିଣା ଘୋଷଣା ଚାଷୀଙ୍କ ପାଇଁ କଟା ଘା'ରେ ଚୂନ ସଦୃଶ ହୋଇଛି।

ଧାନ ସଂରକ୍ଷଣ ପାଇଁ ରାଜ୍ୟରେ ଆବଶ୍ୟକ ସଂଖ୍ୟକ ଗୋଦାମ ଘର ନିର୍ମାଣ ନ କରିବା ଏବଂ ନିର୍ଦ୍ଧାରିତ ସମୟରେ ଏଫସିଆଇ ଦ୍ୱାରା ଚାଉଳ ନ ଉଠାଇବା ଯୋଗୁଁ ମିଲରମାନଙ୍କ ମନମାନିରେ ଧାନ କିଣା ଯାଉଛି ବୋଲି ସେ କହିଛନ୍ତି। କେନ୍ଦ୍ର ସରକାର ଏମଏସପିର ଦେଢ଼ଗୁଣା ବୃଦ୍ଧି କରିବା ସହିତ ଏମଏସପିକୁ ଆଇନଗତ ଗ୍ୟାରେଣ୍ଟିଏବଂ ଧାନ କିଣାର ପୂର୍ଣ୍ଣ ସ୍ୱଚ୍ଛତା ଆଣିବା ପାଇଁ ବିଧିବଦ୍ଧ ପଦକ୍ଷେପ ନେବାକୁ ଶ୍ରୀ ପଟ୍ଟନାୟକ ଦାବି କରିଛନ୍ତି। ଯଦି ସରକାରଙ୍କ ପକ୍ଷରୁ ଧାନର ଅଭାବି ବିକ୍ରି ରୋକିବା, ମଣ୍ଡି ସୁଦୃଢ଼ୀକରଣ, ଟୋକନ ସମସ୍ୟାର ସ୍ଥାୟୀ ସମାଧାନ କରାଯିବା ସହିତ ଚାଷୀର ସମସ୍ତ ବଳକା ଧାନକୁ ନିର୍ଦ୍ଧାରିତ ସମୟରେ ଉଚିତ୍ ମୂଲ୍ୟ ୩୧୬୯ଟଙ୍କାରେ କ୍ରୟ କରା ନ ଯାଏ ସରକାର ଓ ପ୍ରଶାସନ ବିରୋଧରେ ରାଜ୍ୟବ୍ୟାପୀ କଂଗ୍ରେସ କୃଷକସେଲ୍ ପକ୍ଷରୁ ମଣ୍ଡି ଘେରଉ କରାଯିବ ବୋଲି ଶ୍ରୀ ପଟ୍ଟନାୟକ ଚେତାବନୀ ଦେଇଛନ୍ତି।

ସେ ଆହୁରି କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୧୪ ସାଧାରଣ ନିର୍ବାଚନରେ ସ୍ୱାମୀନାଥନ କମିଟି ସୁପାରିସ ଆଧାରରେ କୃଷି ଉତ୍ପାଦନର ସର୍ବନିମ୍ନ ସହାୟକ ମୂଲ୍ୟ ଦେଢ଼ଗୁଣା ବୃଦ୍ଧି କରାଯିବା ସହିତ ଏମ୍‌ଏସ୍‌ପିକୁ ଆଇନଗତ ଗ୍ୟାରେଣ୍ଟି ଦିଆଯିବ ବୋଲି ଚାଷୀଙ୍କୁ ପ୍ରତିଶ୍ରୁତି ଦେଇ ନିର୍ବାଚନ ବୈତରଣୀ ପାରି ହୋଇଥିଲେ। ଇତିମଧ୍ୟରେ ୧୧ ବର୍ଷ ବିତିଯାଇଥିଲେ ମଧ୍ୟ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରାଗଲା ନାହିଁ, କିମ୍ବା ଏମ୍‌ଏସ୍‌ପିର ଆଇନଗତ ମାନ୍ୟତା ମିଳିଲା ନାହିଁ। ଫଳରେ ଚାଷୀ ଗୁରୁତର କ୍ଷତିର ସମ୍ମୁଖୀନ ହେଉଛନ୍ତି। ଆଗାମୀ ଦିନରେ ଏହାର ଦୃଢ଼ ଜବାବ ଦିଆଯିବ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି।



ପ୍ରଖ୍ୟାତ କବି, ଗୀତିକାର, ସଂଳାପ ଲେଖକ ପଦ୍ମଭୂଷଣ ଜାଭେଦ୍ ଅଖତରଙ୍କୁ ଭୁବନେଶ୍ୱର ବିମାନବନ୍ଦରରେ ସ୍ୱାଗତ କରୁଛନ୍ତି ସୋଆ କୁଳପତି ପ୍ରଫେସର ଡ. ପ୍ରଦୀପ୍ତ କୁମାର ନନ୍ଦ, ସୋଆ (ପ୍ରାଚୀନ) ଅଧ୍ୟକ୍ଷ ପ୍ରଫେସର ଡ. ଗାୟତ୍ରୀବାଳା ପଣ୍ଡା

**ପ୍ରସ୍ତାବ ସ୍ଥଗିତ**

## ୧ରେ ଖୋଲିବନି ଶ୍ରୀଗୁଣ୍ଡିଚା ମନ୍ଦିର

ପୁରୀ,୨୮।୧୧(ସମିସ): ଶ୍ରୀଗୁଣ୍ଡିଚା ମନ୍ଦିର ଭକ୍ତଙ୍କ ପାଇଁ ଖୋଲାଯିବା ପ୍ରସ୍ତାବ ସାମୟିକ ଭାବେ ସ୍ଥଗିତ ରଖାଯାଇଛି। ଏନେଇ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଏବଂ ଶ୍ରୀମନ୍ଦିର ବରିଷ୍ଠ ସୁପରଭାଇଜରଙ୍କ ଜରୁରୀ ରିପୋର୍ଟ ତଥା ଶ୍ରଦ୍ଧାଳୁଙ୍କ ସୁରକ୍ଷାକୁ ନଜରରେ ରଖି ଏହି ନିଷ୍ପତ୍ତି ନିଆଯାଇଥିବା କୁହାଯାଇଛି। ପରିଚାଳନା କମିଟିଙ୍କ ପରାମର୍ଶ ତଥା ଅଧିସ୍ୱୀକୃତି ଅନୁସାରେ କିଛି ଦିନ ତଳେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ନେତୃତ୍ୱରେ ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ଅଧିକାରୀ ଏବଂ ପରେ ପରିଚାଳନା କମିଟିର ବରିଷ୍ଠ ସେବକ ସଦସ୍ୟ ଏବଂ ଅଧିକାରୀବୃନ୍ଦ ଶ୍ରୀଗୁଣ୍ଡିଚା ମନ୍ଦିର ଅନୁଧ୍ୟାନ କରିଥିଲେ। ଏହାପରେ ଆସନ୍ତା ଡିସେମ୍ବର ୧ ତାରିଖରୁ ଏହାକୁ ଶ୍ରଦ୍ଧାଳୁଙ୍କ ଲାଗି ଖୋଲାଯିବା ନେଇ ବିଚାର କରାଯାଇଥିଲା। ତେବେ ଏହା ଭିତରେ ଶ୍ରୀଗୁଣ୍ଡିଚା ମନ୍ଦିର ମରାମତି ତଥା ସଂରକ୍ଷଣ କାର୍ଯ୍ୟ ପାଇଁ ଆହୁରି ଅଧିକ ସମୟ ଆବଶ୍ୟକ ବୋଲି ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ରିପୋର୍ଟ ଦେଇଛନ୍ତି। ଏଥିସହ ମନ୍ଦିର ମଧ୍ୟରେ ଷ୍ଟିଲ୍ ବିମ୍ ଲଗାଯିବା ପ୍ରସ୍ତାବ ଥିବା, ଖଣ୍ଡୋଲାଇଟ୍ ପଥର ଲଗା କାମ ବାକି ଥିବା ଦର୍ଶାଇଛନ୍ତି। ସେହିପରି ଶ୍ରୀଗୁଣ୍ଡିଚା ମନ୍ଦିର ପରିସର ଉଦ୍ୟାନଗୁଡ଼ିକ ଭକ୍ତଙ୍କ ସୁରକ୍ଷା ଦୃଷ୍ଟିରୁ ସଫେଇ ଏବଂ ଉନ୍ନତୀକରଣ ଜରୁରି ଥିବା ବରିଷ୍ଠ ସୁପରଭାଇଜର୍ ରିପୋର୍ଟ ଦେଇଛନ୍ତି। ଏହାକୁ ବିଚାରକୁ ନେଇ ଶ୍ରୀଗୁଣ୍ଡିଚା ମନ୍ଦିର ଖୋଲାଯିବା ନିଷ୍ପତ୍ତିକୁ ପରବର୍ତ୍ତୀ ଆଦେଶ ଯାଏଁ ସ୍ଥଗିତ ରଖିବାକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ନିର୍ଦ୍ଦେଶ ଦେଇଛନ୍ତି।

**ଟାରିଫ୍ ବିବାଦ**

## ଓଇଆର୍‌ସିର କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନ

**ଓଇଆର୍‌ସି ବିଜ୍ଞାପିତ କରୁଥିବା ଖୁଚୁରା ବିଦ୍ୟୁତ ଶୁଳ୍କ ସୂଚୀ ବିବାଦୀୟ: ସମୀକ୍ଷକ**

**ଆଇନ ଅନୁସାରେ ଉପଭୋକ୍ତାଙ୍କୁ ସୁଧ ସହ ଫେରସ୍ତ କରାଯାଉ ଅଧିକ ଦେୟ**

ଭୁବନେଶ୍ୱର,୨୮।୧୧(ସମିସ): ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆରସି)ଙ୍କ କାର୍ଯ୍ୟଶୈଳୀକୁ ନେଇ ପ୍ରଶ୍ନ ଉଠାଇଛନ୍ତି ରାଜ୍ୟର ଶକ୍ତି ସମୀକ୍ଷକ । ଓଇଆର୍‌ସି ବିଜ୍ଞାପିତ କରୁଥିବା ତ୍ରୁଟିଯୁକ୍ତ ଖୁଚୁରା ବିଦ୍ୟୁତମୂଲ୍ୟ ତାଲିକାକୁ ଆୟୁଧ କରି ବିଦ୍ୟୁତ ବିତରଣ କମ୍ପାନୀଗୁଡିକ ଧାର୍ଯ୍ୟ ହୋଇଥିବା ହାରାହାରି ଟାରିଫ ତୁଳନାରେ ଉପଭୋକ୍ତାଙ୍କଠାରୁ ବର୍ଷବର୍ଷ ଧରି ଅଧିକ ଟାରିଫ ଆଦାୟ କରାଯାଉଛି । ତେଣୁ ବିଦ୍ୟୁତ ଆଇନ ଅନୁସାରେ ଅଧିକ ଅଦାୟ ଟାରିଫକୁ ସୁଧସହ ଉପଭୋକ୍ତାଙ୍କୁ ଫେରସ୍ତ କରିବାର ନିୟମ ଥିଲେବି ଆୟୋଗ ନିଦାବିଷ୍ଟୁ ସାଜିଛନ୍ତି ଶକ୍ତି ସମୀକ୍ଷକମାନେ ଅଭିଯୋଗ କରିଛନ୍ତି ।

ବରିଷ୍ଠ ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର କହିଛନ୍ତି ଯେ ବିଭିନ୍ନ ଶ୍ରେଣୀର ଉପଭୋକ୍ତାମାନଙ୍କ ପାଇଁ ଓଇଆରସି ବିଜ୍ଞାପିତ କରିଥିବା ଖୁଚୁରା ବିଦ୍ୟୁତମୂଲ୍ୟ ତାଲିକା ଅନୁସାରେ ସେମାନେ ଉପଭୋକ୍ତାଙ୍କୁ ବିଲ କରୁଛନ୍ତି ବୋଲି ବିତରଣ କମ୍ପାନୀଗୁଡ଼ିକ ଯୁକ୍ତି ବାଢୁଛନ୍ତି । ମାତ୍ର ବାସ୍ତବତା ହେଉଛି ଓଇଆରସି ବିଜ୍ଞାପିତ କରୁଥିବା ଉକ୍ତ ଖୁଚୁରା ବିଦ୍ୟୁତମୂଲ୍ୟ ତାଲିକାଟି ସମ୍ପୂର୍ଣ୍ଣ ତ୍ରୁଟିଯୁକ୍ତ ଓ ଦୁର୍ନୀତିପୂର୍ଣ୍ଣ। କାରଣ ଓଇଆରସି ଜାରି କରୁଥିବା ବିସ୍ତୃତ ଟାରିଫ ଆଦେଶ ସହିତ ତାହାର କୌଣସି ସମ୍ପର୍କ ନାହି। ଓଇଆରସି ଟାରିଫ ଆଦେଶରେ କେବଳ ହାରାହାରି ଖୁଚୁରା ବିଦ୍ୟୁତମୂଲ୍ୟ ନିର୍ଣ୍ଣୟ ହେଉଛି। ମାତ୍ର ଉକ୍ତ ହାରାହାରି ବିଦ୍ୟୁତ ମୂଲ୍ୟ କିପରି ଖୁଚୁରା ବିଦ୍ୟୁତମୂଲ୍ୟ ତାଲିକାରେ ରୂପାନ୍ତରିତ ହେଲା ତାହାର ହିସାବ ଟାରିଫ ଆଦେଶରେ ଓଇଆରସି ଉଲ୍ଲେଖ କରୁନାହିଁ। ଓଇଆରସି ବନ୍ଦ କୋଠରୀରେ ବସି ବିଦ୍ୟୁତ ବିତରଣ କମ୍ପାନୀଗୁଡିକୁ ସୁହାଇଲା ଭଳି ଏବଂ ଆବଶ୍ୟକତା ଠାରୁ ଅଧିକ ଖୁଚୁରା ବିଦ୍ୟୁତ ମୂଲ୍ୟ ସ୍ଥିରକରି ବିଜ୍ଞାପିତ କରୁଛନ୍ତି। ଫଳରେ ବିତରଣ କମ୍ପାନୀଗୁଡିକ ଓଇଆରସି ଜନଶୁଣାଣୀ ମାଧ୍ୟମରେ ଧାର୍ଯ୍ୟ କରିଥିବା ହାରାହାରି ବିଦ୍ୟୁତ ମୂଲ୍ୟ (ଟାରିଫ) ତୁଳନାରେ ଉପଭୋକ୍ତାଙ୍କ ଠାରୁ ବହୁତ ଅଧିକ ଟାରିଫ ଅଦାୟ କରିବା ପାଇଁ ସକ୍ଷମ ହେଉଛନ୍ତି। ଅପରପକ୍ଷେ ଟାଟା ପାୱାର ଅଧିକ ଅଦାୟ ଟାରିଫକୁ ଟ୍ରୁଇଙ୍ଗ ଅପ ପ୍ରଣାଳୀରେ ଆଡଜଷ୍ଟ କରିବା ଓଇଆରସିର ଅନ୍ୟ ଏକ ଦୁର୍ନୀତିପୂର୍ଣ୍ଣ କାର୍ଯ୍ୟ । ଯଦି ଖୁଚୁରା ବିଦ୍ୟୁତମୂଲ୍ୟ ତାଲିକାଟିକୁ ନିରପେକ୍ଷ ଏବଂ ସ୍ୱଚ୍ଛ ଭାବେ ଓଇଆରସି ଟାରିଫ ନିର୍ଣ୍ଣୟ ପ୍ରଣାଳୀରେ (ଜନଶୁଣାଣୀ) ପ୍ରସ୍ତୁତ କରିଥାନ୍ତେ ତେବେ ତାହା ଟ୍ରୁଇଙ୍ଗ ଅପ ହୋଇଥାନ୍ତା। ଓଇଆରସି ନିରପେକ୍ଷ ଏବଂ ସ୍ୱଚ୍ଛ ଭାବରେ ହାରାହାରି ଟାରିଫ ନିର୍ଣ୍ଣୟ କରିଥିଲେ ହେଁ ,ର ବିଜ୍ଞାପିତ କରୁଥିବା ଖୁଚୁରା ବିଦ୍ୟୁତମୂଲ୍ୟ ତାଲିକା ସମ୍ପୂର୍ଣ୍ଣ ଅସ୍ୱଚ୍ଛ ଓ ଦୁର୍ନୀତିପୂର୍ଣ୍ଣ। ତେଣୁ ବିତରଣ କମ୍ପାନୀମାନେ ଅସୁଲ କରିଥିବା ଅଧିକ ଟାରିଫକୁ ଟ୍ରୁଇଙ୍ଗ ଅପ ପ୍ରଣାଳୀରେ ଆଡ଼ଜଷ୍ଟ ପରିବର୍ତ୍ତେ ବିଦ୍ୟୁତ ଆଇନ ଧାରା ୬୨(୬) ଅନୁସାରେ ସୁଧସହ ଉପଭୋକ୍ତାଙ୍କୁ ଫେରସ୍ତ କରିବାକୁ ଶ୍ରୀ ମହାପାତ୍ର ଦାବି କରିଛନ୍ତି।।

**ଇତିହାସ ରଚିଲା ପାରାଦୀପ ବନ୍ଦର**

## ନିର୍ଦ୍ଧାରିତ ସମୟ ପୂର୍ବରୁ ୧୦୦ ଏମ୍‌ଏମ୍‌ଟି ପଣ୍ୟ କାରବାର

ପାରାଦୀପ, ୨୮।୧୧ (ସମିସ): ପଣ୍ୟ କାରବାରରେ ପୁଣିଥରେ ଇତିହାସ ରଚିଛି ପାରାଦୀପ ବନ୍ଦର। ନିର୍ଦ୍ଧାରିତ ସମୟ ପୂର୍ବରୁ ୧୦୦ ଏମ୍‌ଏମ୍‌ଟି ପଣ୍ୟ କାରବାର କରି ରେକର୍ଡ ସୃଷ୍ଟି କରିଛି। ନଭେମ୍ବର ୨୭ରେ କ୍ରମାଗତ ଭାବେ ନବମଥର ପାଇଁ ୧୦୦ଏମ୍‌ଏମ୍‌ଟି ପଣ୍ୟ କାରବାର କରି ରେକର୍ଡ ସୃଷ୍ଟି କରିଛି। ଗତ ଆର୍ଥିକ ବର୍ଷରେ ପାରାଦୀପ ବନ୍ଦର ଯେଉଁ ସମୟରେ ୧୦୦ ଏମ୍‌ଏମ୍‌ଟି ପଣ୍ୟ କାରବାର କରିଥିଲା, ତାହାର ୧୨ଦିନ ପୂର୍ବରୁ ଚଳିତ ବର୍ଷ ୧୦୦ ଏମ୍‌ଏମ୍‌ଟି ପଣ୍ୟ କାରବାର କରିଛି। ଏଥିପାଇଁ ବନ୍ଦର ବ୍ୟବହାରକାରୀଙ୍କ ଭୂମିକାକୁ ବନ୍ଦର ଅଧ୍ୟକ୍ଷ ପିଏଲ୍ ହରନାଦ ପ୍ରଶଂସା କରିଛନ୍ତି।

ଶୁକ୍ରବାର ବନ୍ଦର ପ୍ରଶାସନିକ ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଗଣମାଧ୍ୟମକୁ ଶ୍ରୀ ହରନାଦ କହିଛନ୍ତି ଯେ ଏହି ସମୟ ମଧ୍ୟରେ ବନ୍ଦର ଥର୍ମାଲ କୋଇଲା, ଜିପସମ୍, ପିଓଏଲ, ଷ୍ଟିଲ୍ କାର୍ଗୋ ପରିବହନ ବୃଦ୍ଧି ହୋଇଥିବାରୁ ଏହି ସଫଳତା ହାସଲ ହୋଇପାରିଛି। ଏହି ସଫଳତାର ଶ୍ରେୟ ସମସ୍ତ ବନ୍ଦର ବ୍ୟବହାରକାରୀ, ଷ୍ଟିଭେଡର୍ସ, ଷ୍ଟିମ ସିପ୍ ଏଜେ, ଟ୍ରେଡ୍ ୟୁନିୟନ୍, ପିପିଏ ଅପରେଟର, ବନ୍ଦର ଅଧିକାରୀ, କର୍ମଚାରୀଙ୍କୁ ସେ ଦେଇଛନ୍ତି। କାର୍ଯ୍ୟକ୍ରମରେ ଡେପୁଟି ଚେୟାରମ୍ୟାନ୍ ଟି. ଭେନୁଗୋପାଳ, ଟ୍ରାଫିକ୍ ଉପଦେଷ୍ଟା ଏ.କେ ବୋଷ ଓ ଟ୍ରାଫିକ୍ ମ୍ୟାନେଜର୍ ଜି. ଏଡିସନ୍ ପ୍ରମୁଖ ଉପସ୍ଥିତ ଥିଲେ।

**■ ଅଗ୍ନିକ ନିଯୁକ୍ତି ପ୍ରସଙ୍ଗ**

## ସର୍ବୋଚ୍ଚ ବୟସ ସୀମା ୩ବର୍ଷ କୋହଳ କଲେ ହାଇକୋର୍ଟ

କଟକ, ୨୮ ।୧୧(ସମିସ): ଫାୟରମ୍ୟାନ୍(ଅଗ୍ନିକ) ପଦରେ ନିଯୁକ୍ତି କ୍ଷେତ୍ରରେ ସର୍ବୋଚ୍ଚ ବୟସସୀମା ବୃଦ୍ଧି ପ୍ରସଙ୍ଗକୁ ନେଇ ରୁଜୁ ମାମଲାରେ ହାଇକୋର୍ଟ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ନିଯୁକ୍ତି ପ୍ରକ୍ରିୟାରେ ଅଂଶଗ୍ରହଣ କରି କୃତକାର୍ଯ୍ୟ ହୋଇଥିବା ୭ଜଣ ଆବେଦନକାରୀଙ୍କ କ୍ଷେତ୍ରରେ ସର୍ବୋଚ୍ଚ ବୟସସୀମାକୁ ୩ ବର୍ଷ କୋହଳ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଯଦି ସର୍ବୋଚ୍ଚ ବୟସସୀମା କୋହଳ ପରେ ଆବେଦନକାରୀ ଏହି ବର୍ଗରେ ଆସନ୍ତି, ତାହେଲେ ସେମାନଙ୍କୁ ଖାଲି ପଦରେ ଆସନ୍ତା ଦୁଇମାସ ମଧ୍ୟରେ ନିଯୁକ୍ତି ପ୍ରଦାନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ହିରଣ୍ୟ କୁମାର ସାମଲ ଓ ଅନ୍ୟ ୬ଜଣଙ୍କ ତରଫରୁ ରୁଜୁ ମାମଲାର ଶୁଣାଣି କରି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ପୂର୍ବରୁ କେତେକ ବିଭାଗରେ ଏଭଳି ସର୍ବୋଚ୍ଚ ବୟସ ସୀମାକୁ କୋହଳ କରାଯାଇଥିବା ତଥା ସରକାର ମଧ୍ୟ ଏହାକୁ ଗ୍ରହଣ କରିଥିବା ଦୃଷ୍ଟିରେ ରଖି ଅଦାଲତ ଏପରି ରାୟ ଦେଇଛନ୍ତି। ମାମଲାରୁ ପ୍ରକାଶ ଯେ ୮୨୭ ଫାୟରମ୍ୟାନ ଓ ୧୫୦ଟି ଫାୟାର ଡ୍ରାଇଭର୍ ପଦରେ ନିଯୁକ୍ତି ପାଇଁ ୨୦୨୩, ଅଗଷ୍ଟ ୨୯ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସେଥିରେ ସର୍ବୋଚ୍ଚ ବୟସସୀମା ୨୫ ବର୍ଷ ଧାର୍ଯ୍ୟ ହୋଇଥିଲା। ବିଭିନ୍ନ ସରକାରୀ ପଦ ପାଇଁ ସର୍ବାଧିକ ବୟସସୀମା କୋହଳ ପାଇଁ ଓଡ଼ିଶା ସିଭିଲ ସର୍ଭିସ (ଫିକ୍ସେସନ ଅଫ ଅପର ଏଜ୍ ଲିମିଟ) ନିୟମାବଳୀ ୧୯୮୯ରେ ୨୦୨୨ରେ ସଂଶୋଧନ କରାଯାଇ ୩୨ରୁ ୩୮ କରାଯାଇଥିଲା ବେଳେ ଅଗ୍ନିକ ପଦ ପାଇଁ ବୟସସୀମା କୋହଳ କରାନଯିବା ଗ୍ରହଣୀୟ ନୁହେଁ ବୋଲି ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟଙ୍କ ଅନ୍ତରୀଣ ଆଦେଶ ବଳରେ ଆବେଦନକାରୀମାନେ ନିଯୁକ୍ତି ପ୍ରକ୍ରିୟାରେ ଅଂଶଗ୍ରହଣ କରି କୃତକାର୍ଯ୍ୟ ମଧ୍ୟ ହୋଇଥିଲେ। ଆବେଦନକାରୀଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ରାଜୀବ ରଥ ମାମଲା ପରିଚାଳନା କରୁଥିଲେ।

**ଦାରିଦ୍ର୍ୟର ତାଡ଼ନା**

## ନବଜାତ ଯମଜ ଛୁଆଙ୍କୁ ବିକିଦେଲେ ଦମ୍ପତି !

ବଲାଙ୍ଗିର, ୨୮ ।୧୧ (ସମିସ): ଦାରିଦ୍ୟର ତାଡ଼ନା ସହି ନପାରି ନିଜର ନବଜାତ ଯମଜ ଛୁଆଙ୍କୁ ବିକିଦେଲେ ଦମ୍ପତି। ଏଭଳି ଏକ ସମ୍ବେଦନଶୀଳ ଘଟଣା ବଲାଙ୍ଗିର ଜିଲ୍ଲାରେ ଚର୍ଚ୍ଚାର ମୁଖ୍ୟ ବିଷୟ ହୋଇଛି। ବଲାଙ୍ଗିର ସଦର ଲୋଇସିଂହା ବ୍ଲକ ଅଧୀନ କନ୍ଧାପୁରୀ ଗାଁର ଜଣେ ମହିଳାଙ୍କୁ ପ୍ରସବ ପାଇଁ ତାଙ୍କ ସ୍ୱାମୀ ଗତ ୧୮ ତାରିଖରେ ବଲାଙ୍ଗିର ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ମହିଳାଜଣଙ୍କ ଯମଜ ସନ୍ତାନ ହୋଇଥିଲା। ଗୋଟିଏ ପୁଅ ଓ ଗୋଟିଏ ଝିଅ ଜନ୍ମ ହୋଇଥିଲା। କମ୍ ଓଜନ କାରଣରୁ ସେମାନଙ୍କୁ କିଛି ଦିନ ଏସ୍‌ଏନ୍‌ସିୟୁରେ ରଖାଯାଇଥିଲା। ତେବେ କିଛି ଦିନ ପରେ ସ୍ୱାମୀ-ସ୍ତ୍ରୀ ହସ୍ପିଟାଲରୁ ଫେରିଥିଲେ ହେଁ ସେମାନଙ୍କ କୋଳରେ ଶିଶୁମାନେ ନଥିଲେ। ଏହା ଦେଖି ଗ୍ରାମବାସୀଙ୍କ ସନ୍ଦେହ ହୋଇଥିଲା। ସେମାନେ ପଚରାଉଚରା କରିବାରୁ ଦମ୍ପତି ଥଙ୍ଗମଙ୍ଗ ହୋଇଥିଲେ। ଲାଳନପାଳନ ପାଇଁ ସେମାନେ ଶିଶୁଦ୍ୱୟଙ୍କୁ ଜଣେ ସଂପର୍କୀୟଙ୍କୁ ଦେଇ ଦେଇଥିବା କହିଥିଲେ। କିନ୍ତୁ, କିଛି ଗ୍ରାମବାସୀ ଜାଣିବାକୁ ପାଇଥିଲେ ଯେ ଦମ୍ପତି ନିଜର ଶିଶୁଦ୍ୱୟକୁ ବିକି ଦେଇଛନ୍ତି। ଗୋଟିଏ ଶିଶୁ ବେଲପଡ଼ାରେ ରହିଥିବା ବେଳେ ଅନ୍ୟଟି ସୋନପୁର ଜିଲ୍ଲା ପୁଆରେ ରହିଥିବା ଜଣାପଡ଼ିଥିଲା।

ମିଳିଥିବା ସୂଚନାନୁସାରେ, ଏହି ଦମ୍ପତିଙ୍କର ପୂର୍ବରୁ ଦୁଇ ପୁଅ ଓ ଝିଅ ରହିଛନ୍ତି। ଏହାବାଦ୍ ସ୍ୱାମୀଙ୍କ ପୂର୍ବ ସ୍ତ୍ରୀର ଏକ ଭିନ୍ନକ୍ଷମ ଝିଅ ମଧ୍ୟ ରହିଛି। ସେମାନଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ସେମାନେ ନବଜାତ ଯମଜ ଶିଶୁଦ୍ୱୟଙ୍କୁ ବିକ୍ରି କରିଦେଇଥିବା କୁହାଯାଉଛି। ଆଜି ଏହି ଘଟଣା ସାମ୍ନାକୁ ଆସିବା ପରେ ଏହାକୁ ନେଇ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି। ଅପରପକ୍ଷେ, ଡାକ୍ତରଖାନାରୁ ହିଁ ଶିଶୁବିକ୍ରି ହୋଇଥିବା ଏବଂ ଏହା ପଛରେ କିଛି ଦଲାଲଙ୍କ ହାତ ରହିଥିବା ସନ୍ଦେହ କରାଯାଉଛି। ତେଣୁ, ଶିଶୁଦ୍ୱୟଙ୍କୁ ମା' କୋଳକୁ ଫେରାଇ ଆଣିବା ସହ ଏହି କାରବାରରେ ସାମିଲ ଥିବା ମଧ୍ୟସ୍ଥିଙ୍କୁ ଗିରଫ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ସ୍ତ୍ରୀକୁ ପିଟିପିଟି ମାରିଦେଲା

ଉଦଳା, ୨୮।୧୧(ସମିସ): ପାରିବାରିକ କଳହରୁ ସ୍ତ୍ରୀକୁ ପିଟିପିଟି ମାରିଦେଲା ସ୍ୱାମୀ। ଶୁକ୍ରବାର ଅପରାହ୍ଣରେ ଉଦଳା ଥାନା ତେଲଦିହୁଡ଼ି ଗ୍ରାମରେ ଏଭଳି ଏକ ହତ୍ୟାକାଣ୍ଡ ଘଟିଛି। ମୃତ ମହିଳାଜଣଙ୍କ ହେଲେ, ରଞ୍ଜିତା ମଲ୍ଲିକ। ପୁଲିସ ତାଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହାସହ ଅଭିଯୁକ୍ତ ସ୍ୱାମୀ ଚନ୍ଦ୍ରଶେଖର ମଲ୍ଲିକକୁ ଗିରଫ କରିଛି। ସୂଚନାନୁଯାୟୀ, ଆଜି ମଧ୍ୟାହ୍ନରେ ରଞ୍ଜିତା ଘର କାମ କରୁଥିବା ବେଳେ ଚନ୍ଦ୍ରଶେଖର ଘରକୁ ଫେରିଥିଲେ। ଏହି ସମୟରେ କୌଣସି କଥାକୁ ନେଇ ଦୁହିଁଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଚନ୍ଦ୍ରଶେଖର ପାଖରେ ପଡ଼ିଥିବା ଏକ ବାଡ଼ିରେ ପିଟିପିଟି ତାଙ୍କୁ ନିର୍ମମ ହତ୍ୟା କରିଥିଲା। ହତ୍ୟା ସେ ରଞ୍ଜିତାଙ୍କ ମୃତଦେହକୁ ଜଗି ରହିଥିଲା। ତେବେ ଘରର ଅନ୍ୟ ସଦସ୍ୟ ପହଞ୍ଚିବା ପରେ ସେଠାରୁ ଫେରାର୍ ହୋଇଯାଇଥିଲା। ପରେ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ତାକୁ ଧରିଥିଲା।

**ବିବାଦରେ ଲୋକପ୍ରିୟ ଇନ୍‌ଫ୍ଲୁଏନ୍‌ସର ଶୁଭଙ୍କର**

## 'ଶ୍ରୀମନ୍ଦିର ଗଲେ ଭାଙ୍ଗିଯାଏ ପ୍ରେମ ସମ୍ପର୍କ'



**ଶୁଭଙ୍କର କ୍ଷମା ମାଗନ୍ତୁ: କୁମ୍ଭକାର ନିଯୋଗର ପୂର୍ବତନ ସମ୍ପାଦକ**

ଭୁବନେଶ୍ୱର,୨୮।୧୧(ସମିସ): ବିବାଦରେ ଲୋକପ୍ରିୟ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍‌ସର ଶୁଭଙ୍କର ମିଶ୍ର। ପୁରୀ ଶ୍ରୀମନ୍ଦିରକୁ ନେଇ ସେ ଦେଇଥିବା ବିବାଦୀୟ ଟିପ୍ପଣୀ ପାଇଁ ତାଙ୍କୁ ସମାଲୋଚନା କରାଯାଇଛି। ଶୁଭଙ୍କର ତାଙ୍କର ପଡ୍‌କାଷ୍ଟରେ ଶ୍ରୀମନ୍ଦିର ଉପରେ ବଡ଼ ଆରୋପ ଲଗାଇ କହିଛନ୍ତି, କୌଣସି ପ୍ରେମୀଯୁଗଳ ଯଦି ମନ୍ଦିର ଯା'ନ୍ତି, ତେବେ ସେମାନଙ୍କ ସମ୍ପର୍କ ଭାଙ୍ଗିଯାଏ ବା ସେମାନେ ବିବାହ କରିପାରନ୍ତି ନାହିଁ। ସେ ନିଜ ପଡ୍‌କାଷ୍ଟରେ ଏକ ପୁରାଣ କାହାଣୀ ମାଧ୍ୟମରେ କହିଛନ୍ତି ଯେ ଶ୍ରୀମନ୍ଦିର ଉପରେ ମା' ରାଧାରାଣୀଙ୍କ ଅଭିଶାପ ପଡିଛି। ଦିନେ ପ୍ରଭୁ ଶ୍ରୀକୃଷ୍ଣଙ୍କ ଜଗନ୍ନାଥ ରୂପ ଦର୍ଶନ କରିବା ପାଇଁ ମନ୍ଦିରରେ ପହଞ୍ଚିଥିଲେ ମା' ରାଧାରାଣୀ। ମନ୍ଦିର ଭିତରକୁ ଯିବା ବେଳେ ତାଙ୍କୁ ସେବାୟତମାନେ ଅଟକାଇ ଦେଇଥିଲେ। ମନ୍ଦିର ଭିତରକୁ ପ୍ରଭୁ ଜଗନ୍ନାଥଙ୍କ ପତ୍ନୀଙ୍କୁ ମଧ୍ୟ ଆସିବାର ଅନୁମତି ନାହିଁ। ଆପଣ କେମିତି ଆସିପାରିଲେ ବୋଲି ସେବାୟତମାନେ ତାଙ୍କୁ ପ୍ରଶ୍ନ କରିଥିଲେ। ଏଥିରେ ରାଗିଯାଇ ମା' ଅଭିଶାପ ଦେଇଥିଲେ। ଆଜିଠୁ କୌଣସି ଅବିବାହିତ ଯୋଡ଼ି ମନ୍ଦିର ଭିତରକୁ ଆସିଲେ ସେମାନଙ୍କ ସମ୍ପର୍କ ଭାଙ୍ଗିଯିବା ସହ ବିବାହ ହୋଇପାରିବ ନାହିଁ ବୋଲି ମା' ଅଭିଶାପ ଦେଇଥିବା ଶୁଭଙ୍କର କହିଛନ୍ତି। ଜାତୀୟ ଗଣମାଧ୍ୟମରେ ନ୍ୟୁଜ୍ ଆଙ୍କର୍ ଭାବେ କାମ କରିସାରିଥିବା ଶୁଭଙ୍କରଙ୍କ ଏଭଳି ଟିପ୍ପଣୀକୁ ସବୁ ମହଲରେ ସମାଲୋଚନା କରାଯାଇଛି।

ଏନେଇ କୁମ୍ଭକାର ନିଯୋଗର ପୂର୍ବତନ ସମ୍ପାଦକ ମହେନ୍ଦ୍ର ବିଶୋଇ କହିଛନ୍ତି, ଶୁଭଙ୍କର ମିଶ୍ରାଙ୍କ ମନ୍ତବ୍ୟ ଗ୍ରହଣଯୋଗ୍ୟ ନୁହେଁ। ଏହା ଶ୍ରୀଜଗନ୍ନାଥ ସଂସ୍କୃତି ଏବଂ ବିଶ୍ୱାସ ଉପରେ କୁଠାରଘାତ। ହିନ୍ଦୁ ଜାତିର ଆରାଧ୍ୟ ଦେବତା ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ। ତାଙ୍କ ବିଜେସ୍ଥଳୀ ଶ୍ରୀମନ୍ଦିର ଏବଂ ଶ୍ରୀଜଗନ୍ନାଥ ଧର୍ମ ଉପରେ ଏଭଳି ମନ୍ତବ୍ୟ ଦେବା ସମସ୍ତ ହିନ୍ଦୁଙ୍କ ଭାବାବେଗକୁ କଷ୍ଟ ଦେଇଛି। ଏଥିରୁ ସେ ନିବୃତ୍ତ ରହିବା ସହ ମହାପ୍ରଭୁଙ୍କ ନିକଟରେ କ୍ଷମା ମାଗନ୍ତୁ ବୋଲି ଶ୍ରୀ ବିଶୋଇ ଦାବି କରିଛନ୍ତି।

## ଦୁର୍ଘଟଣା ନେଲା ୩ ଜୀବନ

ଢେଙ୍କାନାଳ,୨୮ ।୧୧(ସମିସ): ଦୁର୍ଘଟଣାପ୍ରବଣ ୫୫ନଂ ଜାତୀୟ ରାଜପଥର ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ଗୋବିନ୍ଦପୁର ଫାଣ୍ଡି ନିକଟରେ ଟ୍ରକ୍ ଧକ୍କାରେ ୩ଜଣ ଯୁବକଙ୍କ ଜୀବନ ଯାଇଛି। ମୃତକମାନେ ହେଲେ, ଅନୁଗୋଳ ବନ୍ତଳା ଥାନା କଞ୍ଚା ଗାଁର ସୁରେନ୍ଦ୍ର ବେହେରା (୨୧), ଢେଙ୍କାନାଳ ତୁମୁସିଂହା ଥାନା ମାଛିଆ ଗାଁର ମିଥୁନ ପାତ୍ର (୨୪) ଓ କଟକ ଜିଲ୍ଲା ମାହାଙ୍ଗା ଥାନା ଜଲେଶ୍ୱରପୁରର ଜଗନ୍ନାଥ ଦାଶ (୩୦)। ଗୁରୁବାର ରାତି ପ୍ରାୟ ୨ଟାରେ ଏମାନେ ଏକ ସ୍କୁଟିରେ ଢେଙ୍କାନାଳରୁ କଟକ ଆଡ଼କୁ ଯାଉଥିଲେ। ଗୋବିନ୍ଦପୁର ଗ୍ରାମ ନିକଟରେ ଏକ ଟ୍ରକ୍ ସେମାନଙ୍କ ସ୍କୁଟିକୁ ଧକ୍କା ଦେଇ ଚାଲିଯାଇଥିଲା। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ସମସ୍ତଙ୍କୁ ମୃତ ଘୋଷଣା କରିଥିଲେ। ମୃତକମାନେ ଚୌଦ୍ୱାରର ଏକ ହୋଟେଲରେ କାମ କରୁଥିଲେ। ଖବର ପାଇ ପରିବାରଲୋକେ ମେଡିକାଲରେ ପହଞ୍ଚିଥିଲେ। ବ୍ୟବଚ୍ଛେଦ ପରେ ଶବକୁ ସେମାନଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

**ଶୁଭିଲାନି ହୁଳହୁଳି, ବାଜିଲାନି ପେଁକାଳି**

## ସମ୍ବିଧାନକୁ ସାକ୍ଷୀ ରଖି ଚିରଦିନର ସାଥୀ

ବ୍ରହ୍ମପୁର, ୨୮।୧୧(ସମିସ): ଶୁଭିଲାନି ହୁଳହୁଳି କି ବାଜିଲାନି ପେଁ କାଳି, ପୁରୋହିତ ବି ମନ୍ତ୍ର ପଢ଼ିଲେନି। ସମ୍ବିଧାନକୁ ସାକ୍ଷୀ ରଖି ଚିରଦିନର ସାଥୀ ହେଲେ ବର-କନ୍ୟା। ଜାତି, ଜାତକ, ଯୌତୁକ, କର୍ମକାଣ୍ଡ ବିହୀନ ଏଭଳି ଏକ ଆଦର୍ଶ ବିବାହ ବ୍ରହ୍ମପୁରରେ ଚର୍ଚ୍ଚାର ବିଷୟ ହୋଇଛି। ବ୍ରହ୍ମପୁରର ବିଶିଷ୍ଟ ଲେଖିକା ଡ. ବିଧୁପ୍ରଭା ରଥଙ୍କ କନ୍ୟା ପ୍ରୀତିପନ୍ନାଙ୍କର ଆନ୍ଧ୍ରପ୍ରଦେଶ କାକିନାଡ଼ା ନିବାସୀ ବି. ନାଗଗୌରୀଙ୍କ ଜ୍ୟେଷ୍ଠପୁତ୍ର ଭାନୁତେଜାଙ୍କ ସହ ଆଦର୍ଶ ବିବାହ ବନ୍ଧୁ ପରିଜନଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ବରକନ୍ୟା ପରସ୍ପରକୁ ବରଣମାଳା ଦେଇ ନିଜର ଜୀବନସାଥୀ ଭାବେ ଗ୍ରହଣ କରିବା ସହ ସମ୍ବିଧାନର ଆଧାରରେ ଏକ ଶପଥ ପାଠ କରିଛନ୍ତି।

ଅଣ-ପାରମ୍ପରିକ ଭାବେ ଅତ୍ୟନ୍ତ ସରଳ ଓ ନିରାଡ଼ମ୍ବର ଭାବେ ଆୟୋଜିତ ଏହି ବିବାହ ପାଇଁ କୌଣସି ଶୁଭ ମୁହୂର୍ତ୍ତ ଦେଖାଯାଇନଥିଲା। ପୁରୋହିତ, ହୋମ କିମ୍ବା ମନ୍ତ୍ରର ଆବଶ୍ୟକ ପଡ଼ିନଥିଲା। ଭିନ୍ନଭିନ୍ନ ଜାତିରୁ ଆସିଥିବା ବର-କନ୍ୟା ସମସ୍ତଙ୍କ ସମ୍ମୁଖରେ ଶପଥ ପାଠ କରି ଆନ୍ତଃଜାତି





ବିବାହ କରିଥିଲେ। ଏହି ଅବସରରେ ଏକ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ଉଭୟ ବର-କନ୍ୟା ମଧ୍ୟ ରକ୍ତଦାନ କରିଥିଲେ। ବିଶିଷ୍ଟ ମନସ୍ତତ୍ତ୍ୱବିତ୍ ପ୍ରଫେସର ପ୍ରତାପ ରଥ ଉଭୟ ବର-କନ୍ୟାଙ୍କୁ ଶପଥ ପାଠ କରାଇଥିଲେ।

ଏହି ବିବାହ ଉତ୍ସବରେ ପ୍ରଫେସର୍ ବିଷ୍ଣୁ ଚୌଧୁରୀ, ବିଜୟ ବହିଦାର, ପ୍ରଫୁଲ୍ଲ ସାମନ୍ତରା, ପ୍ରଫେସର୍ ବି ରାମଚନ୍ଦ୍ର ପ୍ରମୁଖ ବୁଦ୍ଧିଜୀବୀ ଉପସ୍ଥିତ ରହି ବର-କନ୍ୟାଙ୍କୁ ଆଶୀର୍ବାଦ ଓ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହରର ଅନେକ ବୁଦ୍ଧିଜୀବୀ, ସାମାଜିକ ଓ ରାଜନୈତିକ କର୍ମୀ ତଥା ଉଭୟ ବରକନ୍ୟାଙ୍କ ପରିବାରଲୋକେ ତଥା ବନ୍ଧୁ ପରିଜନ ଯୋଗ ଦେଇଥିଲେ। ମାନବବାଦୀ ଓ ହେତୁବାଦୀ ସଂଗଠନର କର୍ମକର୍ତ୍ତାମାନେ ଏଭଳି ବିବାହ କାର୍ଯ୍ୟକ୍ରମକୁ ଆୟୋଜନ କରିବାରେ ସହଯୋଗ କରିଥିବା ବେଳେ ଏଭିବିଡି ପକ୍ଷରୁ ରକ୍ତଦାନ କାର୍ଯ୍ୟକ୍ରମକୁ ସହଯୋଗ କରାଯାଇଥିଲା। ଆଗାମୀ ଦିନରେ ଏଭଳି ବିବାହ କରିବାକୁ ଅଧିକରୁ ଅଧିକ ଯୁବକ ଯୁବତୀଙ୍କୁ ଆକୃଷ୍ଟ କରିବ ବୋଲି ଆୟୋଜକମାନେ କହିଛନ୍ତି।

## ବଢ଼ିଲା ମାଓବାଦୀଙ୍କ ଆତ୍ମସମର୍ପଣ ଅର୍ଥ ରାଶି

**ପଲିଟବ୍ୟୁରୋ, ସେଣ୍ଟ୍ରାଲ କମିଟି ମେମ୍ବରଙ୍କ ପାଇଁ ୧.୧୦ କୋଟି**

**ମେସିନ୍ ଗନ ସହ ଆତ୍ମ ସମର୍ପଣ କଲେ ୪ ଲକ୍ଷ ୯୫ ହଜାର**

ଭୁବନେଶ୍ୱର,୨୮ ।୧୧(ସମିସ): ମାଓବାଦୀଙ୍କ ପାଇଁ ରହିଥିବା ଆତ୍ମସମର୍ପଣ ରାଶିକୁ ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। ରାଜ୍ୟ ଗୃହ ବିଭାଗ ପକ୍ଷରୁ ଏନେଇ ପ୍ରକାଶିତ ବିଜ୍ଞପ୍ତିରେ ଦର୍ଶାଯାଇଛି ଯେ ଯେଉଁ ମାଓବାଦୀମାନେ ଲାଇଟ୍ ମେସିନ୍ ଗନ୍ ସହ ଆତ୍ମସମର୍ପଣ କରିବେ, ସେମାନଙ୍କୁ ୪ଲକ୍ଷ ୯୫ ହଜାର ଟଙ୍କା ଅର୍ଥରାଶି ମିଳିବ। ସେହିପରି, ଏକେ-୪୭ ରାଇଫଲ ଧରି ଆତ୍ମସମର୍ପଣ କଲେ ୩ ଲକ୍ଷ ୩୦ ହଜାର ଟଙ୍କା ମିଳିବ। ଏସ୍‌ଏଲ୍‌ଆର ସହ ଆତ୍ମସମର୍ପଣ କଲେ ମିଳିବ ୧ ଲକ୍ଷ ୬୫ ହଜାର ଟଙ୍କା। ଏହାବ୍ୟତୀତ, ଯେଉଁ ମାଓବାଦୀଙ୍କ ଉପରେ ୧୦ ଲକ୍ଷ ପୁରସ୍କାର ରହିଛି, ସେମାନେ ଆତ୍ମସମର୍ପଣ କଲେ ୫ ଲକ୍ଷ ଟଙ୍କା ମିଳିବ। ସେମାନଙ୍କ ନାଁରେ ଥିବା ସବୁ ଛୋଟମୋଟ ମାମଲା ପ୍ରତ୍ୟାହାର କରାଯିବା ସହ ପଲିଟବ୍ୟୁରୋ, ସେଣ୍ଟ୍ରାଲ କମିଟି ମେମ୍ବରଙ୍କୁ ୧କୋଟି ୧୦ ଲକ୍ଷ ଟଙ୍କା ଅର୍ଥରାଶି ମିଳିବ ବୋଲି ସରକାର ନିଷ୍ପତ୍ତି ନେଇଛନ୍ତି।

ସେହିପରି ଷ୍ଟେଟ୍ କମିଟି, ସ୍ପେଶାଲ୍ ଜୋନାଲ୍ କମିଟି ସଦସ୍ୟଙ୍କୁ ୫୫ଲକ୍ଷ ଟଙ୍କା ପ୍ରଦାନ କରିବା ସହ ରିଜିଓନାଲ୍ କମିଟି ସଦସ୍ୟଙ୍କୁ ୩୩ ଲକ୍ଷ, ଡିଭିଜନାଲ୍ କମିଟି ସଦସ୍ୟଙ୍କ ୨୭.୫ଲକ୍ଷ ଟଙ୍କା ଓ ଡିଭିଜନାଲ୍ କମିଟି ମେମ୍ବରଙ୍କୁ ୨୨ଲକ୍ଷ ଟଙ୍କା ଦିଆଯିବାକୁ ନିଷ୍ପତ୍ତି ହୋଇଛି। କମାଣ୍ଡରଙ୍କ କ୍ଷେତ୍ରରେ ୧୧ଲକ୍ଷ ଟଙ୍କା ରହିଥିବା ବେଳେ ଡେପୁଟି କମାଣ୍ଡରଙ୍କ ପାଇଁ ୫ ଲକ୍ଷ ୫୦ ହଜାର ଟଙ୍କା ରହିଛି।

ଆସନ୍ତା ମାର୍ଚ୍ଚ ଶେଷ ସୁଦ୍ଧା ଦେଶରୁ ମାଓବାଦର ସମ୍ପୂର୍ଣ୍ଣ ମୂଳୋତ୍ପାଟନ କରିବା ନେଇ କେନ୍ଦ୍ର ଗୃହମନ୍ତ୍ରୀ ପୂର୍ବରୁ ଘୋଷଣା କରିଛନ୍ତି। ଏଥିପାଇଁ ମାଓପ୍ରବଣ ରାଜ୍ୟଗୁଡ଼ିକରେ ମାଓବାଦୀଙ୍କୁ ଆତ୍ମସମର୍ପଣ ପାଇଁ ଶେଷ ସୁଯୋଗ ଦିଆଯାଇଥିବା ବେଳେ ବିଭିନ୍ନ ସ୍ଥାନରେ କମ୍ବିଂକୁ ଜୋରଦାର କରାଯାଇଛି। କିଛି ଦିନ ତଳେ ହାର୍ଡକୋର୍ ମାଓବାଦୀ ହିଡମା ପୁଲିସ ସୁରକ୍ଷା କର୍ମୀଙ୍କ ଗୁଳିରେ ନିହତ ହୋଇଥିଲା। ସେହିପରି ଏବେ ବିଭିନ୍ନ ସ୍ଥାନରେ ବହୁସଂଖ୍ୟାରେ ମାଓବାଦୀମାନେ ଆତ୍ମସମର୍ପଣ କରୁଛନ୍ତି। ତେଣୁ, କିପରି ଅଧିକରୁ ଅଧିକ ମାଓବାଦୀ ଆତ୍ମସମର୍ପଣ କରିବେ ଓ ମୁଖ୍ୟସ୍ରୋତକୁ ଫେରି ଆସିବେ, ତାହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଏହି ଅର୍ଥରାଶିର ପରିବର୍ତ୍ତନ କରି ବର୍ଦ୍ଧିତ କରିବାକୁ ନିଷ୍ପତ୍ତି ନେଇଛନ୍ତି। କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକ୍ରମେ ରାଜ୍ୟ ଗୃହ ବିଭାଗ ପକ୍ଷରୁ ଏହି ବିଜ୍ଞପ୍ତି ପ୍ରକାଶ ପାଇଛି ଓ ବର୍ଦ୍ଧିତ ଅର୍ଥରାଶି ସମ୍ପର୍କରେ ସୂଚନା ଜାରି କରାଯାଇଛି।

## ପାନୀୟଜଳ ଯୋଗାଣ ବିବାଦରୁ ଗୋଷ୍ଠୀ ସଂଘର୍ଷ

## ଉଭୟ ପକ୍ଷରେ ୪-୪ ଗାଁ

# ଟେଙ୍କା ପଥର ମାଡ଼ରେ ୪ ଆହତ





ସାକ୍ଷୀଗୋପାଳ,୨୮।୧୧(ସମିସ): ସତ୍ୟବାଦୀ ବ୍ଲକ୍ ଶାଣ୍ଠରା ପଞ୍ଚାୟତ ବଡ଼ ଭୀମଦାସପୁର ଗାଁ'ମୁଣ୍ଡରେ ବସୁଧା ଯୋଜନାରେ ୨୦୧୯ ରୁ ନିର୍ମିତ ହୋଇଛି ଏକଲକ୍ଷ ଲିଟର ବିଶିଷ୍ଟ ପାଣି ଟାଙ୍କି। ଏଥିରୁ ବଡ଼ ଭୀମଦାସପୁର, ସାମନ୍ତରାପୁର, ଜୟରାମପୁର ଓ ମଝିକେରା ଆଦି ୪ଟି ଗାଁ'ର ଲୋକେ ନେଉଛନ୍ତି। ଏହି ପାଣି ଟାଙ୍କି ୪ଟି ଗ୍ରାମର ଜନସାଧାରଣଙ୍କ ନିମନ୍ତେ ଉଦ୍ଦିଷ୍ଟ।।ଏହି ପାଣି ଟାଙ୍କିର କ୍ଷମତା ଏହି ୪ ଗୋଟି ଗ୍ରାମକୁ ପାନୀୟ ଜଳ ଯୋଗାଣ କରି ପାରିବାର କ୍ଷମତା ରଖିଛି। ବଡ଼ଭୀମଦାସପୁର ଗାଁ ଲୋକଙ୍କ ଅଭିଯୋଗ ଅନୁସାରେ ପାଣି ଟାଙ୍କିରୁ ଜୋର ଜବରଦସ୍ତ ନୂଆସାହି, ଶାଣ୍ଠରା, ବାଲିହୁଡ଼ା, ସାନଭୀମଦାସପୁର ଗାଁ ଲୋକେ ଏହି ପାଣି ଟାଙ୍କିରୁ ନିଜ ଗାଁ କୁ ପାଣି ନେବା ପାଇଁ ଜୋର ଜବରଦସ୍ତ ଉଦ୍ୟମ କରିଥିଲେ। ଫଳରେ ବଡ଼ ଭୀମଦାସପୁର, ସାମନ୍ତରାପୁର, ଜୟରାମପୁର ଓ ମଝିକେରା ଗ୍ରାମବାସୀ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଡବ୍ଲୁପିସି ୭୪୮୬/୨୦୨୫ ଓ ପୁରୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ୧୪/୨୦୨୫ ନମ୍ବରରେ ଦୁଇଟି ମୋକଦ୍ଦମା ରୁଜୁ କରିଛନ୍ତି। ମାମଲା ବିଚାରାଧୀନ ରହିଛି। ତେବେ ହଠାତ ଆଜି ସକାଳେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କାର୍ଯ୍ୟାଳୟ, ସାକ୍ଷୀଗୋପାଳର କନିଷ୍ଠ ଯନ୍ତ୍ରୀ, ସତ୍ୟବାଦୀ ପୁଲିସ ଜେସିବି ସହିତ ଘଟଣାସ୍ଥଳରେ ପହଞ୍ଚି ମାଟି ଖୋଲି ନୂତନ ପାଇପ ସଂଯୋଗ କରିବା ନିମନ୍ତେ କାର୍ଯ୍ୟ ଆରମ୍ଭ କରିଥିଲେ। ଯାହାକୁ ବଡ଼ ଭୀମଦାସପୁର ଗ୍ରାମବାସୀ ଘୋର ବିରୋଧ କରିଥିଲେ।ଅପରପକ୍ଷରେ ଏହି ବିରୋଧ ଖବର ପାଇ ନୂଆସାହି, ସାଣ୍ଠରା, ବାଲିହୁଡ଼ା ଓ ସାନ ଭୀମଦାସପୁର ଆଦି ୪ଟି ଗାଁ ଲୋକେ ଏକତ୍ରିତ ହୋଇ ବଡ଼ ଭୀମଦାସପୁର ପାଣି ଟାଙ୍କି ନିକଟରେ ପହଞ୍ଚିଥିଲେ। ଫଳରେ ଉଭୟ ପକ୍ଷର ୮ଟି ଗାଁ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ସପକ୍ଷବାଦୀ ଓ ବିପକ୍ଷବାଦୀ ମୁହାଁ ମୁହିଁ ହେବା ସହ ଗଣ୍ଡଗୋଳ ଓ ଧସ୍ତାଧସ୍ତି ଆରମ୍ଭ ହୋଇଯାଇଥିଲା। ଅପରାହ୍ଣ ପ୍ରାୟ ଗୋଟାଏଠାରୁ ଅପରାହ୍ଣ ୩ଟା ମଧ୍ୟରେ ହୋଇଥିବା ଏହି ଗଣ୍ଡଗୋଳରେ ବାଉଁଶ ଓ ଟେଙ୍କା ମାଡ଼ରେ ବଡ଼ ଭୀମଦାସପୁର ଗ୍ରାମର ପ୍ରହଲ୍ଲାଦ ପ୍ରଧାନ (୫୩), ବିଶ୍ୱନାଥ ବରାଳ (୫୫), ୱାର୍ଡ ସଭ୍ୟା ରୀନା ସେଠୀ (୪୨), ବାଦଲ ସ୍ୱାଇଁ (୨୩) ପ୍ରମୁଖ ୪ ଜଣ ଆହତ ହୋଇ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଅବସ୍ଥା ଗୁରୁତର ଥିବାରୁ ପ୍ରହଲ୍ଲାଦ ପ୍ରଧାନ (୫୩) ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ପୁରୀ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରେ ସତ୍ୟବାଦୀ ଥାନା ଆଇଆଇସି ବିଜୟ କେତନ ବେହେରା ପହଞ୍ଚି ଉଭୟପକ୍ଷଙ୍କୁ ବୁଝାସୁଝା କରିଥିଲେ। ଖବର ଲେଖାଯିବା ବେଳକୁ ସତ୍ୟବାଦୀ ଥାନାରେ ଉଭୟ ପକ୍ଷଙ୍କ ଉପସ୍ଥିତିରେ ଆଲୋଚନା ଚାଲିଛି।

## ଦଶମ ଶ୍ରେଣୀ ଛାତ୍ର ନିଖୋଜ



କଣାସ,୨୮।୧୧(ସମିସ): କଣାସ ବ୍ଲକ ସାହୁପଡା ପଞ୍ଚାୟତର ସାହୁପଡ଼ା ଗ୍ରାମର ଗୌତମ ମହାରଣାଙ୍କ ଦଶମ ଶ୍ରେଣୀ ପାଠ ପଢୁଥିବା ପୁତ୍ର ବୃନ୍ଦାବନ ମହାରଣା (୧୬) ୨୬ ତାରିଖ ଠାରୁ କେଉଁଆଡ଼େ ନିଖୋଜ ହୋଇଯାଇଥିବା ବୃନ୍ଦାବନଙ୍କ ପିତା ଗୌତମ ଗଡ଼ିଶାଗୋଦା ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ଗଡିଶାଗୋଦା ଥାନା ନମ୍ବର ୧୯୧/୨୫ ଏକ ମିସ କେସ ରୁଜ କରି ତଦନ୍ତ କରୁଛନ୍ତି। ବୃନ୍ଦାବନ ମାଟ୍ରିକ ପରୀକ୍ଷା ଦେବା ପାଇଁ ଫର୍ମପୂରଣ କରିବା ସକାଶେ ଘରେ ଟଙ୍କା ମାଗିଥିଲେ। ପରିବାର ଲୋକ ସାରଙ୍କ ଠାରୁ ବୁଝିଲେ ଟଙ୍କା ଦେବୁ ବୋଲି କହିବାରୁ ବୃନ୍ଦାବନ ରାଗରେ କେଉଁଆଡେ ପଳାଇଯାଇଥିବା ପିତା ଗୌତମ ମହାରଣାଙ୍କ ଠାରୁ ପ୍ରକାଶ।

## ନୟାହାଟ ଫାଣ୍ଡିରେ ତ୍ରିନାଥ ମେଳା ବାର୍ଷିକୋତ୍ସବ

ନୟାହାଟ,୨୮।୧୧(ସମିସ): ପୁରୀଜିଲ୍ଲା ଗୋପ ଥାନା ନୟାହାଟ ଫାଣ୍ଡିରେ ୧୫ତମ ତ୍ରିନାଥ ମେଳା ବାର୍ଷିକ ଉତ୍ସବ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ପ୍ରାଚୀ ନଦୀରୁ କଳସୀରେ ତ୍ରିନାଥ କମିଟିର



ସଭ୍ୟମାନେ ପାଦରେ ଚାଲିକରି ଯାଇ ପାଣି ଆଣି ତ୍ରିନାଥ ମଣ୍ଡପରେ ସ୍ଥାପନ କରିଥିଲେ ସକାଳ ୮ଟାରୁ ପୂଜା ଆରମ୍ଭ ହୋଇ ସନ୍ଧ୍ୟା ୬ଘଟିକାରେ ପୂର୍ଣ୍ଣାହୁତି ଶେଷ ହୋଇଥିଲା । ଏଥିରେ କର୍ତ୍ତା ଶ୍ରୀଧର ମଲ୍ଲିକ ଓ ତାଙ୍କ ପତ୍ନୀ କର୍ତ୍ତୀ ଭାବେ ବସିଥିଲେ ପୂଜାକାର୍ଯ୍ୟ ସମାପନ ପରେ ୬ଗୋଟି ପଞ୍ଚାୟତର ସାଧାରଣ ଜନତା ସରପଞ୍ଚ ସମିତି ସଭ୍ୟା ଓ ବରିଷ୍ଠ ନାଗରିକ ସଭ୍ୟ ଓ ବଜାର କମିଟିର ସଭାପତି ଓ ସଦସ୍ୟ ମାନେ ଉପସ୍ଥିତ ଥିଲେ। ପରେ ପ୍ରସାଦ ସେବନ କରାଯାଇଥିଲା।

## ୯ ମତ୍ସ୍ୟଜୀବୀ କୋର୍ଟ ଚାଲାଣ



ବ୍ରହ୍ମଗିରି,୨୭।୧୧(ସମିସ): ବ୍ରହ୍ମଗିରି ରେଞ୍ଜ ମଙ୍ଗଳା ମୁହାଁଣ ନିକଟ ସମୁଦ୍ରରୁ ଗତକାଲି ୨ଟି ଟ୍ରଲର ଜବତ ହୋଇଥିଲା। ଗୋଟିଏ ଟ୍ରଲରରୁ ୨ଟି ମୃତ ଅଲିଭ ରିଡ୍‌ଲେ କଇଁଛ ଜବତ ହୋଇଥିବାବେଳେ ଅନ୍ୟଟିରେ ମାଛ ରହିଥିଲା। ଜବତ ଟ୍ରଲରରେ ଥିବା ୯ ଜଣ ମତ୍ସ୍ୟଜୀବୀଙ୍କୁ ଗୁରୁବାର ବନ ବିଭାଗ ଗିରଫ କରିଥିବାବେଳେ ଆଜି ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି। ବ୍ରହ୍ମଗିରି ବନବିଭାଗ ପାଟ୍ରୋଲିଂ କରୁଥିବା ସମୟରେ ବେଆଇନ ଭାବେ ନିଷିଦ୍ଧାଞ୍ଚଳରେ ମାଛ ମାରୁଥିବା ଏହି ୨ ଟ୍ରଲରକୁ ଜବତ କରିଥିଲା। ଗତକାଲି ରାତିରେ ଚନ୍ଦ୍ରଭାଗା ସମୁଦ୍ର ନିକଟକୁ ଟ୍ରଲର ୨ଟିକୁ ନିଆଯାଇଥିଲା। ସେଠାରେ ମାଛ ରହିଥିବା ଟ୍ରଲରକୁ ମତ୍ସ୍ୟ ବିଭାଗକୁ ହସ୍ତାନ୍ତର କରିଥିଲା ବନବିଭାଗ। କଇଁଛ ଥିବା ଟ୍ରଲରଟିକୁ ରାଜନଗର ବନବିଭାଗକୁ ପଠାଇବା ସହିତ ୨ଟି କଇଁଛକୁ ଜବତ କରିବା ସହ ୯ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇ ବ୍ରହ୍ମଗିରି ବନ ବିଭାଗକୁ ଅଣାଯାଇଥିଲା। ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଟ୍ରଲରଟି ବାଲେଶ୍ୱର ଅଞ୍ଚଳର ହୋଇଥିବାବେଳେ ମତ୍ସ୍ୟଜୀବୀମାନେ ଭଦ୍ରକ, ବାଲେଶ୍ୱର ଏବଂ କେନ୍ଦ୍ରାପଡ଼ା ଅଞ୍ଚଳର ବୋଲି ଜଣାପଡ଼ିଛି। ଆଜି ବ୍ରହ୍ମଗିରି ବନବିଭାଗ ଅଭିଯୁକ୍ତଙ୍କୁ ଡାକ୍ତରୀ ପରୀକ୍ଷା କରିବା ପରେ ଆଇନ ଅନୁସାରେ ଅଭିଯୁକ୍ତଙ୍କୁ କେସ ନମ୍ବର ୧୪ ବିଆର ରୁଜୁ କରି କୋର୍ଟ ଚାଲାଣ କରାଯିବ ବୋଲି ଏସିଏଫ୍ ଅଶୋକ କୁମାର ବେହେରା ଜଣାଇଛନ୍ତି।

## ଠାକୁର ଅଭିରାମ ପରମହଂସଙ୍କ ବାର୍ଷିକୋତ୍ସବ

ପିପିଲି,୨୮।୧୧(ସମିସ): ଜଗତଗୁରୁ ଠାକୁର ଶ୍ରୀଶ୍ରୀ ଅଭିରାମ ପରମହଂସ ଦେବଙ୍କ ଏକାଦଶତମ ବାର୍ଷିକ ଉତ୍ସବ ପିପିଲି ତେଇଶିପୁର ନିକଟ ବାଙ୍ଗରପଡ଼ାଠାରେ ପାଳିତ ହୋଇଯାଇଛି। ଗୁରୁବାରଠାରୁ ଏହା ଆରମ୍ଭ ହୋଇଥିବାବେଳେ ଆଖପାଖର ବିଭିନ୍ନ ଗ୍ରାମରେ ନଗର କୀର୍ତ୍ତନ କରାଯାଇଥିଲା। ଠାକୁରଙ୍କୁ ଦୋଳ ବିମାନରେ ଭକ୍ତମାନେ ବସାଇ ଗାଁ ପରିକ୍ରମା କରୁଥିବା ସମୟରେ ଆଗରେ ଗୋଟିପୁଅ କଳାକାରମାନେ ଗୋଟିପୁଅ ନୃତ୍ୟ ପରିବେଷଣ କରିଥିଲେ। ଠାକୁରଙ୍କ ଆଗମନ ଅପେକ୍ଷାରେ ଥିବା ଗ୍ରାମର ମହିଳାମାନେ ଦାଣ୍ଡକୁ ଗୋବର ପାଣିରେ ଲିପି ଝୋଟି ପକାଇଥିଲେ। ଠାକୁର ଅସିବା ପରେ ତାଙ୍କୁ ବନ୍ଦାପନା କରି ଭବ୍ୟ ସ୍ୱାଗତ କରାଯାଇଥିଲା। ଶୁକ୍ର ବାର ଦିନ ପ୍ରଭୁଙ୍କ ବିଜେସ୍ଥଳୀ ବାଙ୍ଗାରପଡ଼ା



ଶାନ୍ତି ଆଶ୍ରମ ନିକଟରେ ସାଧୁମାନଙ୍କ ଦ୍ୱାରା ଭଜନ କୀର୍ତ୍ତନ ସହ ସାଧୁ ସମ୍ବର୍ଦ୍ଧନା ଏବଂ ପ୍ରବଚନ, ଗୋଟିପୁଅ ନୃତ୍ୟ ସହିତ ଠାକୁରଙ୍କ ଲୀଳା ନାଟକ ପରିବେଷଣ କରାଯାଇଥିଲା। ଏଥିରେ ଆଖପାଖ ଅଞ୍ଚଳର ପ୍ରାୟ ପାଞ୍ଚ ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ଠାକୁରଙ୍କ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ସାଧୁସନ୍ଥଙ୍କ ସହିତ ଭକ୍ତମାନେ ଯୋଗ ଦେଇଥିଲେ। ଭକ୍ତମାନଙ୍କ ଉଦ୍ଦେଶ୍ୟରେ ଆନନ୍ଦ ବଜାର ଖୋଲାଯାଇ ଭକ୍ତମାନଙ୍କୁ ପ୍ରସାଦ ଯୋଗାଇ ଦିଆଯାଇଥିଲା। ଏହି କାଯ୍ୟକ୍ରମରେ ରାଧା ରମଣ ଦାସ, ବାବାଜି ବୁଦ୍ଧଦେବ ଦାସ, ବାବାଜି ତ୍ରିଲୋଚନ ଦାସ ପ୍ରମୁଖ କାର୍ଯ୍ୟକ୍ରମ ସମ୍ପାଦନା କରିଥିଲେ। ଅଭିରାମ ଆଶ୍ରିତ ଆଞ୍ଚଳିକ ପରିଷଦର ସଦସ୍ୟ ଲକ୍ଷ୍ମୀଧର ଦାସ ବୈକୁଣ୍ଠ ସ୍ୱାଇଁ, ବାଇଧର ସ୍ୱାଇଁ, ଦିବାକର ପ୍ରଧାନ, ବୁଦ୍ଧନାଥ ପରିଡ଼ା, ଗୋବିନ୍ଦ ମଲ୍ଲିକଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

## ନିମାପଡ଼ା-ଗୋପ ସିଭିଲ ସୋସାଇଟିର ସାଧାରଣ ପରିଷଦ ବୈଠକ

ଚାରିଛକ,୨୮।୧୧ (ସମିସ): ନିମାପଡା-ଗୋପ ସିଭିଲ ସୋସାଇଟର ଏକ ସାଧାରଣ ପରିଷଦ ବୈଠକ ଚାରିଛକ ନିକଟସ୍ଥ ଏକ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ରାଜସ୍ୱ ଡେପୁଟି କମିସନର ଚନ୍ଦ୍ରକାନ୍ତ ଦଳାଇଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ବରିଷ୍ଠ ଆଇନଜୀବୀ ତଥା ସିଭିଲ ସୋସାଇଟର ସଭାପତି ସୁଧୀର କୁମାର ମହାନ୍ତି, ଉପ-ସଭାପତି ଅକ୍ଷୟ କୁମାର ନାୟକ, ପୂର୍ବତନ ବିଧାୟକ ବେଣୁଧର ସେଠୀ, କାର୍ଯ୍ୟକାରୀ ସଭାପତି ତଥା ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଗୋପୀନାଥ କର, ପ୍ରାକ୍ତନ ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ମିତ୍ର, ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଯୋଗେନ୍ଦ୍ର ଚନ୍ଦ୍ର ମିଶ୍ର, ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ପୂର୍ବତନ ଅଧ୍ୟକ୍ଷ ଡଃ ବଂଶୀଧର ଷଡ଼ଙ୍ଗୀ, ପ୍ରାକ୍ତନ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ଖଟୋଇ, ଶୈଳେନ୍ଦ୍ର କୁମାର ରଥ, ଡଃ ପ୍ରଭାତ ଚନ୍ଦ୍ର ମିଶ୍ର, ଶିକ୍ଷାବିତ ନିରୋଦ ବରଣ ଖୁଣ୍ଟିଆ, ପ୍ରେସ୍‌କ୍ଲବ୍ ସଭାପତି ପ୍ରଫୁଲ୍ଲ କୁମାର କର, ଆର୍ତ୍ତବନ୍ଧୁ ସେନାପତି, ଚିତ୍ତରଞ୍ଜନ ସେନାପତି, କାହ୍ନୁ ଚରଣ ବେହେରା, ଦେବେନ୍ଦ୍ର ସାହୁ, ସନାତନ ପାତ୍ର, କୃଷ୍ଣଚନ୍ଦ୍ର ରାଉତ, ବନ ବିହାରୀ ଦାଶ, ହିମାଂଶୁ ଶେଖର ଦାଶ, ଜୟନ୍ତ କୁମାର ସେଠୀ, ପ୍ରିୟବ୍ରତ ଭୋଳ, ବଜାର କମିଟି ସଭାପତି ସନ୍ତୋଷ କୁମାର ପ୍ରଧାନଙ୍କ ସମେତ ନିମାପଡ଼ା ଓ ଚାରିଛକ ଅଞ୍ଚଳର ବହୁ ଶିକ୍ଷାବିତ୍, ବୁଦ୍ଧିଜୀବୀ, ସମାଜସେବୀ, ଆଇନଜୀବୀ, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ଡଃ କେଦାରନାଥ ସାହୁ ସଂଯୋଜନା କରିଥିବା ବେଳେ ପରିଷଦର ସମ୍ପାଦକ ପ୍ରଶାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପୁରୀ ଜିଲ୍ଲା ପେସାଦାର ସାମ୍ବାଦିକ ସଂଘ ବୈଠକ



କୁଣ୍ଢେଇ,୨୮।୧୧(ସମିସ): ଉତ୍କଳ ସାମ୍ବାଦିକ ସଙ୍ଘ, ଓଡ଼ିଶା ସହିତ ଅନୁବନ୍ଧିତ ପୁରୀ ଜିଲ୍ଲା ପେସାଦାର ସାମ୍ବାଦିକ ସଙ୍ଘର କାର୍ଯ୍ୟକର୍ତ୍ତା ବୈଠକ ସଙ୍ଘର ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ପୌରୋହିତ୍ୟରେ କାକଟପୁର ଚନ୍ଦନ ବଜାରସ୍ଥିତ ଖୁଣ୍ଟିଆ କନଭେନ୍ସନ ଠାରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ସଂଘର ଉପସଭାପତି ସଞ୍ଜୟ ପତି ପରିଚାଳନା କରିଥିବାବେଳେ କାର୍ଯ୍ୟକାରୀ ସଭାପତି କମଳ ଲୋଚନ ଦୀକ୍ଷିତ, ବରିଷ୍ଠ ଉପଦେଷ୍ଟା ପ୍ରସନ୍ନ ତ୍ରିପାଠୀ, ପୂର୍ବତନ ସଭାପତି ତଥା ଉପଦେଷ୍ଟା ବିଶ୍ୱଜିତ ପଟ୍ଟନାୟକ ଯୋଗଦେଇ ସାମ୍ବାଦିକଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଜିଲ୍ଲାରେ ବିଭିନ୍ନ ବ୍ଲକରେ କିପରି ଭାବେ ଅଧିକରୁ ଅଧିକ ସାମ୍ବାଦିକଙ୍କୁ ସଙ୍ଘ ସହିତ ଯୋଡ଼ି ସଂଘକୁ ସୁଦୃଢ଼ କରିବାପାଇଁ ଉପସ୍ଥିତ ସାମ୍ବାଦିକଙ୍କୁ ପରାମର୍ଶ ଦେଇଥିଲେ। ଏହି ବୈଠକ ଆୟୋଜନରେ କାକଟପୁର ପ୍ରେସ୍ କ୍ଲବର ସମସ୍ତ ସାମ୍ବାଦିକ ସହଯୋଗ କରିଥିବାବେଳେ ଅସ୍ତରଙ୍ଗ, କାକଟପୁର, ନିମାପଡା, ଗୋପ, କୋଣାର୍କ, ପିପିଲି, ଡେଲାଙ୍ଗ, କଣାସ, ସତ୍ୟବାଦୀ ଅଞ୍ଚଳରୁ ପ୍ରାୟ ୫୦ଜଣ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ଆଗାମୀ ୨୦୨୬ ମସିହା ଜାନୁଆରୀ ୭ ତାରିଖ ଦିନ ସାତପଡ଼ା ଠାରେ ଜିଲ୍ଲାର କାର୍ଯ୍ୟକାରିଣୀ ବୈଠକ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏଥି ସହିତ ସଂଘକୁ ୮୦ ବର୍ଷ ପୂର୍ତ୍ତି ଅବସରରେ ହୀରକ ଜୟନ୍ତୀ ଏବଂ ବାର୍ଷିକ ଉତ୍ସବ ପାଳନ କରାଯିବାପାଇଁ ସମସ୍ତ ପ୍ରକାର ସହଯୋଗ ଯୋଗାଇଦିଆଯିବ ବୋଲି ସଙ୍ଘର ଉପଦେଷ୍ଟା ତଥା ନିମାପଡ଼ା ପ୍ରେସ କ୍ଲବର ସଭାପତି ଅକ୍ଷୟ ବେହେରା, କାକଟପୁର ପ୍ରେସ କ୍ଲବର ଉପସଭାପତି ତୁଷାର ରଞ୍ଜନ ଦୀକ୍ଷିତ, ପ୍ରଦୀପ କୁମାର ପଣ୍ଡା, ମହମ୍ମଦ ସମସୁଲ ଆରିଫିନ, ଗୋପ ପ୍ରେସ କ୍ଲବର ସଭାପତି ଭାରତୀ ଭୂଷଣ ଉପାଧ୍ୟାୟ, ସନ୍ତୋଷ ରାୟ, ଉପଦେଷ୍ଟା ନିରଞ୍ଜନ ଦାସ, ଆର୍ଯ୍ୟ ବିଶ୍ୱାଳ, ଚାରିଛକ ପ୍ରେସ କ୍ଲବ ସଭାପତି ପ୍ରଫୁଲ୍ଲ କର ପ୍ରମୁଖ କହିଥିଲେ। ସଂଘର ସାଧାରଣ ସମ୍ପାଦକ ଆଦିତ୍ୟ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ଅବହେଳିତ ଅବସ୍ଥାରେ ନୟାହାଟ ଉପ ସ୍ୱାସ୍ଥ୍ୟକେନ୍ଦ୍ର

ନୟାହାଟ,୨୮।୧୧(ସମିସ): ଗ୍ରାମାଞ୍ଚଳରେ ଥିବା ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ପ୍ରଶାସନ ଦୃଷ୍ଟି ଦେଉନଥିବାରୁ ତାହା ଅବହଳିତ ଅବସ୍ଥାରେ ପଡ଼ିରହିଛି। ଏହାର ରକ୍ଷଣାବେକ୍ଷଣ ଅଭାବରୁ ଭୂତକୋଠି ପାଲଟିଛି। ପୁରୀଜିଲ୍ଲା ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ନୟାହାଟ ଉପସ୍ୱାସ୍ଥ୍ୟକେନ୍ଦ୍ର ଉପରେ ୬ଟି ପଞ୍ଚାୟତ ଧୂମାଲ, ଜଙ୍ଗଲବୋରି, ଦେଓଳୀ, ବାଉଳାଙ୍ଗ, ଇସାଣପୁର, ସୋରଭା ପଞ୍ଚାୟତର ୬୦ ଜହାରରୁ ଊର୍ଦ୍ଧ୍ୱ ଜନସାଧାରଣ ଚିକିତ୍ସା ପାଇଁ ନିର୍ଭର କରନ୍ତି। ତେବେ ଏଠାରେ ଆଦୌ ଶଯ୍ୟା ନଥିବାରୁ ଲୋକମାନେ ତଳେ ଶୋଇରହି ଚିକିତ୍ସିତ ହୁଅନ୍ତି। ଏଠାରେ ଡାକ୍ତର ନିୟମିତ ଆସୁନଥିବାରୁ ଲୋକମାନେ ନିରାଶ ହୋଇ ଚାରିଛକ, ନିଆଳି, ନିମାପଡ଼ା, ଗୋପ ଉପରେ ନିର୍ଭର କରିଥାନ୍ତି।

ଡାକ୍ତରଙ୍କ ପାଇଁ ବାସଗୃହ ଥିଲେ ମଧ୍ୟ ସେ ରାତିରେ ରୁହନ୍ତି ନାହିଁ। ରାତିରେ ଜରୁରିକାଳୀନ ଚିକିତ୍ସା ପାଇଁ ଲୋକମାନେ ନିରାଶ ହୋଇ ଫେରନ୍ତି। ନୟାହାଟରେ ୧୦ସଂଖ୍ୟା ବିଶିଷ୍ଟ ଶଯ୍ୟା କରିବାକୁ ଦାବିହୋଇ ଆସୁଥିବାବେଳେ ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେଉନଥିବା ସରପଞ୍ଚ ମୋନାଲିସା ସିଂହ, ପ୍ରଭାତୀ ସାହୁ, ରିଷ୍ମା ସ୍ୱାଇଁ, ପୂର୍ବତନ ସରପଞ୍ଚ କମଳାକାନ୍ତ କୁଅଁର, ସରପଞ୍ଚ ବିନୋଦିନୀ ପାଳ, କିଶୋର ଚନ୍ଦ୍ର ସେଠୀ, ନୟାହାଟ ବ୍ୟବସାୟୀ ସଙ୍ଘ ସଭାପତି ଫକୀର ଚରଣ ବାରିକ ଓ ସମ୍ପାଦକ ସୁବାସ ପାତ୍ର ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ଦିଗରେ ପ୍ରଶାସନ ତୁରନ୍ତ ଦୃଷ୍ଟି ନ ଦେଲେ ସାଧାରଣ ଜନତା ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ସତ୍ୟବାଦୀ ପାଲାଗାୟକ ମଣ୍ଡଳର ବାର୍ଷିକ ସମ୍ମିଳନୀ

ସାକ୍ଷୀଗୋପାଳ,୨୮।୧୧(ସମିସ): ଶ୍ରୀ ନୀଳାଚଳ ନିଖିଳୋତ୍କଳ ପାଲାଗାୟକ ପରିଷଦର ଉପଶାଖା ଅଖଣ୍ଡ ପୁରୀ ଜିଲ୍ଲା ପାଲାଗାୟକ ପରିଷଦର ଶାଖା ସତ୍ୟବାଦୀ ପାଲାଗାୟକ ମଣ୍ଡଳର ୮ମ ବାର୍ଷିକ ସମ୍ମିଳନୀ ସତ୍ୟବାଦୀ ବ୍ଲକ୍ ବଳପୁରସ୍ଥିତ ଶ୍ରୀଶ୍ରୀ ହରି ସହଦେବ (ହରିଆବୁଢ଼ା) ପୀଠରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଗୁରୁ ପୂଜନ ଅବସରରେ ଗବେଷକ, ସାହିତ୍ୟିକ ତଥା ମଣ୍ଡଳର ଉପଦେଷ୍ଟା ଗାୟକ ଜ୍ଞାନସାଗର ସଚ୍ଚିଦାନନ୍ଦ ମହାପାତ୍ରଙ୍କୁ ମଞ୍ଚ ଉପରେ ଯଥାବିଧି ପୂଜନ କରାଯାଇଥିଲା। ପୂର୍ବାହ୍ନ ଅଧିବେଶନରେ ସତ୍ୟବାଦୀ ପଞ୍ଚାୟତ ସମିତି ଅଧକ୍ଷ ସୁନୀଲ କୁମାର ପଣ୍ଡା, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ଲୋକକଳା ଗୁରୁ କୁଳମଣି ବିଶ୍ୱାଳ ଓ ଗାୟକ ଜ୍ଞାନବାରିଧି ନିରଞ୍ଜନ ବାହିନୀପତି ଅତିଥି ଭାବେ ଯୋଗ ଦେଇଥିଲେ। ପରେ ମଣ୍ଡଳର ସାଙ୍ଗଠନିକ ବୈଠକ ଅନୁଷ୍ଠିତ



ହୋଇଥିଲା। ସନ୍ଧ୍ୟାରେ ଅନୁଷ୍ଠିତ ସାଧାରଣ ସଭାରେ ମଣ୍ଡଳର ମୁଖ୍ୟ ଉପଦେଷ୍ଟା ଶ୍ରୀ ମହାପାତ୍ର, ରାଜ୍ୟ ପାଲାଗାୟକ ପରିଷଦ ସମ୍ପାଦକ ଗାୟକ ଆନନ୍ଦ ବସନ୍ତ କୁମାର ରାଉତ, ଅଖଣ୍ଡ ପୁରୀ ଜିଲ୍ଲା ପାଲାଗାୟକ ପରିଷଦ ସଭାପତି ଗାୟକ ବ୍ୟାସ ଲକ୍ଷ୍ମୀଧର ଦାସ, ଗାୟକ କୌସ୍ତୁଭ ରବୀନ୍ଦ୍ର ସାମନ୍ତରାୟ, ଗାୟକ ବିଦ୍ୟାବାରିଧି ନିରଞ୍ଜନ ବାହିନୀପତି, ରାଜ୍ୟ ପାଲାଗାୟକ ପରିଷଦର ମୁଖ୍ୟ ଆଇନ ପରାମର୍ଶଦାତା ଆଇନଜୀବୀ ପ୍ରତାପ ଚନ୍ଦ୍ର ପ୍ରଧାନ, ଗାୟକ ବନମାଳୀ ମିଶ୍ର, ସୂର୍ଯ୍ୟ ନାରାୟଣ ରାଉତ ଓ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ମଣ୍ଟୁ ପଣ୍ଡା ଅତିଥି ଭାବେ ଯୋଗ ଦେଇଥିଲେ। ସାହିତ୍ୟିକ ଦେବୀପ୍ରସାଦ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସମ୍ପାଦକ ରମେଶ ଚନ୍ଦ୍ର ପଲେଇ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସଙ୍ଗୀତ, ଶିକ୍ଷା, ସାମ୍ବାଦିକତା ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା କୃତୀ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗାୟକ ବିଜୟ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ବଳପୁର ଦେଶକୋଠ ଏହି ସମ୍ମିଳନୀ ପାଇଁ ବିଶେଷ ସହାୟତା ଯୋଗାଇ ଦେଇଥିଲେ। ମଣ୍ଡଳ ସଦସ୍ୟ ଗାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ସଦାଶିବ ବରାଳ, ବିଜୟ ଚନ୍ଦ୍ର ସାମନ୍ତରାୟ, ସୁକାନ୍ତ ପ୍ରଧାନ, ନରେନ୍ଦ୍ର ପ୍ରଧାନ, ଗାୟିକା ସୁଭଦ୍ରା ନାୟକଙ୍କ ସହ ସୁଧୀର ସ୍ୱାଇଁ, ସୁଦର୍ଶନ ପ୍ରଧାନ, ରବିନାରାୟଣ ବେହେରା, ନାରାୟଣ ପ୍ରଧାନ ପ୍ରମୁଖ ଆୟୋଜନରେ ସହଯୋଗ କରିଥିଲେ।

## ୩୫ତମ ବ୍ଲକ୍‌ସ୍ତରୀୟ ବିଜ୍ଞାନମେଳା



ଗମ୍ଭାରୀପଦା,୨୮।୧୧(ସମିସ): କାକଟପୁର ବ୍ଲକ୍‌ସ୍ତରୀୟ ବିଜ୍ଞାନମେଳା ସରକାରୀ କାକଟପୁର ବାଳିକା ନୋଡାଲ ଉଚ୍ଚବିଦ୍ୟାଳୟ ପ୍ରାଙ୍ଗଣରେ ବ୍ଲକ୍ ଶିକ୍ଷାଧିକାରୀ ରବିନ୍ଦ୍ରନାଥ ନନ୍ଦଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି।୧୨୪ଟି ବିଦ୍ୟାଳୟରୁ ଛାତ୍ରଛାତ୍ରୀଙ୍କ ଦ୍ୱାରା ୭ଟି ବିଭାଗରୁ ମୋଟ ୧୪୨ଟି ପ୍ରୋଜେକ୍ଟ ବିଜ୍ଞାନ ମେଳାରେ ସ୍ଥାନ ପାଇଥିଲା। ପ୍ରତି ବିଭାଗରୁ ଗୋଟିଏ ଲେଖାଏଁ ପ୍ରୋଜେକ୍ଟ ଜିଲ୍ଲାସ୍ତରକୁ ମନୋନୀତ କରାଯିବ ବୋଲି ଶିକ୍ଷକ ତ୍ରିଲୋଚନ ବିଶ୍ୱାଳ କହିଛନ୍ତି। ମୁଖ୍ୟ ଅତିଥି ଭାବେ ମଣ୍ଡଳ ଉନ୍ନୟନ ଅଧିକାରୀ ନାରାୟଣ ଦୀକ୍ଷିତ, ମୁଖ୍ୟବକ୍ତା କାକଟପୁର ତହସିଲଦାର ଅଙ୍କିତା ଅନିନ୍ଦିତା, ସମ୍ମାନିତ ଅତିଥି କାକଟପୁର ନୋଡାଲ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ଶ୍ରୀକାନ୍ତ କୁମାର ସ୍ୱାଇଁ, ସହ ଶିକ୍ଷାଧିକାରୀ ବଂଶୀଧର ମଲ୍ଲିକ, ବରୁଣେଇଁ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଚିତ୍ରାନନ୍ଦ ରଥ, ବାଳିକା ବିଦ୍ୟାଳୟର ପ୍ରଧାନଶିକ୍ଷକ ଲକ୍ଷ୍ମୀଧର ପ୍ରଧାନ, ଅତିରିକ୍ତ ସହ ଶିକ୍ଷାଧିକାରୀ ବ୍ରହ୍ମାନନ୍ଦ କାଣ୍ଡି ଓ ମଲ୍ଲିକ ଜାକିର ହୁସେନ, ମିଳିତ ଶିକ୍ଷକ ସଂଘର ସଭାପତି ଅକ୍ଷୟ କୁମାର ଖୁଣ୍ଟିଆ, ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ସେକ ଜିଆଉଲ ହକ, ଶିକ୍ଷକ ହୃଦାନନ୍ଦ ସାମଲ ପ୍ରମୁଖ ଯୋଗଦେଇଥିଲେ।

# ପିପିଲିରେ ସିରିଜ୍ ଦୁର୍ଘଟଣା; ୫ ଗୁରୁତର

ପିପିଲି,୨୮।୧୧(ସମିସ): ପିପିଲି ଚାନ୍ଦୁଆ ବଜାରରେ ଆଜି ମଧ୍ୟାହ୍ନରେ ସିରିଜ୍ ଦୁର୍ଘଟଣା ଘଟିଛି। ଏକ କାର୍ ଓଡି-୦୨-ଏୱାଇ ୫୦୫୪ ଭୁବନେଶ୍ୱର ଅଭିମୁଖେ ଯାଉଥିବାବେଳେ ଦୁଇଟି ବାଇକ୍‌କୁ ସାମ୍ନାପଟୁ ଧକ୍କା ଦେଇଥିଲା। ଏଥିସହ ଏକ ଜଳଖିଆ ଦୋକାନ ଉପରକୁ ମାଡ଼ିଯାଇଥିଲା। ଜଳଖିଆ ଦୋକାନୀ ନାରାୟଣ ସିଂହ (୩୪) ଅଳ୍ପକେ ବର୍ତ୍ତିଥିବା ବେଳେ ଦୁର୍ଘଟଣାରେ ଜଣେ ମହିଳାଙ୍କ ସମେତ ୫ ଜଣ ଗୁରୁତର ଆହତ ହୋଇଛନ୍ତି। ଘଟଣାସ୍ଥଳରେ ପିପିଲି ପୁଲିସ ପହଞ୍ଚି କାର୍ ସହ ଡ୍ରାଇଭରକୁ ଅଟକ ରଖି ପଚରାଉଚରା ଜାରି ରଖିଛନ୍ତି। ସେପଟେ କାର୍ ଭିତରେ ମଦ ବୋତଲ ଥିବାରୁ କାର୍ ଚାଳକ




ମଦ ପିଇ ବେପରୁଆ ଗାଡ଼ି ଚଳାଉଥିବା ପ୍ରତ୍ୟକ୍ଷଦର୍ଶୀ ଅଭିଯୋଗ କରିଛନ୍ତି। ଦୁର୍ଘଟଣାଗ୍ରସ୍ତ ଆହତଙ୍କୁ ପିପିଲି ମେଡିକାଲ ଭର୍ତ୍ତି କରାଯାଇଛି।ଜଳଖିଆ ଦୋକାନ ମାଲିକ ନାରାୟଣ ସିଂହ ଦୋକାନ ଭିତରେ ଚାପି ହୋଇ ଯାଇଥିବା ବେଳେ ଦୋକାନର ସମସ୍ତ ଆସବାବପତ୍ର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ତାଙ୍କ ଦେହରେ ଗରମ ତେଲ ଓ ଗରମ ଚିନିଶିରା ପଡ଼ିଯାଇ ଗୁରୁତର ହୋଇଥିବା ତାଙ୍କ ଭାଇ ଅଭିଯୋଗ କରିଛନ୍ତି। ସେହିପରି ଅନ୍ୟ ଦୁଇ ବାଇକ୍ ଆରୋହୀଙ୍କ ସହ ଜଣେ ମହିଳା ଗୁରୁତର ହୋଇ ପିପିଲି ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି। ଆହତ ହେଇଥିବା ବ୍ୟକ୍ତି ହେଲେ ସରସ୍ୱତୀ ମୁଦୁଲି (୨୨) ତାଙ୍କ ବାପା କାର୍ତ୍ତିକ ମୁଦୁଲି (୫୫), ଲିଙ୍ଗରାଜ ପୃଷ୍ଟି (୩୨), ସନ୍ତୋଷ କୁମାର ଦାସ(୫୫)। ସେପଟେ କାର ଚାଳକକୁ ଅଟକ ରଖି ତଦନ୍ତ ଜାରି ରଖିଥିବା ପିପିଲି ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ କହିଛନ୍ତି। କାର୍‌ଟି ଜଟଣୀ ନିକଟ କନ୍ତିଆ ଅଞ୍ଚଳର ବୋଲି ଜଣାଯାଇଛି।

BEST OFFER SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

୨୮/୧୧/୨୦୨୫ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୩୮,୩୪୩/- ସୁନା: ୦୬.୮୦୦ ଗ୍ରାମ୍ ରୁପା: ୨୦.୪୦୦ ଗ୍ରାମ୍





### ଗୃହର ଦୃଷ୍ଟିଆକର୍ଷଣ କଲେ ବିଧାୟକ ସୁନୀଲ ମହାନ୍ତି

# ବିଧାନସଭାରେ ଉଠିଲା ପୁରୀବାସୀଙ୍କ ସ୍ୱତନ୍ତ୍ର ଦର୍ଶନ ପ୍ରସଙ୍ଗ



ପୁରୀ, ୨୮।୧୧ (ସମିସ): ପୂର୍ବରୁ ପୁରୀ ସହରବାସୀ ଶ୍ରୀମନ୍ଦିରକୁ ଯେଉଁଭଳି ଭାବେ ଯିବାଆସିବା କରୁଥିଲେ ଏବେ ଆଉ ସେଭଳି ସ୍ଥିତି ନାହିଁ। ସମୟ ଥିଲା ଅନେକ ସହରବାସୀ ଦିନକୁ ଏକାଧିକଥର ମନ୍ଦିରକୁ ଯାଉଥିଲେ। ମଙ୍ଗଳ ଆଳତି ହେଉ କି ସନ୍ଧ୍ୟା ଆଳତି ଅବା ଚନ୍ଦନଲାଗି, ବଡ଼ସିଂହାର ବେଶ ଦେଖୁଥିଲେ। ପୁଣି ମନ ହେଲେ ଆନନ୍ଦବଜାରକୁ ଯାଇ ଅବଢ଼ା ସେବନ କରିବା ସହ ପରିବାର ପାଇଁ ଧରି ଆସୁଥିଲେ। ହେଲେ କିଛିବର୍ଷ ହେବ ଏଭଳି ଚିତ୍ର ଆଉ ଦେଖିବାକୁ ମିଳୁନି। ବରଂ ପୁରୀବାସୀଙ୍କ ପାଇଁ ଶ୍ରୀମନ୍ଦିର ପ୍ରବେଶ ଏକପ୍ରକାର ଚିନ୍ତାଜନକ ବିଷୟ ପାଲଟିଯାଇଛି। ଏବେ ଦର୍ଶନ ପାଇଁ ହେଉ କି ଅବଢ଼ା ଆଣିବା ଲାଗି ସେମାନଙ୍କୁ ଅନ୍ୟ ଶ୍ରଦ୍ଧାଳୁଙ୍କ ଭଳି ଲମ୍ବା ଧାଡ଼ିରେ ଘଣ୍ଟା ଘଣ୍ଟା ଛିଡ଼ା ହେବାକୁ ପଡୁଛି। ମନ୍ଦିରକୁ ଯିବାକୁ ହେଲେ ସେମାନଙ୍କୁ ଏକାଧିକଥର ଚିନ୍ତା କରିବାକୁ ପଡୁଛି। ସେମାନଙ୍କ ମୌଳିକ ଅଧିକାର କ୍ଷୁର୍ଣ୍ଣ କରାଯାଇଛି। ତେଣୁ ନିଜର ହକ୍ ପାଇଁ ଏବେ ସ୍ୱର ଉଠାଇଛନ୍ତି ପୁରୀ ସହରବାସୀ।

ଶ୍ରୀମନ୍ଦିରକୁ ପ୍ରବେଶ ଏବଂ ମହାପ୍ରଭୁଙ୍କ ଦର୍ଶନ କିପରି ସହଜ ହେବ ସେଥିଲାଗି ପ୍ରତିବାଦ ଚଳାଇଛନ୍ତି। ପୁରୀରେ ଏହି ପ୍ରତିବାଦର ସ୍ୱର ତୀବ୍ର ହେଉଥିବାବେଳେ ଶୁକ୍ରବାର ଏହି ପ୍ରସଙ୍ଗ ଉଠିଛି ବିଧାନସଭାରେ। ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ଏହି ପ୍ରସଙ୍ଗ ଉଠାଇ କହିଛନ୍ତି ଯେ, ଦେଶର ପ୍ରମୁଖ ମନ୍ଦିରମାନଙ୍କରେ ଭକ୍ତ, ପର୍ଯ୍ୟଟକଙ୍କ ଦର୍ଶନ ସୁବିଧା ସହିତ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା ରହିଛି। ଏବେ ଆମ ଶ୍ରୀମନ୍ଦିରରେ ଭକ୍ତ, ଶ୍ରଦ୍ଧାଳୁଙ୍କ ଭିଡ଼ ଅଧିକ ହେବାରେ ଲାଗିଛି। ଭିଡ଼ ନିୟନ୍ତ୍ରଣ କରିବା ପାଇଁ ସରକାର ବ୍ୟାରିକେଡିଂ ବ୍ୟବସ୍ଥା କରିଛନ୍ତି। କିନ୍ତୁ ଏହି ବ୍ୟବସ୍ଥା ଭିତରେ ପୁରୀବାସୀ ହନ୍ତସନ୍ତ ହେଉଛନ୍ତି। ପୁରୀବାସୀଙ୍କ ନିମନ୍ତେ ସ୍ୱତନ୍ତ୍ର ଦର୍ଶନ ପାଇଁ ଏବେ ଦାବି ଜୋର୍ ଧରିଲାଣି। ଏଥିରେ ପୁରୀର ସବୁବର୍ଗର ଲୋକେ ସାମିଲ ହୋଇ ସ୍ୱର ଉଠାଇଲେଣି। ସରକାର ଏ ବିଷୟରେ ଚିନ୍ତନ କରନ୍ତୁ। ଭକ୍ତମାନେ ଯେପରି ସୁବିଧାରେ ଦର୍ଶନ ସହ ପୁରୀବାସୀ ମଧ୍ୟ ସୁବିଧାରେ ମହାପ୍ରଭୁଙ୍କ ଦର୍ଶନ କରିପାରିବେ ସେ ନେଇ ସରକାର କିଛି ନିଷ୍ପତ୍ତି ନିଅନ୍ତୁ ବୋଲି ବିଧାୟକ ଗୃହର ଦୃଷ୍ଟି ଆକର୍ଷଣ କରିଥିଲେ।

## ଜାପାନରେ ନିଯୁକ୍ତି ପାଇଲେ ଚନ୍ଦ୍ରଶେଖର ଏକାଡେମୀର ୨ ଛାତ୍ର




ପୁରୀ,୨୮।୧୧(ସମିସ): ଜାପାନର ଆଇଟି କମ୍ପାନୀରେ ନିଯୁକ୍ତି ପାଇଛନ୍ତି ବାଲିଘାଇସ୍ଥିତ ଚନ୍ଦ୍ରଶେଖର ଏକାଡେମୀର ଦୁଇଛାତ୍ର। ସେମାନେ ଡିସେମ୍ବର ୨ ତାରିଖରେ ଜାପାନ ଯିବେ। ଦୁଇବର୍ଷ ଧରି ଛାତ୍ରଦ୍ୱୟ ଜାପାନ ଭାଷା ସହିତ ଆଇଟି ପାଠ୍ୟକ୍ରମ ଅଧ୍ୟୟନ କରୁଥିଲେ। ସେମାନଙ୍କୁ ଜାପାନର ଏକ ଆଇଟି କମ୍ପାନୀ ମନୋନୀତ କରିଥିବା ଏକାଡେମୀର ଚେୟାରମ୍ୟାନ ତଥା ଇଣ୍ଡିଆ-ଜାପାନ ଫ୍ରେଣ୍ଡଶିପ ସେଣ୍ଟର ସଭାପତି ଶ୍ରୀମନ୍ତ କୁମାର ଦାଶ ସୂଚନା ଦେଇଛନ୍ତି। ଦୁଇ ଛାତ୍ର ହେଲେ ରାକେଶ କୁମାର ବେହେରା ଓ ପ୍ରକାଶ ଚନ୍ଦ୍ର ବରାଳ। ଏହି ୨ ଛାତ୍ରଙ୍କ କୃତିତ୍ୱ ଯୋଗୁ ଏକାଡେମୀ ଗର୍ବିତ ବୋଲି ଶ୍ରୀ ଦାଶ କହିଛନ୍ତି। ଏ ନେଇ ରାକେଶ କୁହନ୍ତି, ଯାଜପୁରରୁ ଆସି ପୁରୀରେ ରହିବା ପରେ ଚନ୍ଦ୍ରଶେଖର ଏକାଡେମୀରେ ଗରିବ ଓ ମେଧାବୀ ପିଲାମାନଙ୍କୁ ଜାପାନ ଭାଷା ଓ ଆଇଟି ଶିକ୍ଷା ଲାଭ ପରେ ଜାପାନ କମ୍ପାନୀରେ ନିଯୁକ୍ତି ମିଳୁଥିବା ଶୁଣିଥିଲି। ସେହି ଆଶା ନେଇ ଦୁଇବର୍ଷ ଅଧ୍ୟୟନ କରିବା ପରେ ଆଜି ମୋ ଲକ୍ଷ୍ୟ ପୂରଣ ହୋଇଛି। ଅନୁଷ୍ଠାନ ନିକଟରେ ମୁଁ ଋଣୀ। ସେହିପରି ପ୍ରକାଶ କୁହନ୍ତି, ଗ୍ରାମାଞ୍ଚଳରୁ ଆସି ଜାପାନ କମ୍ପାନୀରେ ଚାକିରୀ ମିଳିବା ଭାଗ୍ୟର କଥା। ଏକାଡେମୀ ଯୋଗୁ ତାହା ସମ୍ଭବ ହୋଇପାରିଛି। ଏହି ଅବସରରେ ଜାପାନ, ତୋତରୀ ସରକାରଙ୍କ ବାଣିଜ୍ୟ ପରାମର୍ଶଦାତା ତଥା ପୁରୀ ସିଟି ବ୍ରାଣ୍ଡ ଆମ୍ବାସଡର କୁନା ଦାଶ ନିଯୁକ୍ତି ପାଇଥିବା ଦୁଇ ଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସୂଚନାଯୋଗ୍ୟ, ଗତ ୫ ବର୍ଷ ମଧ୍ୟରେ ଏକାଡେମୀରୁ ୨୫ରୁ ଅଧିକ ଛାତ୍ର ଜାପାନରେ ନିଯୁକ୍ତି ପାଇଛନ୍ତି।

## ଦୋକାନ ଭିତରେ ଯୁବକଙ୍କ ଆତ୍ମହତ୍ୟା

ପୁରୀ,୨୮।୧୧(ସମିସ): ବାସେଲୀସାହି ଥାନା ଅଞ୍ଚଳରେ ଜଣେ ଯୁବକ ନିଜ ମୋବାଇଲ ଦୋକାନରେ ଆତ୍ମହତ୍ୟା କରିଛନ୍ତି। ସେ ହେଉଛନ୍ତି ମଙ୍ଗଳା ଘାଟ ନିକଟର ଉମାକାନ୍ତ ନାୟକ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ବେଳେ ଏ ନେଇ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ଏ ସମ୍ପର୍କରେ ବାସେଲୀସାହି ଥାନାଧିକାରୀ ବିକ୍ରମ କେଶରୀ ଜେନା କହିଛନ୍ତି, ଉମାକାନ୍ତ ୭/୮ ବର୍ଷ ହେବ ଜଣଙ୍କ ଘର ଭଡ଼ା ନେଇ ଏକ ମୋବାଇଲ ଦୋକାନ କରିଥିଲେ। ଦୋକାନ ଭିତରେ ମୃତଦେହ ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ସାଇଣ୍ଟିଫିକ୍ ଟିମ୍ ମଧ୍ୟ ପହଞ୍ଚି ଅନୁଧ୍ୟାନ କରିଥିଲେ। ଦୋକାନରୁ ଏକ ସୁଇସାଇଡାଲ ନୋଟ୍ ଜବତ କରାଯାଇଛି, ଯେଉଁଥିରେ ପାରିବାରିକ ଏବଂ ଆର୍ଥିକ ସମସ୍ୟା ପାଇଁ ସେ ଆତ୍ମହତ୍ୟା କରିଥିବା କହିଛନ୍ତି ଆଇଆଇସି ଶ୍ରୀ ଜେନା। ତେବେ ପ୍ରାଥମିକ ତଦନ୍ତରୁ ଦୋକାନ ଭିତରେ ମୁହଁରେ ପଲିଥିନ ଦେଇ ହିଲିୟମ ଗ୍ୟାସ୍ ନେଇ ସେ ଆତ୍ମହତ୍ୟା କରିଥିବା ଶ୍ରୀ ଜେନା ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଆତ୍ମହତ୍ୟା କରିବାକୁ ଗ୍ରହଣ କରିପାରୁନାହାନ୍ତି ପରିବାର ଲୋକେ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁ କିପରି ହୋଇଛି ତାହା ସ୍ପଷ୍ଟ ଜଣାପଡିବ ବୋଲି ପୁଲିସ କହିଛି।

## କ୍ରିକେଟ୍ ଖେଳ ମହୋତ୍ସବ ଉଦ୍‌ଘାଟିତ

ପୁରୀ,୨୮।୧୧(ସମିସ): ଶ୍ରୀଜଗନ୍ନାଥ ଷ୍ଟାଡିୟମରେ ଶୁକ୍ରବାର ପୁରୀ ସଂସଦୀୟ କ୍ଷେତ୍ର ଅଧୀନରେ ଥିବା ପୁରୀ ଜିଲ୍ଲାର ୪ ବିଧାନସଭା ନିର୍ବାଚନ ମଣ୍ଡଳୀ ପିପିଲି, ସତ୍ୟବାଦୀ, ପୁରୀ ସଦର ଓ ବ୍ରହ୍ମଗିରିର କ୍ରିକେଟ ଖେଳ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏହି ଖେଳ ସେପ୍ଟେମ୍ବର ୨୧ରୁ ଆରମ୍ଭ ହୋଇଥିବା ବେଳେ ଡିସେମ୍ବର ୨୫ରେ ଉଦ୍‌ଯାପିତ ହେବ। ସାଂସଦ ଖେଳ ମହୋତ୍ସବର ୧୦ ଗୋଟି ଖେଳ ମଧ୍ୟରୁ କ୍ରିକେଟ ଅନ୍ୟତମ ଖେଳ ଭାବେ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୋଇଛି। ଏହାକୁ ଉଦ୍‌ଘାଟନ



କରି ସାଂସଦ ଡା. ସମ୍ବିତ ପାତ୍ର କେନ୍ଦ୍ର ସରକାରଙ୍କର ଏହା ଏକ ଉତ୍ତମ ପଦକ୍ଷେପ। ଯାହା କେବଳ ଯୁବବର୍ଗଙ୍କ କ୍ରୀଡା ପ୍ରତିଭାକୁ ଆଗକୁ ଆଣୁନାହିଁ ବରଂ ସେମାନଙ୍କୁ ଶାରୀରିକ ସୁସ୍ଥ ଓ ଶୃଙ୍ଖଳାର ଶିକ୍ଷା ଦେଉଛି ବୋଲି କହିଥିଲେ। ପ୍ରତ୍ୟେକଙ୍କ ମଧ୍ୟରେ ପ୍ରତିଭା ରହିଛି। ଏହାର ସଠିକ ଉପଯୋଗ କରିପାରିଲେ ସେମାନେ ସମାଜ ପାଇଁ ସମ୍ବଳ ପାଲଟି ପାରିବେ। ୨୦୩୦ ରାଜ୍ୟ ଗୋଷ୍ଠୀ କ୍ରୀଡ଼ା ଭାରତରେ ହେବାକୁ ସ୍ଥିର ହୋଇଛି। ୨୦୩୬ ଅଲମ୍ପିକ ଭାରତରେ କରିବାକୁ ସରକାର ଉଦ୍ୟମ କରୁଛନ୍ତି, ଯାହା କ୍ରୀଡ଼ାକୁ ଆହୁରି ବିକଶିତ କରିବ ବୋଲି କହିବା ସହ ସାଂସଦ ଖେଳ ମହୋତ୍ସବର ସଫଳତା ଯୁବବର୍ଗର ମନୋବଳ ବୃଦ୍ଧି କରିବ ବୋଲି କହିଥିଲେ।

ଅନ୍ୟତମ ଅତିଥି ଭାବେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇ କ୍ରୀଡ଼ା ମହୋତ୍ସବ ମାଧ୍ୟମରେ ଯୁବବର୍ଗ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ବୋଲି କହିଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ସମସ୍ତଙ୍କୁ ସ୍ୱାଗତ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସଭା କାର୍ଯ୍ୟ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଜେପି ଜିଲ୍ଲା ସଭାପତି ଡା. ଦେବେନ୍ଦ୍ର ନାଥ ତରାଇ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମଧୁସୂଦନ ସିଂହାରୀ, ରବି ନାରାୟଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି କ୍ରିକେଟ ପ୍ରତିଯୋଗିତାରେ ୮୦ଟି ଦଳ ଅଂଶଗ୍ରହଣ କରିଛନ୍ତି।

### ପୁରୀ ପୁଲିସର ସାପ୍ତାହିକ ପରେଡ୍

## କ୍ୟାଣ୍ଟିନ୍, ବାରାକ୍ ଓ କ୍ୱାର୍ଟର୍ ଲାଇନ୍ ରିଭ୍ୟୁ

ପୁରୀ,୨୮।୧୧(ସମିସ): ରିଜର୍ଭ ପୋଲିସ ଲାଇନ୍‌ରେ ଶୁକ୍ରବାର ସାପ୍ତାହିକ ପରେଡ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏସ୍‌ପି ପ୍ରତୀକ୍ ସିଂ ଉପସ୍ଥିତ ରହି ନିରୀକ୍ଷଣ କରିଥିଲେ। ରିଭ୍ୟୁ ସମୟରେ ଶ୍ରୀ ସିଂ ଅଧିକାରୀମାନଙ୍କୁ ଏବଂ ସମସ୍ତ ପୁଲିସ ଜବାନମାନଙ୍କୁ ସମ୍ବୋଧିତ କରି କହିଥିଲେ ଯେ, ପୁରୀ ପୁଲିସଙ୍କ ପ୍ରାଥମିକ ଲକ୍ଷ୍ୟ ହେଉଛି ଜନସାଧାରଣଙ୍କ ସୁରକ୍ଷା, ସେବା ଓ ଭରସା। ଆମ ସମସ୍ତଙ୍କୁ ନିଷ୍ଠା, ସମୟାନୁବର୍ତ୍ତିତା, ଶିଷ୍ଟାଚାର ଓ ପ୍ରାଗତିଶୀଳ ଦୃଷ୍ଟିଭଙ୍ଗୀ ସହିତ କାର୍ଯ୍ୟ କରିବାକୁ ପଡିବ। ଜନସେବାରେ ପୁଲିସର ଭୂମିକାକୁ ସଶକ୍ତ କରିବା, ସାମାଜିକ କାର୍ଯ୍ୟ, ମହିଳା ଓ ଶିଶୁ ସୁରକ୍ଷା, ପର୍ଯ୍ୟଟକ ସୁରକ୍ଷା ଓ ଆଧୁନିକ ପୁଲିସିଂରେ କାର୍ଯ୍ୟ କରିବା ପାଇଁ ଜୋର୍ ଦିଆଯାଇଥିଲା। ସାପ୍ତାହିକ ପରେଡ୍ ପରେ ଏସ୍‌ପି ଶ୍ରୀ ସିଂ ପୁଲିସ ଲାଇନ୍‌ର ବିଭିନ୍ନ ସୁବିଧା ଓ ବ୍ୟବସ୍ଥାର ପ୍ରତ୍ୟକ୍ଷ ନିରୀକ୍ଷଣ କରିଥିଲେ। ପୁଲିସ ଲାଇନ୍ କ୍ୟାଣ୍ଟିନ୍‌ରେ ଦିଆଯାଉଥିବା ଖାଦ୍ୟର ଗୁଣବତ୍ତା, ପରିଷ୍କାର ପରିଚ୍ଛନ୍ନତା ଓ ସେବା ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ। ବାରାକ୍‌ଗୁଡ଼ିକରେ ରହିବା ବ୍ୟବସ୍ଥା, ପାଣି, ବିଦ୍ୟୁତ୍, ସୁରକ୍ଷା ଉପରେ ଆଲୋକପାତ କରିଥିଲେ। କ୍ୱାର୍ଟର୍ ଲାଇନ୍‌ରେ ପୁଲିସ ପରିବାରଙ୍କ ସୁବିଧା, ପରିମଳ, ପରିବେଶ ଆଦି ନିରୀକ୍ଷଣ କରିଥିଲେ।




ଯାହାକିଛି ସମସ୍ୟା ଦେଖିଥିଲେ ଯଥାଶୀଘ୍ର ତା'ରର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ଅତିରିକ୍ତ ଏସ୍‌ପି ସୁଶୀଲ ମିଶ୍ର, ଅତିରିକ୍ତ ଏସ୍‌ପି ସଚିନ ପଟେଲ, ଅତିରିକ୍ତ ଏସ୍‌ପି ସୌମ୍ୟ ରଞ୍ଜନ ମଲ୍ଲିକ, ଡିଏସ୍‌ପି ତପନ ଦାଶ, ଡିଏସ୍‌ପି ସ୍ମିତା କଳ୍ପନା କାଉଁରୀ, ଡିଏସ୍‌ପି ସସ୍ମିତା ବେହେରା, ଡିଏସ୍‌ପି ତିଲୋତ୍ତମା ରାଉତ, ଆର୍‌ଆଇ ଚିତ୍ତରଞ୍ଜନ ମହାନ୍ତି ସାମିଲ ଥିଲେ। ପରେଡ୍ ଓ ସମୀକ୍ଷା କାର୍ଯ୍ୟକ୍ରମରେ ହାବିଲ୍‌ଦାର ଓ କନେଷ୍ଟବଳ ଆସୋସିଏଶନର ପ୍ରତିନିଧି ଅଧ୍ୟକ୍ଷ ସନ୍ତୋଷ କୁମାର ମହାନ୍ତି, ଉପାଧ୍ୟକ୍ଷ ସନ୍ତୋଷ ସାହୁ, ସୂର୍ଯ୍ୟତାପ ଜେନା, ଦିଲ୍ଲୀପ ଭୋଇ ଉପସ୍ଥିତ ରହିଥିଲେ।

### ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ମାସ ପାଳିତ

## କର୍ମକର୍ତ୍ତାଙ୍କୁ ପୋଷ୍ୟ ସନ୍ତାନ ଗ୍ରହଣ ପ୍ରଶିକ୍ଷଣ



ପୁରୀ,୨୮।୧୧(ସମିସ): କମଳା ଦେବୀ ମାତୃତ୍ୱ ଚିକିତ୍ସାଳୟଠାରେ ଶୁକ୍ରବାର ମହିଳା ଶିଶୁ ବିକାଶ ବିଭାଗ, ସ୍ୱାସ୍ଥ୍ୟ ବିଭାଗ ଓ ଶିଶୁ ଯତ୍ନ ଅନୁଷ୍ଠାନ ଆଦିର କର୍ମକର୍ତ୍ତାଙ୍କୁ ନେଇ ଏକ ପୋଷ୍ୟ ସନ୍ତାନ ଗ୍ରହଣ ସମ୍ପର୍କିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ମାସ ପାଳନ ଅବସରରେ ଏହି କାର୍ଯ୍ୟକ୍ରମ ସଚେତନତା ତଥା ଦକ୍ଷତା ବୃଦ୍ଧି ନିମନ୍ତେ ଆୟୋଜିତ ହୋଇଥିଲା। ଏଥିରେ ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଷ୍ଟାଫ ନର୍ସ, ଏଏନ୍‌ଏମ, ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀଙ୍କୁ ନେଇ ମୋଟ ୭୦ରୁ ଊର୍ଦ୍ଧ୍ୱ ଅଧିକାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ଯୋଗଦେଇ କହିଥିଲେ ଯେ, ପ୍ରତ୍ୟେକ ଶିଶୁର ପରିବାର ଆବଶ୍ୟକ। ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଅକ୍ଷୟ ଡା. କୁମାର ଶତପଥୀ, ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଡ. ଅଜିତ କୁମାର ମହାପାତ୍ର, ସଦସ୍ୟ ଉପେନ୍ଦ୍ର ବିଶ୍ୱାଳ, ଚିକିତ୍ସା କର୍ମୀ ମନୋରମା ଶତପଥୀ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ପ୍ରମୁଖ ଯୋଗଦେଇ ଶିଶୁମାନଙ୍କୁ ଅସୁରକ୍ଷିତ ଭାବେ ପରିତ୍ୟକ୍ତ ନ କରିବାକୁ ନିବେଦନ କରିବା ସହିତ ପ୍ରତ୍ୟେକ ଶିଶୁଙ୍କ ପରିବାର ନିଶ୍ଚିତ କରିବା ପୋଷ୍ୟ ଗ୍ରହଣ ଆଇନ ଦ୍ୱାରା ହିଁ ସମ୍ଭବ। ଏଣୁ ଏହି ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ମାସରେ ସମସ୍ତେ ଏକାଠି ହୋଇ ପ୍ରତ୍ୟେକ ଶିଶୁଙ୍କ ମୁହଁରେ ହସ ଫୁଟାଇବା ଲାଗି ଆହ୍ୱାନ ଦେଇଥିଲେ।

ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ପୋଷ୍ୟ ସନ୍ତାନ ଗ୍ରହଣ ଆଇନ ବିଶେଷଜ୍ଞ ଅକ୍ଷୟ କୁମାର ସ୍ୱାଇଁ ପୋଷ୍ୟ ସନ୍ତାନ ଗ୍ରହଣ ଆଇନ ଓ ଦିବ୍ୟାଙ୍ଗମାନଙ୍କ ପାଇଁ ଥିବା ସୁବିଧା ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ପୋଷ୍ୟ ସନ୍ତାନ ଗ୍ରହଣ କରିଥିବା ଦୁଇ ପିତାମାତା ଦେବଦତ୍ତ ବଙ୍ଗାରି ଓ ଶୋଭା ଦାସ, ଯୁବରାଜ ଭୋଳ ଓ ସୁପ୍ରିୟା ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ଧନ୍ୟବାଦ ଅର୍ପଣ କରିଥିଲେ ଅଣ ଅନୁଷ୍ଠାନିକ ଯତ୍ନ ସୁରକ୍ଷା ଅଧିକାରୀ ସ୍ନିଗ୍ଧାରାଣୀ ସାହୁ ଏବଂ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର କର୍ମକର୍ତ୍ତା।

## ଜାଭିୟର କଲେଜ ଅଫ୍ ଫାର୍ମାସୀରେ ଜାତୀୟ ଫାର୍ମାସୀ ସପ୍ତାହ

ପୁରୀ,୨୮।୧୧(ସମିସ): ବୀରହରେକୃଷ୍ଣପୁରସ୍ଥିତ ଜାଭିୟର କଲେଜ ଅଫ୍ ଫାର୍ମାସୀରେ ଜାତୀୟ ଫାର୍ମାସୀ ସପ୍ତାହ ପାଳିତ ହୋଇଯାଇଛି। ଏହି ବର୍ଷର 'ଟିକାକରଣର ପ୍ରବକ୍ତା ଭାବରେ ଫାର୍ମାସିଷ୍ଟ' ଜାତୀୟ ବିଷୟବସ୍ତୁ ଅଧୀନରେ ଅନୁଷ୍ଠିତ ଉତ୍ସବରେ ଛାତ୍ରଛାତ୍ରୀ, ଅଧ୍ୟାପକ ପ୍ରମୁଖ ସାମିଲ ହୋଇଥିଲେ। ସପ୍ତାହବ୍ୟାପୀ ଏହି କାର୍ଯ୍ୟକ୍ରମରେ ପଥ ରାଲି, ବୈଜ୍ଞାନିକ ସେମିନାର, କଲେଜ ପରିସରରେ ବୃକ୍ଷରୋପଣ ଏବଂ ବୃତ୍ତିଗତ ଦକ୍ଷତାକୁ ସୁଦୃଢ଼ କରିବା ପାଇଁ ଛାତ୍ର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ମନୋଜ ଜେନା, ଅଧ୍ୟାପିକା ସ୍ନେହଲତା ସାହୁ, ନର୍ସିଂ ଅଧ୍ୟାପିକା ଅର୍ଚ୍ଚନା ବଳିୟାରସିଂ, ଦିବ୍ୟା ସାସମଲ୍, ବିଶ୍ୱଜିତା ସାହୁ ପ୍ରମୁଖ ଦାୟିତ୍ୱପୂର୍ଣ୍ଣ ଔଷଧ ବ୍ୟବହାର, ଫାର୍ମାସୀ ଅଭ୍ୟାସରେ ଉଦୀୟମାନ ଧାରା ଏବଂ ରୋଗୀ କୈନ୍ଦ୍ରିକ ସ୍ୱାସ୍ଥ୍ୟ ସେବାର ବର୍ଦ୍ଧିତ ଆବଶ୍ୟକତା ଉପରେ ବିଶେଷଜ୍ଞ ଆଲୋଚନା କରିଥିଲେ। ଛାତ୍ରଛାତ୍ରୀ ଦୀର୍ଘକାଳୀନ ରୋଗ ପାଇଁ ନିରାପଦ ଔଷଧ ଅଭ୍ୟାସ, ଆଣ୍ଟିବାୟୋଟିକ୍ ଏବଂ ଜୀବନଶୈଳୀ ପରିଚାଳନା ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। ଜାଭିୟର କଲେଜ ଅଫ୍ ଫାର୍ମାସୀର ଅଧ୍ୟକ୍ଷା ପ୍ରତ୍ୟାଶା କାନୁନ୍‌ଗୋ, ଜାଭିୟର ଗ୍ରୁପ୍ ପୁରୀର ଅଧ୍ୟକ୍ଷ ଡ. ଦିବାକର ମିଶ୍ର, ପ୍ରଶାସନିକ ଅଧିକାରୀ ସଂଗ୍ରାମ କେଶରୀ ମଲ୍ଲିକ ପ୍ରମୁଖ ଫାର୍ମାସୀ ସପ୍ତାହର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।

## 'କୁନ୍ତଳା କରୁଣା' ଲୋକାର୍ପିତ

ପୁରୀ,୨୮।୧୧(ସମିସ): କ୍ଷେତ୍ର ମୋହନ ଫାଉଣ୍ଡେସନର ପ୍ରତିଷ୍ଠାତା ସମାଜସେବୀ କୁନ୍ତଳା ପ୍ରଧାନଙ୍କ ସ୍ମୃତିରେ ଚାରିନଳାସ୍ଥିତ କଦଳୀ ବାରି ପାଟଣାରେ ଏକାଦଶାହ ଅବସରରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷାବିତ୍ ପବିତ୍ର ମୋହନ ଦାସ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟସଭା ସାଂସଦ ଶୁଭାଶିଷ୍ ଖୁଣ୍ଟିଆ, ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ପୁରୀ ସଦର ପଞ୍ଚାୟତ ଅଧ୍ୟକ୍ଷ ଦିବାକର ପାତ୍ର, ସମାଜସେବୀ ମନୋଜ କୁମାର ରଥ, ଆଇନଜୀବୀ ଦିଗମ୍ବର ବେହେରା, ସାହିତ୍ୟିକ ଶ୍ୟାମ ପ୍ରକାଶ ସେନାପତି, ସମାଜସେବୀ ଚକ୍ରଧର ମହାପାତ୍ର, ପୂର୍ବତନ ଜିଲ୍ଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ, ଶିଶୁ ସମାଚାର ସମ୍ପାଦକ ସୁକାନ୍ତ କୁମାର ପଣ୍ଡା, ସମାଜସେବୀ ଜିତେନ୍ଦ୍ର ମହାପାତ୍ର, ସାମ୍ବାଦିକ ମଧୁସୂଦନ ମିଶ୍ର ପ୍ରମୁଖ ଯୋଗଦେଇ କୁନ୍ତଳାଙ୍କ ସ୍ମୃତିଚାରଣ କରିଥିଲେ। ଗୋଟିଏ ସାଧାରଣ ପରିବାରରେ ଜନ୍ମ ହୋଇ ବହୁ ବାଧାବିଘ୍ନ ସହି ନିଜକୁ ପ୍ରତିଷ୍ଠିତ କରିପାରିଥିଲେ। ସେ ଚାରିନଳା ସେବା ସମବାୟ ସମିତିର ନିର୍ଦ୍ଦେଶକ ପଦବୀ ମଣ୍ଡନ କରିଥିଲେ। ତାଙ୍କ ଜୀବନ ସେବା, ସାଧନା ଓ ସଂଘର୍ଷ ପରିପୂର୍ଣ୍ଣ ଥିଲା। ସ୍ୱଳ୍ପ ଶିକ୍ଷା ସତ୍ତ୍ୱେ ସେ ନିଜ ପିଲାମାନଙ୍କୁ ଉଚ୍ଚ ଶିକ୍ଷିତ କରିପାରିଛନ୍ତି। ତେଣୁ ଆଜିର ଗୃହିଣୀମାନଙ୍କ ପାଇଁ ସେ ଆଦର୍ଶ ହୋଇ ରହିବେ ବୋଲି ଅତିଥିମାନେ କହିଥିଲେ। ଏଥିରେ ତାଙ୍କ ସ୍ମୃତିରେ କୁନ୍ତଳା କରୁଣା ଶୀର୍ଷକ ସ୍ମରଣିକାକୁ ସାଂସଦ ଶ୍ରୀଖୁଣ୍ଟିଆଙ୍କ ସମେତ ଅତିଥିମାନେ ଲୋକାର୍ପଣ କରିଥିଲେ। ପୁତ୍ର ସମାଜସେବୀ ଲାୟନ ସଞ୍ଜୟ କୁମାର ପ୍ରଧାନ ସ୍ମୃତି ସଭା ସଂଯୋଜନା କରିଥିଲେ।

### ● କନିଷ୍ଠ ରାଜ୍ୟ ଖୋ ଖୋ ପ୍ରତିଯୋଗିତା

## ବାଳିକା ବର୍ଗରେ କିସ୍ ବିଶ୍ୱବିଦ୍ୟାଳୟ ଚାମ୍ପିଅନ



ପୁରୀ,୨୮।୧୧(ସମିସ): ତାଳବଣିଆ ସ୍ଥିତ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପରିସରରେ ୧୩ ତମ କନିଷ୍ଠ ରାଜ୍ୟ ଖୋ ଖୋ ଚାମ୍ପିୟନଶିପ୍ ବାଳକ ଏବଂ ବାଳିକା ବର୍ଗ ମଧ୍ୟରେ ଚଳିତ ମାସ ୨୬ରୁ ଡିସେମ୍ବର ୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଅଛି। ଶୁକ୍ରବାର ବାଳିକା ବିଭାଗର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସାଂସଦ ଡା. ସମ୍ବିତ ପାତ୍ର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅଲ୍ ଓଡିଶା ଖୋ ଖୋ ସଂଘ ସଭାପତି ଡ. ନାରାୟଣ ପାତ୍ର, ଅଲ୍ ଇଣ୍ଡିଆ ଖୋ ଖୋ ସଂଘ ଉପ ସଭାପତି ତଥା ଓଡ଼ିଶା ଖୋ ଖୋ ଆସୋସିଏଶନର ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମିଶ୍ର, ପିପିଲି ସାଂସ୍କୃତିକ ପରିଷଦର ଉପ ସଭାପତି ଦୀନବନ୍ଧୁ ବେଉରା, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଏବଂ ଓଡ଼ିଶା ଖୋ ଖୋ ସଂଘର କୋଷାଧ୍ୟକ୍ଷ ଚୌଧୁରୀ ପାର୍ଥ ସାରଥୀ ମହାପାତ୍ର ଯୋଗଦାନ କରି ଉତ୍ତୀର୍ଣ୍ଣ କ୍ରୀଡାବିତ୍‌ମାନଙ୍କୁ ପୁରସ୍କାର ବିତରଣ କରିଥିଲେ।

ସରକାର କ୍ରୀଡ଼ାକୁ ପ୍ରାଧାନ୍ୟ ଦେଉଛନ୍ତି। ପାଠ ସହ କ୍ରୀଡ଼ା ପ୍ରତି ମନୋନିବେଶ କରି ଖେଳାଳି ମାନେ ଭବିଷ୍ୟତ ଗଠନ କରି ପାରିବେ ବୋଲି ସାଂସଦ ଡା. ପାତ୍ର ସୂଚନା ଦେବା ସହ ଖୋ ଖୋ ଖେଳରେ ରାଜ୍ୟ ଚାମ୍ପିୟନ ହେଲେ ସେମାନଙ୍କୁ ପ୍ରଧାନମନ୍ତ୍ରୀଙ୍କ ସହ ବାର୍ତ୍ତାଳାପ ଓ ଫଟୋ ଉଠାଇବାର ବ୍ୟବସ୍ଥା କରିବେ ବୋଲି କରିଥିଲେ। ଶୁକ୍ରବାର ମ୍ୟାଚ୍‌ରେ ପୁରୀ ଦଳ କଟକକୁ, ବାଲେଶ୍ୱର କେନ୍ଦୁଝରକୁ, ଜଗତ୍‌ସିଂହପୁର ଗଞ୍ଜାମକୁ ଓ କିସ୍ ୟୁନିଭରସିଟ୍ ବଲାଙ୍ଗୀର ଦଳକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲେ। ସେମିଫାଇନାଲ ମ୍ୟାଚ୍‌ରେ ପୁରୀକୁ ଜଗତ୍‌ସିଂହପୁର ଓ ବାଲେଶ୍ୱରକୁ କିସ୍ ୟୁନଭରସିଟ ପରାସ୍ତ କରି ଫାଇନାଲ ମ୍ୟାଚ୍ ଖେଳିଥିଲେ। ଫାଇନାଲରେ କିସ୍ ୟୁନଭରସିଟ୍ ଜଗତ୍‌ସିଂହପୁରକୁ ୧୪ ପଏଣ୍ଟରେ ପରାସ୍ତ କରି ଶ୍ରେଷ୍ଠ ବିଜେତା ହୋଇଛି। ଶ୍ରେଷ୍ଠ କ୍ରୀଡାବିତ୍ ଭାବେ ପୁରୀର ଅଙ୍କିତା ପ୍ରଧାନ, ଜଗତ୍‌ସିଂହପୁରର ଶୁବାସିନୀ ନାଥ, ବାଲେଶ୍ୱରର ଲକ୍ଷ୍ମୀପ୍ରିୟା ମୁର୍ମୁ, କେନ୍ଦୁଝରର ନିକିତା ନାୟକଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ବେଷ୍ଟ ଡିଫେଣ୍ଡର ଭାବେ ପୁରୀର ଅର୍ଚ୍ଚନା ପ୍ରଧାନ, ଜଗତ୍‌ସିଂହପୁରର ଦେବସ୍ମିତା ଦାସ ଓ ନିଶାରାଣୀ ରାଇତାଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

ପୁରୀ ଜିଲ୍ଲା ତୃତୀୟ ସ୍ଥାନରେ ରହିଥିବାବେଳେ ଦ୍ୱିତୀୟ ସ୍ଥାନରେ ଜଗତ୍‌ସିଂହପୁର ଏବଂ କିସ୍ ୟୁନଭରସିଟି ପ୍ରଥମ ସ୍ଥାନ ଅଧିକାର କରିଥିଲା। ଅତିଥି ମାନଙ୍କ ଦ୍ୱାରା ସମସ୍ତ ବିଜେତା ଦଳଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଶନିବାରଠାରୁ ଆସନ୍ତା ୧ ତାରିଖ ପର୍ଯ୍ୟନ୍ତ ବାଳକମାନଙ୍କ ମଧ୍ୟରେ କ୍ରୀଡ଼ା ଅନୁଷ୍ଠିତ ହେବ। ଏଠାରେ ଯେଉଁ ଦଳ ବିଜେତା ହେବେ ସେମାନେ ଆସନ୍ତା ଡିସେମ୍ବର ୩୦ ତାରିଖରେ ୪୪ତମ ଜୁନିୟର ନ୍ୟାସନାଲରେ ଭାଗନେବାକୁ କର୍ଣ୍ଣାଟକ ବାଙ୍ଗାଲୋର ଅଭିମୁଖେ ଯାତ୍ରା କରିବେ ବୋଲି ସମ୍ପାଦକ ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମକୁ ଶାରିରୀକ ଶିକ୍ଷା ଶିକ୍ଷକ ସୂର୍ଯ୍ୟନାରାୟଣ ଜେନା ପରିଚାଳନା କରିବା ସହ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

### ୨୪ତମ ସିନିୟର ଷ୍ଟେଟ୍ ସଫ୍ଟବଲ ଚାମ୍ପିଅନ୍‌ସିପ୍ ଉଦ୍‌ଘାଟିତ


# ଭାଗ ନେଇଛନ୍ତି ୨୨ ଜିଲ୍ଲାର ୪୫୦ ପ୍ରତିଯୋଗୀ




ପୁରୀ,୨୮।୧୧(ସମିସ): ପୁରୀ ଜିଲ୍ଲା ସଫ୍ଟବଲ୍ ଆସୋସିଏଶନ ଆନୁକୂଲ୍ୟରେ ଏବଂ ଓଡ଼ିଶା ରାଜ୍ୟ ସଫ୍ଟବଲ ଆସୋସିଏଶନ ସହଯୋଗରେ ସ୍ଥାନୀୟ ଇଣ୍ଡୋର ଷ୍ଟାଡିୟମ୍ ପରିସରରେ ଶୁକ୍ରବାର ଉଦ୍‌ଘାଟିତ ହୋଇଛି ୨୪ତମ ସିନିୟର ଷ୍ଟେଟ୍ ସଫ୍ଟବଲ ଚାମ୍ପିୟନଶିପ୍। ଏହା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ପ୍ରତିଯୋଗିତାରେ ଓଡ଼ିଶାର ୨୨ ଜିଲ୍ଲାରୁ ୧୬ ପୁରୁଷ ଓ ୮ ମହିଳା ଦଳର ୪୫୦ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଏଥିରୁ ଉନ୍ନୀତ ଶ୍ରେଷ୍ଠ ଖେଳାଳୀ ଜାତୀୟସ୍ତରୀୟ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବେ। ଅଲମ୍ପିକରେ ସଫ୍ଟବଲ ଖେଳ ସ୍ଥାନ ପାଇଥିବାରୁ ଏହି ଖେଳର ଭବିଷ୍ୟତ ବେଶ୍ ଉଜ୍ଜ୍ୱଳ। ଅଲମ୍ପିକ ପାଇଁ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିବାକୁ ହେବ ବୋଲି ଆୟୋଜକ କହିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ଭାରତୀୟ ସଂଘ ସମ୍ପାଦକ ପ୍ରବୀଣ ଅନାଓକର, ରାଜ୍ୟ ସଫ୍ଟବଲ ଆସୋସିଏଶନ ସଭାପତି ଦେବ ଗୌଡ, ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ, ଜିଲ୍ଲା ସଭାପତି ଅରବିନ୍ଦ ଦାସ, ସମ୍ପାଦକ ରଞ୍ଜନ କୁମାର ରଥ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ରାଜ୍ୟ ସଫ୍ଟ ବଲ ଆସୋସିଏଶନ ଉପ ସଭାପତି ସଞ୍ଜୁବାଳା ମହାନ୍ତି, ଯୁଗ୍ମ ସମ୍ପାଦକ ଚିନ୍ମୟ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରୀ ସଫ୍ଟବଲ ଆସୋସିଏଶନ ସଭାପତି ଅରବିନ୍ଦ ଦାଶ, ସାଧାରଣ ସମ୍ପାଦକ ରଞ୍ଜନ କୁମାର ରଥ, କୋଷାଧ୍ୟକ୍ଷ ବିରଞ୍ଚି ନାରାୟଣ ପଟ୍ଟନାୟକ, ଉପସଭାପତି ଲକ୍ଷ୍ମନ ଆଚାରୀ, ଅଶୋକ ମହାନ୍ତି, ଅମୀୟ ପ୍ରସାଦ ନାୟକ, କାର୍ଯ୍ୟକାରୀ କମିଟି ସଦସ୍ୟ ସରୋଜ ମଲ୍ଲିକ, ଲକ୍ଷ୍ମୀପ୍ରିୟା ସେଠୀ, ରୋଜାଲିନ ରଥ ପରିଚାଳନାରେ ସହଯୋଗ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ରଣ୍ୱେଶ୍ୱରୀ ପାଣିଗ୍ରାହୀ ଓ ଅମୀୟ ଚାନ୍ଦ।

ସକାଳ
THE SAKALA

# ସମ୍ପାଦକୀୟ



ନିର୍ବୋଧତା ପାଇଁ କୋଣସି ପ୍ରତିଷେଧକ ଟିକା ନାହିଁ!
-ଆଲବର୍ଟ ଆଇନଷ୍ଟାଇନ

## ଟାରିଫ ଦ୍ୱନ୍ଦ୍ୱ ଦୂର ହେଉ

ରାଜ୍ୟର ବିଦ୍ୟୁତ୍ ବିତରଣ ଦାୟିତ୍ୱ ନେଇଥିବା ଟାଟା ପାୱାର କମ୍ପାନୀ ଅନୁମୋଦିତ ଦର ଠାରୁ ୟୁନିଟ୍ ପିଛା ଅତିରିକ୍ତ ୩୬ ପଇସା ଲେଖାଏଁ ଆଦାୟ କରିଥିବା ଅଭିଯୋଗ ହୋଇଛି। ଓଇଆରସି ୟୁନିଟ ପିଛା ବିଦ୍ୟୁତ୍ ଶୁଳ୍କ ୫ ଟଙ୍କା ୬୭ ପଇସା ଧାର୍ଯ୍ୟ କରି ଥିବା ବେଳେ ଟାଟା ପାୱାରର ୪ଟି ବିତରଣ କଂପାନୀ ଉପଭୋକ୍ତାଙ୍କ ଠାରୁ ୟୁନିଟ ପିଛା ୬ ଟଙ୍କା ୩ ପଇସା ଆଦାୟ କରୁଥିଲେ। ଏଥିସହିତ ଏ ସମ୍ପର୍କରେ କର୍ତ୍ତୃପକ୍ଷଙ୍କ ନିରବତା ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସ୍ମାର୍ଟ ମିଟର ମାଧ୍ୟମରେ ଅତିରିକ୍ତ ଶକ୍ତି ବ୍ୟବହୃତ ହେଉଥିବା ଦର୍ଶାଇ ଟାଟା ପାୱାର ଶୁଳ୍କ ଆଦାୟ କରୁଥିବା ଅଭିଯୋଗର ବୈଷୟିକ ଦିଗ ସଂପର୍କରେ ଆମର ଧାରଣା କମ। ତେବେ ଅଭିଯୋଗର କିଛିଟା ଆଧାର ଯେ ରହିଛି ଏହା ସତ। ଦୁଇ ପ୍ରକାର ମିଟରରେ ରହୁଥିବା ପାର୍ଥକ୍ୟକୁ ଅଣଦେଖା କରାଯାଇପାରିବ ନାହିଁ।

ଏହି ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ କମ୍ପାନୀ ସ୍ପଷ୍ଟୀକରଣରେ କହିଛି ଯେ ବିତରକ କମ୍ପାନୀମାନେ ଓଇଆର୍‌ସି ଦ୍ୱାରା ଅନୁମୋଦିତ ଓ ବିଜ୍ଞାପିତ ବିଦ୍ୟୁତ ଟାରିଫ୍ ଅନୁଯାୟୀ ହିଁ ୟୁନିଟ୍ ପିଛା ଶୁଳ୍କ ଆଦାୟ କରେ। ପ୍ରତିବର୍ଷର ଟାରିଫ୍ ନିର୍ଦ୍ଦେଶନାମା ଓଇଆରସି ୱେବସାଇଟରେ ସାର୍ବଜନୀନ ଭାବେ ଉପଲବ୍ଧ ଅଛି, ଯାହାକୁ କୌଣସି ଉପଭୋକ୍ତା ନିଜ ବିଲ୍ ସହ ସହଜରେ ମେଳ କରିପାରିବେ। ତେବେ କମ୍ପାନୀ ଆହୁରି କହିଛି ଯେ ଖବରରେ ଉଲ୍ଲେଖ ହୋଇଥିବା ଅତିରିକ୍ତ ୩୬ ପଇସା ନିୟନ୍ତ୍ରକ ଅନୁମୋଦିତ ସର୍ବମାଧ୍ୟମିକ ହାର ଓ ବିତରକ କମ୍ପାନୀମାନଙ୍କର ବାସ୍ତବ ବିଲିଂ ମଧ୍ୟରେ ଥିବା ତଫାତ୍। ବାସ୍ତବ ସପ୍ଲାଏ ମୂଲ୍ୟ ଅନୁଯାୟୀ ଏମିତି ତଫାତ୍ ପ୍ରାୟତଃ ହୋଇଥାଏ ଏବଂ ପରବର୍ତ୍ତୀ ଟ୍ରୁ-ଅପ୍ ଭିତରେ ସମନ୍ୱୟ ହୋଇଯାଏ ଆମର କହିବା କଥା ହେଲା ତେବେ ଗଣମାଧ୍ୟମରେ ପ୍ରକାଶ ପାଇଥିବା ଖବର ଭ୍ରମାତ୍ମକ ହେଲା କିପରି? ବୈଷୟିକ ହିସାବ ପରିଚାଳନାରେ ଥିବା ଜଟିଳତା ଜଣେ ଉପଭୋକ୍ତା ପକ୍ଷରେ ବୁଝିବା କଷ୍ଟକର। ଧାର୍ଯ୍ୟ ଅନୁମୋଦିତ ଓ ବିଦ୍ୟୁତ୍ ବିଲ୍‌ରେ ଥିବା ଟାରିଫ୍ ଦୃଷ୍ଟିରେ ପଡ଼ିବା ପରେ ସେ ଅଭିଯୋଗ କରିବା ସ୍ୱାଭାବିକ।

ଏଠାରେ ଆଉ ଗୋଟିଏ ଦିଗ ସଂପର୍କରେ ଉଲ୍ଲେଖ କରିବାକୁ ଆମେ ଉଚିତ ମନେ କରୁଛୁ। ଉପଭୋକ୍ତାଙ୍କୁ ନିରବଚ୍ଛିନ୍ନ ବିଜୁଳି ଶକ୍ତି ଯୋଗାଣ ପ୍ରତିଶ୍ରୁତି ପୂରଣ କରିବାରେ ଟାଟା ପାୱାର ବିଫଳ ହୋଇଛି। ନାନା କାରଣ ଦର୍ଶାଇ ଲାଇନ କାଟିବା ଏକ ନିୟମିତ ଧାରାରେ ପରିଣତ ହୋଇଛି। ଏସବୁ ବାଦ ଆମକୁ ସ୍ୱୀକାର କରିବାକୁ ହେବ ଯେ ବିଦ୍ୟୁତ୍ ପରିବହନ ଓ ଯୋଗାଣ ଭିତ୍ତିଭୂମି କ୍ରମେ ସୁଦୃଢ଼ ହୋଇଛି। ସେହିଭଳି ସରବରାହ କ୍ଷତି ମଧ୍ୟ ଅନେକଟା ହ୍ରାସ ପାଇଛି। ସର୍ବୋପରି ଉପଭୋକ୍ତାଙ୍କଠାରୁ ଆଦାୟ କରାଯାଇଥିବା ଅଧିକ ଶୁଳ୍କ କିଭଳି ଓ କେଉଁ ଧାରାରେ ଭରଣା କରାଯିବ ତାହା ସ୍ଥିରୀକୃତ ହେବା ଆବଶ୍ୟକ। ଆସନ୍ତା ଟାରିଫ ନିର୍ଣ୍ଣୟ ବେଳେ ଏହି ପ୍ରସଙ୍ଗର ନିଶ୍ଚୟ ସ୍ୱତନ୍ତ୍ର ଗୁରୁତ୍ୱ ରହିବ। ଗଣମାଧ୍ୟମରେ ପ୍ରକାଶିତ ଖବର ଓ ଟାଟା ପାୱାରର ସ୍ପଷ୍ଟୀକରଣରେ ମଧ୍ୟ କିଛିଟା ଦ୍ୱନ୍ଦ୍ୱ ରହୁଛି। ଏହି ଦ୍ୱନ୍ଦ୍ୱ ଦୂର ହେବା ନିହାତି ଆବଶ୍ୟକ। ଏ ଦିଗରେ ସରକାରୀ ହସ୍ତକ୍ଷେପ ନିହାତି ଆବଶ୍ୟକ। ●

## ଦୁର୍ଲ୍ଲଭ ହେବ ସୁଲଭ

ବିଶ୍ୱର ୬୦ ପ୍ରତିଶତ ବିରଳ ମୃତ୍ତିକା ଚୀନ ନିୟନ୍ତ୍ରଣରେ ରହିଛି। ଏପରିକି ତାହାର ୯୦ ପ୍ରତିଶତ ଶୋଧନ କ୍ଷମତାବଳରେ ବ୍ୟବହାର ଉପଯୋଗୀ ସ୍ଥାୟୀ ଚୁମ୍ବକ ମଧ୍ୟ ପ୍ରସ୍ତୁତ. କରୁଛି। ଅତ୍ୟାଧୁନିକ ଇଲେକ୍ଟ୍ରୋନିକ ସାମଗ୍ରୀ, ସୌର ଶକ୍ତି, ବିଦ୍ୟୁତ ଚାଳିତ ଗାଡ଼ି, ମହାକାଶ ଯାନ, ପ୍ରତିରକ୍ଷା କ୍ଷେତ୍ରରେ ବ୍ୟବହୃତ ଯନ୍ତ୍ରାଂଶ ନିର୍ମାଣରେ ଏହାର ପ୍ରୟୋଗ ପାଇଁ ବିଶ୍ୱର ଅଗ୍ରଣୀ ରାଷ୍ଟ୍ରଙ୍କୁ ଚୀନ ଉପରେ ନିର୍ଭର କରିବାକୁ ପଡୁଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବାଣିଜ୍ୟ ଯୁଦ୍ଧର ପ୍ରଥମ ଶିକାର ଚୀନ ହୋଇଥିଲେ ମଧ୍ୟ ବିରଳ ମୃତ୍ତିକା ପ୍ରସଙ୍ଗକୁ ନେଇ ସେ ନରମି ଯିବାକୁ ବାଧ୍ୟ ହୋଇଥିଲେ। ଗତ ଏପ୍ରିଲରେ ଭାରତକୁ ଏହା ଯୋଗାଇବାରେ ଚୀନ କଟକଣା ଲଗାଇବା ପରେ ଅଟୋମୋବାଇଲ ଓ ଇଲେକ୍ଟ୍ରୋନିକ୍ କ୍ଷେତ୍ରରେ ଶୀଥିଳତା ପରିଲକ୍ଷିତ ହୋଇଛି। ଏକ୍ଷେତ୍ରରେ ଭାରତ ଆତ୍ମନିର୍ଭରଶୀଳ ହେବା ପାଇଁ ଯେଉଁ ପ୍ରୟାସ ଆରମ୍ଭ କରିଛି ସେହି ପ୍ରକଳ୍ପକୁ କେନ୍ଦ୍ର ସରକାର ୭.୩୦୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି।

ଏଦିଗରେ କାନାଡ଼ାର ସହଯୋଗିତାକୁ ପ୍ରାଧାନ୍ୟ ଦିଆଯାଇଛି। ଜି-୨୦ ଶିଖର ସମ୍ମିଳନୀ ପ୍ରେକ୍ଷାପଟରେ କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣେଙ୍କ ସହ ଭାରତୀୟ ପ୍ରତିପକ୍ଷ ନରେନ୍ଦ୍ର ମୋଦୀଙ୍କ ସକାରାତ୍ମକ ଆଲୋଚନା ବେଶ ଫଳପ୍ରଦ ହୋଇଛି। ୭୦ ବିଲିୟନ ଡଲାର ଦ୍ୱିପାକ୍ଷିକ ବାଣିଜ୍ୟ ପାଇଁ କ୍ଷେତ୍ର ପ୍ରସ୍ତୁତ ହୋଇଛି। କାନାଡ଼ାକୁ ୫୧ ତମ ରାଜ୍ୟରେ ପରିଣତ କରି ନିର୍ବାଚିତ ପ୍ରଧାନମନ୍ତ୍ରୀଙ୍କୁ ସେଠିକାର ରାଜ୍ୟପାଳ ଦାୟିତ୍ୱ ଦିଆଯିବ ବୋଲି ଟ୍ରମ୍ପ କରିଥିବା ଖୋଲାଖୋଲି ଘୋଷଣା ପରେ ପରେ ଦୁଇ ରାଷ୍ଟ୍ରମଧ୍ୟରେ ସଂପର୍କ ଏକପ୍ରକାର ତୁଟି ଯାଇଛି। ଶିଖ ଉଗ୍ରପନ୍ଥୀ ଖାଲିସ୍ଥାନୀଙ୍କୁ ନେଇ ଭାରତ ଓ କାନାଡ଼ା ମଧ୍ୟରେ ଯେଉଁ ବିବାଦର ସୂତ୍ରପାତ ହୋଇଥିଲା ତାହାକୁ ପଛରେ ପକାଇ ଏବେ ଦୁଇପକ୍ଷ ସଂପର୍କର ନୂଆ ଭିତ୍ତିଭୂମି ପ୍ରତିଷ୍ଠା କରିଛନ୍ତି। ବିଶେଷ କରି ଟ୍ରୁଡୋଙ୍କ ପରେ କାର୍ଣ୍ଣେ ରାଷ୍ଟ୍ର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବାକୁ ଅଧିକ ଗୁରୁତ୍ୱ ଦେଇ ଜଣେ ପ୍ରଗତିଶୀଳ ନେତା ରୂପେ ଆବଶ୍ୟକସ୍ଥଳେ କୋହଳ ନୀତି ଅବଲମ୍ବନ କରିବାକୁ ଆଗେଇ ଆସିଛନ୍ତି। ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋଏଲ କାନାଡ଼ାରେ ମହଜୁଦ୍ ଥିବା ଦୁର୍ଲଭ ଖଣିଜକୁ ଏକ୍ଷେତ୍ରରେ ବ୍ୟବହାର କରିବାର ସୁଯୋଗ ରହିଛି ବୋଲି ଅବଗତ କରାଇବା ପରେ ମଞ୍ଜୁରୀ ଲାଭ କରିଥିବା ନୂତନ ପ୍ରକଳ୍ପର ସମ୍ଭାବନା ଉଜ୍ଜ୍ୱଳ ହୋଇଛି। ଏହି ସମନ୍ୱିତ ବିରଳ ମୃତ୍ତିକା କ୍ଷେତ୍ରରେ ଦେଶ ଆତ୍ମନିର୍ଭରଶୀଳ ହେବା ସହ ବିଶ୍ୱରେ ଅନ୍ୟତମ ପ୍ରମୁଖ ପ୍ରତିଯୋଗୀ ଭାବେ ଉଭା ହେବ।

ସମସ୍ୟା ବା ସଂକଟ ସୃଷ୍ଟି ନହେଲେ ସ୍ଥିତି ସମ୍ଭାଳିବାକୁ ବିକଳ୍ପ ଖୋଜିବାର ଆବଶ୍ୟକତା ପଡ଼େନି। ଚୀନ ଉପରେ ନିର୍ଭର କରି ଶିଳ୍ପାୟନର ପ୍ରଗତି ଓ ଆତ୍ମନିର୍ଭରଶୀଳ ଭାରତର ସ୍ୱପ୍ନ ଦେଖାଯାଇପାରିବ ନାହିଁ। ସମୟ ବଦଳିଛି। ଟ୍ରମ୍ପଙ୍କ ସହ ମନ ଅମେଳ ହେବାରୁ ବାଣିଜ୍ୟର ନୂଆକ୍ଷେତ୍ର ପାଇଁ ଉଦ୍ୟମ ଆରମ୍ଭ ହେଲା ଏବଂ ତାହା କ୍ରମେ ସଫଳତାର ନିକଟବର୍ତ୍ତୀ ହେଉଛି। ଏହି ପ୍ରକଳ୍ପର ଭବିଷ୍ୟତ ନେଇ ଏବେଠାରୁ କିଛି କହିହେବନି। ତେବେ ଏହା ଯେ ଏକ ଭଲ ପ୍ରୟାସ ଏଥିରେ କେହି ଦ୍ୱିମତ ହେବେ ନାହିଁ। ●

# ସାଂପ୍ରତିକ ସମାଜରେ ନିର୍ଯାତନାର ପରିଭାଷା

ଡକ୍ଟର ଅଭିମନ୍ୟୁ ବରାଳ

ଆମ ସମାଜରେ ମହିଳାଙ୍କ ଭଳି ପୁରୁଷମାନେ ମଧ୍ୟ ନିର୍ଯାତନା ଶିକାର ହେଉଛନ୍ତି। ନିର୍ଯାତିତ ଉଭୟ ମହିଳା ଓ ପୁରୁଷ ନ୍ୟାୟ ପାଇବା ପାଇଁ ହକ୍‌ଦାର। ତେଣୁ ନିର୍ଯାତନାର ଶିକାର ହେଉଥିବା ପୁରୁଷମାନଙ୍କ ପାଇଁ ମଧ୍ୟ ଏକ ପୁରୁଷ ଆୟୋଗ ଗଠନ ହେବାର ଏବଂ ଏଥିପାଇଁ ପୁରୁଷମାନେ ଏକଜୁଟ୍ ହୋଇ ଦାବି କରିବାର ବେଳ ଆସିଛି ବୋଲି ରାଜ୍ୟ ମହିଳା ଆୟୋଗ ଅଧ୍ୟକ୍ଷା ଶୋଭନା ମହାନ୍ତି କହିଛନ୍ତି। ସାମ୍ପ୍ରତିକ ସମୟର ଆହ୍ୱାନ ଦୃଷ୍ଟିରୁ ମହିଳା ଆୟୋଗ ଅଧ୍ୟକ୍ଷାଙ୍କ ମତ ଓ ମନ୍ତବ୍ୟ ନିତାନ୍ତ ସ୍ୱାଗତଯୋଗ୍ୟ ଓ ଅପରିହାର୍ଯ୍ୟ। ଏହି ପୃଷ୍ଠଭୂମିରେ ଆମ ପୁରୁଷକୈନ୍ଦ୍ରିକ ସମାଜରେ ହିଁ ପୁରୁଷମାନେ କିଭଳି ନିର୍ଯାତିତ ସେ ବିଷୟରେ ଏକ ଆଲୋଚନାର ଅପେକ୍ଷା ରଖେ।

ଭାରତୀୟ ପରମ୍ପରାରେ ବୈଦିକ ଯୁଗରୁ ନାରୀ ଏକ ସମ୍ମାନାସ୍ପଦ ଆସନର ଅଧିକାରିଣୀ। ମନୁ, ପରାଶର ପ୍ରଭୃତି ଋଷିମୁନିମାନେ ନାରୀଙ୍କୁ ବହୁତ ସମ୍ମାନ ଦେଇଛନ୍ତି। ମନୁ କହିଛନ୍ତି 'ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତା।' ଅର୍ଥାତ୍ ଯେଉଁଠାରେ ନାରୀମାନେ ପୂଜା ପାଆନ୍ତି ସେଠାରେ ଦେବତାମାନେ ସନ୍ତୁଷ୍ଟ ହୋଇଥା'ନ୍ତି। କିନ୍ତୁ ପରିବର୍ତ୍ତିତ ପରିସ୍ଥିତିରେ ନାରୀ ସର୍ବତ୍ର ଅବହେଳିତା, ଲାଞ୍ଛିତା, ନିଷ୍ପେସିତା ଓ ପଦଦଳିତା ହେବାର ବିକଳ ଚିତ୍ର ଦେଖିବାକୁ ମିଳିଛି। ଲିଙ୍ଗଗତ ବୈଷମ୍ୟର ଶିକାର ନାରୀ ଆବାହମାନ କାଳରୁ ହୋଇ ଆସିଛି। ଏହି ଅସମାନତା ବିରୁଦ୍ଧରେ ସମାଜ ସଂସ୍କାରକଗଣ ବର୍ଷ ବର୍ଷ ଧରି ସଂଘର୍ଷ କରିବା ଦ୍ୱାରା ନାରୀ ସମାଜରେ ଏକ ସମ୍ମାନିତ ଆସନ ପାଇବାକୁ ହକଦାର ହୋଇପାରିଛି।

ପୁରୁଷ ପ୍ରଧାନ ସମାଜରେ କିନ୍ତୁ କେବଳ ନାରୀ ଯେ ନିର୍ଯାତନାର ଶିକାର ହୋଇଛି, ତା ନୁହେଁ। ପୁରୁଷ ମଧ୍ୟ ନାରୀ ଦ୍ୱାରା ବହୁଳ ଭାବରେ ନିର୍ଯାତିତ ହୋଉଛି। ସଂପ୍ରତି ସମାଜରେ ପୁରୁଷ ନିର୍ଯାତନା ଏକ ଧାରାରେ ପରିଣତ ହୋଇଯାଇଛି। ଏଥିପାଇଁ ନାରୀର ସ୍ୱାର୍ଥପରତା, ସ୍ୱେଚ୍ଛାଚାରିତା, ଅର୍ଥଲୋଭ ନାରୀ ସ୍ୱାଧୀନତା ନାମରେ ଉଚ୍ଛୃଙ୍ଖଳିତା ଦାୟୀ। ବିବାହ ପରେ ପୁରୁଷ ନିର୍ଯାତନା ଏକ ବଡ଼ ସମସ୍ୟା ଭାବରେ ମୁଣ୍ଡ ଟେକିଛି। ପୁରୁଷ ପ୍ରତି ଏତେ ନିର୍ଯାତନା କରାଯାଉଥିଲେ ମଧ୍ୟ ଲୋକଲଜ୍ଜାକୁ ଡରି ସେ ସାମାଜିକ ସମ୍ମାନ କ୍ଷୁଣ୍ଣ ହେବା ଭୟରେ ନିରବ ରୁହେ। ଯଦି ପାଟି ଖୋଲି ଦେବ ତେବେ ପରିବାରରେ ଅଶାନ୍ତିର ଝଡ଼ ସୃଷ୍ଟି ହେବ। ତେଣୁ ନିଜକୁ ତିଳ ତିଳ କରି ଦହନ କରି ମଧ୍ୟପୁରୁଷ ନିରବତା ଅବଲମ୍ବନ କରୁଛି। ବେଳେ ବେଳେ ଏସବୁକୁ ସହ୍ୟ କରି ନ ପାରି ପୁରୁଷ ବାଧ୍ୟ ହୋଇ ଆତ୍ମହତ୍ୟା ଭଳି ଜଘନ୍ୟ ପଥକୁ ଆବୋରି ନେଉଛି। କାରଣ ନାରୀର ଅଭିଯୋଗକୁ ସମାଜରେ ସମସ୍ତେ ଗ୍ରହଣ କରିବେ। କିନ୍ତୁ ପୁରୁଷର ଅଭିଯୋଗ ସତ୍ୟ ହୋଇଥିଲେ ମଧ୍ୟ କେହି ବିଶ୍ୱାସ କରିବେ ନାହିଁ। ବେଙ୍ଗାଲୁରୁର କମ୍ପ୍ୟୁଟର ଇଞ୍ଜିନିୟର ଅତୁଲ ସୁବାସଙ୍କ ଆତ୍ମହତ୍ୟା, ଇନ୍ଦୋରର ନବ ବିବାହିତ ରାଜାରଘୁବଂଶୀଙ୍କ ହତ୍ୟା, କର୍ଣ୍ଣାଟକର ଜଣେ ଡି.ଜି.ପିଙ୍କ ହତ୍ୟା ଆଦି କେତୋଟି ଉଦାହରଣମାତ୍ର।

ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ ତଥ୍ୟାନୁଯାୟୀ ପୁରୁଷ ଆତ୍ମହତ୍ୟା ଖୁବ୍ ଅଧିକ। ବିବାହ ପରର ସଂପର୍କ, ଯୌତୁକ ଜନିତ ଅଭିଯୋଗ, ଅର୍ଥଲୋଭ, ସନ୍ତାନହୀନତା ଏହାର ମୂଳ କାରଣ। ୨୦୨୦ ମସିହାରେ ଘଟିଥିବା ଆତ୍ମହତ୍ୟା ଘଟଣାର ୭୧% ଭାଗ ପୁରୁଷ ଆତ୍ମହତ୍ୟା ଘଟଣା। ହିସାବରୁ ଜଣାପଡ଼େ ଯେ, ପାଞ୍ଚ ବର୍ଷ ମଧ୍ୟରେ ପାଞ୍ଚଟି ଉତ୍ତର-ଭାରତୀୟ ରାଜ୍ୟରେ ୭୮୫ ଜଣ ପତି, ପତ୍ନୀ ଦ୍ୱାରା ହତ୍ୟାର ଶିକାର ହୋଇଛନ୍ତି। ଜାତୀୟ ଚିକିତ୍ସା ଅନୁସନ୍ଧାନ ସର୍ବେକ୍ଷଣରୁ ଜଣାପଡ଼େ ୧୦୦୦ ଉତ୍ପୀଡ଼ନ ଘଟଣାରେ ୫୧୫ ଜଣ ପୁରୁଷ ପତ୍ନୀ ଦ୍ୱାରା ହତ୍ୟାର ଶିକାର ହୋଇଛନ୍ତି। ଭାରତରେ ପତ୍ନୀଙ୍କ ଦ୍ୱାରା ନିର୍ଯାତନାର ଶିକାର ହୋଇଥିବା ପୁରୁଷଙ୍କ ସଂଖ୍ୟା ୩କୋଟି। ଏହା ରାଷ୍ଟ୍ରୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ହିସାବରୁ ଜଣାପଡ଼ିଛି। ଏହା ଏକ ବିଶ୍ୱବ୍ୟାପୀ ସମସ୍ୟା, କେବଳ ଭାରତର ନୁହେଁ। ଇଂଲଣ୍ଡରେ ପ୍ରତି ତିନି ଜଣରେ ଜଣେ ପୁରୁଷ ପାରିବାରିକ ହିଂସାର ଶିକାର ହେଉଛନ୍ତି। ସମୁଦାୟ ଉତ୍ପୀଡ଼ନ ଅଭିଯୋଗରୁ ୨୦% ଭାଗ ପୁରୁଷ ଉତ୍ପୀଡ଼ନ। ସେହିପରି ଭୁଟାନ୍, ଆମେରିକା ଓ ଫିନ୍‌ଲ୍ୟାଣ୍ଡ ପ୍ରଭୃତି ରାଜ୍ୟରେ ପୁରୁଷ ଉତ୍ପୀଡ଼ନ ମଧ୍ୟ ଉଗ୍ରରୂପ ଧାରଣ କରିଛି।

ପୁରୁଷ ନିର୍ଯାତନାର ମୁଖ୍ୟ କାରଣ ହେଲା ଘରୋଇ ହିଂସା। ସଂପ୍ରତି ମହିଳାମାନେ ଯୌତୁକ ନିର୍ଯାତନା, ଯୌନ ଉତ୍ପୀଡ଼ନ, ଅବହେଳା ଆଦିର ଅଭିଯୋଗ ଆଣି ସ୍ୱାମୀ, ଶ୍ୱଶୁର, ଶାଶୂ, ନଣନ୍ଦ ପ୍ରଭୃତିଙ୍କୁ ମିଛ ମାମଲାରେ ଲହୁଲୁହାଣ କରୁଛନ୍ତି। ମହିଳାମାନଙ୍କର ସେହି ଭୟଙ୍କର ନାଗଫାଶରୁ ବର୍ତ୍ତିବା ସହଜ ନୁହେଁ। ଛାଡ଼ପତ୍ର ମାମଲାରେ ଭରଣପୋଷଣ ବାବଦରେ ଲକ୍ଷ ଲକ୍ଷ ଟଙ୍କା ଏବଂ ସ୍ୱାମୀଙ୍କ ସମ୍ପତ୍ତିରୁ ଓ ଦରମାରୁ ଅଧେ ଭାଗ ଦାବି କରିବା ସହିତ ଝିଅମାନଙ୍କର ଅର୍ଥ ଉପାର୍ଜନର ଏହା ଏକ ସହଜ ପନ୍ଥା ହୋଇଛି। ଆମର ଆଇନ ବ୍ୟବସ୍ଥା ଏପରି ହୋଇଛି ଯେ, ତାହା ମହିଳାମାନଙ୍କ ସପକ୍ଷରେ ଯିବ। ଏପରିକି ସ୍ୱାମୀ ମଧ୍ୟ ଜେଲ ଯାଇପାରେ। ଅନେକ ମିଥ୍ୟା ମାମଲାରେ ବିଚାରପତିମାନେ ସତ୍ୟାସତ୍ୟ ଜାଣିବା ପରେ ଅଭିଯୋଗକାରିଣୀଙ୍କୁ ଭର୍ତ୍ସନା କରିଥା'ନ୍ତି। କିନ୍ତୁ ଏପରି ବିଚାରପତି ବା କେତେଜଣ ଅଛନ୍ତି? ସମ୍ପ୍ରତି ସ୍ୱାମୀର ରୋଜଗାରକୁ ଦେଖି ଭରଣପୋଷଣ ଅର୍ଥରାଶି ଧାର୍ଯ୍ୟ ହେବା ନିତାନ୍ତ ଆବଶ୍ୟକ। ସ୍ୱାମୀ-ସ୍ତ୍ରୀ ମଧ୍ୟରୁ ଛାଡ଼ପତ୍ର କିଏ ଚାହୁଁଛି ଅନୁସନ୍ଧାନ କରି ଅର୍ଥରାଶି ବିଚାର କରିବା ଦରକାର। ରୋଜଗାରିଆ ପୁଅଟି ପିତା, ମାତା, ଭାଇ, ଭଉଣୀ, ବନ୍ଧୁବାନ୍ଧବ ସବୁଠିକ୍ ଭାବରେ ବ୍ୟବସ୍ଥା କରି ନ ପାରିଲେ ସ୍ତ୍ରୀ ଓ ନିଜ ପିତାମାତାଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ସ୍ଥାପନ କରି ନ ପାରିଲେ, ଘରେ ଅଶାନ୍ତି ସୃଷ୍ଟି ହେବ। ଶେଷରେ ପୁରୁଷଟି ଏସବୁ ସହ୍ୟ କରି ନ ପାରି ବାଧ୍ୟ ହୋଇ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତିକୁ ବାଛି ନେଇଥାଏ।

ପତିପତ୍ନୀଙ୍କ କଳହ ଉଗ୍ରରୂପ ଧାରଣ କରି ନ୍ୟାୟାଳୟରେ ପହଞ୍ଚିବା ପରେ ପୁରୁଷଟି ବିଚରା ଧାଇଁଧାଇଁ ନୟାନ୍ତ ହୋଇଯାଏ। ଧନହାନି ସହିତ ମନସ୍ତାପ ଓ ପ୍ରାଣପୀଡ଼ା ଭଳି ଘୋର ଅସୁବିଧାର ସମ୍ମୁଖୀନ ହୁଏ। ଯଦି କାରାବାସ ହୁଏ, ତେବେ ତ ଆହୁରି ଦୁଃଖ ବଢ଼ିଯାଏ। ଚାକିରି ହରାଇବା ସହିତ ଅର୍ଥାଭାବ ସାଙ୍ଗକୁ ସାମାଜିକ ଦୁର୍ଦ୍ଦଶା ଭୋଗ କରିବାକୁ ହୁଏ। ଲୋକନିନ୍ଦା ଓ ଅପବାଦକୁ ସହ୍ୟ କରି ନ ପାରି ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହୁଏ। ବିଚାରପତି ସନ୍ତାନମାନଙ୍କୁ ପତ୍ନୀଙ୍କ ସହିତ ରହିବାକୁ ଆଦେଶ ଦିଅନ୍ତି। ସନ୍ତାନମାନଙ୍କୁ ପତ୍ନୀ ନିଜ ସ୍ୱାମୀଙ୍କ ସହିତ ମିଶିବାକୁ ଦିଏ ନାହିଁ। ଫଳରେ ପୁରୁଷଟି ଘୋର ଅବସାଦର ଶିକାର ହୋଇ ଆତ୍ମହତ୍ୟା ଭଳି ଦୁଃଖଦ ପଥ ବାଛି ନିଏ।

ସମାଜରେ ନାରୀର ସ୍ୱାଧୀନତା, ସୁରକ୍ଷା, ସମ୍ମାନ ଓ ସ୍ୱାଭିମାନ ପାଇଁ ବହୁତ ଯୋଜନା କରାଯାଇଛି। ନାରୀ ସଶକ୍ତୀକରଣ ଓ ନିର୍ଯାତନା ନିବାରଣ ପାଇଁ ଅନେକ ଆଇନ ପ୍ରଣୟନ କରାଯାଇଛି। ନାରୀକୁ ପୁରୁଷ ସହିତ ସମକକ୍ଷ କରାଯାଇଛି। କିନ୍ତୁ ଦେଖାଯାଇଛି ନାରୀମାନେ ଏହି ନିୟମର ଦୁରୁପଯୋଗ କରୁଛନ୍ତି। ନିୟମଗୁଡ଼ିକର ଅପବ୍ୟବହାର କରୁଛନ୍ତି। ନାରୀମାନଙ୍କର ମିଥ୍ୟା ଅଭିଯୋଗରେ ନିର୍ଦ୍ଦୋଷ ଯୁବକଟି କାରାଦଣ୍ଡଭୋଗ କରୁଛି। ଫୁଟୁ ନ ଫୁଟୁଣୁ କଢ଼ିଟି ନଷ୍ଟ ହୋଇଯାଉଛି। ତେଣୁ ନ୍ୟାୟିକ ପ୍ରକ୍ରିୟାରେ ଏକ ଭାରସାମ୍ୟ ବ୍ୟବସ୍ଥା କରିବା ଉଚିତ୍। ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯୌତୁକ ଜନିତ ମାମଲା ୧୦% ଭାଗ ଓ ଦୁଷ୍କର୍ମ ଅଭିଯୋଗ ୫୦% ଭାଗ ମିଛ। ବାସ୍ତବରେ ଯେଉଁଠାରେ ନାରୀପ୍ରତି ଅନ୍ୟାୟ କରାଯାଉଛି ସେଠାରେ ଦୋଷୀ କଠୋର ଦଣ୍ଡ ପାଉ। କିନ୍ତୁ ଆଇନକୁ ଅସ୍ତ୍ର କରି ଜଣେ ନିର୍ଦ୍ଦୋଷ ଦଣ୍ଡ ପାଇବା ଉଚିତ୍ ନୁହେଁ। ଏହା ଅଧର୍ମ। ଏକ୍ଷେତ୍ରରେ ପୁରୁଷଟିକୁ ନିର୍ଦ୍ଦୋଷ କରି ସେହି ଅଭିଯୋଗକାରିଣୀ ପ୍ରତି ଦଣ୍ଡ ବିଧାନ ହେବା ଉଚିତ୍।

ପୁରୁଷପ୍ରଧାନ ଦେଶରେ ନାରୀକୁ ଅବଳା ଦୁର୍ବଳା କହି ସବୁ ଆଇନ୍ ତା' ସପକ୍ଷରେ ଯିବ ଏବଂ ନିରୀହ ପୁରୁଷଟି ଦଣ୍ଡ ଭୋଗ କରୁଥିବ, ଏହା କେଉଁ ବିଚାର? ସମ୍ବିଧାନର ଧାରା ୧୪ ଓ ୧୫ ଲିଙ୍ଗଭେଦରେ ସମସ୍ତଙ୍କୁ ସମାନ ଅଧିକାର ପ୍ରଦାନ କରିବା ବେଳେ ଧାରା ୨୧ ଅନୁସାରେ ମର୍ଯ୍ୟାଦାର ସହିତ ବଞ୍ଚିବା ପ୍ରତ୍ୟେକ ନାଗରିକଙ୍କର ମୌଳିକ ଅଧିକାର। ପୁରୁଷ ନିର୍ଯାତନା ପାଇଁ ସ୍ୱତନ୍ତ୍ର ଭାବେ ଏକ ପୁରୁଷ ଆୟୋଗ ଗଠନ ହେବାର ସମୟ ଆସିଛି। ବଢ଼ି ଚାଲିଥିବା ପୁରୁଷ ନିର୍ଯାତନାକୁ ସରକାର ଗୁରୁତର ଭାବେ ବିଚାର କରି ଆଇନ ପ୍ରଣୟନ କରିବା ବିଧେୟ। ତେଣୁ ରାଜ୍ୟ ମହିଳା ଆୟୋଗ ଅଧ୍ୟକ୍ଷାଙ୍କ ମତ ସର୍ବାଦୌ ଗ୍ରହଣୀୟ ଓ କରଣୀୟ। ●

ସାକ୍ଷୀଗୋପାଳ(ପୁରୀ), ମୋ: ୯୯୩୭୮୩୫୭୩୦

# ଦିଲ୍ଲୀରେ 'କୃତ୍ରିମବର୍ଷା'ର ଅସଫଳ ପ୍ରୟାସ

ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା

ଆମର ପରମ୍ପରା ଅନୁସାରେ ଅନାବୃଷ୍ଟିରୁ ରକ୍ଷା ପାଇବା ପାଇଁ କରାଯାଏ ବର୍ଷାର ଦେବତା ଇନ୍ଦ୍ରଦେବଙ୍କର ପୂଜା ଏବଂ ନାନାଦି ଯାଗଯଜ୍ଞ। ସେହିପରି ସଂଗୀତଜ୍ଞ ତାନସେନଙ୍କ ସୁମଧୁର ଗାନ ମଧ୍ୟ ଇନ୍ଦ୍ରଦେବଙ୍କୁ ସନ୍ତୁଷ୍ଟ କରୁଥିଲା ଏବଂ ସେ ବୃଷ୍ଟିପାତ କରାଉଥିଲେ ବୋଲି କିମ୍ବଦନ୍ତୀ ରହିଛି। ତେବେ ବର୍ତ୍ତମାନ ତାହା କରାଯାଉଛି 'କ୍ଲାଉଡ୍ ସିଡିଂ' ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ। ଏହି ପ୍ରକ୍ରିୟାରେ ଜଳୀୟ ବାଷ୍ପଭରା ବାଦଲ ଉପରେ ସିଲଭର ଆଇୟୋଡାଇଡ, ପଟାସିୟମ ଆଇୟୋଡାଇଡ୍, ସୋଡିୟମ୍ କ୍ଲୋରାଇଡ୍, ଶୁଷ୍କ ବରଫ (କଠିନ ଅଙ୍ଗାର କାମ୍ଳ) ଆଦିର ସୂକ୍ଷ୍ମକଣିକାକୁ ବିଚ୍ଛୁରଣ କରାଯାଏ। ତାହା ଘନୀକରଣ ନାଭିକ ରୂପେ କାର୍ଯ୍ୟ କରନ୍ତି। ଏହାର ଚତୁଃପାର୍ଶ୍ୱରେ ଜଳୀୟବାଷ୍ପ ଘନୀଭୂତ ହୋଇ ବଡ଼ ବଡ଼ ଜଳକଣା କିମ୍ବା ବରଫସ୍ଫଟିକରେ ପରିଣତ ହୁଏ। ତହିଁରୁ ତାହା ଭୂପତିତ ହେବାକୁ ଲାଗେ। ବିଶେଷକରି, ବର୍ଷା ହେଉନଥିବା ଅଞ୍ଚଳରେ ବୃଷ୍ଟିପାତ କରାଇବା ଲାଗି କିମ୍ବା ବାୟୁପ୍ରଦୂଷଣ ହ୍ରାସ କରିବା ପାଇଁ ଏ ପଦ୍ଧତିର ଅବଲମ୍ବନ କରାଯାଏ।

ଏହି ପ୍ରକ୍ରିୟାକୁ ସଫଳ ରୂପେ ବ୍ୟବହାର କରାଯାଇପାରେ ଯେତେବେଳେ ବାଦଲରେ ଯଥେଷ୍ଟମାତ୍ରାରେ ଜଳୀୟ ବାଷ୍ପ ଥାଏ। ବିଶେଷକରି, ହିମାଙ୍କ ତାପମାତ୍ରାଠାରୁ କମ ହୋଇଥିବା ଅତି ଶୀତଳ ବାଦଲରେ ଏହା ଅଧିକ ଫଳପ୍ରଦ ହୁଏ। ଅତିଶୀତଳ ବାଦଲ ଉପରେ ଉଡ଼ାଜାହାଜ, ତୋପ କିମ୍ବା ଡ୍ରୋନ ସାହାଯ୍ୟରେ ବିଚ୍ଛୁରିତ ଉପରୋକ୍ତ ରାସାୟନିକ କଣିକାମାନେ ତାହାକୁ ବରଫ କଣାରେ ପରିଣତ କରନ୍ତି। ଅନ୍ୟପକ୍ଷରେ ଅପେକ୍ଷାକୃତ ଉଷ୍ମବାଦଲରେ ଜଳକଣାଗୁଡ଼ିକ ଏକାଠି ହୋଇ ବୃହଦାକାର ହେବାରେ ଏହା ସାହାଯ୍ୟ କରେ। ବରଫ ସ୍ଫଟିକ ଏବଂ ବଡ଼ ବଡ଼ ଜଳକଣାଗୁଡ଼ିକର ଓଜନ ବେଶ୍ ବଢ଼ିଯାଏ ଏବଂ ସେଗୁଡ଼ିକ ବାୟୁମଣ୍ଡଳ ଦେଇ ତଳକୁ ଖସି ବର୍ଷା ଆକାରରେ ପତିତ ହୁଅନ୍ତି।

ଏ ପଦ୍ଧତିରେ କୃତ୍ରିମ ବର୍ଷା କରାଇବାର ଇତିହାସ ପ୍ରାୟବର୍ଷ ପୁରାତନ। ବର୍ତ୍ତମାନ ପୃଥିବୀର ନାନାସ୍ଥାନରେ, ବିଶେଷକରି, ଚୀନ, ଆମେରିକା, ଉପସାଗରୀୟ ଦେଶ ସମୂହରେ ଏହା ବିଭିନ୍ନ ମାତ୍ରାରେ ବ୍ୟବହୃତ ହେଉଛି। ଫଳରେ ୨୦ ରୁ ୫୦ ଶତାଂଶ ପର୍ଯ୍ୟନ୍ତ ବୃଷ୍ଟିପାତ ବୃଦ୍ଧି କରାଯାଇ ପାରୁଛି। ଆମ ଦେଶରେ ପୁଣେ ସ୍ଥିତ 'ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟ୍ରାପିକାଲ୍ ମେଟେରୋଲୋଜି' ୧୯୭୦ ଦଶକରେ 'କ୍ଲାଉଡ୍ ସିଡିଂ' ପ୍ରଯୁକ୍ତିବିଦ୍ୟାର ପରୀକ୍ଷା ଆରମ୍ଭ କରିଥିଲେ ହେଁ ଏହାର ସଫଳ ପ୍ରୟୋଗ କରି ୨୦୦୩ ମସିହାରେ ହିଁ ମହାରାଷ୍ଟ୍ର, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁର କେତେକ ସ୍ଥାନରେ ବୃଷ୍ଟିପାତ ବୃଦ୍ଧି କରିବାକୁ ସକ୍ଷମ ହୋଇଥିଲା। ତତ୍ପରେ ଆବଶ୍ୟକତାକୁ ଚାହିଁ ଏହାର ଉପଯୋଗ କରାଯାଉଛି। ଉଦାହରଣସ୍ୱରୂପ ୨୦୧୫ ରୁ ୨୦୧୯ ମସିହା ମଧ୍ୟରେ ଆମ ଦେଶର ବିଭିନ୍ନ ସ୍ଥାନରେ ଏହା ବହୁବାର ପରୀକ୍ଷିତ ତଥା ବ୍ୟବହୃତ ହୋଇଛି।

ତେବେ ଗତ ଅକ୍ଟୋବର ମାସ (୨୦୨୫) ୨୮ ଓ ୩୦ ତାରିଖରେ ଏହାର ପ୍ରଥମ ପ୍ରୟୋଗ କରାଯାଇଛି ଦିଲ୍ଲୀଠାରେ ବାୟୁ ପ୍ରଦୂଷଣ ନିବାରଣ ଲାଗି, ଯାହାକି ସଫଳ ହୋଇପାରିନାହିଁ। ଏହାର କାରଣ ସ୍ୱରୂପ ଏ କ୍ଷେତ୍ରରେ ଦୀର୍ଘଦିନ ଧରି ଗବେଷଣା କରୁଥିବା ବେଙ୍ଗାଲୁରୁ ସ୍ଥିତ 'ଏଗ୍ରିଏରୋ ସ୍ପୋର୍ଟସ ଆଡ୍‌ଭେନ୍‌ଚର ଏକାଡେମୀ'ର ମୁଖ୍ୟ ଅରବିନ୍ଦ ଶର୍ମା ଦର୍ଶାଇଛନ୍ତି ଯେ କେବଳ 'କ୍ଲାଉଡ ସିଡିଂ' କୃତ୍ରିମ ବର୍ଷା କରାଇବା ପାଇଁ ଯଥେଷ୍ଟ ନୁହେଁ। ଏଥିଲାଗି ଲୋଡ଼ା ସ୍ଥାନୀୟ ଜଳବାୟୁର କେତେକ ଅନୁକୂଳ ଅବସ୍ଥା। ତନ୍ମଧ୍ୟରେ ରହିଛି ବାୟୁମଣ୍ଡଳରେ ଜଳୀୟବାଷ୍ପ ଓ ତାପମାତ୍ରା ବାଦଲ ସୃଷ୍ଟି ପ୍ରକ୍ରିୟା ଇତ୍ୟାଦି। ସେ ସମୟରେ ଦିଲ୍ଲୀରେ ଏସବୁ ସଠିକ୍ ରୂପେ ନଥିଲା। କାରଣ, କୃତ୍ରିମ ବର୍ଷା ପାଇଁ ବାୟୁର ଜଳୀୟବାଷ୍ପ ୨୦ ରୁ ୫୦ ଶତାଂଶ ଥିବା ଦରକାର। ସେତେବେଳେ ସେଠାରେ ତାହା ଥିଲା ମାତ୍ର ୧୦ ରୁ ୧୫ ଶତାଂଶ।

ସାଧାରଣତଃ ଶୀତଋତୁର ପ୍ରାରମ୍ଭରେ ଦିଲ୍ଲୀର ବାୟୁମଣ୍ଡଳରେ ଜଳୀୟବାଷ୍ପ ଯଥେଷ୍ଟ ନଥାଏ। ଅତଏବ ଏ ପ୍ରକ୍ରିୟା ବିଫଳ ହେବା ସ୍ୱାଭାବିକ। ତେବେ ଏହି ଖର୍ଚ୍ଚବହୁଳ କାର୍ଯ୍ୟକ୍ରମରୁ ଅନ୍ୟ କେତେକ କଥା ଶିକ୍ଷା କରିବାକୁ ମିଳିଥିଲା। ଉଦାହରଣସ୍ୱରୂପ ଏହା ଚାଲିଥିଲା ବେଳେ ବାୟୁରେ ଭାସମାନ ସୂକ୍ଷ୍ମ କଣିକା ବା ପାର୍ଟିକ୍ୟୁଲେଟ ମ୍ୟାଟର୍ (ପିଏମ୍ ୨.୫ ଏବଂ ପିଏମ୍ ୧୦) ମାତ୍ରା ସାମୟିକ ଭାବେ ହ୍ରାସ ପାଇଥିଲା। ଅତଏବ ମନେହୁଏ, ଏହା ବୃଷ୍ଟିପାତ କରାଇ ନ ପାରିଲେ ବି ବାୟୁର ମାନ ବୃଦ୍ଧିରେ ସହାୟକ ହୋଇପାରିଥିଲା। ଏଣୁ ଏ ପରୀକ୍ଷା କରିଥିବା 'ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି - କାନପୁର'ର ଗବେଷକମାନଙ୍କ ମତରେ ଏଥିରୁ ସଂଗୃହୀତ ବିବିଧ ତଥ୍ୟ ଭବିଷ୍ୟତରେ ଏ ପ୍ରକ୍ରିୟାକୁ ଅଧିକ ଫଳପ୍ରଦ କରିବା ଲାଗି ଉପଯୁକ୍ତ ଅବସ୍ଥା ଚିହ୍ନଟ କରିବା ଏବଂ ଏହାକୁ ଅଧିକ ବିକଶିତ କରିବାରେ ମାର୍ଗଦର୍ଶନ କରାଇଛି।

'କ୍ଲାଉଡ ସିଡିଂ' ଏବେ ମଧ୍ୟ ଏକ ଜନପ୍ରିୟ ତଥା ନିଶ୍ଚିତ ପ୍ରକ୍ରିୟା ହୋଇପାରିନାହିଁ। ଏହାର ବିଭିନ୍ନ ଦିଗ ଉପରେ ତଥାପି ପରୀକ୍ଷା ନିରୀକ୍ଷା ଚାଲିଛି। ଅତଏବ ବହୁଳଭାବେ ବ୍ୟବହାର ଉପଯୋଗୀ ହେବା ଲାଗି ସମୟ ଲାଗିବ। ବିଶ୍ୱର ବହୁ ଦେଶରେ ଦୀର୍ଘ ଦିନ ହେଲା ଏଥିପାଇଁ ଉଦ୍ୟମ ଅବ୍ୟାହତ ରହିଛି। ପ୍ରଥମେ ଏ ପ୍ରଯୁକ୍ତିବିଦ୍ୟା ବ୍ୟବହାରରେ ଲଗାଇଥିଲେ ଆମେରିକାର ରସାୟନବିତ୍ ତଥା ଜଳବାୟୁ ବିଜ୍ଞାନୀ ଭିନ୍‌ସେଣ୍ଟ ସ୍କାଇଫେର। ସେ ୧୯୪୬ ମସିହାରେ ଶୁଷ୍କ ବରଫ ଗୁଣ୍ଡ ବ୍ୟବହାର କରି ତୁଷାରପାତ କରାଇ ପାରିଥିଲେ। ଏହାପରେ ଏହାର ପ୍ରମୁଖ ବିନିଯୋଗଗୁଡ଼ିକ ମଧ୍ୟରେ ରହିଛି ଭିଏତ୍‌ନାମ ଯୁଦ୍ଧରେ ଅମେରିକା ଦ୍ୱାରା କୃତ୍ରିମ ବୃଷ୍ଟିପାତ କରାଇବା। ସେଠାରେ ବର୍ଷା ଋତୁକୁ ପ୍ରଲମ୍ବିତ କରି ଶତ୍ରୁ ସୈନ୍ୟମାନଙ୍କୁ ଗମନାଗମନରେ ବାଧା ପହଞ୍ଚାଇବା ଥିଲା ଏହାର ଲକ୍ଷ୍ୟ। ଏହାବ୍ୟତୀତ ୧୯୮୦ ମସିହାରେ ମସ୍କୋ ଏବଂ ୨୦୦୮ ମସିହାରେ ବେଜିଂଠାରେ ଅନୁଷ୍ଠିତ ଅଲମ୍ପିକ କ୍ରୀଡ଼ା ପୂର୍ବରୁ ଏହାକୁ ବ୍ୟବହାର କରାଯାଇଥିଲା ସେ ସମୟରେ ବୃଷ୍ଟିପାତକୁ ପ୍ରତିହତ କରିବାକୁ। ଏସବୁରେ ଆଂଶିକ ସଫଳତା ମିଳିଥିଲା। ସେଥିପାଇଁ ଏହାକୁ ସଂପୂର୍ଣ୍ଣ ନିର୍ଭରଯୋଗ୍ୟ ବୋଲି ପରିବେଶବିତମାନେ ମନେ କରନ୍ତି ନାହିଁ, ବିଶେଷକରି ବାୟୁପ୍ରଦୂଷଣ ନିୟନ୍ତ୍ରଣ କ୍ଷେତ୍ରରେ ଉପଯୋଗ ପାଇଁ। ●

ଭୁବନେଶ୍ୱର, ମୋ: ୯୯୩୭୩୦୧୪୬୦

# ପଦ୍ମସମ୍ଭବଙ୍କ ମହାପରିନିର୍ବାଣ ସ୍ଥଳ

ପ୍ରବୀର କୁମାର ପଟ୍ଟନାୟକ

*ପୂର୍ବପ୍ରକାଶିତ ଉତ୍ତାରୁ...*

ଶାଳ-କୁଶ/ହାଜୋ: ଆସାମର ଗୌହାଟୀ ସହରର ପ୍ରାୟ ବିପରୀତ ଦିଗରେ ବ୍ରହ୍ମପୁତ୍ର ନଦୀର ଉତ୍ତର ତଟ ନିକଟରେ ଶାଳ-କୁଶ ନାମରେ ଗୋଟିଏ ଛୋଟ ଗ୍ରାମ ରହିଛି। ଏହା ଗୌହାଟୀରୁ ଦେବାନଗିରି ରାସ୍ତା କଡ଼ରେ ଅବସ୍ଥିତ। ଏ ଅଞ୍ଚଳ ପ୍ରାଚୀନ କାମରୂପ ଅନ୍ତର୍ଗତ। ଏହି ଶାଳ-କୁଶ ଅଞ୍ଚଳଟି ହେଉଛି ଭୁଟାନ ତଥା ତିବ୍ବତ ଯିବା ନିମନ୍ତେ ବହୁଳଭାବେ ବ୍ୟବହୃତ ଗୋଟିଏ ଗିରି ପଥ ମଧ୍ୟ। ଯେଉଁ ତିବ୍ବତୀୟ ଲାମାମାନେ ଆସାମକୁ ବୁଦ୍ଧଙ୍କର ମହାପ୍ରୟାଣ ସ୍ଥଳ କୁହନ୍ତି, ସେମାନେ ସ୍ପଷ୍ଟ ଭାବେ ଏହି ଶାଳ-କୁଶ ଗ୍ରାମ ବା ଛୋଟ ସହରଟିକୁ ହିଁ କୁଶନଗର ବୋଲି ଦର୍ଶାଇଛନ୍ତି, ଯେଉଁଠି ଦୁଇଟି ଶାଳ ଗଛ ମଧ୍ୟରେ ବୁଦ୍ଧ ନିର୍ବାଣ ପ୍ରାପ୍ତି କରିଥିଲେ। ଏହି ସ୍ଥାନର ନିକଟରେ ହିଁ ପବିତ୍ର ହାଜୋ ପାହାଡ଼ ଅବସ୍ଥିତ। ଏଠାରେ ସମ୍ଭବତଃ ବୁଦ୍ଧଙ୍କର କିଛି ଅବଶେଷ ରହିଛି।

ହାଜୋ ପାହାଡ଼ (ଗୋଟିଏ ପାହାଡ଼ ନୁହେଁ ଏକାଧିକ ପାହାଡ଼ ଶ୍ରେଣୀ) ବ୍ରହ୍ମପୁତ୍ର ନଦୀର ଉତ୍ତର ତଟରେ ଗୌହାଟୀଠାରୁ ଉତ୍ତର ପଶ୍ଚିମକୁ ନଅ ମାଇଲ ଏବଂ ଶାଳ କୁଶଠାରୁ ଉତ୍ତରକୁ ଚାରି/ପାଞ୍ଚ ମାଇଲ ଦୂରରେ ଅବସ୍ଥିତ। ଅର୍ଦ୍ଧ-ଜନଜାତି ଶ୍ରେଣୀୟ ମେଚ ଓ କୋଚ ବର୍ଗର ଲୋକମାନେ ଏହି ପାହାଡ଼କୁ ସେମାନଙ୍କର ଦେବୀ ଭାବେ ପୂଜା କରିଥା'ନ୍ତି। ସେମାନଙ୍କ ପାଇଁ 'ହାଜୋ'ର ଅର୍ଥ ପାହାଡ଼। ଏହି ପାହାଡ଼ରୁ ଗୋଟିଏ ପୂର୍ବକାଳରେ ବୌଦ୍ଧମାନେ କବ୍‌ଜା କରିଥିଲେ। ମାତ୍ର ପରେ ବ୍ରାହ୍ମଣମାନେ ସେମାନଙ୍କୁ ବେଦଖଲ କରି ମନ୍ଦିରର ପୁନରୁଦ୍ଧାର ଓ ପୁନଃନିର୍ମାଣ କରିଥିଲେ। ଏହି 'ହାଜୋ ମନ୍ଦିର' ଏବେ ଆସାମରେ ଏକ ପ୍ରସିଦ୍ଧ ମନ୍ଦିର। ବହୁ ଭକ୍ତ ଓ ଦର୍ଶନାର୍ଥୀ ଏଠାକୁ ଆସିଥା'ନ୍ତି। ମୁସଲମାନେ ମଧ୍ୟ ଏହି ପାହାଡ଼ରୁ ସବୁଠାରୁ ଉଚ୍ଚ ପାହାଡ଼ ଉପରେ ଏକ ମସ୍‌ଜିଦ୍ ନିର୍ମାଣ କରିଛନ୍ତି। ଏହି ପାହାଡ଼ ଶ୍ରେଣୀ ମଧ୍ୟ ଦୂରରୁ ଅତ୍ୟନ୍ତ ସୌଷ୍ଠବମୟ ତଥା ଏକ ତ୍ରିଶୂଳ ଆକାରର ଦେଖାଯାଇଥାଏ। ମଝି ଭାଗରେ ଥିବା ପର୍ବତଶୃଙ୍ଗଟିକୁ ବୁଦ୍ଧଙ୍କ ନିଦର୍ଶନ ସ୍ୱରୂପ ବୌଦ୍ଧମାନେ ମନେ କରୁଥିବା ବେଳେ ଏହାର ଦୁଇ ପାଖରେ ରହିଥିବା ଉଚ୍ଚ ପାହାଡ଼କୁ ବୁଦ୍ଧଙ୍କର ଦୁଇ ପ୍ରମୁଖ ଶିଷ୍ୟ ସାରୀପୁତ୍ତ ଓ ମୌଦ୍‌ଗଲ୍ୟାୟନ ରୂପରେ ମନେ କରିଥା'ନ୍ତି।



ଦ୍ୱିତୀୟ-ବୁଦ୍ଧ କଥା

ଏହି ତିନୋଟି ଯାକ ଅଧିକ ଉଚ୍ଚତାବିଶିଷ୍ଟ ପର୍ବତ ଅନେକ ଦୂରରୁ ଦେଖାଯାଏ। ନିକଟକୁ ଆସିଲେ ଏହାର ଶ୍ରେଣୀଭୁକ୍ତ ଥିବା ଅନ୍ୟ ଷୋହଳଟି ଦେଖାଯାଇଥା'ନ୍ତି। ଏହି ଷୋହଳଟି ପାହାଡ଼କୁ 'ନିତେନ୍-ଚୁ- ଡୁ' ଅଥବା ବୁଦ୍ଧଙ୍କ ଷୋହଳ ଶିଷ୍ୟ ବୋଲି କୁହାଯାଇଥାଏ। ଏହି ପର୍ବତମାଳା ମଧ୍ୟରେ ସବୁଠାରୁ ଅଧିକ ପବିତ୍ର ପୀଠଟି ହେଉଛି ପ୍ରାୟ ଆଠ ଗଜ ବ୍ୟାସ ପରିମିତ ଖଣ୍ଡିଏ ସମତଳ ପଥର ଏବଂ ଏଇଟି ପାହାଡ଼ର ଉତ୍ତର-ପଶ୍ଚିମ ପାଦଦେଶରେ ରହିଛି। ଏହି ପଥର ଉପରେ ତିବ୍ବତୀୟ ଲିପିରେ ବିଭିନ୍ନ ମନ୍ତ୍ରମାନ 'ଓଁ ମଣି ପଦ୍ମେ ହୁଁ', 'ଓଁ ଆହ୍ ହୁଁ', 'ଓଁ' ଇତ୍ୟାଦି ଖୋଦିତ ହୋଇଛି। ଏହିଠାରେ ବିଭିନ୍ନ ରଙ୍ଗର କନାଖଣ୍ଡ ସବୁ ବନ୍ଧା ଯାଇଥାଏ ପଥର ଚାରିପାଖ ଅଞ୍ଚଳରେ ରହିଥିବା ଗଛ ଓ ବୁଦାମାନଙ୍କରେ।

ଏହା ଉଲ୍ଲେଖନୀୟ ଯେ ଲାମାମାନେ ତିବ୍ବତର ସାଧାରଣ ଲୋକଙ୍କ ହିତ କାମନା କରି ଏହି ସ୍ଥଳର ପ୍ରତିରୂପ ତିବ୍ବତର ଚାରିଗୋଟି ସ୍ଥାନରେ ସ୍ଥାପନ କରିଛନ୍ତି ରା-ରଗ୍ୟାବ (ଲାସା ସହରର ଦକ୍ଷିଣ-ପଶ୍ଚିମ ବାହାର ଅଂଶ), ପା-ପୋନ୍-କର(ଲାସାର ଉତ୍ତରପାଖ ସହରତଳି ଅଞ୍ଚଳ), ପୁର୍-ମେ-ଚେ (ତାସୀ ଲୁନ୍ ପୋର ବାର ମାଇଲ ଉତ୍ତର ପୂର୍ବ) ଏବଂ ସେଲ୍‌ଫ ବ୍ରେ। ଏହି ସ୍ଥଳଗୁଡ଼ିକୁ ଔପଚାରିକ ଭାବେ ପ୍ରତିଷ୍ଠା କରାଯାଇଛି ଏବଂ ତାହା ଉପରେ ହାଜୋ ମୂଳ ସ୍ଥାନରୁ ଆସିଥିବା ପଥର ଖଣ୍ଡିଏ ଲେଖାଏଁ ମଧ୍ୟ ରଖାଯାଇଛି। ଏହି ପାହାଡ଼ର ଉତ୍ତର-ପୂର୍ବରେ ପ୍ରାୟ ଅଧାମାଇଲ ଦୂରରେ ପ୍ରାୟ ତିନିଶହ ଫୁଟ ଉଚ୍ଚର ଏକ ଶଙ୍ଖାକୃତି ବିଶିଷ୍ଟ ପାହାଡ଼ ଉପରେ ହିନ୍ଦୁ ମନ୍ଦିର ନିର୍ମାଣ କରାଯାଇଛି ଏବଂ ଏହା ମାଧବ ମନ୍ଦିର ବୋଲି କୁହାଯାଉଛି। ମାତ୍ର ଏହାକୁ ବୌଦ୍ଧମାନେ ମହାଚୈତ୍ୟ ଆଖ୍ୟା ଦେଇଛନ୍ତି, ଯାହାକି ତଥାଗତଙ୍କର ଦେହାବଶେଷ ଉପରେ ହିଁ ନିର୍ମିତ ବୋଲି କୁହାଯାଉଛି। (କ୍ରମଶଃ...) ●

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଲେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ବଢ଼ିବ ତାପମାତ୍ରା, କମିବ ଶୀତ

# ତାମିଲନାଡୁ-ଆନ୍ଧ୍ର ମୁହାଁ ବାତ୍ୟା 'ଡିଟୱା'

ଭୁବନେଶ୍ୱର,୨୭ ।୧୧(ସମିସ): ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ତାପମାତ୍ରା ସାଧାରଣ ରହିଛି । କିନ୍ତୁ ଉତ୍ତର ଆଭ୍ୟନ୍ତରୀଣ ଜିଲ୍ଲା ଗୁଡ଼ିକରେ ତାପମାତ୍ରା ଅପେକ୍ଷାକୃତ କମ୍ ରହିଛି । ରାଉରକେଲାରେ ରାଜ୍ୟର ସବୁଠାରୁ କମ୍ ତାପମାତ୍ରା ୭.୭ ଡିଗ୍ରି ସେଲସିୟସ ରେକର୍ଡ କରାଯାଇଥିବା ବେଳେ ପାହାଡ଼ିଆ ଅଞ୍ଚଳ ମଧ୍ୟରେ ଜି ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୭.୪ ଡିଗ୍ରି ସେଲସିୟସ ରେକର୍ଡ କରାଯାଇଛି । ଏଥିସହ ରାଜ୍ୟର ଅନେକ ସ୍ଥାନରେ ଘନ କୁହୁଡ଼ିର ଆସ୍ତରଣ ଦେଖିବାକୁ ମିଳିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ରାଜ୍ୟରେ ଆସନ୍ତା ୪ ଦିନ ମଧ୍ୟରେ ଥଣ୍ଡା କମିବ । ଏହି ସମୟ ମଧ୍ୟରେ ୨-୪ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇବ । ଫଳରେ ତାପମାତ୍ରା ବଢ଼ିବ ବୋଲି ପାଣିପାଗ କେନ୍ଦ୍ର କହିଛି । ଅନ୍ୟପଟେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା 'ଡିଟୱା' ଗତ ଛଅ ଘଣ୍ଟା ମଧ୍ୟରେ ଉତ୍ତର ତାମିଲନାଡୁ ଏବଂ ପୁଡୁଚେରୀ ସଂଲଗ୍ନ ଦକ୍ଷିଣ ଉପକୂଳ ଅଞ୍ଚଳ ଆଡକୁ ଘଣ୍ଟା ପ୍ରତି ୧୫ କିଲୋମିଟର ବେଗରେ ଗତି କରୁଛି । ରବିବାର ଅର୍ଥାତ ନଭେମ୍ବର ୩୦ ସକାଳ ସୁଦ୍ଧା ଏହା ତାମିଲନାଡୁ, ପୁଡୁଚେରୀ ଏବଂ ଦକ୍ଷିଣ ଆନ୍ଧ୍ର ପ୍ରଦେଶ ଉପକୂଳରେ ପହଞ୍ଚିବ । ଏହା ପ୍ରଭାବରେ ଦକ୍ଷୀଣ ଭାରତର ବିଭିନ୍ନ ରାଜ୍ୟରେ ବର୍ଷା ଜାରି ରହିଛି । ଅନ୍ୟପଟେ ବାତ୍ୟାଟି ବିଶେଷ ଶକ୍ତିଶାଳୀ ହୋଇ ନ ଥିବା ବେଳେ ଏହା ଅଧିକ ଘନୀଭୂତ ମଧ୍ୟ ହୋଇପାରୁ ନାହିଁ । ତେଣୁ ୩୦-୧ ସୁଦ୍ଧା ଏହା ଆନ୍ଧ୍ର ନିକଟବର୍ତ୍ତୀ ହେଲେ ଦକ୍ଷିଣ ଓଡ଼ିଶାର କିଛି ସ୍ଥାନରେ କାଁ ଭାଁ ବର୍ଷା ଆଶଙ୍କା କରାଯାଉଛି । ଅନ୍ୟପଟେ ଏହି ବାତ୍ୟା ଯୋଗୁଁ ରାଜ୍ୟକୁ ବର୍ତ୍ତମାନ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ପ୍ରବେଶ ବଢ଼ିଛି । ଏଥିପାଇଁ ରାଜ୍ୟରେ ଶୀତ କମିବା ସହ କୁହୁଡ଼ି ପାଇଁ ପାଗ ଅନୁକୂଳ ହେଉଛି । ଏହି କ୍ରମରେ ଶନିବାର ରାତିରୁ ରବିବାର ସକାଳ ପର୍ଯ୍ୟନ୍ତ ସୁନ୍ଦରଗଡ଼, କନ୍ଧମାଳ, କୋରାପୁଟ ଓ କଳାହାଣ୍ଡିରେ ଘନ କୁହୁଡ଼ି ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି । ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି ।

## ଅପରାଧୀକୁ ଖଣ୍ଡାରେ ଆକ୍ରମଣ

ବ୍ରହ୍ମପୁର,୨୮ ।୧୧(ସମିସ): ଗୋପାଳପୁର ଥାନା ଅନ୍ତର୍ଗତ ବଡ଼କୁଶସ୍ଥଳୀ ଗ୍ରାମରେ ଶୁକ୍ରବାର ରାତିରେ ଜଣେ ପୁରୁଣା ଅପରାଧୀ ଲିଣ୍ଟା ଓରଫ ସୁଶାନ୍ତ କୁମାର ଜେନାଙ୍କୁ କିଛି ଦୁର୍ବୃତ୍ତ ଖଣ୍ଡାରେ ଆକ୍ରମଣ କରିଛନ୍ତି । ଲିଣ୍ଟାର ପିଠିରେ ଗୁରୁତର ଆଘାତ ଲାଗିଥିବାବେଳେ ତାଙ୍କୁ ବ୍ରହ୍ମପୁର ଏମ୍‌କେସିଜି ମେଡ଼ିକାଲରେ ଭର୍ତ୍ତି କରାଯାଇଛି । ଖବର ପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମେଡ଼ିକାଲ ଯାଇ ଆହତ ଲିଣ୍ଟାଙ୍କ ବୟାନ ରେକର୍ଡ କରିଛି । ସୂଚନା ପ୍ରକାରେ, ବଡ଼କୁଶସ୍ଥଳୀ ଗ୍ରାମର କିଛି ଯୁବକ ମିଶି ରାତିରେ ଭୋଜି କରୁଥିଲେ । ଏଥିରେ କୌଣସି କାରଣକୁ ନେଇ ଲିଣ୍ଟା ଓ ଅନ୍ୟ ଯୁବକଙ୍କ ମଧ୍ୟରେ ବଚସା ହୋଇଥିଲା । ପରେ ସେମାନେ ଲିଣ୍ଟାକୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଭାରତର ୩ଟି...

ବୋଲି କୁହାଯାଇଛି । ଉଲ୍ଲେଖଥାଉ କି, ୫ ବର୍ଷ ପୂର୍ବେ କେପି ଶର୍ମା ଓଲିଙ୍କ ସରକାର ମଧ୍ୟ ଏହି ବିବାଦିତ ମାନଚିତ୍ର ଜାରି କରି ଚର୍ଚ୍ଚା ସୃଷ୍ଟି କରିଥିଲେ । ଏହାକୁ ପରେ ନେପାଳ ସଂସଦ ମଞ୍ଜୁରୀ ପ୍ରଦାନ କରିଥିଲା । ନେପାର ଏହି ପଦକ୍ଷେପକୁ ଭାରତ ସେତେବେଳେ ବିରୋଧ କରିଥିଲା ଓ ଏହାକୁ ଏକତରଫା ବୋଲି କହିଥିଲା । ଉଲ୍ଲେଖଥାଉ କି, ଭାରତ ଓ ନେପାଳ ମଧ୍ୟରେ ୧୮୫୦ କିମିର ସୀମା ରହିଛି । ଏହା ଭାରତର ୫ଟି ରାଜ୍ୟ ସିକ୍କିମ, ପଶ୍ଚିମବଙ୍ଗ, ବିହାର, ଉତ୍ତରପ୍ରଦେଶ ଓ ଉତ୍ତରାଖଣ୍ଡ ଦେଇ ଯାଉଛି ।

### ୧୭,୪୪୦ କୋଟିର...

ନିରାପତ୍ତା କ୍ଷେତ୍ରରେ ଧାନ କ୍ରୟ ପାଇଁ ରିଭଲଭିଂ ପାଣ୍ଠି ବାବଦକୁ ୩ହଜାର କୋଟି ଟଙ୍କାର ବ୍ୟବସ୍ଥା କରିଛନ୍ତି ।ସେହିପରି ସାଧାରଣ ବଣ୍ଟନ ବ୍ୟବସ୍ଥାରେ ରିଆ ।ତି ପାଇଁ ୧୩୨୫ କୋଟି ଟଙ୍କାର ବ୍ୟୟବରାଦ ହୋଇଛି । ସମୃଦ୍ଧ କୃଷକ ଯୋଜନା ଅଧୀନରେ ଚାଷୀମାନଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ଏବଂ ଇନପୁଟ୍ ସହାୟତା ପାଇଁ ୮୫୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ସେହିପରି ସ୍ୱାସ୍ଥ୍ୟ କ୍ଷେତ୍ରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ପାଇଁ ୯୯୪ କୋଟି ଟଙ୍କା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ପାଇଁ ଅତିରିକ୍ତ ୪୦ କୋଟି ଟଙ୍କା ଆବଣ୍ଟନ କରାଯାଇଛି । ଏଥିସହ ରାସ୍ତା ଏବଂ ସେତୁର ରକ୍ଷଣାବେକ୍ଷଣ ପାଇଁ ୨୫୦ କୋଟି ଟଙ୍କା ଓ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ପାଇଁ ୧୭୧ କୋଟି ଟଙ୍କା ପ୍ରଦାନ କରାଯାଇଛି ।

ଏହା ବ୍ୟତୀତ ଚଳିତ ଅତିରିକ୍ତ ବଜେଟ୍‌ରେ ଜିଲ୍ଲା ପରିଷଦ ନିର୍ବାଚନ ପରିଚାଳନା ପାଇଁ ୪୨କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ଏହି ବ୍ୟୟବରାଦ ଦ୍ୱାରା ବର୍ତ୍ତମାନ ତ୍ରିସ୍ତରୀୟ ପଞ୍ଚାୟତରାଜ ବ୍ୟବସ୍ଥାରେ ଖାଲି ପଡ଼ିଥିବା ଜିଲ୍ଲା ପରିଷଦ, ସରପଞ୍ଚ, ସମିତି ସଭ୍ୟ ଓ ୱାର୍ଡମେମ୍ବର ପଦବୀର ନିର୍ବାଚନ ଅନୁଷ୍ଠିତ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ଅନ୍ୟପଟେ ରାଜ୍ୟ ସରକାର ବିକଶିତ ଗାଁ ବିକଶିତ ଓଡ଼ିଶା ପାଇଁ ମାତ୍ର ୫୭ କୋଟି ବ୍ୟୟ ବରାଦ କରିଛନ୍ତି ।

### ଡିସେମ୍ବର ୪ରେ...

୨୨ରେ ରୁଷିଆ ଓ ୟୁକ୍ରେନ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଥିଲା । ୨୦୨୩ରେ ଭାରତ ଆୟୋଜନ କରିଥିବା ୧୮ତମ ଜି-୨୦ ସମ୍ମିଳନୀରେ ପୁଟିନ ଯୋଗ ଦେଇ ନଥିଲେ । ପୁଟିନଙ୍କ ଏହି ଗସ୍ତରେ ପ୍ରତିରକ୍ଷା ଚୁକ୍ତିକୁ ଅଧିକ ଗୁରୁତ୍ୱ ଦିଆଯିବ ବୋଲି କୁହାଯାଉଛି । ରୁଷିଆଠାରୁ ଭାରତ ଏସ୍-୪୦୦ ମିସାଇଲ ଡିଫେନ୍ସ ସିଷ୍ଟମର ଆହୁରି ୫ଟି ସେଟ୍ କ୍ରୟ କରିବା ନେଇ ଚୁକ୍ତି ହୋଇପାରେ । ରୁଷିଆର ସବୁଠାରୁ ଆଧୁନିକ ଫାଇଟର ଜେଟ୍ ଏସ୍‌ୟୁ-୫୭ର ୨-୩ ସ୍କ୍ୱାଡ୍ରନ ଭାରତ କ୍ରୟ କରିପାରେ । ଏଥିସହ ଅନ୍ୟାନ୍ୟ ପ୍ରସଙ୍ଗରେ ମଧ୍ୟ ଆଲୋଚନା ହୋଇପାରେ । ୩ ମାସ ତଳେ ପୁଟିନ ଭାରତ ଆସିବେ ବୋଲି କହିଥିଲେ । ପୁଟିନ ଶେଷଥର ପାଇଁ ୨୦୨୧ ଡିସେମ୍ବର ୬ରେ ଭାରତ ଆସିଥିଲେ । ସେତେବେଳେ ସେ ମାତ୍ର ୪ ଘଣ୍ଟା ପାଇଁ ଭାରତ ଆସିଥିଲେ । ଏହି ଅବସରରେ ଭାରତ ଓ ରୁଷିଆ ମଧ୍ୟରେ ୨୮ଟି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ସେହପରି ୨୦୨୪ରେ ପ୍ରଧାନମନ୍ତ୍ରୀ ଦୁଇଥର ରୁଷିଆ ଗସ୍ତ କରିଥିଲେ । ଅକ୍ଟୋବର ୨୨ରେ ବ୍ରିକ୍ସ ସମ୍ମିଳନୀ ଓ ଏହା ପୂର୍ବରୁ ଜୁଲାଇରେ ଦୁଇଦିନିଆ ଗସ୍ତରେ ରୁଷିଆ ଗସ୍ତ କରିଥିଲେ ମୋଦୀ । ସେତେବେଳେ ସେ ପୁଟିନଙ୍କୁ ଭାରତ ଗସ୍ତରେ ଆସିବାକୁ ନିମନ୍ତ୍ରଣ କରିଥିଲେ ।

### ଅନ୍ଧାରରେ 'ଅନ୍ୱେଷା'...

ନାମଲେଖା ନହେବ, ତାହେଲେ ଆସନ୍ତା ଶିକ୍ଷାବର୍ଷରେ ଏଥିରେ ଏକ ଗ୍ୟାପ୍ ରହିଯିବ । ଆଦିବାସୀ ପିଲାମାନଙ୍କୁ ଉତ୍କୃଷ୍ଟ ଶିକ୍ଷା ପ୍ରଦାନ କରିବା ପାଇଁ ପୂର୍ବ ସରକାର ଅନ୍ୱେଷା ଯୋଜନା ଆରମ୍ଭ କରିଥିଲେ । ଯୋଜନା କୁ ନେଇ ସାଧାରଣରେ ଥିବା ଦ୍ୱନ୍ଦକୁ ସରକାର ଦୂର କରନ୍ତୁ ବୋଲି ଶ୍ରୀ ବେହେରା ଦାବି କରିଥିଲେ । ଉତ୍ତରରେ ମନ୍ତ୍ରୀ ଶ୍ରୀ ଗଣ୍ଡ କହିଥିଲେ ଯେ ରାଜ୍ୟରେ ଏବେବି ଅନ୍ୱେଷା ଯୋଜନା ଚାଲୁ ରହିଛି । ତେବେ ଚଳିତବର୍ଷ ଏଥିରେ ପ୍ରଥମ ଶ୍ରେଣୀରେ ନାମଲେଖା ହୋଇନାହିଁ । ଯେଉଁମାନେ ବର୍ତ୍ତମାନ ଏଥିରେ ପାଠ ପଢୁଛନ୍ତି, ସେମାନଙ୍କ ପାଇଁ ଯୋଜନା ବଳବତ୍ତର ରହିଛି । ପରବର୍ତ୍ତୀ ସମୟରେ ନାମଲେଖା ନେଇ ସରକାର ବିଚାର କରିବେ ବୋଲି ସେ ମତବ୍ୟକ୍ତ କରିଥିଲେ ।

### ଧାନକିଣା: ଆରମ୍ଭରୁ...

ନାହାନ୍ତି । ଏପରିକି ମିଲରଙ୍କୁ ମାର୍କେଟୟାର୍ଡ ଆଲର୍ଟ ହୋଇନାହିଁ । ଭାରତୀୟ ଖାଦ୍ୟ ନିଗମ(ଏଫସିଆଇ) ଗତ ଖରିଫ୍ ଏବଂ ରବି ଧାନ ଏଯାବତ୍ ରାଜ୍ୟରୁ ଉଠାଇ ନାହିଁ । ତେଣୁ ସରକାରଙ୍କ ପାଖରେ ଧାନ ରଖିବା ପାଇଁ ସ୍ଥାନର ଅଭାବ ରହିଛି । ସେଥିପାଇଁ ଧାନ କ୍ରୟ ପ୍ରକ୍ରିୟାରେ ବିଳମ୍ବ ହେଉଛି । ସରକାର ଚାଷୀଙ୍କ ଭାଗ୍ୟ ଓ ଭବିଷ୍ୟତ ସହ ଖେଳ ଖେଳୁଛନ୍ତି ବୋଲି ଶ୍ରୀ ଆଚାର୍ଯ୍ୟ କ୍ଷୋଭ ପ୍ରକାଶ କରିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ ନିକଟରେ ବରଗଡ଼ରେ ମିଲର ଧାନ କିଣିବେ ନାହିଁ ବୋଲି ଖୋଲାଖୋଲି ସରକାରଙ୍କୁ ଚ୍ୟାଲେଞ୍ଜ କଲେ । ମାତ୍ର ସରକାର କୌଣସି ପ୍ରତିକ୍ରିୟା ରଖିଲେ ନାହିଁ । ଚାଷୀଟିଏ ଋଣ କରି ଚାଷରେ ପୁଞ୍ଜି ଲଗାଇଥିଲା; ଏବେ ଅଭାବୀ ବିକ୍ରି କରିବାକୁ ବାଧ୍ୟ ହେଲାଣି । ମାତ୍ର ସରକାର ଏଯାବତ୍ କୌଣସି ମିଲ ର ଷ୍ଟକ ଯାଞ୍ଚ କରିନାହାନ୍ତି । ଆପଣ ଚାଷୀଙ୍କୁ ରାଜ୍ୟର ମେରୁଦଣ୍ଡ ବୋଲି କହୁଛନ୍ତି । ମାତ୍ର ସେହି ମେରୁଦଣ୍ଡକୁ ଆଘାତ ଦେଉଛନ୍ତି । ଆଜି ପର୍ଯ୍ୟନ୍ତ ଚାଷୀଙ୍କୁ ଧାନ ବିକିବା ପାଇଁ ଟୋକନ ଦିଆଗଲା ନାହିଁ । ଚାଷୀଙ୍କୁ ଟୋକନ ନ ମିଳିଲେ ସେ ଧାନ କେମିତି ବିକ୍ରି କରିବ ବୋଲି ଶ୍ରୀ ଆଚାର୍ଯ୍ୟ ପ୍ରଶ୍ନ କରିଥିଲେ । ତୁରନ୍ତ ସରକାର ଏଥିରେ କାର୍ଯ୍ୟାନୁଷ୍ଠାନ ନେଇ ଧାନକିଣା ଆରମ୍ଭ କରିବାକୁ ସେ ଦାବି କରିଥିଲେ ।

### ଖେଞ୍ଚ ମାରିଲେ...

ସେହିପରି ଚାଷୀଙ୍କୁ ୮୦୦୦ କୋଟି ଟଙ୍କରା ଇନ୍‌ପୁଟ ସହାୟତା ରାଶି ପ୍ରଦାନ କରାଯାଇଛି । ଯାହା ସରକାରଙ୍କ ପାଇଁ ଏକ ଚମକପ୍ରଦ ସଫଳତା । ଏବର୍ଷ ପ୍ରାୟ ୧୯ ଲକ୍ଷରୁ ୨୦ ଲକ୍ଷ ଚାଷୀ ପଞ୍ଜୀକୃତ କରିବାର ସମ୍ଭାବନା ଥିବାବେଳେ ପ୍ରାୟ ୯୦ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ କରାଯାଇପାରେ । ଏହା ନିଶ୍ଚିତ ଭାବେ ସରକାରଙ୍କ ପାଇଁ ଏକ ଆହ୍ୱାନ ଅଟେ । ରାଜ୍ୟରେ ବିଗତ ୧୦ ବର୍ଷରେ ମିଲ୍ ସଂଖ୍ୟା ଓ ଗୋଦାମ ସଂଖ୍ୟାରେ ବୃଦ୍ଧି ହୋଇନାହିଁ । ତେଣୁ ଧାନ ଯେପରି ସଠିକ୍ ଭାବେ ସଂଗ୍ରହ ହେବ ଏବଂ ସଂରକ୍ଷଣ ହେବ, ସେନେଇ ସରକାର ସୁବ୍ୟବସ୍ଥା କରନ୍ତୁ ବୋଲି ଶ୍ରୀ ଖଟୁଆ ଦାବି କରିଥିଲେ ।

### କଂଗ୍ରେସରେ ନରସିଂହ...

ଥିଲା ଓ କୌଣସି ରାଜନୈତିକ ଆଲୋଚନା ହୋଇ ନ ଥିଲା ବୋଲି ସେ କହିଛନ୍ତି । ଏମିତି କି ଗତ ୨୬ ତାରିଖରେ ଦଳ ପକ୍ଷରୁ ସମ୍ବିଧାନ ଦିବସ ଆୟୋଜନ କରାଯିବା ସତ୍ତ୍ୱେ ତାଙ୍କୁ ଫୋନ୍‌ଟିଏ ମଧ୍ୟ କରାଯାଇ ନାହିଁ ବୋଲି କହି ଶ୍ରୀ ମିଶ୍ର କ୍ଷୋଭ ପ୍ରକାଶ କରିଛନ୍ତି । ତାଙ୍କୁ କେହି ପଚାରୁ କି ନ ପଚାରୁ ସେ କଂଗ୍ରେସ ଦଳରେ ରହିଥିବେ ବୋଲି ଶ୍ରୀ ମିଶ୍ର କହିଛନ୍ତି । ଗତବର୍ଷ ସାଧାରଣ ନିର୍ବାଚନ ସମୟରେ ନରସିଂହ ପ୍ରତ୍ୟକ୍ଷ ନିର୍ବାଚନ ଲଢ଼ିବେ ନାହିଁ ବୋଲି ଘୋଷଣା କରିଥିଲେ । ମାତ୍ର ସେ ରାଜନୀତିରେ ରହିବେ ଓ ଦଳ ପାଇଁ କାର୍ଯ୍ୟ କରିବେ ବୋଲି କହିଥିଲେ ମଧ୍ୟ ତାଙ୍କପରି କଂଗ୍ରେସର ଜଣେ ତୁଙ୍ଗ ନେତା ନୂଆପଡ଼ା ନିର୍ବାଚନରେ ଅଲୋଡ଼ା ରହିବା ଅନେକ ଦିଗକୁ ଇଙ୍ଗିତ କରୁଛି । ଏମିତି ତ ନୂଆପଡ଼ା ନିର୍ବାଚନ ପରଠାରୁ କଂଗ୍ରେସରେ ସବୁ କିଛି ଠିକ୍ ଚାଲି ନ ଥିବା ଚର୍ଚ୍ଚା ହେଉଛି । ଏହି ନିର୍ବାଚନରେ କଂଗ୍ରେସର ପ୍ରଦର୍ଶନ ଦଳ ଆଶା କରୁଥିବା ତୁଳନାରେ କମ୍ ରହିଥିବା ବେଳେ ଭକ୍ତ ପରୋକ୍ଷରେ ନିଜ ଦଳର କିଛି ନେତାଙ୍କୁ ବିଭୀଷଣ ବୋଲି ଅଭିହିତ କରିବା ଦଳରେ ବିଭ୍ରାଟ ସୃଷ୍ଟି କରିଛି । ଦଳର ବରିଷ୍ଠ ନେତା ମହମ୍ମଦ ମୋକିମ ଭକ୍ତଙ୍କ ମନ୍ତବ୍ୟକୁ ବିରୋଧୀ କରି ଦଳର ସୃଙ୍ଖଳା କମିଟିକୁ ପତ୍ର ଲେଖି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ସେହିପରି ଦଳର ଅନ୍ୟ ବରିଷ୍ଠ ନେତାମାନେ ମଧ୍ୟ ପ୍ରାୟ ନିଜକୁ ବର୍ତ୍ତମାନ ଭକ୍ତଙ୍କଠାରୁ ଦୂରେଇ ରଖୁଥିବା ଦେଖାଯାଉଛି । ଏହି ସମୟ ଭିତରେ ନରସିଂହ ମିଶ୍ରଙ୍କ ଭଳି ବରିଷ୍ଠ ନେତା ନିଜର ଅସନ୍ତୋଷ ଜାହିର କରିବା ପରେ କଂଗ୍ରେସ ଉପରେ ନକରାତ୍ମକ ପ୍ରଭାବ ପକାଇବା ଆଶଙ୍କା କରାଯାଉଛି । ସାଂଗଠନିକ ସ୍ତରରେ ଏହାର ଏକ କୁପ୍ରଭାବ ପଡ଼ିବାର ଆଶଙ୍କା କରାଯାଉଛି ।

### ସ୍କୁଲରେ ବୋମା ମାଡ଼...

ଯାଇଥିଲା ଏବଂ କଣ୍ଟା, ବାରୁଦ ଆଦି ଚାରିଆଡ଼େ ବିଛେଇ ହୋଇ ପଡ଼ିଥିଲା । ଯେଉଁ ଅଭିଭାବକମାନେ ପିଲାଙ୍କୁ ଛାଡ଼ି ଫେରୁଥିଲେ, ସେମାନେ ଆତଙ୍କିତ ହୋଇ ପୁଣି ସ୍କୁଲ ନିକଟକୁ ଧାଇଁ ଆସିଥିଲେ । କିଛି ଦୁର୍ବୃତ୍ତ ଗାଡିରେ ଆସି ଏଭଳି କାଣ୍ଡ ଭିଆଇଥିବା ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି । ଘଟଣାର ସମ୍ବେଦନଶୀଳତାକୁ ଦୃଷ୍ଟିରେ ରଖି କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଏହି ମାମଲର ତଦନ୍ତ ଭାର ସମ୍ଭାଳିଛି । ଏହି ଘଟଣାର ତଦନ୍ତ ପାଇଁ ଏନ୍‌ଆଇଏର ଏକ ୩ଜଣିଆ ଟିମ୍ ଘଟଣାସ୍ଥଳ ପରିଦର୍ଶନ କରିଛି । ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ପଡ଼ିରହିଥିବା ବାରୁଦଗୁଣ୍ଡ, କଣ୍ଟାକୁ ତନ୍ନ ତନ୍ନ କରିଯାଞ୍ଚ କରିବା ସହ ମୋବାଇଲ ଲୋକେସନ୍ ଆଧାରରେ ସଂଦିଗ୍ଧ ଲୋକଙ୍କ ଏକ ତାଲିକା ପ୍ରସ୍ତୁତ କରିଛି । ଖବରପାଇ ମଞ୍ଚେଶ୍ୱର ଥାନା ପୁଲିସ ଏବଂ ଆର୍‌ପିଏଫ୍ ଓ ପରେପରେ ପୁଲିସ କମିଶନର ଘଟଣାସ୍ଥଳରେ ପହଞ୍ଚିଥିଲେ । ପୁଲିସ କମିସନର ଏସ୍. ଦେବଦତ୍ତ ସିଂ ମିଳିଥିବା ନମୁନା ସାଧାରଣ ଗନପାଉଡରର ଓ ତେଣୁ ଭୟଭୀତ ହେବାର କୌଣସି କାରଣ ନାହିଁ ବୋଲି ସେ କହିଛନ୍ତି । ତେବେ ଏନ୍‌ଆଇଏ ଏହି ଘଟଣାକୁ ଅତ୍ୟନ୍ତ ଗୁରୁତ୍ୱର ସହ ନେଇଛି । ବିନା କୌଣସି ଉଦ୍ଦେଶ୍ୟରେ ଏଭଳି କାଣ୍ଡ ହୁଏ ନାହିଁ; ଅପରାଧୀଙ୍କ ନିହାତି କିଛି ଉଦ୍ଦେଶ୍ୟ ରହିଛି । ତଦନ୍ତ ପରେ ଏସବୁ ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି । କୌଣସି ଶିକ୍ଷାନୁଷ୍ଠାନ ଉପରେ ବୋମାମାଡ଼ ରାଜଧାନୀରେ ପ୍ରଥମ ଘଟଣା ହୋଇଥିବାରୁ ଏହାକୁ ନେଇ ସବୁ ମହଲରେ ଚିନ୍ତା ପ୍ରକାଶ ପାଇଛି । ଅନ୍ୟପକ୍ଷରେ ଏହି ଘଟଣା ଆଜି ବିଧାନସଭାରେ ମଧ୍ୟ ଉଠିଛି । ବିଜେଡି ବିଧାୟକ ଦଳର ଉପ ମୁଖ୍ୟ ସଚେତକ ପ୍ରତାପ ଦେଓ ପଏଣ୍ଟ ଅଫ୍ ଅର୍ଡର ଏହି ଘଟଣା ସମ୍ପର୍କରେ ସରକାରଙ୍କ ସ୍ପଷ୍ଟୀକରଣ ଲୋଡ଼ିଛନ୍ତି । ବାଚସ୍ପତି ଏହି ଘଟଣା ସମ୍ପର୍କରେ ତଥ୍ୟ ପ୍ରଦାନ କରିବାକୁ ବିଭାଗୀୟ ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ବ୍ୟବସାୟୀଙ୍କୁ ଆକ୍ରମଣ ଘଟଣାରେ ୨ ଗିରଫ

ପାରଳାଖେମୁଣ୍ଡି,୨୮ ।୧୧(ସମିସ): ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଗାରାବନ୍ଧ ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମ ଛକ ନିକଟରେ ଚଳିତ ମାସ ୩ ତାରିଖ ରାତିରେ ଏକ ସ୍କୁଟି ଯୋଗେ କାଜୁ ବ୍ୟବସାୟରେ ନିବେଶ ହୋଇଥିବା ଲକ୍ଷାଧିକ ଟଙ୍କା ଧରି ମାଛମରା ଗ୍ରାମର ସୁରେଶ ନାଇଡୁ ଫେରୁଥିବା ବେଳେ କେତେକ ଦୁର୍ବୃତ୍ତ ମରଣାନ୍ତକ ଆକ୍ରମଣ କରି ଟଙ୍କା ଲୁଟି ନେଇଥିଲେ । ଆଜି ଏହି ମାମଲାରେ ଜଣେ ସରକାରୀ କର୍ମଚାରୀଙ୍କ ସହ ୨ ଜଣଙ୍କୁ ଗିରଫ କରିଛି ପୁଲିସ । ସେମାନେ ହେଲେ ଗୁରାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପୁରୁଷ ସ୍ୱାସ୍ଥ୍ୟ କର୍ମଚାରୀ ବାବୁଲା ଜେନା (୪୨) ଏବଂ ଗୁରାଣ୍ଡି ଗ୍ରାମର ଗଣେଶ ବିଶୋଇ (୪୦) । ଉଭୟଙ୍କ ନିକଟରୁ ପୃଥକ ପୃଥକ ଭାବେ ୧ଲକ୍ଷ ଟଙ୍କା ଲେଖାଏଁ ଜବତ କରାଯାଇଥିବା ବେଳେ ତିନିଗୋଟି ମୋବାଇଲ ଫୋନ୍, ଗୋଟିଏ ବାଇକ୍ ଜବତ ହୋଇଥିବା ଥାନା ଅଧିକାରୀ କହିଛନ୍ତି ।

## ଚାଙ୍ଗଡ଼ା ଘର ନିକଟରେ ବାନ୍ତି | ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ

ପୁରୀ,୨୮ ।୧୧(ସମିସ): ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ହୋଇଛି ବଡ଼ ମହାସ୍ନାନ । ଚାଙ୍ଗଡ଼ା ଘର ନିକଟରେ ବାନ୍ତି ପଡ଼ିଥିବାରୁ ଏହି ମହାସ୍ନାନ କରାଯାଇଛି । ଏହି ସ୍ୱତନ୍ତ୍ର ମହାସ୍ନାନ ପୂଜା ପାଇଁ ନୀତିକାନ୍ତିରେ ପ୍ରାୟ ଦେଢ଼ଘଣ୍ଟା ବିଳମ୍ବ ହୋଇଛି । ଶୁକ୍ରବାର ସକାଳ ୬ଟା ୧୦ରେ ଦ୍ୱାର ଫିଟିଥିଲା । ୬ଟା ୫୦ରେ ମଙ୍ଗଳ ଆଳତି ବଢ଼ି ଅନ୍ୟାନ୍ୟ ନୀତି ଚାଲିଥିଲା । ସକାଳ ୮ଟା ୫ରେ ଅବକାଶ ପୂଜା ସରିବା ପରେ ଭିତରକାଠ ଦର୍ଶନ ଚାଲିଥିଲା । ଏହି ସମୟରେ ଚାଙ୍ଗଡ଼ା ଘର ନିକଟରେ ଜଣେ ଭକ୍ତ ବାନ୍ତି କରିଥିବା ଦେଖିବାକୁ ମିଳିଥିଲା । ଏହାପରେ ସେହିଠାରେ ନୀତି ଅଟକା ଯାଇ ମହାସ୍ନାନ ପାଇଁ ଆରମ୍ଭ ହୋଇଥିଲା ପ୍ରକ୍ରିୟା । ରତ୍ନସିଂହାସନଠାରୁ ଜୟ ବିଜୟ ଦ୍ୱାର ପର୍ଯ୍ୟନ୍ତ ଧୂଆ ହୋଇ ଚୂନପାଣି ପଡ଼ିଥିଲା ।

Phone No. (06854) 241159/232717
Email: ceo@koraputccb.com

**KORAPUT CENTRAL CO-OPERATIVE BANK LTD.**
HEAD OFFICE : N.K.T. ROAD, JEYPORE-764003,D IST.: KORAPUT (ODISHA)
Letter No. 5065/P&S/2025-26 Date 25.11.2025

**QUOTATION CALL NOTICE**

Sealed quotations are invited from the Authorised dealer with supported valid GST & PAN are requested to submit their sealed quotations before the undersigned on or before **Dt. 03.12.2025** by **5.30 P.M** latest as per following specification along with 2% security deposit of quotation value in favour of Secretary, Koraput Central Cooperative Bank Ltd., Jeypore at the time of submission of tender. The sealed tender notice should be highlighted as **Air Conditioner** on envelop.

The tender will be opened on **Dtd. 04.12.2025 at 4.30 P.M** in presence of the authorized representative and if no agency or their representative shall remain present at the time of opening of quotations then the same shall be opened by the Purchase Committee members.

| Sl. No. | Particulars | No. of Items required approximately | Proposed Installation Sight/Place |
|---|---|---|---|
| 1. | Air Conditioners Cost (Make: **Voltas/ Haier/ Carrier,** 1.5 Ton Capacity, 5 Star rated, Inverter Split AC (Copper Condenser, White in colour) | 12 | Installation sight under all or any Branch bank of the Koraput C. C Bank Ltd., Jeypore within undivided Koraput Districts (Place will be mentioned at the time of P.O supplied). |
| 2. | Stabilizer Cost (Make: Luminous/ Leotronix – Automatic) | | |
| 3. | Transportation & Installation Charges | | |
| 4. | A.C Stand for outdoor per unit, if required | | |
| 5. | Extra Copper pipe per feet, if required | | |
| 6. | Warranty / Guarantee | | |

The above items should be quoted including GST, Transportation, Installation charges and supply at any branch bank of the Koraput Central Cooperative Bank Ltd., Jeypore (within undivided Koraput District). The quotation received incomplete or after the scheduled date shall be rejected and will not be entertained by the Bank.

The short list shall be made basing upon the rates offered by the firms/agencies. The authority reserves the right to reject all or any quotations without assigning any reason thereof.

Taxes will be deducted as applicable at the time of payment of Bill amount.

For any queries, please contact to Sri Jaya Pradeep Patnaik, Manager, P&S, KCC Bank Ltd., Head Office, Jeypore. Mobile No.: 9777519964.

Secretary
K.C.C. Bank Ltd. Jeypore

ଭା.କ.ନି. CCI

**ଭାରତୀୟ କପା ନିଗମ ଲିମିଟେଡ୍**
**ଶାଖା କାର୍ଯ୍ୟାଳୟ: ରାୟଗଡା**
ଭବନାରାୟଣ ନୀଲୟମ, ଜ୍ୟୋତି ମହଲ ହୋଟେଲ ନିକଟରେ,
କନଭେଣ୍ଟ ରୋଡ୍, ରାୟଗଡା -୭୬୫୦୦୧

ମୋବାଇଲ ଆପ
कपास किसान

ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ — ତାରିଖ: ୨୮.୧୧.୨୦୨୫

**କପା ଚାଷୀଙ୍କୁ ଆହ୍ୱାନ**

ଚଳିତ କପା ବିପଣନ ଋତୁ ୨୦୨୫-୨୬ ରେ, ଭାରତୀୟ କପା ନିଗମ (CCI) କପାଚାଷୀଙ୍କ ପାଇଁ **"କପାସ କିଷାନ"** ମୋବାଇଲ୍ ଆପ୍ ଲଞ୍ଚ କରିଛି, ଯାହା ମାଧ୍ୟମରେ ଚାଷୀମାନେ ସ୍ୱୟଂ-ପଞ୍ଜିକରଣ କରି ପାରିବେ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ CCI କ୍ରୟ କେନ୍ଦ୍ରରେ ସେମାନଙ୍କର କପା ବିକ୍ରୟ କରିପାରିବେ। ସମ୍ପୃକ୍ତ ରାଜ୍ୟ ଦ୍ୱାରା ସ୍ୱୟଂ-ପଞ୍ଜିକରଣ ଅନୁମୋଦନ ହେବା ପରେ ପଞ୍ଜିକରଣ ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯିବ, ଯାହା ପରେ ଚାଷୀମାନେ ମୋବାଇଲ୍ ଆପରେ ଉପଲବ୍ଧ ନିକଟତମ କ୍ରୟ କେନ୍ଦ୍ର / ଅଧିସୂଚିତ କାରଖାନାରେ ସେମାନଙ୍କର କପା ବିକ୍ରୟ କରିବା ପାଇଁ ଏକ ସ୍ଲଟ୍ ବୁକ୍ କରିପାରିବେ।

**ରାଜ୍ୟଗୁଡ଼ିକର ଅନୁରୋଧ ଏବଂ କୃଷକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି, ପଞ୍ଜୀକରଣର ଶେଷ ତାରିଖ ୩୧ ଅକ୍ଟୋବର ୨୦୨୫ ରୁ ୩୧ ଡିସେମ୍ବର ୨୦୨୫ କୁ ବୃଦ୍ଧି କରାଯାଇଛି।**

ତେଣୁ, ସମସ୍ତ କପା ଚାଷୀଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ କପାସ କିଶାନ ମୋବାଇଲ୍ ଆପ୍ ଡାଉନଲୋଡ୍ କରନ୍ତୁ ଏବଂ ସେମାନଙ୍କର ପଞ୍ଜୀକରଣ ସମାପ୍ତ କରନ୍ତୁ ଯାହା ଦ୍ୱାରା ସେମାନେ MSP ଯୋଜନାର ଲାଭ ପାଇପାରିବେ।

ଗୁଣବତ୍ତା ମାନଦଣ୍ଡ ଅନୁଯାୟୀ ଯଦି କପାରେ ଆର୍ଦ୍ରତା ୮% ଅତିକ୍ରମ ନକରେ, ତେବେ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ପ୍ରଦାନ କରାଯିବ। କିନ୍ତୁ, ଯଦି ଆର୍ଦ୍ରତା ୮% ଅତିକ୍ରମ କରି ୧୨% ପର୍ଯ୍ୟନ୍ତ ପହଞ୍ଚିଯାଏ, ତେବେ ୮% ରୁ ଅଧିକ ଆର୍ଦ୍ରତା ଅନୁପାତରେ ହ୍ରାସ କରି MSP ପ୍ରଦାନ କରାଯିବ।

ତେଣୁ, ନିଗମ ସମସ୍ତ କପା ଚାଷୀଙ୍କୁ ଅତ୍ୟଧିକ ଆର୍ଦ୍ରତା ଯୋଗୁଁ କୌଣସି କଟନିତୀକୁ ଏଡାଇବା ପାଇଁ କେବଳ ଶୁଖିବା ପରେ ସେମାନଙ୍କର କପା କେନ୍ଦ୍ରକୁ ଆଣିବାକୁ ଅନୁରୋଧ କରୁଛି। ତଥାପି, କୌଣସି ପରିସ୍ଥିତିରେ କପାରେ ଆର୍ଦ୍ରତା ୧୨% ଅତିକ୍ରମ କରିବା ଉଚିତ୍ ନୁହେଁ।

ଯଦି କୌଣସି ପ୍ରକାରର ସହାୟତା ଆବଶ୍ୟକ ହୁଏ, ତେବେ ଚାଷୀମାନେ ନିଗମର ରାୟଗଡ଼ା ଶାଖା କାର୍ଯ୍ୟାଳୟ ସହିତ ହ୍ୱାଟସଆପ୍ ହେଲ୍ପଲାଇନ୍ ନମ୍ବର ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।

ସ୍ୱା/-ଶାଖା ପ୍ରମୁଖ

**SAMBALPUR DISTRICT CO-OPERATIVE CENTRAL BANK**
QUOTATION CALL NOTICE NO.
4216/CB/CT/2025-26, dt.27.11.2025

Sambalpur District Co-Operative Central Bank (SDCCB) invites Quotation call notice for Purchase of New Water Purifier and Water Freezer for branches under Sambalpur District Cooperative Central Bank Ltd., Bargarh. For details please visit websites: www.sambalpurdccb.bank.in.The last date for receipt of proposal is **06.12.2025 at 3.00 PM.**
SDCCB reserves the right to accept/ reject any/ all Quotation without assigning any reason thereof.

Sd/-
Chief Executive Officer

SAMBALPUR DISTRICT CO-OPERATIVE CENTRAL BANK
HEAD OFFICE: BARGARH-768028
Email:headoffice@sambalpurdccb.com

**AFFIDAVIT**

By virtue of an affidavit before the Notary Public, Titilagarh, on dated-27/11/2025. I, **Phakira Harpal** (applicant name), S/o- Raju Harpal, permanent resident of AT-Sargiguda, Titilagarh, PO/PS-Titilagarh, Dist- Balangir, (Odisha), PIN- 767033 now residing at the same place declare that I have changed my minor daughter's name from **Tanmayee Harpal** (old name) to **Priyatama Harpal** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she shall be known as **Priyatama Harpal** (new name) for all future purposes. **Phakira Harpal**

**AFFIDAVIT**

By Virtue of an affidavit sworn before Executive Magistrate and Tahasildar Basta, Sl No- 4494 Dt-25/11/2025.Bhupati Kamila,S/o Jhadeswar Kamila permanent resident of At-Kainda,Po-Irda,Ps-Singla/Dist-Balasore,Pin-756080. Declared that I Have Changed the name & address of my Minor Son MANIK DAS to SAISUMAN KAMILA & the same address. Hence this affidavit He shall be known as SAISUMAN KAMILA. MANIK DAS and SAISUMAN KAMILA same and one person for all future purposes.
**Bhupati Kamila**

**AFFIDAVIT**

By the virtue of an affidavit sworn before Executive Magistrate, Bhubaneswar, dated 26.11.2025, I, **DRAUPADI SWAIN**, At-Benapur, Po- Kantigadia, PS-Badachana, District- Jajpur, Pin-755049 declare that I have changed my name from **DOUPADI SWAIN** to **DRAUPADI SWAIN**. Henceforth, I shall be known as **DRAUPADI SWAIN** for all purposes.
**Sd- (DRAUPADI SWAIN)**

**AFFIDAVIT**

By virtue of an affidavit before Executive Magistrate, Bhubaneswar, on dated 28.11.2025, I Sarbeswar Nayak resident of Vill/Po- Lunga, Ps-Basudevpur, Dist- Bhadrak, Odisha, PIN- 756124 , declare that I have changed my daughter's name from Priyadarsini Nayak to Harapriya Nayak . Henceforth, she shall be known as **HARAPRIYA NAYAK** for all purposes.

**AFFIDAVIT**

By virtue of an affidavit before Executive Magistrate, Bhubaneswar, on dated 28.11.2025, I Soumyaranjan Barik, resident of At/Po- Jhajia, VTC- Jhajia, Sub- Dist- Badamba, Ps- Badamba, Dist- Cuttack, Odisha, PIN- 754031, declare that I have changed my name from Soumyaranjan Bariki to Soumyaranjan Barik . Henceforth, I shall be known as **SOUMYARANJAN BARIK** for all purposes.

**AFFIDAVIT**

I, Tabassum Jahan wife of Gulam Moinuddin Khan, resident of Ward No.- 25, Plot No.- N-1/316, IRC Village, P.O.- IRC Village, P.S.- Nayapalli, Bhubaneswar, Dist.- Khordha, Odisha-751015 declare by this affidavit No.- 11, dated 04.11.2025 that now onwards I shall be known as TABASUM JAHAN for all future purposes.
**Sd/- Tabassum Jahan**

**AFFIDAVIT**

By virtue of an affidavit before Notary Public, Bhubaneswar, on dated, 27.11.2025, I Yasmini Pradhan, resident of Madhusudan Nagar, Chhanaghar, Po/Ps- Jatni, Dist- Khordha, Odisha, PIN-752050, declare that I have changed my name from Yasmini Begum to Yasmini Pradhan . Henceforth, I shall be known as **YASMINI PRADHAN** for all purposes.

**AFFIDAVIT**

By virtue of an affidavit sworn before the Executuve Magistrate, Nabarangpur, dated. 27.11.2025 I, CHAITANYA DHAKAD, S/o- Late. Ghenua Dhakad, Vill.- Maliguda, Po.- Sindhigaon, Ps.-Nabarangpur, Dist.- Nabarangpur, Odisha, Pin - 764059, declare that I have changed my name from **HARICHANDRA DHAKAD** to **CHAITANYA DHAKAD**. Henceforth, I shall be known as **CHAITANYA DHAKAD** for all purposes.
Sd/- CHAITANYA DHAKAD

**NOTICE**

By virtue of an affidavit sworn before Executive Magistrate, Baripada, Mayurbhanj, dated 24/11/2025, I SUNITA AGARWAL , W/o Sunil Kumar Agarwal At-M.P.C College Front, Baripada, Po/Ps – Baripada Town , Dist – Mayurbhanj, Pin – 757001 declare that I have changed my name from SUNITA MURARKA to SUNITA AGARWAL. Henceforth, I shall be known as SUNITA AGARWAL for all purposes.
**Sd/- SUNITA AGARWAL**

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.: ST-OT-SIG-ZONAL-JJKR-519, ତା.24.11.2025ରିଖ

**କାର୍ଯ୍ୟର ନାମ :** 01 ବର୍ଷ ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର ସିଗ୍ନାଲ/ଯାଜପୁର କେନ୍ଦୁଝର ରୋଡ଼ (JJKR) ପରିସୀମା ଅଧୀନସ୍ଥ ସେକ୍ସନରେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ସିଗ୍ନାଲିଙ୍ଗ୍ ଜୋନାଲ (Zonal) କାର୍ଯ୍ୟ ।

**ଟେଣ୍ଡର ମୂଲ୍ୟ (₹):** 87,39,806.64, EMD (₹) : 1,74,800.00 ।

ବିଡ଼୍ ଆରମ୍ଭ ହେବା ତାରିଖ : ତା.02.12.2025 ରିଖ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.16.12.2025 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ କରିଥିବା କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ଼
PR-847/Q/25-26

**AFFIDAVIT (For Minor)**

By virtue of an affidavit sworn before Executive Magistrate, Banpur, vide no.- 4311, dated-28/11/2025 I, Mohan Sahoo, aged about- 42yrs., Address S/o- Panu Sahoo, At- Sunakera, Po.- Banpur, Ps.- Banpur, Dist.- Khordha, Odisha, Pin-752031, declare that, I have changed the name of my minor son from **Ankit Pradhan** to **Ankit Sahoo**. Henceforth, he shall be known as **Ankit Sahoo** for all purposes.
Sd/- Ankit Sahoo

**AFFIDAVIT**

By virtue of an affidavit sworn before the Executuve Magistrate, Nabarangpur, dated. 25.11.2025 I, BANITA MUDULI , W/o- Dinesh Muduli, At Village- Bejuguda, Po.- Bejuguda, Ps.- Tentulikhunti, Dist.- Nabarangpur, Odisha, Pin - 764070, declare that I have changed my name from **BANITA JHADIA** to **BANITA MUDULI**. Henceforth, I shall be known as **BANITA MUDULI** for all purposes.
Sd/- BANITA MUDULI

**AFFIDAVIT**

By virtue of an affidavit sworn before Executive Magistrate, Bissam Cuttack, vide no.- 2743, dated- 24/11/2025 I, Hari Saraka, S/o- Late Padan Saraka for resident of Vill.- Munda, Po.- Jhigidi, Ps.- Bissam Cuttack, Dist.- Rayagada, Odisha, PIN-765019 declare that, I have changed the name of my minor daughter from **Progati Saraka** to **Pooja Saraka**. Henceforth, she shall be known as **Pooja Saraka** for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, dated 26.11.2025 I, DHANURJAYA BHATARA, S/o - Narahari Bhatara , Village- Danaguda, Po.- Sanamasigam, Ps.- Nabarangpur, Dist.- Nabarangpur, Odisha, Pin - 764063, declare that I have changed the name of my Son from **HARDING BHATRA** to **NARASINGH BHATARA**. Henceforth, he shall be known as **NARASINGH BHATARA** for all purposes.
Sd/- Dhanurjaya Bhatara

**AFFIDAVIT**

By virtue of an affidavit (CF No. 103, date 25/11/2025) sworn before the Executive Magistrate, Bhubaneswar, I, **Sanjeet Kumar Mohanty,** S/o Late Trilochan Mohanty, resident of At Plot No. 1036/A, Lane-4, Santinagar, Korndakana, PO- Budheswari, PS-Laxmisagar, Bhubaneswar, Dist-Khordha, PIN- 751006, Odisha declare that I have corrected my minor son's name from **Subhanjeet Mohanty** to **Sivan Mohanty** and date of birth from **24/08/2013** to **14/02/2014.** Henceforth, he shall be known as **Sivan Mohanty** (**DOB: 14/02/2014**) for all future purposes.

**AFFIDAVIT**

I, Swaroop Ramdas Taksande, S/o- Late Ramdas Sonuji Taksande, resident of D-170, Nalco Nagar, Phase 1, Nalco Square, Bhubaneswar, Dist.- Khordha, Odisha-751012, do hereby declare by this affidavit No-313, dtd 27.11.2025 that I have changed the name of my minor daughter from **Tushita Taksande** to **Tushita Swaroop Taksande**. That now onwards my daughter shall be known as **Tushita Swaroop Taksande** for all future purposes.


ADMISSION NOTICE-2025-26
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
*Campus:*
262, Puranpadhan, Balakati, Bhubaneswar
Mob. 7019799641, 7978608747
9853801459
Email: mdscnbbsr@gmail.com

• **B. Pharm**
Rs. 58,000/- P.A.
Eligibility: +2 Sc. (PCB/M & OJEE Appeared)

• **D. Pharm**
Rs. 48,000/- P.A.
Eligibility: +2 Sc. (PCB/M)

• **B.M.L.T.**
Rs. 58,000/- P.A.
Eligibility: +2 Sc. (PCB/M with 50 % Mark)

• **D.M.L.T.**
Rs. 48,000/- P.A.
Eligibility: +2 Sc. Pass (PCB/M)

• **M.P.H.**
Rs. 42,000/- P.A.
Eligibility: Any Graguate

ALL COURSE FEES ARE EXCLUDING HOSTEL

## ସମବାୟ ଜାଲରେ କୁରାଳ ଜମାକାରୀଙ୍କ ଭାଗ୍ୟ

# ୮ ବର୍ଷ ପରେ ବି ମିଳିଲାନି ଜମା ଟଙ୍କା

ନୟାଗଡ଼,୨୮।୧୧(ସମିସ)

ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଅଧିନସ୍ଥ କୁରାଳ ସମବାୟ ସମିତିରେ ୬ କୋଟି ୪୨ ଲକ୍ଷ ଟଙ୍କା ଅନିୟମିତତା ଘଟଣା ମୁଖ୍ୟକାର୍ପଟଦାରମାନେ ସୁରକ୍ଷିତ ଭାବେ ବୁଲୁଥିବା ବେଳେ ଜମାକାରୀ ଭାଗ୍ୟକୁ ଆଦରି ବସିଛନ୍ତି । ଦୀର୍ଘ ୮ ବର୍ଷ ଧରି ଜମାଟଙ୍କା ଫେରି ପାଇବାକୁ ଲୋକମାନେ ଚାହିଁ ବସିଛନ୍ତି । ସମବାୟ ବିଭାଗର କାଗଜ

■ ଦାୟିତ୍ୱ ମୁଣ୍ଡାଉ ନାହାନ୍ତି ସୁପରଭାଇଜର
■ ଅଚଳାବସ୍ଥା, ଆନ୍ଦୋଳନ ଚେତାବନୀ

ଚାଷରେ ଜମାକାରୀଙ୍କ ଭାଗ୍ୟ ବନ୍ଧା ପଡ଼ିଛି । କୁରାଳ ସମବାୟ ସମିତି ସମ୍ପାଦକ କାଳୁ ଚରଣ ରାଉତ ଏବଂ ତତ୍କାଳୀନ ସଭାପତି ପଞ୍ଚୁ ପ୍ରଧାନଙ୍କ ମିଳିତ ହରିଲୁଟ ଯୋଜନାରେ କୁରାଳ ପ୍ୟାକ୍ସର ଶହ ଶହ ଜମାକାରୀଙ୍କ ଏସବି ଏବଂ ଫିକ୍ସ ଡିପୋଜିଟ୍ ଅର୍ଥ ହରିଲୁଟ ହୋଇଛି । ଚାଷୀମାନେ ନିଜ ରୋଜଗାର ସଞ୍ଚିତ ଧନକୁ ଫେରି ପାଇବାକୁ ଆଜି ବି ଚାହିଁ ବସିଛନ୍ତି । ବାରମ୍ବାର ଅର୍ଥ ଫେରସ୍ତ କରିବା ପାଇଁ ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କୁ ନିର୍ଦ୍ଦେଶ ମିଳିଥିବା ବେଳେ ଏହାକୁ ଅଣଦେଖା କରାଯାଇଛି । ପ୍ରଶାସନ ଏବଂ ରାଜନେତାଙ୍କ ଏଥିପ୍ରତି ଆନ୍ତରିକତା ନଥିବା ଅଭିଯୋଗ ହୋଇଛି । ସମବାୟ ବିଭାଗ ନିବନ୍ଧକ ନୟାଗଡ଼ ସହକାରୀ ନିବନ୍ଧକଙ୍କୁ ହିତାଧିକାରୀଙ୍କ ଜମା ରାଶି ପରିମାଣ ଏବଂ ହିତାଧିକାରୀଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରି ଟଙ୍କା ଫେରସ୍ତ ଦେବାକୁ ଗତବର୍ଷ ନିର୍ଦ୍ଦେଶ ଦେଇଥିଲେ । ଯାହାକୁ ନେଇ ନୟାଗଡ଼ ସହକାରୀ ନିବନ୍ଧକଙ୍କ ନିର୍ଦ୍ଦେଶରେ ତତ୍କାଳୀନ ଉପ ସହକାରୀ ନିବନ୍ଧକ ସୁଦାମ ଚରଣ ଜେନା ଏବଂ ଓଡ଼ଗାଁ ଶାଖା ପରିଚାଳକ ବଟକୃଷ୍ଣ ବେହେରା, କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳକ ମୃତ୍ୟୁଞ୍ଜୟ ବେହେରା, ଓଡ଼ଗାଁ ବ୍ଲକ ସମବାୟ ନୀରିକ୍ଷକ ସୁଶାନ୍ତ କୁମାର ସାହୁ, କୁରାଳ ପ୍ୟାକ୍ସ ସମ୍ପାଦକ ଲିଙ୍ଗରାଜ ସାହୁ ହିତାଧିକାରୀଙ୍କଠାରୁ ତଥ୍ୟ ସଂଗ୍ରହ କରିଥିଲେ । ୨୪୪ ଜଣ ହିତାଧିକାରୀଙ୍କର ୩୭୨ ଆକାଉଣ୍ଟ ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଇ ବିଭାଗକୁ ତଥ୍ୟ ପଠା ଯାଇଥିଲା । ଟଙ୍କାର ପରିମାଣ ସମ୍ପର୍କରେ କୌଣସି ସୂଚନା ଅବଗତ କରାଯାଇନଥିବା ବେଳେ ନିର୍ବାଚନ ପୂର୍ବରୁ କିଛି ହିତାଧିକାରୀଙ୍କୁ ଅର୍ଥ ଫେରସ୍ତ କରାଯାଇଥିଲା । ୧୦ ହଜାର ତଳକୁ ଜମା ରଖିଥିବା ହିତାଧିକାରୀଙ୍କୁ ପ୍ରାଥମିକ ପର୍ଯ୍ୟାୟରେ ୧୨ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା । ନିର୍ବାଚନ ପରେ ଏହା ଧୁଆଁବାଣ ସଦୃଶ ସାବ୍ୟସ୍ତ ହୋଇଛି । ଜମାକାରୀଙ୍କ ଟଙ୍କା ଫେରସ୍ତ କରିବାକୁ କେନ୍ଦ୍ର ସମବାୟ ବ୍ୟାଙ୍କ ଆଦୌ ଗୁରୁତ୍ୱ ଦେଉନାହିଁ ଏପରିକି କୁରାଳ ସମବାୟ ସମିତି ସମ୍ପାଦକ ରହିଥିବା ଲିଙ୍ଗରାଜ ସାହୁଙ୍କୁ ପ୍ରଥମେ ବଦଳି କରାଯାଇଥିଲା । ତାଙ୍କ ବଦଳରେ ସୁନାମୁହିଁ ସମ୍ପାଦକ ପ୍ରସନ୍ନ କୁମାର ପ୍ରଧାନଙ୍କୁ ଭାରପ୍ରାପ୍ତ ଦାୟିତ୍ୱ ଦିଆଯାଇଥିଲା । ସମୟ କ୍ରମେ ତାଙ୍କୁ ଦାୟିତ୍ୱ ମୁକ୍ତ କରି ଓଡ଼ଗାଁ ବ୍ୟାଙ୍କ ସୁପରଭାଇଜର ବିଦ୍ୟାଧର ମହାନ୍ତିଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ସେ କୁରାଳ ସମବାୟ ସମିତିରେ କାର୍ଯ୍ୟ ଯୋଗ ଦେଇଥିଲେ ମଧ୍ୟ ଦୁଇ ମାସ ପରେ ବି କୌଣସି ଦାୟିତ୍ୱ ଗ୍ରହଣ କରି ନାହାନ୍ତି । ଯାହା ଫଳରେ କୁରାଳ ସମବାୟ ସମିତି ଏବେ ଅଚଳାବସ୍ଥା ଦେଖାଯାଇଛି । ପ୍ୟାକ୍ସରେ କୌଣସି କାମ ହେଉନଥିବା ବେଳେ ଜମାକାରୀ ଓ ଚାଷୀଙ୍କ ଭାଗ୍ୟ ଓ ଭବିଷ୍ୟତ ସହ ଖେଳ ଖେଳା ଯାଉଥିବା ଅଭିଯୋଗ ହୋଇଛି । ଏକ ସପ୍ତାହ ମଧ୍ୟରେ କୁରାଳ ସମବାୟ ସମିତିକୁ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ସମବାୟ ସମିତି ସମୂହ ଉପନିବନ୍ଧକ ପଦକ୍ଷେପ ନନେଲେ ହଜାର ହଜାର ଚାଷୀ ଓ ଜମାକାରୀ ଉପନିବନ୍ଧକଙ୍କ କାର୍ଯ୍ୟାଳୟ ଆଗରେ ଆମରଣ ଅନଶନ କରିବେ ବୋଲି କହିଛନ୍ତି ।

### ସମ୍ପାଦକଙ୍କ ସମ୍ପତ୍ତି ନିଲାମ କେବେ

ନୟାଗଡ଼ ଜିଲ୍ଲା କୁରାଳ ସମବାୟ ସମିତିରେ ଘଟିଥିବା ଅନିୟମିତତା ଘଟଣାରେ ସମ୍ପୃକ୍ତ ସମ୍ପାଦକ କାଳୁଚରଣ ରାଉତଙ୍କ ସମ୍ପତ୍ତି ନିଲାମ କରିବାକୁ ସହକାରୀ ନିବନ୍ଧକ ଓଡ଼ଗାଁ ବ୍ୟାଙ୍କ ଶାଖା ପରିଚାଳକଙ୍କୁ ୨୦୨୩ ମସିହା ଅକ୍ଟୋବର ୨୦ ତାରିଖରୁ ନିର୍ଦ୍ଦେଶ ଦେଇଛନ୍ତି । ଇପି ମାମଲା ନଂ ୧/୨୩ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ରହିଛି । ଏଥିପାଇଁ ପଦକ୍ଷେପ ନେଇ ସମବାୟ ବିଭାଗ ବିଫଳ ହୋଇଥିବା ବେଳେ ଆଜି ପର୍ଯ୍ୟନ୍ତ କାହିଁକି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି

## ଖଳିସାହି ବଜାର ଜବରଦଖଲ ଉଚ୍ଛେଦ ପାଇଁ ମାପଚୁପ ଆରମ୍ଭ

# ଭାଙ୍ଗିବ ପ୍ରତିଷ୍ଠିତ ଲୁଗା ଓ ଗହଣା ଦୋକାନ



ଖଣ୍ଡପଡ଼ା,୨୮।୧୧(ସମିସ): ନୟାଗଡ଼ ଜିଲ୍ଲା ଖଣ୍ଡପଡା ତହସିଲ ଅଧିନ ଖଳିସାହି ବଜାର ଏକ ପ୍ରମୁଖ ବ୍ୟବସାୟିକ ସ୍ଥଳ ହୋଇଥିବା ବେଳେ ଏଠାରେ ଟ୍ରାଫିକ ସମସ୍ୟା ବର୍ଷ ବର୍ଷ ଧରି ଲାଗି ରହିଛି । ଯେଉଁଥିପାଇଁ ବିଭିନ୍ନ ସମୟରେ ଲୋକମାନେ ଦୃଘଟଣାର ଶିକାର ହେଉଥିବା ନଜରକୁ ଆସିଛି । ଏହି ବଜାରରେ ପ୍ରାୟ ଚାରିଶହ ରୁ ଉର୍ଦ୍ଧ୍ୱ ଛୋଟବଡ଼ ଦୋକାନ ଥିବାବେଳେ ଖଣ୍ଡପଡ଼ା ସମେତ ଏକାଧିକ ପଞ୍ଚାୟତର ଲୋକମାନେ ବଜାର ସଉଦା କରିଥାନ୍ତି । ଯାହାଫଳରେ ଦୈନିକ ଶତାଧିକ ମୋଟରସାଇକେଲ, ସାଇକେଲ, ଅଟୋ ଆଦି ବଜାରର ସମସ୍ତ ଦୋକାନ ସାମ୍ନାରେ ଲମ୍ବା ଲାଇନ କରି ରଖାଯାଉଛି । ଏମିତି ବି ହେଇଛି ରୋଗୀଙ୍କୁ ନେଇ ଯାଉଥିବା ଆମ୍ବୁଲାନ୍ସ ମଧ୍ୟ ଭିଡ଼ ଭିତରେ ଫସି ରହୁଥିବା ଅନେକବାର ଦେଖାଦେଇଛି । ତେବେ ସ୍ଥାନୀୟ ଜନସାଧାରଣ ଓ ବୁଦ୍ଧିଜୀବୀ ଙ୍କ ଅଭିଯୋଗ କ୍ରମେ ଏନେଇ ବହୁବାର ବିଭିନ୍ନ ଗଣମାଧ୍ୟମ ରେ ଖବର ପ୍ରସାରଣ କରାଯିବା ପରେ ପୂର୍ତ୍ତ ବିଭାଗ ପକ୍ଷରୁ ଏବେ ତତ୍ପରତା ଦେଖାଦେଇଛି । ଶୁକ୍ରବାର ପୂର୍ବାହ୍ନରେ ତହସିଲଦାର ବିଶ୍ୱ ବିଶ୍ରୁତ ତ୍ରିପାଠୀଙ୍କ ସମେତ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ପ୍ରାଣକୃଷ୍ଣ ମହାପାତ୍ର, ଖଣ୍ଡପଡ଼ା ପୋଲିସ ପ୍ରଶାସନ ଙ୍କ ଉପସ୍ଥିତି ସହିତ ପୂର୍ତ୍ତ ବିଭାଗ କର୍ମଚାରୀ ଏବଂ ତହସିଲ କର୍ମଚାରୀ ଙ୍କ ସହଯୋଗ କ୍ରମେ ରାସ୍ତା ମାପଚୁପ ହୋଇଥିବା ଦେଖିବାକୁ ମିଳିଛି । ଖଳିସାହିର ପ୍ରମୁଖ ଲୁଗା ଦୋକାନ, ସୁନା ଗହଣା ଦୋକାନ, ହୋଟେଲ, ଇଲୋକ୍ଟ୍ରୋନିକ୍ସ ଦୋକାନ ସମେତ ବିଭିନ୍ନ ଦୋକାନ ଏବଂ ଘର ଗୁଡ଼ିକ ପୂର୍ତ୍ତ ବିଭାଗ ରାସ୍ତା ଜବରଦଖଲ କରିଥିବାରୁ ସେସବୁ ଆଗାମୀ ଦିନରେ ଉଚ୍ଛେଦ ହେବ ବୋଲି ତହସିଲଦାରଙ୍କ ଠାରୁ ସୂଚନା ମିଳିଛି । ତେବେ ଯେଉଁ ଲୋକମାନଙ୍କ ଘର ଓ ଦୋକାନ ଚିହ୍ନଟ କରାଯାଇଛି ସେମାନେ ଅସନ୍ତୋଷ ଜାହିର କରିବା ସହ ସେମାନଙ୍କର ଲକ୍ଷାଧିକ ଟଙ୍କା କ୍ଷୟକ୍ଷତି ହେବ ବୋଲି କହିଛନ୍ତି । ତେବେ ସେମାନଙ୍କୁ ପ୍ରଶାସନ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି । ସୂଚନା ଅନୁଯାୟୀ ରାସ୍ତାର ମଧ୍ୟ ଭାଗରୁ ୨୩ ରୁ ୨୫ ଫୁଟ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ରାସ୍ତା ରହିଥିବା ବିଭାଗ ପକ୍ଷରୁ କୁହାଯାଇଛି ।

■ ବେଆଇନ ଖଣିଜ ଦ୍ରବ୍ୟ ଚୋରା ଚାଲାଣ

## ୨ ବାଲି ବୋଝେଇ ହାଇୱା ଜବତ, ଚାଳକ ଅଟକ



ଓଡ଼ଗାଁ,୨୮।୧୧(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଆଦର୍ଶ ଥାନା ପୁଲିସ ବେଆଇନ ଖଣିଜ ପଦାର୍ଥ ଚୋରା ଚାଲାଣ କରୁଥିବା ୨ ବାଲି ବୋଝେଇ ହାଇୱାକୁ ଜବତ କରିବା ସହ ୨ ଚାଳକ ଅଟକ ରଖିଥିବା ଜଣାପଡ଼ିଛି । ଏ ନେଇ ୩୫୫/୨୫ ଏବଂ ୩୫୬/୨୫ରେ ପୃଥକ୍ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ଏଏସଆଇ ମନୋରଞ୍ଜନ ଦେହୁରୀ ଏବଂ ଦେବରାଜ ସ୍ୱାଇଁ ଶୁକ୍ରବାର ପ୍ରାତଃ କାଳରେ ପାଟ୍ରୋଲିଂରୁ ଫେରୁଥିବା ବେଳେ ଓଡି୨୫ଏନ୧୧୧୩ ନମ୍ବର ବିଶିଷ୍ଟ ବାଲି ବୋଝେଇ ହାଇୱାକୁ ଓଡ଼ଗାଁ ସୀମାନ୍ତ ବାହାଡ଼ାପିଠା ଠାରୁ ଏବଂ ଓଡି୦୨ବିୱାଇ୬୯୪୫ ନମ୍ବର ବିଶିଷ୍ଟ ବାଲି ବୋଝେଇ ହାଇୱାକୁ ଓଡ଼ଗାଁ ସିନେମା ହଲ ଛକରୁ ନିଜ ହେପାଜତକୁ ଆଣି ଓଡ଼ଗାଁ ଥାନା ନିକଟକୁ ଆଣିଥିଲେ । ଚାଳକ ଅଜିତ ବେହେରା(୩୩) ଏବଂ ରଞ୍ଜନ ଦଳେଇ(୪୫)ଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଜଣାଯାଇଛି ।

■ ଝାଙ୍ଗିରାମ ସରକାରୀ ଉଚ୍ଚ ବିଦ୍ୟାଳୟ

## ବିପଦସଂକୁଳ ଶ୍ରେଣୀଗୃହରେ ପାଠପଢ଼ା



ଓଡ଼ଗାଁ,୨୮।୧୧(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ୍ ଗୌଡ଼ପୁଟ ପଞ୍ଚାୟତ ଗୌଡ଼ପୁଟ ଗ୍ରାମରେ ଥିବା ପୁରାତନ ସୁନାମଧନ୍ୟ ଝାଙ୍ଗିରାମ ସରକାରୀ ଉଚ୍ଚ ବିଦ୍ୟାଳୟ ଏବେ ସରକାରଙ୍କ ଅଣଦେଖାରେ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି । ଭୁବନେଶ୍ୱର-ଭଞ୍ଜନଗର ୨୧ ନମ୍ବର ରାଜ୍ୟ ରାଜପଥର କେନାଲ ଛକରୁ ଗୋଠବଣ ଗ୍ରାମ ଦେଇ ମାତ୍ର ୨ କିଲୋମିଟର ଦୂରରେ ଜିଲ୍ଲାର ଏହି ପୁରାତନ ହାଇସ୍କୁଲ ଅବସ୍ଥିତ । ଏହି ବିଦ୍ୟାଳୟରେ ଶ୍ରେଣୀ କକ୍ଷର ଅଭାବ ସାଙ୍ଗକୁ ଶିକ୍ଷକଙ୍କ ଅଭାବ ଲାଗିରହିଛି । ୫ଟି ଶ୍ରେଣୀରେ ୩ ଶହ ଛାତ୍ରଛାତ୍ରୀଙ୍କ ପାଇଁ ମାତ୍ର ୭ ଜଣ ଶିକ୍ଷକ । ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସଂଖ୍ୟା କମ୍ ରହିଥିବା ବେଳେ ସଂସ୍କୃତ, କଳା ଏବଂ ବିଜ୍ଞାନ ଶିକ୍ଷକଙ୍କ ପଦବୀ ଖାଲି ପଡ଼ିଛି । ଅନ୍ୟପକ୍ଷରେ ଶ୍ରେଣୀ କକ୍ଷ ଅଭାବରୁ ବିପଦପୂର୍ଣ୍ଣ କକ୍ଷରେ ଚାଲିଛି ପାଠପଢ଼ା । ବର୍ଷା ହେଲେ ଚାଳରୁ ପାଣି ଗଳିଥିବା ବେଳେ ଷଷ୍ଠ, ସପ୍ତମ ଏବଂ ଅଷ୍ଟମ ଶ୍ରେଣୀ କକ୍ଷର ବାହାର ଭିତରେ ଏକାକାର ହୋଇଯାଇଥାଏ । ଫଳରେ ଏହି ସମୟରେ ୩ଶହ ଛାତ୍ର ଛାତ୍ରୀଙ୍କୁ ୨ଟି କକ୍ଷ ମଧ୍ୟରେ ଆଶ୍ରୟ ନେବାକୁ ପଡ଼ିଥାଏ । ଏ ନେଇ ଅଭିଭାବକ ଏକାଧିକ ବାର ଆପତ୍ତି ଅଭିଯୋଗ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳିନାହିଁ । ଏଭଳି କ୍ଷେତ୍ରରେ ଜନ ଅସନ୍ତୋଷ ସୃଷ୍ଟି ହୋଇଥିଲା ବେଳେ ନୟାଗଡ଼ ଜିଲ୍ଲା ତଥା ଓଡ଼ଗାଁ ବ୍ଲକ୍‌ର ଏହି ବହୁ ପୁରାତନ ହାଇସ୍କୁଲ ପ୍ରତି ଜିଲ୍ଲା ପ୍ରଶାସନ, ରାଜନେତା ଏବଂ ପୁରାତନ ଛାତ୍ରଛାତ୍ରୀ ସ୍ୱତନ୍ତ୍ର ଧ୍ୟାନ ଦେଲେ ବିଦ୍ୟାଳୟଟି ତା'ର ପୂର୍ବ ଗୌରବକୁ ଉଦ୍‌ଜୀବିତ କରିବା ସହିତ ବର୍ତ୍ତମାନର ଅଧ୍ୟୟନରତ ଛାତ୍ରଛାତ୍ରୀ ବିଶେଷ ଭାବେ ଉପକୃତ ହୋଇପାରନ୍ତେ ।

## ପୋଖରୀରେ ବୁଡ଼ି ବୃଦ୍ଧ ମୃତ

ଭାପୁର,୨୮।୧୧(ସମିସ): ଜଣେ ବ୍ୟକ୍ତି ଗହିର ବିଲକୁ ଘାସ କାଟିବାକୁ ଯାଇଥିବା ସମୟରେ ପୋଖରୀରେ ବୁଡି ତାଙ୍କର ମୃତ୍ୟୁ ହୋଇଯାଇଛି । ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଗୋଳାପୋଖରୀ ପଞ୍ଚାୟତ ଜଗଦୀଶ ପ୍ରସାଦ ଗ୍ରାମର ଅର୍ଜୁନ ପାତ୍ର ଶୁକ୍ରବାର ଖାଇପିଇ ମଧ୍ୟାହ୍ନରେ ଦାଆ ନେଇ ଘାସ କାଟିବା ପାଇଁ ଯାଇଥିଲେ । ବହୁ ସମୟ ଧରି ଘରକୁ ନଫେରିବାରୁ ପରିବାର ଲୋକମାନେ ଖୋଜାଖୋଜି କରିଥିଲେ । ଗ୍ରାମ ନିକଟସ୍ଥ ଶ୍ମଶାନ ନିକଟ ଏକ ଗାଡିଆରେ ତାଙ୍କ ମୃତ ଦେହ ଦେଖି ଗ୍ରାମବାସୀ ଉଦ୍ଧାର କରି ଅପରାହ୍ନ ରେ ଭାପୁର ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ । ଡାକ୍ତର ତାଙ୍କୁ ମୃତ ଘୋଷଣା କରି ଥିଲେ । ଶନିବାର ଖଣ୍ଡପଡାରେ ଶବ ବ୍ୟବଛେଦ କରାଯିବ ବୋଲି ଜଣାପଡିଛି ।

## ୮ ରୁ ରାଜସୁନାଖଳା ମହୋତ୍ସବ

ନୟାଗଡ଼,୨୮।୧୧(ସମିସ): ନୟାଗଡ଼ ଜିଲ୍ଲା ରାଜସୁନାଖଳା ପଞ୍ଚାୟତଠାରେ ରାଜସୁନାଖଳା ମହୋତ୍ସବ 'କାଉଁରୀ ୨୦୨୫' ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମହୋତ୍ସବ କମିଟିର ସଭାପତି ରାଜସୁନାଖଳା ଗ୍ରାମ ପଞ୍ଚାୟତର ସରପଞ୍ଚ ତଥା ଯୁବ ସମାଜସେବୀ ଚିତ୍ତରଞ୍ଜନ ପ୍ରଧାନ ଏବଂ ସମ୍ପାଦକ ଯୁବ ସାମ୍ବାଦିକ ଜୟେନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ସମସ୍ତ ସଦସ୍ୟଙ୍କୁ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ରାଜସୁନାଖଳା ମହୋତ୍ସବ ଚଳିତବର୍ଷ ସପ୍ତମ ବର୍ଷରେ ପଦାର୍ପଣ କରିବ । ଡିସେମ୍ବର ୮ରୁ ୧୨ ତାରିଖ ପର୍ଯ୍ୟନ୍ତ ସିଟି ସ୍କୁଲ ପଡ଼ିଆରେ ଅନୁଷ୍ଠିତ ହେବ । ଚଳିତବର୍ଷ ନୂଆ ରୂପରେ, ନୂଆ ଢଙ୍ଗରେ ଏବଂ ସିନେ ଉତ୍ସବ ଶୈଳୀରେ ଆୟୋଜନ ପାଇଁ କମିଟି ପକ୍ଷରୁ ନିଷ୍ପତି ହୋଇଛି । ଚଳିତ ବର୍ଷ ନେପାଳ ଦେଶ ତଥା ପୂର୍ବ ଭାରତର ପ୍ରସିଦ୍ଧ ଲୋକନୃତ୍ୟ ମାରୁଣୀ ଡ୍ୟାନ୍ସ ପରିବେଷଣ ହେବ । ମହୋତ୍ସବକୁ ରଣପୁର ବିଧାୟିକା ତଥା ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ଏହି ବୈଠକରେ ମହୋତ୍ସବ କମିଟିର ଉପସଭାପତି ପ୍ରସନ୍ନ କୁମାର ପ୍ରଧାନ, ମନୋଜ କୁମାର ମହାପାତ୍ର, ଜିତେନ୍ଦ୍ର ସାହୁ, ଧର୍ମେନ୍ଦ୍ର ସାହୁ , ସୂର୍ଯ୍ୟକାନ୍ତ ମିଶ୍ର, ସିଲୁ କାଳସୀ, ନିରଞ୍ଜନ ପ୍ରଧାନ, ରାଜସୁନାଖଳା ଗ୍ରାମପଞ୍ଚାୟତର ସମିତି ସଭ୍ୟ ତପନ କୁମାର ପ୍ରଧାନ, ସନ୍ତୋଷ କୁମାର ପୃଷ୍ଟି, ସୁଶାନ୍ତ କୁମାର ନାୟକ ଏବଂ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ, ମହୋତ୍ସବ କମିଟିର ସମସ୍ତ ସଦସ୍ୟ ପ୍ରସ୍ତୁତି ବୈଠକରେ ଉପସ୍ଥିତ ଥିଲେ ।

## ମଣ୍ଡଳସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

# ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଅଣଦେଖା




ଗଣିଆ,୨୮।୧୧(ସମିସ): ଗଣିଆ କିଶୋର ଚନ୍ଦ୍ର ନୋଡାଲ ବିଦ୍ୟାପୀଠ ପରିସରରେ ବ୍ଲକସ୍ତରୀୟ ୩୧ ତମ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଓ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ବିଡିଓ ରତନଲାଲ ଲୋହରା, ବ୍ଲକ ଶିକ୍ଷା ଅଧିକାରୀ ରବିନ୍ଦ୍ରନାଥ ରାଉତରାୟ, ସମ୍ପାଦକ ନିହାର ବାଳା ରାଉତ, ଅତିରିକ୍ତ ଶିକ୍ଷା ଅଧିକାରୀ ରବିନ୍ଦ୍ର କୁମାର ବେହେରା, ନିରୁପମା ମହାପାତ୍ର, ବିନୋଦିନୀ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ । ମେଳାରେ ୧୨୭ଟି ବିଜ୍ଞାନ ପ୍ରଦର୍ଶନୀ ପ୍ରଦର୍ଶିତ ହୋଇଥିଲା । ଐଶ୍ୱର୍ଯ୍ୟା ପୃଷେଠ୍ ବିଜ୍ଞାନ ମେଳାରେ ପହଞ୍ଚିବା ପରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଚାରକ ଭାବେ ସାତପାଟଣା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ସାହୁ ଏବଂ ତୁମାଣ୍ଡି ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସୁଶାନ୍ତ କୁମାର ସାହୁ ଯୋଗ ଦେଇଥିଲେ । ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ବିଶିଷ୍ଟ ଅତିଥି ଭାବେ ବିଧାୟକ ରମେଶ ଚନ୍ଦ୍ର ବେହେରା, ମୁଖ୍ୟ ବକ୍ତା ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଚିରଞ୍ଜନ ପାଣ୍ଡେ ଯୋଗଦେବା ସ୍ଥିର ହୋଇଥିବା ବେଳେ ତାଙ୍କ ଅନୁପସ୍ଥତିରେ ବ୍ଲକ ଅଧକ୍ଷା ଝୁନା ଜେନାଙ୍କୁ ମୁଖ୍ୟ ଅତିଥି, ଅତିରିକ୍ତ ଶିକ୍ଷା ଅଧିକାରୀ ରବିନ୍ଦ୍ର ବେହେରାଙ୍କୁ ମୁଖ୍ୟ ବକ୍ତା, ଉପାଧ୍ୟକ୍ଷ ରାଜକିଶୋର ସାହୁ ଏବଂ ଗଣିଆ ସମିତି ସଭ୍ୟ ଫକୀର ମୋହନ ଡାକୁଆଙ୍କୁ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ କରାଯାଇଥିଲା । ବିଜ୍ଞାନ ମେଳା ପାଇଁ ଚାନ୍ଦା ଆଦାୟ କରାଯାଉଥିବା ସମ୍ପର୍କରେ ଦୈନିକ 'ସକାଳ'ରେ ଖବର ପ୍ରକାଶିତ ହୋଇଥିବାରୁ ଜିଲ୍ଲା ଶିକ୍ଷା ଅଧିକାରୀ ବିଜ୍ଞାନ ମେଳାରେ ଯୋଗ ଦେଇନଥିବା ଆଲୋଚନା ହେଉଛି । ବ୍ଲକ ସ୍ତରରୁ ୧୭ଟି ପ୍ରକଳ୍ପ ଜିଲ୍ଲା ସ୍ତରକୁ ମନୋନୀତ ହୋଇଥିଲା । କିଶୋର ଚନ୍ଦ୍ର ନୋଡାଲ ବିଦ୍ୟାପୀଠର ଶିକ୍ଷୟିତ୍ରୀ ଉର୍ଜା ସାହୁ ଏବଂ ସସ୍ମିତା ମଣ୍ଡଳ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ସଂଘର ସମ୍ପାଦକ ସୁରେଶ କୁମାର ବେହେରା,ବାମନ ଚରଣ ବାରିକି, ଶୋଭନ କୁମାର ପଣ୍ଡା, ସୁନିଲ କୁମାର ସାହୁ, ସତ୍ୟଭାମା ସେନାପତିଙ୍କ ସମେତ ସମସ୍ତ ସିଆରସିସି ତଥା ଶିକ୍ଷକ ଶିକ୍ଷୟିତ୍ରୀ ଏହି କାର୍ଯ୍ୟକ୍ରମରେ ସଂପୂର୍ଣ୍ଣ ସହଯୋଗ କରିଥିଲେ ।

## ସେବାରେ ବଢ଼ତେ କଦମ୍ କାର୍ଯ୍ୟକ୍ରମ

ନୟାଗଡ଼,୨୮।୧୧(ସମିସ): ନୟାଗଡ଼ ଜିଲ୍ଲାରେ କାର୍ଯ୍ୟରତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବା ଆନୁକୂଲ୍ୟରେ ବଢ଼ତେ କଦମ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସେବା ବୌଦ୍ଧିକ ଭିନ୍ନକ୍ଷମ ଶିଶୁଙ୍କ ପାଇଁ ସ୍ୱତନ୍ତ୍ର ବିଦ୍ୟାଳୟ ଅଧକ୍ଷ ବୈକୁଣ୍ଠ ନାଥ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଚେତନତା କାର୍ୟ୍ୟକ୍ରମକୁ




ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସର୍ବେଶ୍ୱର ପାଣିଗ୍ରାହୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଉଦଘାଟନ କରିଥିଲେ । ସମ୍ମାନୀତ ଅତିଥି ରୂପେ ଉପଖଣ୍ଡୀୟ ସାମାଜିକ ସୁରକ୍ଷା ଅଧିକାରୀ କାମଦେବ ନାୟକ ଓ ସମଗ୍ର ଶିକ୍ଷା ବିଭାଗର ଅନ୍ତର୍ଣିବେଶି ଶିକ୍ଷା ସଂଯୋଜକ ରଙ୍ଗନାଥ ସାହୁ ଯୋଗଦେଇ ନ୍ୟାସନାଲ ଟ୍ରଷ୍ଟ ଦ୍ୱାରା ବୌଦ୍ଧିକ ଭିନ୍ନକ୍ଷମ, ବହୁବିଧ ଅକ୍ଷମ, ମସ୍ତିସ୍କ ପକ୍ଷାଘାତ ଶିଶୁ ଓ ବ୍ୟକ୍ତିଙ୍କ କଲ୍ୟାଣ ପାଇଁ ଥିବା ବିଭିନ୍ନ ଯୋଜନା ଓ ତାର ସଫଳ ରୂପାୟନ ସଂପର୍କରେ ଆଲୋଚନା କରାଯାଇଥିଲା । ସେବା ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ର ଅଧକ୍ଷା ସୁଜାତା କୁମାରୀ ସାହୁ ଓ କାଉନସିଲ କୃଷ୍ଣଚନ୍ଦ୍ର ସାହୁ ଯୋଗ ଦେଇ ଏହିଭଳି ପିଲାଙ୍କ ପାଇଁ ଆଇନଗତ ଅଭିଭାବକତ୍ୱ ଓ ନିରାମୟ ସ୍ୱାସ୍ଥ୍ୟ ଯୋଜନା ଉପରେ ସମସ୍ତଙ୍କୁ ସଚେତନ କରିଥିଲେ ।

## ଗୟଳ ଶିକାର; ଜଣେ ଗିରଫ

ଗଣିଆ,୨୮।୧୧(ସମିସ): ଗଣିଆ ବ୍ଲକ ମହାନଦୀ ବନ୍ୟପ୍ରାଣୀ ବନାଞ୍ଚଳ ତରଫରୁ ଏକ ଗୟଳ ଶିକାର ଅଭିଯୋଗରେ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି । ଗିରଫ ଅଭିଯୁକ୍ତ ଜଣକ ଛାମୁଣ୍ଡିଆ ପଞ୍ଚାୟତ ବେଠିଆସାହି ଗ୍ରାମର ବିରେନ ସାହୁ ବୋଲି ଜଣାପଡିଥିବା ବେଳେ ଅନ୍ୟ ଜଣେ ଫେରାର ଥିବା ଜଣାପଡିଛି । ଘଟଣାରୁ ଜଣାପଡିଛି ଯେ ବେଠିଆସାହି ଜଙ୍ଗଲରେ ବନ୍ୟଜନ୍ତୁ ଶିକାର ପାଇଁ ବିଦ୍ୟୁତ୍ ଫାଶ ପକାଯାଇଥିବା ବେଳେ ସେହି ଫାଶରେ ପଡି ଗୋଟିଏ ଗୟଳର ମୃତ୍ୟୁ ଘଟିଥିଲା । ଖବରପାଇ ଛାମୁଣ୍ଡିଆ ରେଞ୍ଜର ଲକ୍ଷ୍ମୀନାରାୟଣ ପଣ୍ଡା ଏବଂ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗୟଳର ମୃତ ଶରୀର ଉଦ୍ଧାର କରିଥିଲେ । ତେବେ ପରୀକ୍ଷା ପାଇଁ ଭୂବନେଶ୍ୱର ସେଣ୍ଟ୍ରାଲ ଲାବରେଟୋରୀକୁ ପଠାଯାଇଥିବା ରେଞ୍ଜର ଜଣାଇଛନ୍ତି । ମୁଖ୍ୟ ଅଭିଯୁକ୍ତ ବିରେନ ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ଏଥିରେ ସଂପୃକ୍ତ ଅନ୍ୟ ଅଭିଯୁକ୍ତ ଖୁବଶିଘ୍ର ଗିରଫ ହେବ ବୋଲି ରେଞ୍ଜର ପ୍ରକାଶ କରିଛନ୍ତି ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟ

# ନିର୍ମାଣ ସରିଛି, କାମରେ ଆସୁନି ଛାତ୍ରୀ ନିବାସ

ନୟାଗଡ଼/ଓଡ଼ଗାଁ,୨୮।୧୧(ସମିସ)

ନୟାଗଡ଼ ଜିଲ୍ଲା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଆଖୁପଦରଠାରେ ୨ କୋଟି ୬୧ ଲକ୍ଷ ଟଙ୍କା ବିନିମୟରେ ନିର୍ମାଣ ସରିଛି ଛାତ୍ରୀ ନିବାସ । ନିର୍ମାଣ କାର୍ଯ୍ୟ ସରିବା ପରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ମଧ୍ୟ ତାହା ହସ୍ତାନ୍ତର କରାଯାଇଛି । ତଥାପି ତାହା କାର୍ଯ୍ୟକ୍ଷମ ନହୋଇ ଅକାମି ଅବସ୍ଥାରେ ପଡ଼ିରହିଛି । ବହୁ ଦୁର ଦୁରାନ୍ତରୁ ଆସୁଥିବା ଛାତ୍ରଛାତ୍ରୀଙ୍କ ଅଭିଭାବକ ମାନେ ଏନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ୨୦୨୪ ଅପ୍ରେଲ ମାସ ଠାରୁ ଚଳିତ ଶିକ୍ଷାବର୍ଷ ନିମନ୍ତେ ନୂତନ ଛାତ୍ରଛାତ୍ରୀ ଗ୍ରହଣ କାର୍ଯ୍ୟ ସରିଥିବା ବେଳେ ବର୍ତ୍ତମାନ ଅର୍ଦ୍ଧ ବାର୍ଷିକ ପରୀକ୍ଷା ଦେବାକୁ ସେମାନେ ପ୍ରସ୍ତୁତ ହେଲେଣୀ । ଏଣୁ ଦୁରସ୍ଥାନରୁ ଆସି ଏଠାରେ ଅଧ୍ୟୟନ କରୁଥିବା ଛାତ୍ରୀଙ୍କ ଅଭିଭାବକମାନେ ପିଲାଙ୍କୁ ହଷ୍ଟେଲରେ ଛାଡ଼ି ଆଶ୍ୱସ୍ତ ଲାଭ କରିବା ଆଶା ଚଳିତ ଶିକ୍ଷାବର୍ଷ ପାଇଁ ମଉଳି ଯାଇଛି । ଅନ୍ୟପକ୍ଷରେ ବର୍ଷାଧିକ କାଳ ଅବ୍ୟବହୃତ ଅବସ୍ଥାରେ ଛାତ୍ରୀ ନିବାସ ପଡିରହିଲେ ବ୍ୟବହୃତ ସମୟରେ କୌଣସି ପ୍ରକାରର ମରାମତ କାର୍ଯ୍ୟର ଆବଶ୍ୟକ ପଡିବ । ବିଦ୍ୟାଳୟ କର୍ତ୍ତୃପକ୍ଷ ଛାତ୍ରୀ ନିବାସ ନିର୍ମାଣ ସହିତ ଆବଶ୍ୟକ ପଡୁଥିବା ଅନ୍ୟାନ୍ୟ ସମସ୍ତ ଆସବାବପତ୍ର କ୍ରୟ କରିବା ସହିତ କର୍ମଚାରୀ ନିଯୁକ୍ତି ପାଇଁ ସମାନ୍ତରାଳ ପ୍ରକ୍ରିୟା ଆରମ୍ଭ କରିଥିଲେ ହୁଏତ ବର୍ତ୍ତମାନ ଛାତ୍ରୀ ନିବାସ କାର୍ଯ୍ୟକ୍ଷମ ହୋଇପାରିଥାନ୍ତା । ବିଦ୍ୟାଳୟ, ଛାତ୍ରୀଛାତ୍ର ନିବାସ ସହିତ ଷ୍ଟାପ କ୍ୱାଟର ନିମନ୍ତେ ଆବଶ୍ୟକ ହେବାକୁ ଥିବା ସ୍ୱତନ୍ତ୍ର ଟ୍ରାନ୍ସଫର୍ମର ଯୁକ୍ତ ସବଷ୍ଟେସନ ନିର୍ମାଣ ପାଇଁ ଉଦ୍ୟମ ସମ୍ପୁର୍ଣ୍ଣ ହୋଇନାହିଁ । ଶହେ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ ପାଇଁ ଗୋଟିଏ ବି ବେଡ଼ ନଥିବା ବେଳେ ଅନ୍ୟ ଆନୁସଙ୍ଗିକ ଉପକରଣ ନାହିଁ । ୱାର୍ଡେନ ଓ ଅନ୍ୟାନ୍ୟ କର୍ମଚାରୀ ନିଯୁକ୍ତି ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇନାହିଁ । ଚଳିତ ଶିକ୍ଷାବର୍ଷରେ ଛାତ୍ରୀ ନିବାସ କାର୍ଯ୍ୟକାରୀତା ନେଇ ସନ୍ଦେହ ଦେଖା ଦେଇଛି । ଓଡ଼ଗାଁ ଏନ୍‌ଏସି ସହିତ ବ୍ଲକର ୩୬ ଗ୍ରାମ ପଞ୍ଚାୟତରୁ ସମସ୍ତ କାର୍ଯ୍ୟ ଦିବସରେ ସ୍ୱତନ୍ତ୍ର ଭାବେ ଅଟୋ କିମ୍ବା ୪ ଚକିଆ ଯାନରେ ଛାତ୍ରଛାତ୍ରୀ ମାନେ ବିଦ୍ୟାଳୟକୁ ଆସୁଥିବା ବେଳେ ଏଥିପାଇଁ ଅଭିଭାବକ ମାନଙ୍କୁ ବହୁମୁଲ୍ୟ ଦେବାକୁ ପଡୁଥିବା ବେଳେ ବିଭିନ୍ନ ସମୟରେ ଅନେକ ରାସ୍ତା ସମସ୍ୟାକୁ ସାମ୍ନା କରିବାକୁ ପଡୁଛି । ଫଳରେ ସୁରକ୍ଷା ପ୍ରତି ମଧ୍ୟ ବିପଦ ରହିଛି । ଏଥିସହିତ ଛାତ୍ରଛାତ୍ରୀମାନେ ହଠାତ୍ ଓଡ଼ିଆ ମିଡିୟମରୁ ଇଂରାଜୀ ମିଡିୟମ ବିଦ୍ୟାଳୟରେ ପାଠପଢିବାକୁ ଆସିଥିବା ବେଳେ ଆବଶ୍ୟକୀୟ ଟ୍ୟୁଟର ମଧ୍ୟ ଗାଁରେ ମିଳିବା ସହଜ ହେଉନାହିଁ । ଫଳରେ ଦୁର୍ବଳ ବିଦ୍ୟାର୍ଥୀମାନେ ମାନସିକ ଚାପରେ ରହୁଛନ୍ତି । ପରିସର ମଧ୍ୟରେ ଶିକ୍ଷକ ଶିକ୍ଷୟିତ୍ରୀ ତଥା କର୍ମଚାରୀମାନଙ୍କ ନିମନ୍ତେ ସ୍ୱତନ୍ତ୍ର ବାସଗୃହ ନିର୍ମାଣ ନହେବା ପର୍ଯ୍ୟନ୍ତ ନୂତନ ନିବାସରେ ଛାତ୍ରୀ ରହିବା ଅସମ୍ଭବପର ହେବ । କାରଣ ହଷ୍ଟେଲରେ ରହଣି ସମୟରେ ପାଠ୍ୟ ବିଷୟରେ ଥିବା ସନ୍ଦେହ ମୋଚନ କିଏ କରିବ । ଏନେଇ ଶିକ୍ଷା ବିଭାଗକୁ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ପଡ଼ିବ । ଷଷ୍ଠ ଶ୍ରେଣୀ ଠାରୁ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ୧୮୦ ଜଣ ବାଳକ ୨୫୫ ଜଣ ବାଳିକା ଅଧ୍ୟୟନ କରୁଥିବା ବେଳେ ମୋଟ୍ ୪୩୫ ବାଳକ ବାଳିକା ଅଧ୍ୟୟନ କରୁଛନ୍ତି । ୪ କୋଟି ୧୬ଲକ୍ଷ ଟଙ୍କା ବ୍ୟୟରେ



ଛାତ୍ର ନିବାସ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି । କିନ୍ତୁ ଏହା କେବେ ଏବଂ କିପରି ଛାତ୍ରଛାତ୍ରୀଙ୍କ କାର୍ଯ୍ୟରେ ଆସିବ ତାହା ଦେଖିବାକୁ ବାକି ରହିଲା । କର୍ମଚାରୀ ନଥିବାରୁ ଛାତ୍ରୀ ନିବାସ କାର୍ଯ୍ୟକ୍ଷମ ହୋଇପାରିନାହିଁ । ନୂତନ କର୍ମଚାରୀ ଆସିଲେ ତାହାକୁ କାର୍ଯ୍ୟକ୍ଷମ କରାଯିବ ବୋଲି ଆଖୁପଦର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓଡଗାଁର ଅଧ୍ୟକ୍ଷ ଗଣେଶ ପୃଷ୍ଟି କହିଛନ୍ତି ।

### ଅବ୍ୟବହୃତ ମହାବିଦ୍ୟାଳୟ ଛାତ୍ରୀ ନିବାସ

ନୟାଗଡ଼ ଜିଲ୍ଲା ଓଡ଼ଗାଁ ପ୍ରମୁଖ ଶିକ୍ଷାନୁଷ୍ଠାନ ଭାବେ ଜଣାଶୁଣା ରଘୁନାଥ ସମବାୟ ମହାବିଦ୍ୟାଳୟ ପରିସରରେ ୧ କୋଟି ୩୭ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଅନୁସୁଚିତ ଜାତି ଓ ଜନଜାତି +୩ ଛାତ୍ରୀ ନିବାସ ୨ ବର୍ଷ ହେଲା କାର୍ଯ୍ୟକାରୀ ନହୋଇ ପଡି ରହିଥିବା ବେଳେ ଛାତ୍ରୀମାନେ କଲେଜରେ ଶିକ୍ଷା ଗ୍ରହଣ ନିମନ୍ତେ ଓଡ଼ଗାଁ ଅଞ୍ଚଳର ବିଭିନ୍ନ ସ୍ଥାନରେ ଘରଭଡା ନେଇ ରହୁଥିବା ଦେଖିବାକୁ ମିଳିଛି । କଲେଜ କର୍ତ୍ତୃପକ୍ଷଙ୍କ କହିବା ଅନୁସାରେ ଛାତ୍ରୀ ନିବାସ ନିର୍ମାଣ କାର୍ଯ୍ୟ ସରିବା ପରେ କଲେଜକୁ ହସ୍ତାନ୍ତର ହୋଇଥିଲା । ଚତୁଃପାର୍ଶ୍ୱ ପାଚେରୀ ନଥିବାରୁ କଲେଜ ପ୍ରଶାସନ ଦ୍ୱାରା ପ୍ରାଚିର ନିର୍ମାଣ କରାଯାଇ ଛାତ୍ରୀମାନେ ରହିବା ପାଇଁ ଆବଶ୍ୟକ ସରଞ୍ଜାମ ରଖାଗଲା । ଚଳିତ ଶିକ୍ଷାବର୍ଷରେ ଛାତ୍ରୀମାନେ ହଷ୍ଟେଲରେ ନାମ ଲେଖାଇବା ପାଇଁ କଲେଜ ତରଫରୁ ନୋଟିସ୍ ଜାରି କରାଯାଇଥିବା ବେଳେ ବିଭିନ୍ନ ଗ୍ରୁପ ମାଧ୍ୟମରେ ଛାତ୍ରୀଙ୍କୁ ଅବଗତ କରାଯାଇଥିଲା । ଫଳ ସ୍ୱରୂପ ଚଳିତ ଶିକ୍ଷାବର୍ଷରେ ମାତ୍ର ୨ ଜଣ ଛାତ୍ରୀ ହଷ୍ଟେଲରେ ରହିବାକୁ ଆବେଦନ କରିଥିଲେ । ଅନ୍ୟବର୍ଗର ଛାତ୍ରୀଙ୍କୁ ରଖି କୌଣସି ପ୍ରକାରେ ହଷ୍ଟେଲ କାର୍ଯ୍ୟକ୍ଷମ କରିବା ପାଇଁ କଲେଜ କର୍ତ୍ତୁପକ୍ଷଙ୍କ ଉଦ୍ୟମ ବିଫଳ ହେବା ପରେ ବର୍ତ୍ତମାନ କିମ୍ବା ଭବିଷ୍ୟତରେ ଛାତ୍ରୀ ନିବାସ କାର୍ଯ୍ୟକ୍ଷମ ହେବା ନେଇ ସନ୍ଦେହ ପ୍ରକାଶ ପାଇଛି । ପ୍ରାଥମିକ ଶିକ୍ଷାଠାରୁ ଉଚ୍ଚଶିକ୍ଷା ପର୍ଯ୍ୟନ୍ତ ଅନୁସୂଚିତ ଜାତି ଓ ଜନଜାତିର ଛାତ୍ରୀଙ୍କୁ ବିଭିନ୍ନ ପ୍ରକାରର ପ୍ରୋତ୍ସାହନ ଯୋଗାଇ ଦିଆଯାଉଥିବା ବେଳେ ସେମାନଙ୍କ ପାଇଁ ନିର୍ମାଣ ହୋଇଥିବା ଛାତ୍ରୀ ନିବାସ ଏବେ ଖାଲି ପଡ଼ିବାର କାରଣକୁ ସରକାର ଅନୁସନ୍ଧାନ କରିବା ଆବଶ୍ୟକତା ରହିଛି ।

## ନିଆରା ପରମ୍ପରା
# ପୂଜା ପାଉଛନ୍ତି ମାଟି ନିର୍ମିତ ପ୍ରଭୁ ଶ୍ରୀଜଗନ୍ନାଥ



ଟାଙ୍ଗୀ,୨୮।୧୧(ସମିସ): ଯୁଗ ଯୁଗ ଧରି ଦାରୁରେ ନିର୍ମିତ ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତି ଚାରିଆଡେ ପୂଜା ପାଇଆସୁଛନ୍ତି। ତେବେ ଟାଙ୍ଗୀ ବ୍ଲକ ଅଧୀନସ୍ଥ ସାନକୁସୁମୀ (ଅହିଅରା)ରେ ଦୀର୍ଘ ୪୦ ବର୍ଷ ହେଲା ନିଆରା ପରମ୍ପରାରେ କୁମ୍ଭକାରଙ୍କ ଦ୍ୱାର ମାଟିରେ ନିର୍ମିତ ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତି ପାଞ୍ଚ ଦିନ ପର୍ଯ୍ୟନ୍ତ ପୂଜାର୍ଚ୍ଚନା ପରେ ପାଣିରେ ବିସର୍ଜନ କରାଯାଉଥିବା ଜଣାପଡିଛି। କୁରାଳ ପଞ୍ଚମୀ ତଥା ଓଢଣା ଷଷ୍ଠୀ ଉତ୍ସବ ଅବସରରେ ଏହି ଗ୍ରାମବାସୀ ପାଞ୍ଚଦିନ ପର୍ଯ୍ୟନ୍ତ ବିଧିବିଧାନ ଅନୁସାରେ ପୂଜାର୍ଚ୍ଚନା, ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ରାମନାଟକ କରିବା ପରମ୍ପରା ରହିଛି। ଗତକାଲି ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ ଡଃ ଭାରତ ଭୂଷଣ ଜଗଦେବ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଭୁ ଶ୍ରୀଜଗନ୍ନାଥଙ୍କ କଥାମୃତ ପ୍ରଚାର ପ୍ରସାର କରିଥିବାବେଳେ ନିଜ ଦ୍ୱାରା ଶ୍ରୀଜଗନ୍ନାଥଙ୍କ ସଂପର୍କରେ ଲିଖିତ ଭକ୍ତି ରସାତ୍ମକ ପୁସ୍ତିକା ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ତ୍ରିନାଥ ମୁଦୁଲି, ନୀଳମଣି ମୁଦୁଲି, ଦିବାକର ମୁଦୁଲି, ମଦନମୋହନ ମୁଦୁଲି, ଦିଲ୍ଲୀପ ମୁଦୁଲି ପ୍ରମୁଖ ଗ୍ରାମବାସୀଙ୍କ ସହାୟତାରେ ଏହି ପୂଜା କରାଯାଇଛି।

## ଧୂଆଁନଳୀ, ବରବରା, ଶୁଳିଆ ଜଙ୍ଗଲ ଉପରେ ମାଫିଆଙ୍କ ଆଖି
# ଔଷଧୀୟ ବୃକ୍ଷ ଚେରମୂଳି ଚୋରା ଚାଲାଣ ଅଭିଯୋଗ

ବାଣପୁର,୨୮।୧୧(ସମିସ)



ବର୍ତ୍ତମାନ ସମୟରେ ଜନସାଧାରଣଙ୍କ ମଧ୍ୟରେ ଆୟୁର୍ବେଦିକ ଔଷଧର ଚାହିଦା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଆୟୁର୍ବେଦିକ ଔଷଧ ପ୍ରସ୍ତୁତ ନିମନ୍ତେ ବିଭିନ୍ନ ପ୍ରକାର ବହୁ ମୂଲ୍ୟବାନ ଚେରମୂଳ ଆବଶ୍ୟକ ପଡୁଛି। ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ବାଲୁଗାଁ ବନ ବିଭାଗ ଅଧୀନସ୍ଥ ଏସିଆ ମହାଦେଶର ସର୍ବବୃହତ ଶାଳଶାଗୁଆନ ଜଙ୍ଗଲ ଧୂଆଁନଳୀ ଓ ବରବରା ଏବଂ ଶୁଳିଆ, ଶୋଳରୀ ଭାଲେରୀ ଆଦି ଜଙ୍ଗଲରେ ବହୁ ମୂଲ୍ୟବାନ ଓøଷଧୀୟ ବୃକ୍ଷ ଉପଲବ୍ଧ ଥିବାବେଳେ ଏହା ଉପରେ ମାଫିଆଙ୍କ ଲୋଲୁପ ଦୃଷ୍ଟି ପଡିଛି। ମାଫିଆମାନେ ସ୍ଥାନୀୟ ଶ୍ରମିକ ନିୟୋଜିତ କରି ଦୈନିକ ଲକ୍ଷ ଲକ୍ଷ ଟଙ୍କାର ଔଷଧୀୟ ଚେରମୂଳ ସଂଗ୍ରହ କରି ଚୋରା ଚାଲାଣ କରିଆସୁଛନ୍ତି। ବନବିଭାଗ ସବୁ ଜାଣିଥିଲେ ମଧ ମାଫିଆଙ୍କ ସହ ମଧୁଚନ୍ଦ୍ରିକାରେ ନିରବଦ୍ରଷ୍ଟା ସାଜିଛନ୍ତି। ବିଗତ ଦିନରେ ବନ ବିଭାଗ ସ୍ୱଳ୍ପ ପରିମାଣର ଚେରମୂଳ ଜବତ କରିଥିବାବେଳେ ପରବର୍ତ୍ତୀ ସମୟରେ ସଲାସୁତୁରାରେ ଛାଡ଼ିଦିଆଯାଇଥିବା ଜଣାଯାଇଛି।

ସୂଚନା ମୁତାବକ, ବାଣପୁର ବ୍ଲକ୍ ଅନ୍ତର୍ଗତ ଅଦିବାସୀ ଅଧ୍ୟୁଷିତ ମାଳ ଅଞ୍ଚଳର ଧୂଆଁନଳୀ ଓ ବରବରା ଆଦି ଜଙ୍ଗଲରେ ଆୟୁର୍ବେଦିକ ଔଷଧ ପ୍ରସ୍ତୁତ ନିମନ୍ତେ ବହୁ ମୂଲ୍ୟବାନ ବୃକ୍ଷ ତଥା ସୁଗନ୍ଧା, ଅଶ୍ୱଗନ୍ଧା, ହରିଡ଼ା, ବାହାଡ଼ା ଓ ଅନନ୍ତମୂଳ ଭରପୂର ହୋଇରହିଛି। ଏହି ଔଷଧୀୟ ବୃକ୍ଷ ମୂଳ କିଲୋଗ୍ରାମ ପିଛା ପ୍ରାୟ ୩ ଶହରୁ ୩୫୦ ଟଙ୍କା ଦର ରହିଥିବାବେଳେ ଏହି ଔଷଧୀୟ ବୃକ୍ଷ ମୂଳ ସ୍ଥାନୀୟ ଶ୍ରମିକଙ୍କ ଦ୍ୱାରା ଜଙ୍ଗଲରୁ କିଲୋଗ୍ରାମ ପିଛା ୫୦ରୁ ୬୦ ଟଙ୍କା ଦରରେ ଚୋରାରେ ଆଣି ବର୍ଷ ବର୍ଷ ଧରି ଟ୍ରକ ମାଧ୍ୟମରେ ଚୋରା ଚାଲାଣ କରାଯାଇଆସୁଛି। ଏ ନେଇ ବାରମ୍ବାର ଅଭିଯୋଗ ପରେ ବାଲୁଗାଁ ବନ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ସ୍ୱଳ୍ପ ପରିମାଣରେ ଔଷଧୀୟ ବୃକ୍ଷର ମୂଳ ଜବତ କରାଯାଇଥିଲା। ଏପରିସ୍ଥଳେ କିଛି ବର୍ଷ ପୂର୍ବେ ୧୨୦ ବସ୍ତା ଔଷଧୀୟ ବୃକ୍ଷ ମୂଳ ଜବତ କରାଯାଇଥିବାବେଳେ ପରବର୍ତ୍ତୀ ସମୟରେ ବନ ବିଭାଗ ସହ ମାଫିଆଙ୍କ ସଲାସୁତରାରେ ଉକ୍ତ ଜବତ ଚେର ମୂଳକୁ ଛାଡ଼ି ଦିଆଯାଇଥିବା ଜଣାଯାଇଥିଲା। ଯଦି ଏହି ଆୟୁର୍ବେଦିକ ଔଷଧୀୟ ଚେରମୂଳ ଚୋରା ଚାଲାଣ ରୋକା ନ ଯାଏ, ତେବେ ଭବିଷ୍ୟତରେ ଐତିହ୍ୟ ସମ୍ପନ୍ନ ଏହି ଜଙ୍ଗଲରୁ ଔଷଧୀୟ ବୃକ୍ଷ ଲୋପ ପାଇବାକୁ ଏଡ଼ାଇ ଦିଆଯାଇ ନ ପାରେ।

ଏ ସମ୍ପର୍କରେ ବାଲୁଗାଁ ବନ ବିଭାଗ ଅଧିକାରୀଙ୍କୁ ଫୋନ ମାଧ୍ୟମରେ ଯୋଗାଯୋଗ କରିବାରେ ସେ ଫୋନ ଉଠାଉ ନ ଥିଲେ। ତେବେ ଏହାକୁ ଗୁରୁତ୍ୱର ସହ ନେଇ ଔଷଧୀୟ ବୃକ୍ଷ ମୂଳ ଚୋରା ଚାଲାଣ ରୋକିବା ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ନାବାଳିକା ଛାତ୍ରୀକୁ ଅସଦାଚରଣ ଅଭିଯୋଗ

ଖୋର୍ଦ୍ଧା,୨୮।୧୧(ସମିସ): ଜିଲ୍ଲାରେ ବଢି ଚାଲିଛି ନାବାଳିକା ଛାତ୍ରୀଙ୍କ ଉପରେ ଅସଦାଚରଣ। କେତେବେଳେ ନାବାଳିକା ଦୁଷ୍କର୍ମର ଶିକାର ହେଉଛି ତ ଆଉ କେତେବେଳେ ଅସଦାଚରଣ ଭଳି ସଙ୍ଗୀନ ଅଭିଯୋଗ ଆସୁଛି। ପୁଲିସ କିନ୍ତୁ ଦିନ ପରେ ଦିନ ଗଡାଇ ଘଟଣାକୁ ନାଟକୀୟ ଢଙ୍ଗରେ ଶେଷ କରୁଛି। ବାଘମାରୀ ଥାନା ଅଞ୍ଚଳରେ ନାବାଳିକା ଦୁଷ୍କର୍ମ ଘଟଣା ଲୋକଙ୍କ ମନରୁ ଲିଭି ନ ଥିବାବେଳେ ଏବେ ପୁଣି ନାବାଳିକା ଅସଦାଚରଣ ଅଭିଯୋଗ ସଦର ଥାନା ଅଞ୍ଚଳରୁ ଆସିଛି। ଏହି ଥାନା ଅଞ୍ଚଳର ହାଇସ୍କୁଲରେ ପଢୁଥିବା ଜଣେ ୧୪ ବର୍ଷର ଛାତ୍ରୀକୁ ଅସଦାଚରଣ କରାଯାଇଥିବା ଆଜି ସନ୍ଧ୍ୟାରେ ଥାନାରେ ଅଭିଯୋଗ ହୋଇଛି।

ସୂଚନା ମୁତାବକ, ନାବାଳିକା ଛାତ୍ରୀ ଜଣକ ଆଜି ସ୍କୁଲ ଯାଉଥିବା ସମୟରେ ତାଙ୍କୁ ସେହି ଗ୍ରାମର ଦୁଇଜଣ ଯୁବକ ଘର ନିକଟ ଜଙ୍ଗଲକୁ ନେଇ ଅସଦାଚରଣ କରିଥିଲେ। କୌଶଳକ୍ରମେ ଛାତ୍ରୀ ଜଣକ ସେଠାରୁ ଖସି ଆସି ଘଟଣା ସମ୍ପର୍କରେ ପରିବାର ଲୋକଙ୍କ ଆଗରେ କହିଥିଲା। ଏ ନେଇ ଆଜି ସନ୍ଧ୍ୟାରେ ସମ୍ପର୍କୀୟଙ୍କ ସହ ନାବାଳିକା ଛାତ୍ରୀ ସଦର ଥାନାରେ ପହଞ୍ଚି ଅଭିଯୋଗ କରିଛି। ଅଭିଯୋଗକୁ ପୁଲିସ ଗୁରୁତର ସହ ଗ୍ରହଣ କରିଥିବାବେଳେ ଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଥିବାବେଳେ ପୁଲିସ ନାବାଳିକାଙ୍କ ବୟାନ ରେକର୍ଡ କରିଛି। ଏହି ଘଟଣାରେ ପୁଲିସ ୨ଜଣଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଜଣାପଡିଛି।

## ● ଗୋରୁ ବୋଝେଇ ଟ୍ରକ୍ ଜବତ
# ୧୭ ଗୋରୁ ଉଦ୍ଧାର, ୨ ଗିରଫ

ଖୋର୍ଦ୍ଧା,୨୮।୧୧(ସମିସ): ଶିଳ୍ପାଞ୍ଚଳ ପୁଲିସ ୧୬ନଂ ଜାତୀୟ ରାଜପଥର ଗଡ଼ଖୋର୍ଦ୍ଧା ଛକ ନିକଟ ପେଟ୍ରୋଲ ପମ୍ପ ସମ୍ମୁଖରୁ ଏକ ଗୋରୁ ବୋଝେଇ ଟ୍ରକ୍‌କୁ ଜବତ କରିଛି। ଟ୍ରକ୍‌ରୁ ୧୭ ଗୋରୁ ଉଦ୍ଧାର କରିଥିବାବେଳେ ବେଆଇନ୍ ଗୋରୁ ଚାଲାଣ ଅଭିଯୋଗରେ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଦ୍ୱୟ ଉତ୍ତରପ୍ରଦେଶ ସାହାରଣପୁର ଜିଲ୍ଲା କୈଳାସପୁର ଗ୍ରାମର ସାହାବାନ୍ ମଲ୍ଲିକ (୨୮) ଓ ତେଲେଙ୍ଗାନା ଜାହିରାବାଗର ମୁନିର ଅହମ୍ମଦ (୨୨) ବୋଲି ଜଣାପଡ଼ିଛି।

ପୁଲିସ ସୂଚନା ମୁତାବକ, ଏକ ଗୋରୁ ବୋଝେଇ ଟ୍ରକ୍ ଯାଉଥିବା ଖବର ପାଇ ପୁଲିସ ଗଡ଼ଖୋର୍ଦ୍ଧା ଛକ ନିକଟ ପେଟ୍ରୋଲ ପମ୍ପ ସମ୍ମୁଖରେ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚ ସମୟରେ ଚାଳକ ଗୋରୁ ପରିବହନ ସମ୍ବନ୍ଧୀୟ କୌଣସି ବୈଧ କାଗଜପତ୍ର ଦେଖାଇପାରି ନ ଥିଲେ। ତେଣୁ ପୁଲିସ ଟ୍ରକ୍‌କୁ ଜବତ କରିବା ସହ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଟ୍ରକ୍‌ରୁ ପୁଲିସ ୧୭ ଗୋରୁ ଉଦ୍ଧାର କରିଛି। ଟ୍ରକ୍‌ଟି ଆନ୍ଧ୍ରର ରାଜହୁମାଦ୍ରିଠାରୁ କୋଲକାତାକୁ ଯାଉଥିବା ପ୍ରାରମ୍ଭିକ ତଦନ୍ତରୁ ପୁଲିସ ଜାଣିବାକୁ ପାଇଛି। ଉଦ୍ଧାର ଗୋରୁଙ୍କୁ ଚିକିତ୍ସା ପରେ କଳାପଥରସ୍ଥ କାମଧେନୁ ଗୋଶାଳାରେ ଛଡ଼ାଯାଇଥିବା ଥାନାଧିକାରୀ ଉମେଶ ସାହୁ ସୂଚନା ଦେଇଛନ୍ତି।

## ଗମ୍ଭାରୀମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆୟୁଷ୍ମାନ ଆରୋଗ୍ୟ ଶିବିରରେ ଅବ୍ୟବସ୍ଥା
# ବିନା ବିଶେଷଜ୍ଞ ଡାକ୍ତରରେ ରୋଗୀ ସେବା

ବାଣପୁର,୨୮।୧୧(ସମିସ): ରାଜ୍ୟ ସରକାର ସ୍ୱାସ୍ଥ୍ୟ ସେବାକୁ ଅଗ୍ରାଧିକାର ଦେଇ ବିଭିନ୍ନ ଯୋଜନା କରିଥିବାବେଳେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହି କ୍ରମରେ ସମସ୍ତ ସରକାରୀ ଡାକ୍ତରଖାନରେ ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ ଦେଇ ମାଗଣା ସ୍ୱାସ୍ଥ୍ୟ ସେବାକୁ ପ୍ରୋତ୍ସାହନ ଦେବା ସହ ରୋଗୀଙ୍କୁ ଆକୃଷ୍ଟ କରିବା ପାଇଁ ପ୍ରତ୍ୟେକ ସରକାରୀ ଡାକ୍ତରଖାନାରେ ଆୟୁଷ୍ମାନ ଆରୋଗ୍ୟ ଶିବିର ଓ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଓ ସଚେତନତା କାର୍ଯ୍ୟକ୍ରମ ପ୍ରତ୍ୟେକ ମାସରେ ଅନ୍ତତଃ ଗୋଟିଏ ଥର ଆୟୋଜନ କରିବା ପାଇଁ ସ୍ପଷ୍ଟ ନିର୍ଦ୍ଦେଶ ରହିଛି। ତତ୍‌ସହିତ ଡାକ୍ତରଖାନାରେ ଆୟୋଜିତ ଉକ୍ତ ଶିବିରକୁ ଆସୁଥିବା ରୋଗୀଙ୍କୁ ପ୍ରୋତ୍ସାହନମୂଳକ ଆପ୍ୟାୟିତ କରିବା ପାଇଁ ନିର୍ଦ୍ଦିଷ୍ଟ ବ୍ୟୟବରାଦ କରାଯାଇଛି। ପ୍ରତ୍ୟେକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୋଜିତ ଆୟୁଷ୍ମାନ ଆରୋଗ୍ୟ ଶିବିରରେ ଶିଶୁରୋଗ, ଗାଇନୋକଲୋଜିଷ୍ଟ, ଦାନ୍ତ ରୋଗ, ଚକ୍ଷୁ ରୋଗ, ମାନସିକ ରୋଗ ଆଦିର ବିଶେଷଜ୍ଞ ଡାକ୍ତର ବିଭିନ୍ନ ମେଡିକାଲ କଲେଜ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଆସି ରୋଗୀ ସେବା ଯୋଗାଇଦେବା ସ୍ପଷ୍ଟ ନିର୍ଦ୍ଦେଶ ଥିଲେ ମଧ ବାଣପୁର ବ୍ଲକ ଅର୍ନ୍ତଗତ ଗମ୍ଭାରୀମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହାର ବ୍ୟତିକ୍ରମ ଦେଖାଦେଇଛି। ଏହି ଶିବିରରେ ବିନା ବିଶେଷଜ୍ଞ ଡାକ୍ତରରେ ରୋଗୀ ସେବା ହେଉଥିବା ଅଭିଯୋଗ ହେଉଛି।

ପୂର୍ବରୁ କୌଣସି ସୂଚନା ନ ଦେଇ ଅକସ୍ମାତ ଗମ୍ଭାରୀମୁଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୁଷ୍ମାନ ଶିବିର ଆୟୋଜନ କରାଯାଇଥିଲା। ଏପରିକି ରୋଗୀଙ୍କ ଅବଗତ ନିମନ୍ତେ ଶିବିରରେ କୌଣସି ବ୍ୟାନର ଲଗାଯାଇ ନ ଥିଲା। ଆଶ୍ଚର୍ଯ୍ୟର ବିଷୟ କୌଣସି ବିଶେଷଜ୍ଞ ଡାକ୍ତର ବିନା କେବଳ ଜଣେ ଦାନ୍ତ ଚିକିତ୍ସକ ଓ ଜଣେ ଆୟୁଷ ଡାକ୍ତରଙ୍କ ଦ୍ୱାରା ଗମ୍ଭାରୀମୁଣ୍ଡା ଡାକ୍ତରଖାନାରେ ଆୟୁଷ୍ମାନ ଶିବିର ଚାଲିଥିଲା। ଏହି କାର୍ଯ୍ୟକ୍ରମରେ ରୋଗୀଙ୍କୁ ଆକୃଷ୍ଟ କରିବା ପାଇଁ ଶୁଖିଲା ଖାଦ୍ୟ ବାବଦରେ ପ୍ରତ୍ୟେକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଜଣେ ରୋଗୀ ପିଛା ୫୦ ଟଙ୍କାର ଜଳଖିଆ ଓ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ବ୍ୟୟବରାଦ କରାଯାଇଥିଲେ ମଧ ରୋଗୀଙ୍କୁ ମାତ୍ର ୫ ଟଙ୍କିଆ ଏକ୍ସପାଏରୀ ବିସ୍କୁଟ ପ୍ୟାକେଟ ଧରାଇ ଦେଇ ଚଞ୍ଚକତା କରି ବାକି ବଳକା ଟଙ୍କା ହଡପ କରାଯାଉଥିବା ଅଭିଯୋଗ ହେଉଛି। ଶିବିରକୁ ଆସିଥିବା ରୋଗୀଙ୍କୁ ଏକ୍ସପାଏରୀ ବିସ୍କୁଟ ପ୍ୟାକେଟ ଧରାଇ ରୋଗୀସେବା କରାଯାଇଥିବାରୁ ରୋଗୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏକ୍ସପାଏରୀ ବିସ୍କୁଟ ବଣ୍ଟନ ସମ୍ପର୍କରେ ନିୟୋଜିତ ଡାକ୍ତର ଓ କର୍ମଚାରୀଙ୍କୁ ପଚାରିବାରୁ ସେମାନେ ଅଜାଣତରେ କିଛି ରୋଗୀଙ୍କୁ ଏହି ଏକ୍ସପାଏରୀ ବିସ୍କୁଟ ବଣ୍ଟନ କରିଥିବା ଜାଣିବା ପରେ ସେମାନେ ଭୁଲ ସୁଧାରି ଅନ୍ୟ ବିସ୍କୁଟ ଆଣି ବାଣ୍ଟିଥିଲେ ବୋଲି କହିଥିଲେ। ବାଣପୁର ବ୍ଲକ୍‌ରେ ଜନଆରୋଗ୍ୟ ଶିବିରରେ ଅବ୍ୟବସ୍ଥା ଓ ରୋଗୀଙ୍କ ପାଇଁ ଆସୁଥିବା ଖାଦ୍ୟରେ ଚଞ୍ଚକତା ସମ୍ପର୍କରେ ପୂର୍ବରୁ ଅଭିଯୋଗ ହେବା ସହ ବିଭିନ୍ନ ଖବରକାଗଜରେ ଖବର ପ୍ରକାଶିତ ହୋଇଥିବାବେଳେ ପୁଣି ସମାନ ଘଟଣା ଘଟିବା ନେଇ ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସଞ୍ଜୟ କୁମାର ମହାନ୍ତିଙ୍କୁ ପଚାରିବାରୁ ସେ ଏନେଇ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଥିଲେ।

### ରୋଗୀଙ୍କୁ ଦିଆଗଲା ଏକ୍ସପାଏରୀ ବିସ୍କୁଟ

# ଧର୍ମପ୍ରାଣ ମହିଳାଙ୍କ ପରଲୋକ

ଖୋର୍ଦ୍ଧା,୨୮।୧୧(ସମିସ): ଖୋର୍ଦ୍ଧା ଅଞ୍ଚଳର ଜଣାଶୁଣା ମହିଳା ମଞ୍ଜୁଲତା ଖୁଣ୍ଟିଆ(୫୯)ଙ୍କ ହୃଦ୍‌ଘାତରେ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପରଲୋକ ଘଟିଛି। ଗୁରୁବାର ସନ୍ଧ୍ୟାରେ



ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ଖୋର୍ଦ୍ଧାରେ ରହି ବିଭିନ୍ନ ଅନୁଷ୍ଠାନରେ କାମ କରୁଥିଲେ। ପୌରାଞ୍ଚଳ ୫ନଂ ୱାର୍ଡରେ ଥିବା ଆଞ୍ଚଳିକ ମହିଳା ମହାସଂଘର ପୂର୍ବତନ ସମ୍ପାଦିକା, ଅଙ୍ଗନବାଡି କେନ୍ଦ୍ରର ସହାୟିକା, ବାବା ଆଖଣ୍ଡଳମଣି ସ୍ୱୟଂସହାୟିକା ଗୋଷ୍ଠୀର ସମ୍ପାଦିକା ଭାବେ କାର୍ଯ୍ୟ କରି ସମସ୍ତଙ୍କ ପ୍ରିୟଭାଜନ ହୋଇଥିଲେ। ତାଙ୍କ ମୃତ୍ୟୁରେ କାଉନସିଲର ଅମୀୟ ମହାନ୍ତି, ପୂର୍ବତନ କାଉନସିଲର ଦେବପ୍ରସାଦ ରଥ, ସମାଜସେବୀ ସୃଷ୍ଟିରାଜ ତ୍ରିପାଠୀ, ନାରୀନେତ୍ରୀ ବାସନ୍ତୀ ମହାପାତ୍ର, ସହକର୍ମୀ ବୀଣାପାଣି ମହାନ୍ତି, ଲୀଳା ସାହୁ, ସରୋଜିନୀ ମିଶ୍ର, ଅଞ୍ଜଳି ମିଶ୍ର ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ କରାଯାଇଥିବାବେଳେ ପୁତୁରା ଦୁର୍ଗାପ୍ରସାଦ ସ୍ୱାଇଁ ମୁଖାଗ୍ନି ଦେଇଥିଲେ।

# ପ୍ରଫୁଲ୍ଲ ଜେନା ବିଧାୟକଙ୍କ ଟାଙ୍ଗୀ ବ୍ଲକ୍ ପ୍ରତିନିଧି

ନିରାକାରପୁର,୨୮।୧୧(ସମିସ): ସୁସଂଗଠକ ପ୍ରଫୁଲ୍ଲ ଚନ୍ଦ୍ର ଜେନାଙ୍କୁ ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଟାଙ୍ଗୀ ପ୍ରତିନିଧି ଭାବେ ନିଯୁକ୍ତ କରିଛନ୍ତି। ଶ୍ରୀ ଜେନାଙ୍କ ଉପରେ ଆସ୍ଥା ଓ ବିଶ୍ୱାସ ରଖି ବିଧାୟକ ସଂଗଠନ ଓ ବିକାଶକୁ ତ୍ୱରାନିତ କରିବାକୁ ଆଶା ରଖିଥିବା ଜଣାପଡିଛି। ବ୍ଲକ୍‌ର ସମସ୍ତ ମଣ୍ଡଳ ସଭାପତି ଓ ସରପଞ୍ଚ ଅଜୟ ପାଇକରାୟ, ମାଧବ ମହାନ୍ତି, ଶିବପ୍ରସାଦ ପରିଡା, ଜୟରାମ ବେହେରା, ରଘୁନାଥ ମାଝୀ, ସୌରଭ ଦାସମହାପାତ୍ର, କିଶୋର ବେହେରା, ବାବୁଲି ପରିଡା, ଚିନ୍ମୟ ପୃଷ୍ଟି, ସାଗର ବାରିକ, ଦୁର୍ଯ୍ୟୋଧନ ରାଉତରାୟ, ପୂର୍ଣ୍ଣଚନ୍ଦ୍ର କଳସ, ରବୀନ୍ଦ୍ର ରାଉତରାୟ, ଗଙ୍ଗାଧର ତ୍ରିପାଠୀ, ଭାଗୀରଥି ସାମନ୍ତରାୟ, ପବିତ୍ର ହରିଚନ୍ଦନ ପ୍ରମୁଖ ଶ୍ରୀ ଜେନାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।




## ରାଜ୍ୟସ୍ତରୀୟ ଗୟାବନ୍ଧ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ
# ଯଦୁମଣି ସ୍ପୋର୍ଟ୍ସ କ୍ଲବ୍ ଫାଇନାଲକୁ ଉନ୍ନୀତ

ନିରାକାରପୁର,୨୮।୧୧(ସମିସ): ଗୟାବନ୍ଧ ଖେଳ ପଡ଼ିଆରେ ବାପୁଜୀ କ୍ଲବ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ ଗୟାବନ୍ଧ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଆଜି ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ଯଦୁମଣି ସ୍ପୋର୍ଟ୍ସ କ୍ଲବ୍, ଇଟାମାଟି ୪-୦ ଗୋଲରେ ବୋଲଗଡ଼ ଫୁଟବଲ କ୍ଲବ୍‌କୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଖେଳକୁ ଶରତ ଛୋଟରାୟ, ଚିତ୍ତରଞ୍ଜନ ପରିଡ଼ା, ବୈକୁଣ୍ଠ ମହାପାତ୍ର ଓ ଲକ୍ଷ୍ମୀଧର ଚୌଧୁରୀ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ସମାଜସେବୀ ଡ. ସଞ୍ଜୟ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଶିକ୍ଷକ ନେତା ରମାକାନ୍ତ ମହାପାତ୍ର, ବିଶ୍ୱଭୂଷଣ ଛୋଟରାୟ, ମୀନକେତନ ଭୁଜବଳ ଓ ଭାଗୀରଥି ଭୁଜବଳ ଯୋଗ ଦେଇଥିଲେ। କ୍ଲବ୍‌ର ସଭ୍ୟ ସୁଶାନ୍ତ ଶ୍ରୀଚନ୍ଦନ, କେଦାର ଶ୍ରୀଚନ୍ଦନ, ରବୀନ୍ଦ୍ର ଭୁଜବଳ, ସାରୁଫ ଖାଁ, ପ୍ରମୋଦ ସାମନ୍ତରାୟ ଓ ମାନସ ସୁବୁଦ୍ଧି ସହଯୋଗ କରିଥିଲେ। ଆସନ୍ତା ୩୦ ତାରିଖରେ ଫାଇନାଲ ମ୍ୟାଚ୍ ଯଦୁମଣି ସ୍ପୋର୍ଟ୍ସ କ୍ଲବ୍ ଓ ଏଜି କ୍ଲବ, ଖୋର୍ଦ୍ଧା ମଧ୍ୟରେ ଅନୁଷ୍ଠିତ ହେବ।



# ଖଣତ ଗ୍ରାମରେ କୁରାଳ ପଞ୍ଚମୀ



ବାଣପୁର,୨୮।୧୧(ସମିସ): ମାର୍ଗଶୀର ଶୁକ୍ଳ ପଞ୍ଚମୀ ତିଥିରୁ ବାଣପୁର ବ୍ଲକ୍ ଅନ୍ତର୍ଗତ ଖଣତ କୁମ୍ଭାରସାହି ସମେତ ଭୀମପୁର, କୁରୁଞ୍ଜିପୁର, ମୁକ୍ତାଦେଇପୁର, ସାରୁବାରିପଦର, ଓସ୍ତାପଲ୍ଲୀ, ବିଷ୍ଣୁଡ଼ିହ ଓ ହଜ୍ ଆଦି ଗ୍ରାମରେ କୁମ୍ଭକାର ସମାଜ ପକ୍ଷରୁ ଆରମ୍ଭ ହୋଇ ଚାରିଦିନ ଧରି ଚାଲିଥିବା କୁରାଳ ପଞ୍ଚମୀ ମହୋତ୍ସବ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି। ଏ ଉପଲକ୍ଷେ ପ୍ରତ୍ୟେହ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଦେବ ଓ ଦେବୀ ସୁଭଦ୍ରାଙ୍କ ମୃଣ୍ମୟ ମୂର୍ତ୍ତିଙ୍କୁ ପାରମ୍ପରିକ ରୀତିନୀତିରେ ପୂଜାର୍ଚ୍ଚନା କରାଯାଇଥିବାବେଳେ ଦୈନିକ ନାମ ସଂକୀର୍ତ୍ତନ, ଯଜ୍ଞ, ଭଜନ ସମାରୋହ, ଚକ ପୂଜା ଓ ଅନ୍ନ ଯଜ୍ଞ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଅବସରରେ ମହାପ୍ରଭୁଙ୍କୁ ପାରମ୍ପରିକ ବାଦ୍ୟରେ ଗ୍ରାମ ପରିକ୍ରମା କରାଯାଇ ମୂର୍ତ୍ତି ବିସର୍ଜନ କରାଯାଇଥିଲା। ସେହିପରି ବାଲୁଗାଁ ବାଣପୁର ଓ ସମଗ୍ର ଚିଲିକା ଅଞ୍ଚଳ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ କୁମ୍ଭକାର ସମାଜ ପକ୍ଷରୁ କୁରାଳ ପଞ୍ଚମୀ ପାଳିତ ହୋଇଯାଇଛି।

# ଖୋର୍ଦ୍ଧା କପ୍ ବ୍ୟାଡମିଣ୍ଟନ ଉଦ୍‌ଯାପିତ



ଖୋର୍ଦ୍ଧା,୨୮।୧୧(ସମିସ): ସ୍ଥାନୀୟ ବିଜୁ ପଟ୍ଟନାୟକ ବହୁମୁଖୀ ଇଣ୍ଡୋର ହଲ୍‌ରେ ଖୋର୍ଦ୍ଧା ଜିଲ୍ଲା ଯୁବ ବ୍ୟାଡମିଣ୍ଟନ ଆସୋସିଏସନ୍ ପକ୍ଷରୁ ଆୟୋଜିତ ନବମ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୧୩ ବର୍ଷରୁ କମ୍, ଜିଲ୍ଲାସ୍ତରୀୟ ଓ ରାଜ୍ୟସ୍ତରୀୟ ତିନିଟି ଶ୍ରେଣୀରେ ଅନୁଷ୍ଠିତ ହୋଇଥିଲା। ୧୩ ବର୍ଷରୁ କମ୍ ବର୍ଗରେ କେ. ତନିଷ୍ କୁମାର ବିଜେତା ଓ ସାଇ ସୂର୍ଯ୍ୟାଂଶୁ ଉପବିଜେତା ହୋଇଥିଲେ। ଜିଲ୍ଲା ସ୍ତରରେ କହ୍ନେଇ ଘଡେଇ ଓ ରଜତ୍ କୁମାର ରଣସିଂହ ବିଜେତା ହୋଇ ୮,୦୦୦ ଟଙ୍କା ପୁରସ୍କାର ରାଶି ସହ ଟ୍ରଫି ଗ୍ରହଣ କରିଥିଲେ। ଦିବ୍ୟଜ୍ୟୋତ ସେଠୀ ଓ ମଳୟ ବେହେରା ଉପବିଜେତା ହୋଇ ୬,୦୦୦ ଟଙ୍କା ପୁରସ୍କାର ରାଶି ସହିତ ଟ୍ରଫି ଗ୍ରହଣ କରିଥିଲେ। ରାଜ୍ୟସ୍ତରରେ ତନ୍ମୟ ସାହୁ ଓ ଅଭିଜିତ୍ ମହାରଣା ବିଜେତା ହୋଇ ୧୨,୦୦୦ ଟଙ୍କା ପୁରସ୍କାର ରାଶି ସହିତ ଟ୍ରଫି ଗ୍ରହଣ କରିଥିଲେ। ଉପବିଜେତା ଭାବେ ପାରସ ମାଥୁର ଓ ଅନିର୍ବାଣ ମଣ୍ଡଳ ୮,୦୦୦ ଟଙ୍କା ପୁରସ୍କାର ରାଶି ସହିତ ଟ୍ରଫି ଗ୍ରହଣ କରିଥିଲେ।

ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଶ୍ରୀନିବାସ ମହାନ୍ତି ଓ ସମ୍ମାନିତ ଅତିଥି ଭାବେ ଉପଜିଲ୍ଲାପାଳ କିଶୋର ପଣ୍ଡା ଯୋଗଦାନ କରିଥିଲେ। ଖୋର୍ଦ୍ଧା ଜିଲ୍ଲା ଯୁବ ବ୍ୟାଡମିଣ୍ଟନ ସଂଘ ସମ୍ପାଦକ ରାଜେଶ ଦାସଙ୍କ ଦ୍ୱାରା କାର୍ଯ୍ୟକ୍ରମ ସଫଳତାର ସହିତ ସମ୍ପନ୍ନ ହୋଇଥିଲା। ସଂଘର ସଭାପତି ରାଜେନ୍ଦ୍ର ସାହୁ ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ରକ୍ତଦାନ ଶିବିର: ୩୨ ୟୁନିଟ୍ ସଂଗୃହୀତ




ବାଣପୁର,୨୮।୧୧(ସମିସ): ଏଚଡିଏଫସି ବ୍ୟାଙ୍କ ବାଣପୁର ଶାଖା ପକ୍ଷରୁ ଶୁକ୍ରବାର ବ୍ୟାଙ୍କ ଶାଖା ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କ ଶାଖା ପରିଚାଳକ ଅମୂଲ୍ୟ ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ମୁଖ୍ୟଅତିଥି ଭାବେ ବାଣପୁର ଏନଏସି ନଗରପାଳ ମିଟୁ ନାୟକ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ଖୋର୍ଦ୍ଧା ରକ୍ତ ଭଣ୍ଡାରର ଡାକ୍ତର ସୌରଭ ରାୟ, ଅରୁଣ ଷଡ଼ଙ୍ଗୀ ଓ ସହଯୋଗୀ ଝୁନୁଲତା ପ୍ରମୁଖ ସାମିଲ ହୋଇ ରକ୍ତ ସଂଗ୍ରହ କରିଥିଲେ।

ସ୍ଥାନୀୟ ଅଞ୍ଚଳର ବ୍ୟବସାୟୀ ଦେବଦତ୍ତ ପାତ୍ର, ସୀତାଂଶୁ ଷଡ଼ଙ୍ଗୀ, ଅଭିଜିତ ମିଶ୍ର, ସୁକାନ୍ତ ପ୍ରଧାନ ପ୍ରମୁଖଙ୍କ ସମେତ ସମୁଦାୟ ୩୨ ଜଣ ରକ୍ତଦାନ କରିଥିବାବେଳେ ବ୍ୟାଙ୍କ ପକ୍ଷରୁ ସମସ୍ତ ରକ୍ତଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଅନ୍ୟତମ ଅତିଥି ଭାବେ କାଉନସିଲର ଲକ୍ଷ୍ମୀପ୍ରିୟା ପ୍ରଧାନ ଓ ବାଲୁଗାଁ ଶାଖା ପରିଚାଳକ ହିମାଂଶୁ ମିଶ୍ର ଯୋଗଦେଇ ରକ୍ତଦାନ ଭଳି ମହତ କାର୍ଯ୍ୟର ତୁଳନା ନାହିଁ ବୋଲି ମତବ୍ୟକ୍ତ କରିବା ସହ ରକ୍ତଦାତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶାଖା ସଂଯୋଜକ ଜଗନ୍ନାଥ ପାଢ଼ୀଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ହରିଶ୍ଚନ୍ଦ୍ର ଯୋଜନା
# ସ୍ୱର୍ଗଦ୍ୱାର ଶେଷକୃତ୍ୟ ପାଇଁ ୧୧୪ ମୃତକଙ୍କ ପରିବାରକୁ ସହାୟତା

ନିରାକାରପୁର,୨୮।୧୧(ସମିସ)

ରାଜ୍ୟ ସରକାରଙ୍କ ପ୍ରଚଳିତ 'ହରିଶ୍ଚନ୍ଦ୍ର ସହାୟତା ଯୋଜନା' ଏକ ଜନକଲ୍ୟାଣକାରୀ ଯୋଜନା। ଗରିବ ତଥା ଅସହାୟ ପରିବାରର କୌଣସି ସଦସ୍ୟଙ୍କ ମୃତ୍ୟୁ ହେଲେ ତାଙ୍କର ଶେଷକୃତ୍ୟ ସମ୍ମାନର ସହ ସମାପନ କରିବାରେ ସରକାର ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି। ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ପାଇଁ ଏପ୍ରିଲ ୧ରୁ ବର୍ତ୍ତମାନ ସୁଦ୍ଧା ୧୧୪ ମୃତକଙ୍କ ପରିବାରକୁ ସହାୟତା ପ୍ରଦାନ କରାଯାଇଥିବା ଜଣାପଡ଼ିଛି।

ଏହି ଯୋଜନା ୨୦୧୩ରେ ଆରମ୍ଭ କରାଯାଇଥିଲା। ପୂର୍ବରୁ ୨୦୦୦ ଟଙ୍କା ପ୍ରଦାନ କରାଯାଉଥିଲା ଓ ପରେ ୨୦୨୩ ଆର୍ଥିକ ବର୍ଷରେ ଏହାକୁ ବୃଦ୍ଧି କରାଯାଇ ଗ୍ରାମାଞ୍ଚଳ ପାଇଁ ୩୦୦୦ ଟଙ୍କା, ସହରାଞ୍ଚଳ ପାଇଁ ୪୦୦୦ ଟଙ୍କା, ପୁରୀ ସ୍ୱର୍ଗଦ୍ୱାର ପାଇଁ ୪୦୦୦ ଟଙ୍କା କରାଯାଇଛି। ଏହି ଯୋଜନାରେ ସାମିଲ ହେବାକୁ ହେଲେ ମୃତ ବ୍ୟକ୍ତିଙ୍କ ପରିବାର ଓଡ଼ିଶାର ସ୍ଥାୟୀ ବାସିନ୍ଦା ହୋଇଥିବେ। ପରିବାରଟି ଆର୍ଥିକ ଦୁର୍ବଳ ଶ୍ରେଣୀର ହୋଇଥିବା ଆବଶ୍ୟକ। ଏହି ଯୋଜନାରେ ତୁରନ୍ତ ଟଙ୍କା ମିଳିବାର ସୁବିଧା ରହିଛି। ପ୍ରତ୍ୟେକ ପଞ୍ଚାୟତ ଓ ପୌରପାଳିକାରେ ଏଥିପାଇଁ ପାଣ୍ଠି ରଖାଯାଇଛି। ଗ୍ରାମାଞ୍ଚଳରେ ଆପଣ ନିଜ ପଞ୍ଚାୟତର ସରପଞ୍ଚ କିମ୍ବା ପଞ୍ଚାୟତ କାର୍ଯ୍ୟାଳୟରେ ଯୋଗାଯୋଗ କରିବାକୁ ପଡ଼ିବ। ସରପଞ୍ଚଙ୍କ ନିକଟରେ ଥିବା ପାଣ୍ଠିରୁ ଏହି ଟଙ୍କା ତୁରନ୍ତ ପ୍ରଦାନ କରାଯାଏ। ସହରାଞ୍ଚଳରେ ସ୍ଥାନୀୟ ୱାର୍ଡ଼ ଅଫିସର କିମ୍ବା ମ୍ୟୁନିସିପାଲିଟି ଅଧିକାରୀଙ୍କୁ ଯୋଗାଯୋଗ କରିବାକୁ ପଡିଥାଏ। ସାଧାରଣତଃ ଟଙ୍କା ନେବା ସମୟରେ କିମ୍ବା ପରେ ମୃତକ ପ୍ରମାଣ ପତ୍ର, ମୃତକ ଓ ଆବେଦନକାରୀ ଆଧାର କାର୍ଡ, ଆୟ ପ୍ରମାଣ ପତ୍ର ବା ବିପିଏଲ କାର୍ଡ ନକଲ ଆବଶ୍ୟକ ପଡିଥାଏ। ଟାଙ୍ଗୀ ବ୍ଲକ୍‌ରୁ ହରିଶ୍ଚନ୍ଦ୍ର ସହାୟତା ଯୋଜନାରେ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ପାଇଁ ଚଳିତ ବର୍ଷ ଏପ୍ରିଲ ୧ରୁ ବର୍ତ୍ତମାନ ସୁଦ୍ଧା ୧୧୪ ଜଣ ମୃତ ବ୍ୟକ୍ତି ପରିବାରଙ୍କୁ ୪୦୦୦ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି।

ଟାଙ୍ଗୀ ବ୍ଲକ୍‌ର ଓଳଙ୍ଗ ପଞ୍ଚାୟତର ୨୩ ଜଣ, ରାମଚନ୍ଦ୍ରପୁର ପଞ୍ଚାୟତର ୩୭ ଜଣ, କୁହୁଡ଼ି ପଞ୍ଚାୟତର ୨୦ ଜଣ, ଡିଆ ପଞ୍ଚାୟତର ୧୭ ଜଣ, ରତନପୁର ପଞ୍ଚାୟତର ୧୯ ଜଣ, ଅଚ୍ୟୁତପୁରପାଟଣା ପଞ୍ଚାୟତର ୩୯ ଜଣ, କନ୍ତଲବାଇ ପଞ୍ଚାୟତର ୩୬ ଜଣ, ଟାଙ୍ଗୋଳ ପଞ୍ଚାୟତର ୩୯ ଜଣ, ଛଣଗିରି ପଞ୍ଚାୟତର ୫୪ ଜଣ, ସାନରାଉତପଡ଼ା ପଞ୍ଚାୟତର ୨୮ ଜଣ, ସୁନ୍ଦରପୁର ପଞ୍ଚାୟତର ୧୯ ଜଣ, ନିରାକାରପୁର ପଞ୍ଚାୟତର ୧୯ ଜଣ, ଲେଣ୍ଡୋ ପଞ୍ଚାୟତର ୫୨ ଜଣ, ଉଜଳାଗୋପିନାଥପୁର ପଞ୍ଚାୟତର ୧୨ ଜଣ, ବଡପୋଖରୀଆ ପଞ୍ଚାୟତର ୫୦ ଜଣ, ପାରିଓରଡ ପଞ୍ଚାୟତର ୪୯ ଜଣ, ରାମେଶ୍ୱର ପଞ୍ଚାୟତର ୧୨ ଜଣ, ନୂଆଗଡ ପଞ୍ଚାୟତର ୨୩ ଜଣ, କମଗୁରୁ ପଞ୍ଚାୟତର ୩୧ ଜଣ, ବାଲିପାଟପୁର ପଞ୍ଚାୟତର ୪୪ ଜଣ, ସରପାଟି ପଞ୍ଚାୟତର ୧୭ ଜଣ, ବଡପାରି ପଞ୍ଚାୟତର ୨୧ ଜଣ, କୁଂଜୁରୀ ପଞ୍ଚାୟତର ୧ ଜଣଙ୍କୁ ହରିଶ୍ଚନ୍ଦ୍ର ସହାୟତା ପ୍ରଦାନ କରାଯାଇଛି। ପ୍ରତ୍ୟେକ ଗରିବ ଲୋକେ ଯେମିତି ହଇରାଣ ନ ହେବେ, ସେଥିପାଇଁ ଗ୍ରାମାଞ୍ଚଳରେ ସରପଞ୍ଚ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ, ପୌରପରିଷଦରେ ପୌରାଧ୍ୟକ୍ଷ ଓ ପୌର ଅଧିକାରୀ ସଜାଗ ଅଛନ୍ତି। ଏହି ସହାୟତା ରାଶି ପ୍ରଦାନ କଲେ ସେମାନେ ନିଜର ପରିବାରବର୍ଗଙ୍କ ଶେଷକୃତ୍ୟ କରିପାରିବେ ବୋଲି ବୁଦ୍ଧିଜୀବୀ ମତବ୍ୟକ୍ତ କରିଛନ୍ତି।

ସକାଳ THE SAKALA



www.sakalaepaper.com



ବିଧାନସଭାରୁ...

# ମହିଳା ହିଂସାକୁ ନେଇ ସରକାରଙ୍କୁ ଘେରିଲେ ବିରୋଧୀ

## ୧୧ ମାସରେ ୨୯୩୩ ଦୁଷ୍କର୍ମ ମାମଲା

**ଗୋଟିଏ ବି ଘଟଣାରେ ସରକାର ନେଇନାହାନ୍ତି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ**

**ଅଞ୍ଜନା, ଛବିରାଣୀଙ୍କ ପାଇଁ ଆଜି ଆମ ଦଳର ଏ ଦୁରବସ୍ଥା: କଂଗ୍ରେସ**

**ଆସନ୍ତାକାଲି ଆପଣମାନଙ୍କର ସମାନ ଅବସ୍ଥା ହେବନି ତ ?**

**ଦୋଷୀଙ୍କୁ ଦଣ୍ଡବିଧାନ ପାଇଁ ସମସ୍ତ ପଦକ୍ଷେପ ନିଆଯାଉଛି: ଶାସକ ଦଳ**

ଭୁବନେଶ୍ୱର,୨୮।୧୧(ସମିସ): ମହିଳାଙ୍କୁ ସୁରକ୍ଷା ଦେବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ରାଜ୍ୟରେ ନାରୀ ସୁରକ୍ଷା ଏବେ କେବଳ ପ୍ରଚାରସର୍ବସ୍ୱ ପାଲଟିଥିବା ବେଳେ କୌଣସି ଗୋଟିଏ ବି ଘଟଣାରେ ସରକାର ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି। ମାତ୍ର ୧୧ ମାସରେ ରାଜ୍ୟରେ ୨୯୩୩ ଦୁଷ୍କର୍ମ ମାମଲା ରୁଜୁ ହୋଇଛି। ଏପରିକି ବିଦେଶୀ ରାଷ୍ଟ୍ର ଓଡ଼ିଶାକୁ ଗସ୍ତ ବେଳେ ନିଜ ଦେଶର ନାଗରିକଙ୍କ ପାଇଁ ସତର୍କ ସୂଚନା ଜାରି କରୁଛନ୍ତି। ଗତ ୧୮ ମାସରେ ରାଜ୍ୟରେ ଯେପରି ମହିଳା ବିରୋଧୀ ହିଂସା ବଢ଼ିଛି, ତାହା ଅତ୍ୟନ୍ତ ଚିନ୍ତାଜନକ ବୋଲି ବିରୋଧୀ ଦଳ ପକ୍ଷରୁ ଅଭିଯୋଗ ହୋଇଛି। ମାଲକାନଗିରି ଜିଲ୍ଲା ବାଲିମେଳା ଏମଭି-୭୨ ଗ୍ରାମରେ ତିନି ନାବାଳିକାଙ୍କୁ ଯୌନ ଉତ୍ପୀଡ଼ନ ଘଟଣାକୁ ନେଇ ଓଡ଼ିଶା ବିଧାନସଭାରେ ଶୁକ୍ରବାର ମୁହାଁମୁହିଁ ହୋଇଛନ୍ତି ଶାସକ ଓ ବିରୋଧୀ। ଅପରପକ୍ଷେ ଶାସକ ଦଳ ବିଧାୟକମାନେ ରାଜ୍ୟରେ ମହିଳା ବିରୋଧୀ ହିଂସାରେ ଦୋଷୀଙ୍କ ଦଣ୍ଡବିଧାନ ପାଇଁ ସରକାର ସମସ୍ତ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ମୁଲତବୀ ଆଲୋଚନାକୁ ଆରମ୍ଭ କରି କଂଗ୍ରେସ ବିଧାୟକ ଦଳ ନେତା ଅଶୋକ ଦାସ କହିଥିଲେ ଯେ ମାଲକାନଗିରି ଜିଲ୍ଲା ବାଲିମେଳା ଏମଭି-୭୨ ଗାଁରେ ୩ ଜଣ ନାବାଳିକାଙ୍କୁ ଦୁଷ୍କର୍ମ କରାଯାଇଛି। ଏହା କେବଳ ଗୋଟିଏ ଘଟଣା ନୁହେଁ ଏହିଭଳି ରାଜ୍ୟରେ ବିଭିନ୍ନ ସ୍ଥାନରେ ନୀଳଗିରି, ସୋର, ବାଲେଶ୍ୱର, ଢେଙ୍କାନାଳ ଭଳି ସ୍ଥାନରେ ମହିଳାଙ୍କ ଉପରେ ଅତ୍ୟାଚାର ହୋଇଛି। ସରକାରୀ ତଥ୍ୟ ଅନୁସାରେ ୨୦୨୪ ଜୁନ ୨୪ ଠାରୁ ୨୦୨୫ ଜୁଲାଇ ମାସ ମଧ୍ୟରେ ୨,୯୩୩ ଦୁଷ୍କର୍ମ ମାମଲ୍ ପଞ୍ଜୀକୃତ ହୋଇଛି। ସେହିଭଳି ୮,୨୭୦ ଅପହରଣ ମାମଲା ପଞ୍ଜୀକୃତ ହୋଇଛି। ବିଜେପି ସରକାର ମହିଳାଙ୍କ ପ୍ରତି ଉଦାସୀନତା ମନୋଭାବ ପୋଷଣ କରୁଛନ୍ତି। ସେଥିପାଇଁ ଅପରାଧ ବଢ଼ି ଚାଲିଛି। ଅଞ୍ଜନା, ଛବିରାଣୀଙ୍କ ପାଇଁ ଆଜି ଆମର ଏ ଦୁରାବସ୍ଥା ହୋଇଛି। ଆସନ୍ତାକାଲି ଆପଣମାନଙ୍କର ସମାନ ଅବସ୍ଥା ହେବନି ତ ବୋଲି ସେ ପ୍ରଶ୍ନ କରିଥିଲେ। ଆଲୋଚନାରେ ଅଂଶଗ୍ରହଣ କରି କଂଗ୍ରେସ ବିଧାୟକ ମଙ୍ଗୁ ଖିଲ କହିଥିଲେ ଯେ ମାଲକାନଗିରି ଜିଲ୍ଲା ଉପରେ ସରକାରଙ୍କ କୋପଦୃଷ୍ଟି ରହିଛି। ବାରମ୍ବାର ଏହି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ମହିଳାଙ୍କ ଉପରେ ଅତ୍ୟାଚାର ବଢ଼ି ଚାଲିଛି। ନାବାଳିକା ଓ କଲେଜ ଛାତ୍ରୀ ଗର୍ଭବତୀ ହେବା ଘଟଣା ବାରମ୍ବାର ଘଟୁଛି। ଏଭଳି ଘଟଣା ସାରା ଓଡ଼ିଶାର ମୁଣ୍ଡ ନୁଆଇଁ ଦେଉଛି। ଅପରାଧୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେଲେ ପୁନରାବୃତ୍ତି ହୁଅନ୍ତା ନାହିଁ। ବିଜେଡି ବିଧାୟକ ଗୌତମ ବୁଦ୍ଧ ଦାସ ଏହି ପ୍ରସଙ୍ଗକୁ ସରକାର ହାଲୁକା ଭାବେ ନେଉଛନ୍ତି ବୋଲି କ୍ଷୋଭ ପ୍ରକାଶ କରିଥିଲେ। ତିନିଜଣ ଶିଶୁଙ୍କ ସହ ଯୌନ ଉତ୍ପୀଡ଼ନ ହୋଇଥିବା ବେଳେ ଏହାକୁ ସରକାର ଦୁର୍ବ୍ୟବହାର ବୋଲି କହୁଛନ୍ତି। ଯୌନ ଉତ୍ପୀଡ଼ନକୁ ଦୁର୍ବ୍ୟବହାର ବୋଲି କହିବା ପ୍ରମାଣିତ କରିଛି ସରକାର ମହିଳା ସୁରକ୍ଷା ଉପରେ କେତେ ଉଦାସୀନ ଅଛନ୍ତି। ସେ ଆହୁରି ମଧ୍ୟ କହିଥିଲେ ଯେ ପୁଲିସକୁ ଅପରାଧୀଙ୍କ ଡର ନାହିଁ। ଅପରାଧ ନିୟନ୍ତ୍ରଣ ଅପେକ୍ଷା ଭିଆଇପି ସୁରକ୍ଷାରେ ବେଶି ସମୟ ଦେଉଛି। ମାତ୍ରାଧିକ ରାଜନୈତିକ ଚାପ କାରଣରୁ ପୁଲିସର ମନୋବଳ ଭାଙ୍ଗିଗଲାଣି। ମହିଳା ସୁରକ୍ଷା ଏବେ ପ୍ରହସନରେ ପରିଣତ ହୋଇଛି। କେନ୍ଦୁଝରରୁ ମାଲକାନଗିରି ଯାଏ ସବୁଠୁ ନାବାଳିକାକୁ ଦୁଷ୍କର୍ମ କରି ଅପରାଧୀ ଏଯାଏ ଗିରଫ ହୋଇନାହିଁ। ଦିନକୁ ଦିନ ମହିଳା ନିର୍ଯାତନାର ବୃଦ୍ଧି ପାଇବା ଓଡ଼ିଶା ପାଇଁ ଲଜ୍ୟା ବୋଲି ସେ କହିଥିଲେ। ମହିଳା ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ଏକ ଟାସ୍କଫୋର୍ସ ଗଠନ କରିବାକୁ ସେ ପରାମର୍ଶ ଦେଇଥିଲେ। ସେହିପରି ଦଳର ଅନ୍ୟତମ ବିଧାୟକ ଧ୍ରୁବଚରଣ ସାହୁ ଓ ସାରଦା ଜେନା ପ୍ରମୁଖ ରାଜ୍ୟରେ ମହିଳା ସୁରକ୍ଷାରେ ସରକାରଙ୍କ ଅପାରଗତାକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ।

ଆଲୋଚନାରେ ଭାଗ ନେଇ ବିଜେପି ବିଧାୟକମାନେ ନିଜ ସରକାରଙ୍କୁ କ୍ଲିନଚିଟ ଦେଇଥିଲେ। ଶାସକ ଦଳ ବିଧାୟକ ନରସିଂହ ମାଡକାମି କହିଥିଲେ ଯେ ଦୋଷୀଙ୍କୁ ଦଣ୍ଡ ଦେବାକୁ ସରକାର ସମସ୍ତ ପଦକ୍ଷେପ ନେଉଛନ୍ତି। ଅପରାଧ ଓ ଅପରାଧୀ ତଥା ମହିଳା ସୁରକ୍ଷା ପ୍ରତି ଶୂନ୍ୟ ସହନଶୀଳ ନୀତି ଜାରି ରହିଛି। ବିଧାୟିକା ସଞ୍ଜଲି ମୁର୍ମୁ ରାଜ୍ୟ ସରକାର ପୁଲିସିଂ ବ୍ୟବସ୍ଥାକୁ କିପରି ଶସକ୍ତ କରିଛନ୍ତି, ତାହା ନିଜ ବିବୃତିରେ ଉଲ୍ଲେଖ କରିଥିଲେ। ବିଧାୟକ ବାବୁ ସିଂ କହିଥିଲେ ଯେ ଆମ ସରକାର କୌଣସି ଅପରାଧ କିମ୍ବା ଅପରାଧୀଙ୍କୁ କେବେ ଘଣ୍ଟ ଘୋଡ଼ାଇ ନାହାନ୍ତି। ମାଲକାନଗିରି ଘଟଣାରେ ୨୪ ଘଣ୍ଟାରେ ଆସାମୀଙ୍କୁ ଗିରଫ କରାଯାଇଛି। ସେହିପରି ବିଧାୟକ ଇରାଶିଷ ଆଚାର୍ଯ୍ୟ ଏନସିଆରବି ରିପୋର୍ଟରେ ରାଜ୍ୟରେ ମହିଳା ସମ୍ପର୍କିତ ହିଂସା କମିଥିବା ନେଇ ତଥ୍ୟ ଉପସ୍ଥାପନ କରିଥିଲେ।

# ରାଜନୀତିକ କାରଣରୁ ମହିଳା ସୁରକ୍ଷିତ ନୁହନ୍ତି ବୋଲି କହୁଛନ୍ତି ବିରୋଧୀ: ମନ୍ତ୍ରୀ

**ମହିଳା ସୁରକ୍ଷା କ୍ଷେତ୍ରରେ ଶୂନ୍ୟ ସହନଶୀଳ ନୀତି ଅବଲମ୍ବନ କରୁଛନ୍ତି ସରକାର**

**୧୫ ମାସରେ ପ୍ରାୟ ୯୦୦୦ ପୁଲିସ, ଆଗ୍ନିକ ନିଯୁକ୍ତି ହେଲାଣି**

ଭୁବନେଶ୍ୱର, ୨୮।୧୧ (ସମିସ): କେବଳ ରାଜନୀତିକ କାରଣରୁ ରାଜ୍ୟରେ ମହିଳା ସୁରକ୍ଷିତ ନାହାନ୍ତି ବୋଲି ବିରୋଧୀ ଦଳ କହୁଛନ୍ତି। ଏପରି କହି ପରୋକ୍ଷରେ ମହିଳାମାନଙ୍କୁ ଅପମାନିତ କରିବା ଏବଂ ନିନ୍ଦିତ କରିବାରୁ ବିରୋଧୀ କ୍ଷାନ୍ତ ରୁହନ୍ତୁ। ସରକାର ସବୁବେଳେ ମହିଳା ସୁରକ୍ଷା କ୍ଷେତ୍ରରେ ଶୂନ୍ୟ ସହନଶୀଳ ନୀତି ଅବଲମ୍ବନ କରୁଛନ୍ତି ବୋଲି ଶୁକ୍ରବାର କଂଗ୍ରେସ ପକ୍ଷରୁ ଆଗତ ମୁଲତବୀ ପ୍ରସ୍ତାବ ଆଲୋଚନାରେ ଉତ୍ତର ରଖି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

ମନ୍ତ୍ରୀ କହିଛନ୍ତି ଯେ ନୂଆ ସରକାର ଆସିବା ପରେ ରାଜ୍ୟରେ ଅପରାଧ ଯଥେଷ୍ଟ ମାତ୍ରାରେ ହ୍ରାସ ପାଇଛି। ଦୁଷ୍କର୍ମ ମାମଲା ୩.୩ ପ୍ରତିଶତ ହ୍ରାସ ପାଇଥିବା ବେଳେ ଯୌନ ନିର୍ଯାତନା ମାମଲା ସ୍ଥିର ରହିଛି। ଏସିଡ ଆକ୍ରମଣ ୬୬.୭ ପ୍ରତିଶତ ଏବଂ ଯୌତୁକ ଜନିତ ମାମଲା ୨୦.୬ ପ୍ରତିଶତ ହ୍ରାସ ପାଇଛି। ଅପରପକ୍ଷେ ପୂର୍ବ ସରକାରଙ୍କ ପାଖରେ ଆବଶ୍ୟକ ପୁଲିସ ନ ଥିଲେ; ପ୍ରାୟ ୧୬୦୦୦ ପଦବୀ ଖାଲି ପଡିଥିଲା। ତଦନ୍ତ ପାଇଁ ପୁଲିସ ପାଖରେ ଆବଶ୍ୟକ ଉପକରଣ ନ ଥିଲା। ମାତ୍ର ଆମ ସରକାରଙ୍କ ଗୋଟିଏ ଲକ୍ଷ୍ୟ ଅପରାଧ ନିୟନ୍ତ୍ରଣ ପାଇଁ ପୁଲିସ ସକ୍ଷମ ହେଉ। ସେଥିପାଇଁ ଗତ ୧୫ ମାସରେ ପ୍ରାୟ ୯୦୦୦ ପୁଲିସ, ଆଗ୍ନିକ ନିଯୁକ୍ତି ହେଲାଣି। ରାଜ୍ୟର ସମସ୍ତ ୬୪୯ ଥାନାରେ ମହିଳା ଓ ଶିଶୁ ଡେସ୍କ କାମ କରୁଛି। ୭୧ଟି ଶିଶୁ ଅନୁକୂଳ ଥାନା କାମ କରୁଛି। ୨୪ଟି ସ୍ୱତନ୍ତ୍ର ପୋକ୍ସୋ କୋର୍ଟ କାମ କରୁଥିବା ବେଳେ ଏଥିରେ ଦୋଷୀ ଦଣ୍ଡ ବିଧାନକୁ ସରକାର ସୁନିଶ୍ଚିତ କରିଛନ୍ତି। ସେହିପରି ରାଜ୍ୟରେ ୪୫ଟି ଫାଷ୍ଟ ଟ୍ରାକ କୋର୍ଟ ମଧ୍ୟରୁ ୨୧ଟି ଖୋଲିବାକୁ ଯାଉଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଦିଲ୍ଲୀ ପୁଲିସ ଗବେଷଣା ଓ ବିକାଶ ବ୍ୟୁରୋ ରାଜ୍ୟର ୫ଟି ମାମଲାକୁ ଉଲ୍ଲେଖନୀୟ ଘଟଣା ବୋଲି ଉଲ୍ଲେଖ କରିଛନ୍ତି, ଯାହା ଆମ ପାଇଁ ଗର୍ବର କଥା ବୋଲି ମନ୍ତ୍ରୀ ଗୃହରେ ନିଜ ଉତ୍ତରରେ କହିଥିଲେ। ସେହିପରି ମାଲକାନଗିରି ଘଟଣାରେ ୨୫ ତାରିଖରେ ମାମଲା ରୁଜୁ ହୋଇଥିବା ବେଳେ ୨୬ ତାରିଖରେ ଅଭିଯୁକ୍ତକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ମନ୍ତ୍ରୀ ସୂଚନା ଦେଇଥିଲେ। ମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୋଷ ପ୍ରକାଶ କରି ବିଜେଡି ଓ କଂଗ୍ରେସ ବିଧାୟକମାନେ କକ୍ଷତ୍ୟାଗ କରିଥିଲେ।

# ୨୦ରୁ କମ୍ ପିଲା ଥିଲେ ସ୍କୁଲ ବନ୍ଦ

ଭୁବନେଶ୍ୱର, ୨୮।୧୧ (ସମିସ): ରାଜ୍ୟରେ ୨୦ରୁ କମ୍ ପିଲା ଥିବା ବନ୍ଦ ସ୍କୁଲ ଆଉ ଖୋଲିବ ନାହିଁ। ଶୁକ୍ରବାର ବିଧାନସଭାରେ ଏନେଇ ପରୋକ୍ଷରେ ସୂଚନା ଦେଇଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ତେବେ, ଯେଉଁଠି ପିଲାମାନଙ୍କୁ ସ୍କୁଲ ଆସିବାରେ ପ୍ରାକୃତିକ ବାଧା ଥିବ, ଉକ୍ତ ଅଞ୍ଚଳରେ ସ୍କୁଲ ପୁନର୍ବାର ଖୋଲିବା ପାଇଁ ଜିଲ୍ଲାସ୍ତରୀୟ କମିଟିରେ ଆବେଦନ କରାଯିବ। ସମସ୍ତ ମାନଦଣ୍ଡ ପୂରଣ କରୁଥିଲେ ସରକାର ସ୍କୁଲ ଖୋଲିବା ନେଇ ନିଷ୍ପତ୍ତି ନେବେ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଅପରପକ୍ଷେ, ନୂଆ ସରକାର ଆସିବା ପରେ ସରକାର ୬୦ ହଜାର ୭୨୯ ଜଣ ଡ୍ରପ୍-ଆଉଟ୍ ଛାତ୍ରଛାତ୍ରୀଙ୍କୁ ସ୍କୁଲକୁ ଫେରାଇ ଆଣିଛନ୍ତି ବୋଲି ମନ୍ତ୍ରୀ ଗୃହରେ କହିଛନ୍ତି।

ଶୁକ୍ରବାର ବିଧାନସଭାରେ ବକ୍ତା ବିଧାୟିକା ସୁବାସିନୀ ଜେନା ନିଜ ନିର୍ବାଚନମଣ୍ଡଳୀରେ ସ୍କୁଲ ଡ୍ରପ୍-ଆଉଟ ଛାତ୍ରଛାତ୍ରୀଙ୍କ ସମ୍ପର୍କିତ ଏକ ପ୍ରଶ୍ନ କରିଥିଲେ। ଅତିରିକ୍ତ ପ୍ରଶ୍ନକର୍ତ୍ତା ଭାବେ ପ୍ରସନ୍ନ ଆଚାର୍ଯ୍ୟ ଏଥିରେ ଭାଗନେଇ କହିଲେ ଯେ ୨୦ରୁ କମ୍ ଛାତ୍ରଛାତ୍ରୀ ଥିବା ବିଦ୍ୟାଳୟକୁ ବନ୍ଦ କରିବା ପାଇଁ ନିୟମ ଅଛି। ଫଳରେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଡ୍ରପ୍-ଆଉଟ ସମସ୍ୟା ବଢ଼ୁଛି। ଏହି ନିୟମରେ ସରକାର ପରିବର୍ତ୍ତନ ଆଣିବେ କି ବୋଲି ଶ୍ରୀ ଆଚାର୍ଯ୍ୟ ପ୍ରଶ୍ନ କରିଥିଲେ। ଉତ୍ତରରେ ମନ୍ତ୍ରୀ କହିଥିଲେ ଯେ ରାଜ୍ୟ ସରକାର ଏହି ପ୍ରସ୍ତାବକୁ ଗୁରୁତ୍ୱର ସହ ବିଚାର କରୁଛନ୍ତି। ବର୍ତ୍ତମାନ ଯେଉଁ ଅଞ୍ଚଳରେ ନଈ, ନାଳ, ପାହାଡ଼ ପରି ପ୍ରାକୃତିକ ବାଧା ଥିବ, ସେଠାରେ ବନ୍ଦ ଥିବା ସ୍କୁଲ ଖୋଲିବା ପାଇଁ ଜିଲ୍ଲାସ୍ତରରେ ଥିବା କମିଟିରେ ଆବେଦନ କରାଯାଇପାରିବ। ରାଜ୍ୟ ସରକାର ଏହି ଆବେଦନକୁ ବିଚାର କରିବେ। ସମସ୍ତ ମାନଦଣ୍ଡ ପୂରଣ କରୁଥିଲେ ସରକାର ସ୍କୁଲ ପୁନଃ ଖୋଲିବା ନେଇ ନିଷ୍ପତ୍ତି ଗ୍ରହଣ କରିବେ। ଅଦ୍ୟାବଧି ରାଜ୍ୟରେ ଏ ଧରଣର ୪୬ଟି ବନ୍ଦ ସ୍କୁଲ ପୁନର୍ବାର ଖୋଲାଯାଇଛି। ମନ୍ତ୍ରୀଙ୍କ ଉତ୍ତରକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ ବିରୋଧୀ ଦଳ ମୁଖ୍ୟ ସଚେତିକା ପ୍ରମିଳା ମଲ୍ଲିକ। ସେ କହିଥିଲେ ଯେ ମନ୍ତ୍ରୀ ଯେଉଁ ଜିଲ୍ଲାସ୍ତରୀୟ କମିଟି କଥା କହୁଛନ୍ତି, କେଉଁ ଜିଲ୍ଲାରେ ଉକ୍ତ କମିଟି କେତେଥର ବସିଛି? ରାଜ୍ୟ ସରକାର ନିର୍ବାଚନ ବେଳେ ରାଜ୍ୟରେ ବନ୍ଦ ହୋଇଥିବା ସ୍କୁଲ ପୁନର୍ବାର ଖୋଲିବା ନେଇ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ସରକାରକୁ ଆସିବା ପରେ ତାହା ଭୁଲିଗଲେ ବୋଲି ପ୍ରମିଳା କଟାକ୍ଷ କରିଥିଲେ।

# ସ୍କୁଲକୁ ଫେରିଛନ୍ତି ୬୦ ହଜାର ଡ୍ରପ୍-ଆଉଟ୍

ଭୁବନେଶ୍ୱର,୨୮।୧୧(ସମିସ): ରାଜ୍ୟରେ ବିଭିନ୍ନ ସ୍କୁଲରେ ମୋଟ ୧ଲକ୍ଷ ୮୩ ହଜାର ୨୧୬ ଛାତ୍ରଛାତ୍ରୀ ଡ୍ରପ-ଆଉଟ୍ ହୋଇଥିଲେ। ତନ୍ମଧ୍ୟରୁ ୬୦ ହଜାର ୭୨୯ଜଣ ଛାତ୍ରଛାତ୍ରୀଙ୍କୁ ରାଜ୍ୟ ସରକାର ପୁଣି ସ୍କୁଲକୁ ଫେରାଇ ଆଣିଛନ୍ତି। ଡ୍ରପ-ଆଉଟ୍ ଛାତ୍ରଛାତ୍ରୀଙ୍କୁ ସ୍କୁଲରେ ପୁନଃ ନାମଲେଖା ପାଇଁ ସରକାର ଏକାଧିକ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ଆଜି ବିଧାନସଭାରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଛନ୍ତି।

ଶୁକ୍ରବାର ପ୍ରଶ୍ନକାଳରେ ଡ୍ରପ-ଆଉଟ୍ ପିଲାଙ୍କୁ ସ୍କୁଲକୁ ଫେରାଇ ଆଣିବା ନେଇ ମୂଳ ପ୍ରଶ୍ନକର୍ତ୍ତାଙ୍କ ସହ ଅତିରିକ୍ତ ପ୍ରଶ୍ନକର୍ତ୍ତା ଏକାଧିକ ପ୍ରଶ୍ନ ପଚାରିଥିଲେ। ଉତ୍ତରରେ ମନ୍ତ୍ରୀ କହିଥିଲେ ଯେ ରାଜ୍ୟରେ ଡ୍ରପ-ଆଉଟ୍ ରୋକିବା ପାଇଁ ରାଜ୍ୟବ୍ୟାପୀ ଚାଇଲ୍ଡ ଟ୍ରାକିଂ ସର୍ଭେ କରାଯାଇଛି। ଡ୍ରପ-ଆଉଟ୍ ପିଲାଙ୍କୁ ସ୍କୁଲକୁ ଫେରାଇ ଆଣିବା ପାଇଁ ଆସ ସ୍କୁଲ ଯିବା ପଦଯାତ୍ରା କରାଯାଉଛି। ସେହିପରି ସ୍କୁଲ ଛାଡ଼ିଥିବା ପିଲାଙ୍କ ଅଭିଭାବକଙ୍କ ସହ ମଧ୍ୟ ଆଲୋଚନା କରାଯାଉଛି। ସମସ୍ତ ସ୍କୁଲରେ ପ୍ରବେଶ ଉତ୍ସବ ଆୟୋଜନ କରାଯିବା ସହ ଅଭିଭାବକ-ଶିକ୍ଷକ ସଭାର ମଧ୍ୟ ଆୟୋଜନ କରାଯାଉଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ପୂର୍ବରୁ ଅଷ୍ଟମ ଶ୍ରେଣୀ ଯାଏଁ ପିଏମ୍ ପୋଷଣ ଯୋଜନା ଦ୍ୱାରା ମଧ୍ୟାହ୍ନ ଭୋଜନ ଦିଆଯାଉଥିଲା। ଏବେ ସିଏମ୍ ପୋଷଣ ଯୋଜନା ଅଧୀନରେ ନବମ, ଦଶମର ପ୍ରାୟ ୧୦.୮୦ ଲକ୍ଷ ପିଲାଙ୍କୁ ମଧ୍ୟାହ୍ନଭୋଜନ ଯୋଗାଇ ଦିଆଯାଉଛି। ଅପରପକ୍ଷେ, ବିଭିନ୍ନ ବିଦ୍ୟାଳୟରେ ଦିବ୍ୟାଙ୍ଗ ପିଲାଙ୍କ ଶିକ୍ଷା ପାଇଁ ୧୫୦୦ଜଣ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ପାଇଁ ପ୍ରକ୍ରିୟା ଜାରି ରହିଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ୨୦୨୪ ପୂର୍ବରୁ ରାଜ୍ୟରେ ପିଏମଶ୍ରୀ ସ୍କୁଲ ନଥିଲା। ପରେ ପ୍ରାଥମିକ ପର୍ଯ୍ୟାୟରେ କେନ୍ଦ୍ର ସରକାର ରାଜ୍ୟକୁ ୪୬୨ଟି ସ୍କୁଲ ଓଡ଼ିଶାକୁ ଦେଇଥିଲେ। ଏହାପରେ ରାଜ୍ୟ ସରକାର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଆଲୋଚନା କରିବା ପରେ ଅତିରିକ୍ତ ୩୦୦ ସ୍କୁଲ ଓଡ଼ିଶାକୁ ମିଳିଛି।

# ୨୦୫୭ ଶିଳ୍ପ ସଂସ୍ଥା ବିରୋଧରେ ମାମଲା ରୁଜୁ ସହ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ଭୁବନେଶ୍ୱର,୨୮।୧୧(ସମିସ): ଶିଳ୍ପ ପ୍ରତିଷ୍ଠା ପାଇଁ ସଂସ୍ଥାମାନେ ସରକାରଙ୍କ ନିକଟରୁ ଜମି ନେଉଛନ୍ତି। ମାତ୍ର ଏହାପରେ ଉକ୍ତ ଜମି ଉପରେ ଶିଳ୍ପ ପ୍ରତିଷ୍ଠା କରୁ ନାହାନ୍ତି। ଶିଳ୍ପ ପାଇଁ ଜମି ନେଇ ଅଣ ଶିଳ୍ପଭାବେ ବ୍ୟବହାର କରାଯାଉଛି। ରାଜ୍ୟର ଏପରି ୨୦୫୭ ଶିଳ୍ପ ସଂସ୍ଥା ବିରୋଧରେ ମାମଲା ରୁଜୁ ସହ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ ସମ୍ପଦ ସ୍ୱାଇଁ ଗୃହରେ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ୧୨୨ଟି ଶିଳ୍ପାଞ୍ଚଳରେ ୬୪୭୯ ଶିଳ୍ପ ସଂସ୍ଥାକୁ ସରକାର ୬୫୮୨ ଏକର ଜମି ଯୋଗାଇ ଦେଇଥିଲେ; ମାତ୍ର ଏଥିରୁ ୨୦୫୭ଟି ଶିଳ୍ପ ସଂସ୍ଥା ଜମି ନେଇ ଏହାକୁ ଅଣ ଶିଳ୍ପଭାବେ ବ୍ୟବହାର କରୁଛନ୍ତି। ସମ୍ପୃକ୍ତ ସଂସ୍ଥାଗୁଡ଼ିକୁ କାରଣ ଦର୍ଶାଅ ନୋଟିସ ସହ ଜମି ଆବଣ୍ଟନ ରଦ୍ଦ କରାଯାଇଛି। ୩୫୮ଟି ଶିଳ୍ପ ସଂସ୍ଥା ବିରୋଧରେ ଉଚ୍ଛେଦ ନିର୍ଦ୍ଦେଶ ଦିଆଯିବା ସହ ୪୯୦ ଶିଳ୍ପ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି ବୋଲି ମନ୍ତ୍ରୀ କହିଛନ୍ତି।

# ରାଜ୍ୟର ସମସ୍ତ କଲେଜ ଜମି ଜବରଦଖଲ ମୁକ୍ତ ହେବ

ଭୁବନେଶ୍ୱର,୨୮।୧୧(ସମିସ): ରାଜ୍ୟର ସମସ୍ତ କଲେଜ ଜମିକୁ ଜବରଦଖଲ ମୁକ୍ତ କରାଯିବ। ଏଥିପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଗୃହରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୂଚନା ଦେଇଛନ୍ତି।

ପ୍ରଶ୍ନକାଳରେ ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ରଙ୍କ ତାରକା ପ୍ରଶ୍ନର ଉତ୍ତର ରଖି ମନ୍ତ୍ରୀ କହିଛନ୍ତି ଯେ ଭଦ୍ରକ ମହିଳା କଲେଜରେ ପୂର୍ବରୁ ରହିଥିବା ଅସାମାଜିକଙ୍କ ଦୌରାତ୍ମ୍ୟକୁ ଦମନ କରାଯାଇଛି। ଭଦ୍ରକ ସମେତ ରାଜ୍ୟର ବହୁ କଲେଜର ଜମି ଏବେବି ଜବରଦଖଲରେ ରହିଛି। ସବୁ କଲେଜ ଜମିକୁ ଜବରଦଖଲ ମୁକ୍ତ କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

# ଭତ୍ତା ଅପେକ୍ଷାରେ ୭ ଲକ୍ଷରୁ ଅଧିକ ହିତାଧିକାରୀ

ଭୁବନେଶ୍ୱର,୨୮।୧୧(ସମିସ): ରାଜ୍ୟରେ ଭତ୍ତା ଅପେକ୍ଷାରେ ୭ ଲକ୍ଷରୁ ଅଧିକ ହିତାଧିକାରୀ ରହିଛନ୍ତି। ବିଧାନସଭାରେ ଆଜି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉପରୋକ୍ତ ସୂଚନା ଦେଇଛନ୍ତି। ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ମଧୁବାବୁ ପେନସନ ଯୋଜନାରେ ୭ ଲକ୍ଷ ୧୧ ହଜାର ୧୨୩ ଜଣ ଭତ୍ତା ଅପେକ୍ଷାରେ ଅଛନ୍ତି। ଜାତୀୟ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମରେ ୧୭,୬୦୬ ହିତାଧିକାରୀ ଭତ୍ତା ଅପେକ୍ଷାରେ ରହିଛନ୍ତି। ମୋଟ ୫୬ ଲକ୍ଷ ୧୮ ହଜାର ୩୩୬ ହିତାଧିକାରୀ ବିଭିନ୍ନ ଯୋଜନାରେ ଭତ୍ତା ପାଉଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

# ଆଦର୍ଶ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ବୃତ୍ତି ବନ୍ଦ !

**ବୃତ୍ତି ପାଇଁ ଫର୍ମ ଆବେଦନ ଖାରଜ**

**ଗୃହରେ ଉଦ୍‌ବେଗ ପ୍ରକାଶ କଲେ ଗୌତମବୁଦ୍ଧ**

**ବିଭାଗୀୟ ମନ୍ତ୍ରୀ ଗୃହରେ ତଥ୍ୟ ରଖିବାକୁ ଦାବି**

ଭୁବନେଶ୍ୱର, ୨୮।୧୧(ସମିସ): ରାଜ୍ୟରେ ଆଦର୍ଶ ବିଦ୍ୟାଳୟରେ ବୃତ୍ତି ପରୀକ୍ଷା ପାଇଁ ଛାତ୍ରଛାତ୍ରୀ ଫର୍ମ ପୂରଣ କରିଥିବା ବେଳେ ଏହାକୁ ନାକଚ କରି ଦିଆଯାଇଛି। ଫଳରେ ଗରିବ ପିଲାମାନେ ଚଳିତବର୍ଷ ବୃତ୍ତି ପାଇବାରୁ ବଞ୍ଚିତ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ସରକାର ଏହାକୁ ଗୁରୁତ୍ୱର ସହ ନିଅନ୍ତୁ। ପରୀକ୍ଷା ସମ୍ପର୍କରେ ବିଭାଗୀୟ ମନ୍ତ୍ରୀ ଗୃହରେ ତଥ୍ୟ ରଖନ୍ତୁ ବୋଲି ଆଜି ଶୂନ୍ୟକାଳରେ ଦାବି କରିଛନ୍ତି ବିଜେଡି ବିଧାୟକ ଗୌତମ ବୁଦ୍ଧ ଦାସ।

ଶ୍ରୀ ଦାସ କହିଥିଲେ ଯେ ରାଜ୍ୟର ସମସ୍ତ ୩୧୬ ଆଦର୍ଶ ବିଦ୍ୟାଳୟରେ ପ୍ରାୟ ୧.୭୦ଲକ୍ଷ ପିଲା ପାଠ ପଢ଼ୁଛନ୍ତି। ଯେପରି ଦୁର୍ଭାଗ୍ୟଜନକ ଭାବେ ଅନ୍ୱେଷା ଯୋଜନା ବନ୍ଦ ହୋଇଯାଇଛି, ସେମିତି ଆଦର୍ଶ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ବୃତ୍ତି ପାଇଁ ସରକାର ବାଟ ବନ୍ଦ କରିଦେଇଛନ୍ତି। ଶ୍ରୀ ଦାସ କହିଥିଲେ ଯେ କେନ୍ଦ୍ର ସରକାରଙ୍କ 'ଜାତୀୟ ମିନ୍‌ସ କମ୍ ମେରିଟ ସ୍କଲାରସିପ୍' ଯୋଜନାରେ ଅଢ଼େଇ ଲକ୍ଷ ଟଙ୍କା ମଧ୍ୟରେ ଆୟ ଥିବା ପରିବାରର ବିଦ୍ୟାର୍ଥୀଙ୍କୁ ବାର୍ଷିକ ୧୨ହଜାର ଟଙ୍କାର ବୃତ୍ତି ମିଳିଥାଏ। ବୃତ୍ତି ପାଇଁ ଏକ ପରୀକ୍ଷା ହେଉଥିବା ବେଳେ ଏହାକୁ ବନ୍ଦ କରାଯାଇଛି।

ସେ କହିଛନ୍ତି ଯେ ଆଦର୍ଶ ବିଦ୍ୟାଳୟରେ ନବମରୁ ଦ୍ୱାଦଶ ପିଲାମାନଙ୍କ ବୃତ୍ତି ପାଇଁ ପ୍ରତ୍ୟେକ ସେପ୍ଟେମ୍ବରରେ ଫର୍ମପୂରଣ ହୋଇଥାଏ। ଏହି ପରୀକ୍ଷା ନଭେମ୍ବରରେ ଅନୁଷ୍ଠିତ ହୁଏ। ଚଳିତବର୍ଷ ପିଲା ମଧ୍ୟ ଏହି ପରୀକ୍ଷା ପାଇଁ ଫର୍ମ ପୂରଣ କରିଥିଲେ। ମାତ୍ର ସମସ୍ତ ଫର୍ମକୁ ନାକଚ କରି ଦିଆଯାଇଛି। ଫଳରେ ପ୍ରାୟ ୫୦ ହଜାର ପିଲା ପରୀକ୍ଷାରୁ ବଞ୍ଚିତ ହେବାକୁ ଯାଉଛନ୍ତି। ମନ୍ତ୍ରୀ ଏନେଇ ଗୃହରେ ସ୍ପଷ୍ଟୋକ୍ତି ରଖନ୍ତୁ। ପିଲାଙ୍କ ଭବିଷ୍ୟତ ସହ ନଖେଳି ସରକାର ଏ ସଂକ୍ରାନ୍ତରେ ତୁରନ୍ତ ନିଷ୍ପତ୍ତି ନିଅନ୍ତୁ ବୋଲି ସେ କହିଛନ୍ତି।

# ବିଜେପି ସରକାର ଓଡ଼ିଶାକୁ ଦେବାଳିଆ କରିଦେଲେଣି: ବିଜେଡି

**କେବଳ ପାରମ୍ପରିକ ଭାବେ ବଜେଟ ଆସିଛି: କଂଗ୍ରେସ**

**ବର୍ତ୍ତମାନ ଓଡ଼ିଶା ଅଭିବୃଦ୍ଧି ଦିଗରେ ଚାଲିଛି: ବିଜେପି**

ଭୁବନେଶ୍ୱର,୨୮ ।୧୧(ସମିସ): ବିଧାନସଭାର ଶୀତ ଅଧିବେଶନରେ ଶୁକ୍ରବାର ଉପସ୍ଥାପିତ ଅତିରିକ୍ତ ବଜେଟକୁ ବିରୋଧୀ ବିଜେଡି ଓ କଂଗ୍ରେସ ସମାଲୋଚନା କରିଛନ୍ତି। ବିଜେଡି ବିଧାୟକ ସାରଦା ପ୍ରସାଦ ଜେନା କହିଛନ୍ତି, ବଜେଟ ଖର୍ଚ୍ଚ ନୈରାଶ୍ୟଜନକ ରହିଛି। ମୂଳ ବଜେଟରେ ଆବଣ୍ଟିତ ଅର୍ଥ ଏଯାଏଁ ଠିକ୍ ଭାବେ ଖର୍ଚ୍ଚ ହୋଇନାହିଁ। ଏହାସହିତ ୧ ଲକ୍ଷ ୩୪ ହଜାର ୯୧୪ କୋଟିର ଋଣ ଭାର କରି ସରକାର ଅତିରିକ୍ତ ବଜେଟ ଆଣିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାକୁ ଋଣମୁକ୍ତ କରିବା ସହ ଅଭାବୀରୁ ପ୍ରଭାବୀ ଓଡ଼ିଶା ଓ ଦେବାଳିଆ ଓଡ଼ିଶାକୁ ଶବଳିଆ ଓଡ଼ିଶା କରିଥିଲେ। ମାତ୍ର ଏ ସରକାର ପୁଣି ଓଡ଼ିଶାକୁ ଦେବାଳିଆ କରିଦେଲେଣି କହି ଶ୍ରୀ ଜେନା ସମାଲୋଚନା କରିଛନ୍ତି।

ସେହିପରି କଂଗ୍ରେସ ବିଧାୟକ ସିଏସ୍ ରାଜନ ଏକ୍କା କହିଛନ୍ତି, ୨ଲକ୍ଷ ୯୦ ହଜାର କୋଟିର ବଜେଟ ଆସିଥିଲା। ଏବେ ପୁଣି ଅତିରିକ୍ତ ବଜେଟ ଆସିଲା। ବଜେଟର ମାତ୍ର ୩୯ ପ୍ରତିଶତ ଖର୍ଚ୍ଚ ହୋଇଛି। ହେଲେ ସବୁ ଅର୍ଥ ଖର୍ଚ୍ଚର ବିନିଯୋଗ ପ୍ରମାଣ ପତ୍ର (ୟୁସି) ମଧ୍ୟ ଆସି ନାହିଁ। ଗତ ବଜେଟର କାମ ହୋଇନି। ତା'ଉପରେ ୧ଲକ୍ଷ ୩୫ ହଜାର କୋଟି ଋଣ ହେଲାଣି। କେବଳ ପାରମ୍ପରିକ ଭାବେ ବଜେଟ ଆସିଛି; ଏଥିରେ କିଛି ନୂଆ ଯୋଜନା ନାହିଁ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ସରକାରୀ ଦଳ ବିଧାୟକ ଟଙ୍କଧର ତ୍ରିପାଠୀ ଅତିରିକ୍ତ ବଜେଟକୁ ସ୍ୱାଗତ କରିବା ସହ ବର୍ତ୍ତମାନ ଓଡ଼ିଶା ଅଭିବୃଦ୍ଧି ଦିଗରେ ଚାଲିଛି। ସବୁ କ୍ଷେତ୍ର ପାଇଁ ବଜେଟ ରଖାଯାଇଛି। ପୂର୍ବ ସରକାର ସମୟରେ ଯୋଜନା ଘୋଷଣା ହେଉଥିଲା କିନ୍ତୁ ବଜେଟ ଅଣ୍ଟୁ ନ ଥିଲା। ବର୍ତ୍ତମାନ ସରକାର ଯାହା ଯୋଜନା କରିଛନ୍ତି ସେଥିପାଇଁ ବଜେଟ ରଖୁଛନ୍ତି ବୋଲି ସେ କହିଛନ୍ତି।

# ଆଶ୍ରିତଙ୍କ ବିଧାୟକ ପଦ ରଦ୍ଦ ଦାବିରେ ଗର୍ଜିଲା କଂଗ୍ରେସ

ପୁରୀ, ୨୮।୧୧(ସମିସ): ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ବିଧାୟକ ପଦ ରଦ୍ଦ ଦାବି କରିଛି ପୁରୀ ଜିଲ୍ଲା ଯୁବ କଂଗ୍ରେସ। ଏନେଇ ଗୁରୁବାର ଯୁବ କଂଗ୍ରେସ ପକ୍ଷରୁ ଜିଲ୍ଲାପାଳଙ୍କ ଅଫିସ୍ ସମ୍ମୁଖରେ ଜୋରଦାର ବିକ୍ଷୋଭ ପ୍ରଦର୍ଶନ ସହ ପିପିଲି ବିଧାୟକଙ୍କ ଫଟୋ ପୋଷ୍ଟର୍ ଦାହ କରାଯାଇଛି। ଏଥିସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ଏ ସମ୍ପର୍କରେ ଜିଲ୍ଲା ଯୁବ କଂଗ୍ରେସ ସଭାପତି ଆଲୋକ କୁମାର ଦାଶ କହିଛନ୍ତି, ଶ୍ରୀକ୍ଷେତ୍ର ଟ୍ରକ୍ ମାଲିକ ସଂଘ କର୍ମକର୍ତ୍ତା ନିର୍ବାଚନକୁ ନେଇ ଦୀର୍ଘ ଦିନ ଧରି ଦ୍ୱନ୍ଦ୍ୱ ଲାଗି ରହିଛି। ସଂଘ ଉପରେ ହାଇକୋର୍ଟ ଓ ଅତିରିକ୍ତ ସିଭିଲ୍ କୋର୍ଟ ସିନିୟର ଡିଭିଜନଙ୍କର ସ୍ଥିତାବସ୍ଥା ବଜାୟ ରଖିବା ନିମନ୍ତେ ନିର୍ଦ୍ଦେଶ ଥିବା ବେଳେ ଏହି ନିର୍ଦ୍ଦେଶକୁ ଉଲ୍ଲଂଘନ କରି ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ସଭାପତି ହୋଇଛନ୍ତି। ଏଥିରୁ ପ୍ରମାଣିତ ଜଣେ ଜନପ୍ରତିନିଧି ନିଜେ ଆଇନକୁ ଖାତିର କରୁନାହାନ୍ତି ବୋଲି ଆଲୋକ କହିଛନ୍ତି।

ସେହିପରି ଦୀର୍ଘ ଦିନ ଧରି କାଠପୋଲ ନିକଟରେ ଥିବା ଟ୍ରକ୍ ସଂଘଠାରେ ବେଆଇନ ଭାବେ ଟଙ୍କା ଆଦାୟ ହେଉଛି।




ରାଜ୍ୟ ବାହାର ଟ୍ରକ୍‌ଠାରୁ ଜୋର୍‌ଜବରଦସ୍ତ ଟଙ୍କା ଆଦାୟ ହେଉଛି। ପ୍ରଚ୍ଛଦ ପଟରେ ରହି ସଂଘ ସଭାପତି ହୋଇ ନିଜେ ବିଧାୟକ ଏଭଳି ବେନିୟମ କାର୍ଯ୍ୟ କରୁଛନ୍ତି। ତେବେ ଏହି ଟଙ୍କା ଆଦାୟ କାହା ସ୍ୱାର୍ଥରେ କରାଯାଉଛି ବୋଲି ଶ୍ରୀ ଦାଶ ପ୍ରଶ୍ନ କରିଛନ୍ତି। ଏହି ଘଟଣାରେ ରାଜ୍ୟ ଗୃହ ବିଭାଗ ପୁଲିସ ଡିଜି ଏବଂ ପୁରୀ ଏସ୍‌ପିଙ୍କୁ ତଦନ୍ତ କରି ଆଇନ ଅନୁଯାୟୀ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ତେଣୁ ଜିଲ୍ଲା ଯୁବ କଂଗ୍ରେସ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୨ଦଫା ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଛି। ଏହି ଦାବି ଦୁଇଟି ହେଉଛି କୋର୍ଟଙ୍କ ନିର୍ଦ୍ଦେଶକୁ ଉଲ୍ଲଂଘନ କରିଥିବାରୁ ପିପିଲି ବିଧାୟକ ପଦ ରଦ୍ଦ କରାଯାଉ ଏବଂ ସେ ମୁଖିଆ ଥିବା ଟ୍ରକ୍ ସଂଘ ବେଆଇନ ଭାବେ ଟଙ୍କା ଆଦାୟ କରୁଥିବାରୁ ତାଙ୍କୁ ଗିରଫ କରାଯାଉ। ୩ ଦିନ ମଧ୍ୟରେ ଯଦି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଗଲେ, ଜିଲ୍ଲାର ପ୍ରତ୍ୟେକ ବିଧାନସଭା କ୍ଷେତ୍ରରେ ବିକ୍ଷୋଭ ପଦର୍ଶନ କରିବା ସହ ବିଧାନସଭା ଘେରାଉ ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ ବୋଲି କହିଛନ୍ତି ଜିଲ୍ଲା ଯୁବ କଂଗ୍ରେସ ସଭାପତି ଶ୍ରୀ ଦାଶ।

ଏହି ବିକ୍ଷୋଭରେ ଜିଲ୍ଲା ଯୁବ କଂଗ୍ରେସର ମନୋଜ ମଣ୍ଡଳ, ଆଦିତ୍ୟ ସାମନ୍ତରାୟ, ଅନିଲ ବେଜ, ଅଭିଷେକ ଦାଶ, ବାଦଲ ବାରିକ, ହେମନ୍ତ ପ୍ରଧାନ, ଓମ୍‌ପ୍ରକାଶ ରାଓ, ଅସ୍ମିତ ବରାଳ, ପଙ୍କଜ ସ୍ୱାଇଁ, ରାକେଶ ପ୍ରଧାନ, ଆଲୋକ ବେହେରା ପ୍ରମୁଖ ସାମିଲ ଥିଲେ।

# ୯୦ ଦିନରେ ଚାର୍ଜସିଟ୍ ଦାଖଲ ନ ହେଲେ ଅଭିଯୁକ୍ତ ଜାମିନ ପାଇଁ ହକ୍‌ଦାର: ହାଇକୋର୍ଟ

କଟକ, ୨୮ ।୧୧ (ସମିସ): ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍‌ଏସ୍‌ଏସ୍) ଅନ୍ତର୍ଗତ ଧାରା ୧୮୭ (୩) (ଆଇ) ଅନୁସାରେ ଅଭିଯୁକ୍ତକୁ ଜାମିନ ପ୍ରଦାନ ପ୍ରସଙ୍ଗରେ ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଏହି ଧାରା ଅନୁସାରେ ୯୦ ଦିନ ମଧ୍ୟରେ ଚାର୍ଜସିଟ୍ ଦାଖଲ କରିବାରେ ପୁଲିସ ବିଫଳ ହେଲେ ଅଭିଯୁକ୍ତ ଜାମିନରେ ଛାଡ଼ ପାଇବାକୁ ହକଦାର୍ ହେବେ। ପୂର୍ବରୁ ପ୍ରଚଳିତ ସିଆରପିସି ପ୍ରତ୍ୟାହାର କରାଯାଇଛି। ପୂର୍ବରୁ ରାଜ୍ୟରେ ଏହାର ସଂଶୋଧନ ଅନୁଯାୟୀ ଚାର୍ଜସିଟ୍ ଦାଖଲର ସମୟ ସୀମା ୯୦ ଦିନରୁ ୧୨୦ ଦିନକୁ ବୃଦ୍ଧି କରାଯାଇଥିଲେ ସୁଦ୍ଧା ଏହା ପ୍ରଭାବହୀନ ହୋଇଛି ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ବିକି କୁମାର ଓ ଅନ୍ୟଜଣଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ର ଏପରି ନିର୍ଦ୍ଦେଶ ଦେଇଛନ୍ତି।

ମାମଲାରୁ ପ୍ରକାଶ, ଭାରତୀୟ ନ୍ୟାୟ ସଂହିତାର ଧାରା ଅନୁଯାୟୀ ଆବେଦନକାରୀଙ୍କୁ ଗତ ମେ' ୧୦ରେ ଏକ ସାଇବର ଅପରାଧ ମାମଲାରେ ଗିରଫ କରାଯାଇଥିଲା। ୯୦ଦିନର ହାଜତ ରହଣି ସମାପ୍ତ ହେବା ପରେ ଚାର୍ଜସିଟ୍ ଦାଖଲ କରାଯାଇନଥିଲା। ସେମାନେ ବିଏନ୍‌ଏନ୍‌ଏସ୍‌ର ଧାରା ୧୮୭ (୩) ଅନୁଯାୟୀ ଜାମିନରେ ମୁକ୍ତି ପାଇଁ ଆବେଦନ କରିଥିଲେ। ବାଲେଶ୍ୱରର ଏସଡିଜେଏମ ଅଦାଲତ କିନ୍ତୁ ଜାମିନ ଦେବାକୁ କରିବାକୁ ମନା କରିଦେଇଥିଲେ। ଆବେଦନକାରୀମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଓଡ଼ିଶା ସରକାର ଫୌଜଦାରୀ କାର୍ଯ୍ୟବିଧି ସଂହିତା (ଓଡ଼ିଶା ସଂଶୋଧନ) ଆଇନ ୧୯୯୭ର ଓଡ଼ିଶା ଆଇନ-୧୧ ପ୍ରଣୟନ କରି ସିଆରପିସିର ଧାରା ୧୬୭(୨)(କ)(ଆଇ) ସଂଶୋଧନ କରିଥିଲେ, ଯାହାଦ୍ୱାରା ଚାର୍ଜସିଟ ଦାଖଲ ପାଇଁ ୯୦ ଦିନର ସମୟ ସୀମାକୁ ୧୨୦ ଦିନ କରାଯାଇଥିଲା। ଏହି ଆଧାରରେ ନିମ୍ନ ଅଦାଲତ ପ୍ରଦାନ କରିଥିବା ଗତ ଅଗଷ୍ଟ୧୧ର ଆଦେଶକୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି।

## ଆଜିର ରାଶିଫଳ

**ମେଷ:** ଅଫିସ୍ କାର୍ଯ୍ୟ ପ୍ରଭାବିତ ହେବ। ଆର୍ଥିକ ସମସ୍ୟା ଦେଖାଦେବ। ଖାଦ୍ୟପାନୀୟ ପ୍ରତି ଧ୍ୟାନ ରଖିବେ। ମହିଳାଙ୍କଠାରେ ଆଣ୍ଠୁଗଣ୍ଠି ସମସ୍ୟା ଦେଖାଦେବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ବୃଷ:** ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ବ୍ୟବସାୟରେ ସମସ୍ୟାକୁ ସାମ୍ନା କରିବେ। ଆର୍ଥିକ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେବ। ମନ ପ୍ରସନ୍ନ ରହିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମିଥୁନ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ନୂଆ କାର୍ଯ୍ୟ ଆରମ୍ଭ କରିବେ। ପରିବାର ସହିତ ହସଖୁସିରେ ସମୟ ଅତିବାହିତ କରିବେ।

**କର୍କଟ:** ଶାନ୍ତ ଓ ଖୁସି ମନରେ ସମସ୍ତ କାମ ପୂରା କରିବେ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ଜୀବନସାଥୀଙ୍କ ସହ ବୁଲିବାକୁ ଯିବେ। ଆଇଟି କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

**ସିଂହ:** ବ୍ୟବସାୟରେ ବିରୋଧୀଙ୍କୁ ସାମ୍ନା କରିବେ। ନୂଆ କାମରେ ବନ୍ଧୁ ତଥା ପରିବାର ସଦସ୍ୟଙ୍କ ସହଯୋଗ ମିଳିବ। ବିବାହ ପ୍ରସ୍ତାବ ସ୍ଥିର ହେବ। ଦେବ କାର୍ଯ୍ୟରେ ମନୋଯୋଗ ଦେବେ।

**କନ୍ୟା:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ବିଦ୍ୟାର୍ଥୀ ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ।

**ତୁଳା:** କୋର୍ଟକଚେରୀ ମାମଲାରେ ବିଜୟଲାଭ କରିବେ। ପାରିବାରିକ ବିବାଦ ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** ଅନଲାଇନ୍ ବ୍ୟବସାୟୀଙ୍କୁ ଲାଭ ମିଳିବ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। ଭାଇ-ଭଉଣୀଙ୍କ ସମ୍ପର୍କ ମଜଭୁତ ହେବ। ଦାମ୍ପତ୍ୟ ଜୀବନ ଅଶାନ୍ତି ଭିତରେ ଗତି କରିବ।

**ଧନୁ:** କର୍ମ ଚଞ୍ଚଳ ରହିବେ। ଧାର୍ମିକ କାର୍ଯ୍ୟ ପ୍ରତି ରୁଚି ବଢ଼ିବ। ଅଫିସ୍ କାର୍ଯ୍ୟରେ ସମସ୍ୟା ଆସିବ। ସମୟ ପୂର୍ବରୁ କାମ ଶେଷ କରିବେ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ।

**ମକର:** ଆୟଠୁ ଅଧିକ ବ୍ୟୟ ହେବ। ପରିବାର ସଦସ୍ୟଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବେ। ଅଯଥା ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କୁମ୍ଭ:** ଧାର କରଜରୁ ଦୂରେଇ ରହିବେ। ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ମୀନ:** ଦିନଟି ବ୍ୟସ୍ତତା ଭିତରେ କଟିବ। ପରିବାରରେ ହସଖୁସିର ପରିବେଶ ରହିବ। ଖେଳାଳୀଙ୍କ ପାଇଁ ଅନୁକୂଳ ସମୟ। ଧନଲାଭ ଯୋଗ ଅଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୯୪୯ - ପୂର୍ବ ଜର୍ମାନୀର ଏକ ୟୁରାନିୟମ୍ ଖଣିରେ ବିସ୍ଫୋରଣ ହେବାରୁ ୩୭୦୦ ଲୋକଙ୍କ ପ୍ରାଣହାନି।
- ୧୯୬୧- ରୁଷୀୟ ମହାକାଶଚାରୀ ୟୁରି ଗାଗାରିନ୍‌ଙ୍କ ଭାରତ ଆଗମନ।
- ୧୯୮୯ - ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଇସ୍ତଫା।
- ୨୦୦୮ - ୬୦ ଘଣ୍ଟାର କମାଣ୍ଡୋ ଅପରେସନ୍ ପରେ ମୁମ୍ବାଇ ଆତଙ୍କବାଦୀଙ୍କ କବଳରୁ ମୁକ୍ତ।
- ୨୦୧୧- ଅହମିୟା ଲେଖିକା ତଥା ଜ୍ଞାନପୀଠ ପୁରସ୍କାର ବିଜେତା ଇନ୍ଦିରା ଗୋସ୍ୱାମୀଙ୍କ ପରଲୋକ।



## ଭ୍ରାମ୍ୟମାଣ ସ୍କୁଲ

ପଞ୍ଜାବ, ଭଟିଣ୍ଡାରେ ଏକ ସ୍କୁଲକୁ ନେଇ ଏବେ ସବୁଠି ଚର୍ଚ୍ଚା। କାରଣ ଅନ୍ୟ ସ୍କୁଲ ଭଳି ଏଠାକୁ ପିଲାମାନେ ପଢ଼ିବାକୁ ଯାଆନ୍ତି ନାହିଁ। ବରଂ ପିଲାମାନଙ୍କ ପଢ଼ିବା ନିମନ୍ତେ ସେମାନଙ୍କ ପାଖକୁ ସ୍କୁଲ ଆସିଥାଏ। 'ଗୁଡ୍‌ୱିଲ ମୋବାଇଲ୍ ସ୍କୁଲ' ନାମରେ ପରିଚିତ ଏହି ସ୍କୁଲଟି ଏକ ଟ୍ରାକ୍ଟର ଟ୍ରଲିରେ ତିଆରି ହୋଇଛି। ସହରର ବସ୍ତି ପିଲାଙ୍କୁ ଏହା ମାଗଣାରେ ଶିକ୍ଷାଦାନ କରିଥାଏ। ଅବସରପ୍ରାପ୍ତ ରେଲୱେ ଇଞ୍ଜିନିୟର କେକେ ଗର୍ଗ ବସ୍ତିରେ ରହୁଥିବା ଆର୍ଥିକ ଅନଗ୍ରସର ପିଲାଙ୍କୁ ଶିକ୍ଷିତ କରିବା ଉଦ୍ଦେଶ୍ୟରେ ଏହି ସ୍କୁଲର ଆରମ୍ଭ କରିଥିଲେ। ୨୦୦୬ ମସିହାରେ ସେ ତାଙ୍କ ଡ୍ୟୁଟିକୁ ଯାଉଥିବା ସମୟରେ ରେଳ ଲାଇନ୍ ନିକଟରେ ଥିବା ପିଲାମାନେ ସବୁବେଳେ ଖେଳୁଥିବାର ସେ ଦେଖୁଥିଲେ। କେବେବି ପିଲାମାନଙ୍କୁ ସେ ସ୍କୁଲ ଯିବାର ଦେଖୁ ନ ଥିଲେ। ଶିକ୍ଷାରୁ ବଞ୍ଚିତ ଏହି ପିଲାମାନଙ୍କୁ ସେ ଶିକ୍ଷିତ କରିବାକୁ ଅବସର ପରେ ଏମିତି ଏକ ସ୍କୁଲ ଖୋଲିବାକୁ ନିଷ୍ପତ୍ତି ନେଇଥିଲେ। ଖରା-ବର୍ଷାର ମୁକାବିଲା କରିବାକୁ ସେ ଏଥିରେ ପାଣିପାଗ ପ୍ରତିରୋଧି ଜାପାନୀ ସିଟ୍ ଏବଂ ଜିପ୍‌ସମ୍ ବୋର୍ଡ ବ୍ୟବହାର କରିଛନ୍ତି। ପିଲାମାନଙ୍କୁ ଗରମ ନ ଲାଗିବା ଲାଗି ସେ ଏଥିରେ ପଙ୍ଖାର ବନ୍ଦୋବସ୍ତ ମଧ୍ୟ କରିଛନ୍ତି। ତେବେ ବିଗତ ୧୭ ବର୍ଷ ମଧ୍ୟରେ ଏହି ସ୍କୁଲଟି ପାଖାପାଖି ୭୦୦ରୁ ଅଧିକ ପିଲାଙ୍କୁ ଶିକ୍ଷାଦାନ କରିବାରେ ସକ୍ଷମ ହୋଇଛି। ତେବେ ଏହି ପିଲାମାନଙ୍କୁ ପ୍ରାରମ୍ଭିକ ଶିକ୍ଷା ଯୋଗାଇ ଦିଆଯିବା ପରେ ସେମାନଙ୍କୁ ନିକଟସ୍ଥ ସରକାରୀ ସ୍କୁଲରେ ନାମ ଲେଖାପାଇଁ ସେ ବନ୍ଦୋବସ୍ତ କରି ଦିଅନ୍ତି। ପିଲାଙ୍କୁ ପଢ଼ାଇବାକୁ ଶ୍ୱେତା ନାମକ ଜଣେ ଶିକ୍ଷୟିତ୍ରୀ ମଧ୍ୟ ଅଛନ୍ତି। ଶ୍ୱେତା କୁହନ୍ତି, ଏହି ସ୍କୁଲରେ ସେ ଚାରି ବର୍ଷ ହେଲାଣି ପଢ଼ାଉଛନ୍ତି। ତେବେ ଆରମ୍ଭରୁ ଏହି କାମ କରିବା ତାଙ୍କ ପାଇଁ ବହୁତ ସମସ୍ୟା ଥିଲା। ହେଲେ ବସ୍ତିର ପିଲାମାନଙ୍କର ମାବାପାଙ୍କୁ ବୁଝାଇବା ପରେ ସେମାନେ ତାଙ୍କ ପିଲାଙ୍କୁ ପଢ଼ିବାକୁ ଛାଡିଥିଲେ। ପ୍ରତିଦିନ ସେ ଦ୍ୱିପ୍ରହର ୩ରୁ ୫ଟା ପର୍ଯ୍ୟନ୍ତ କ୍ଲାସ୍ ନିଅନ୍ତି। ସବୁଠୁ ବଡ଼ କଥା ହେଉଛି, ମାଗଣାରେ ଶିକ୍ଷାଦାନ ସହିତ ସ୍କୁଲ ପକ୍ଷରୁ ପିଲାମାନଙ୍କୁ ଫଳ, ବିସ୍କୁଟ୍ ଏବଂ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ଦିଆଯାଇଥାଏ। ଅନ୍ୟପଟେ ସ୍ଥାନୀୟ ବାସିନ୍ଦାଙ୍କ କହିବାନୁସାରେ, ଏହିପରି ସ୍କୁଲ ସବୁଆଡେ ହେବା ଦରକାର। ସରକାର ମଧ୍ୟ ଏଭଳି ସ୍କୁଲ ଖୋଲିବା ପାଇଁ ସାହାଯ୍ୟ କରିବା ଦରକାର।

## 'ସ୍ପିରିଟ୍'ରେ ରଣବୀର



ସାଉଥ୍ ସୁପରଷ୍ଟାର୍ ପ୍ରଭାସଙ୍କ ଫିଲ୍ମକୁ ତାଙ୍କ ପ୍ରଶଂସକମାନେ ବର୍ଷ ବର୍ଷ ଧରି ଅପେକ୍ଷା କରିଥାନ୍ତି। ପ୍ରଭାସଙ୍କ ଆଗାମୀ ଫିଲ୍ମ 'ସ୍ପିରିଟ୍'ର ରିଲିଜ୍‌କୁ ଏବେ ତାଙ୍କ ପ୍ରଶଂସକମାନେ ଚାହିଁ ବସିଛନ୍ତି। 'ଆନିମଲ', 'କବିରସିଂହ' ଫେମ୍ ସନ୍ଦୀପ ରେଡ୍ଡି ଭାଙ୍ଗା ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି। ଏବେ ଏହି ଫିଲ୍ମକୁ ନେଇ ଏକ ଖବର ଆସିଛି। ରଣବୀର କପୁର ଏଥିରେ ନଜର ଆସିବେ ବୋଲି ଜଣାପଡ଼ିଛି। ଅବଶ୍ୟ ରଣବୀର ଏଥିରେ ଅତିଥି କଳାକାର ଭାବେ ଦେଖାଯିବେ। ପୂର୍ବରୁ ରଣବୀର ସନ୍ଦୀପଙ୍କ ସହ 'ଆନିମଲ' ଫିଲ୍ମରେ କାମ କରିଥିଲେ। ଏହି ଫିଲ୍ମ ମାଧ୍ୟମରେ ପ୍ରଥମ ଥର ସେ ପ୍ରଭାସଙ୍କ ସହ ସ୍କ୍ରିନ୍ ସେୟାର୍ କରିବେ। ଇତିମଧ୍ୟରେ ସନ୍ଦୀପ ଏହାର ସୁଟିଂ ମଧ୍ୟ ଆରମ୍ଭ କରିଛନ୍ତି। 'ଆନିମଲ' ଫିଲ୍ମ ବ୍ଲକ୍‌ବଷ୍ଟର୍ ହେବା ପରେ 'ସ୍ପିରିଟ୍'କୁ ହିଟ୍ କରିବା ପାଇଁ ସନ୍ଦୀପ ରଣବୀରଙ୍କୁ ନେଇଥିବା ଚର୍ଚ୍ଚା ହେଉଛି। ଅବଶ୍ୟ ଏଯାଏଁ ରଣବୀରଙ୍କୁ ନେଇ ସନ୍ଦୀପ ବିଧିବଦ୍ଧ ଭାବେ କିଛି କହିନାହାନ୍ତି।

## ଇନ୍‌ଫ୍ଲୁଏନ୍ସରଙ୍କ ପାଇଁ ନୂଆ ନିୟମ

ନିକଟରେ ଚୀନ୍ ଏପରି ଏକ ନିୟମ ଆଣିଛି ଯାହାକୁ ନେଇ ସାମାଜିକ ଗଣମାଧ୍ୟମରେ ତର୍କ ବିତର୍କ ଆରମ୍ଭ ହୋଇଛି। ଅର୍ଥନୀତି, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ଇନ୍‌ଫ୍ଲୁଏନ୍ସର୍‌ମାନେ କହିବା ପାଇଁ ଏହି କ୍ଷେତ୍ରରେ ଡିଗ୍ରୀ ରହିବା ନିହାତି ଆବଶ୍ୟକ। ଏଥିରୁ ଏକଥା ସ୍ପଷ୍ଟ ହେଉଛି ଯେ, ବିନା ଡିଗ୍ରୀ ଏବଂ ଲାଇସେନ୍ସ ନ ଥିବା ଇନ୍‌ଫ୍ଲୁଏନସର୍ ଏହି ସବୁ ବିଷୟରେ ଖୋଲାଖୋଲି ଆଲୋଚନା କରିପାରିବେ ନାହିଁ। ଚୀନ୍‌ରେ ଏହି ନିୟମ ଅକ୍ଟୋବର ୨୫ରୁ ଲାଗୁ ହୋଇଛି। ତେବେ ଏଭଳି ନିୟମର ଉଦ୍ଦେଶ୍ୟ ହେଉଛି ଅନଲାଇନ୍‌ରେ ଭୁଲ ତଥ୍ୟ ପ୍ରଦାନ କରିବା ଏବଂ ଲୋକଙ୍କୁ ଭୁଲ୍ ତଥ୍ୟ ଦେଉଥିବା ଇନ୍‌ଫ୍ଲୁଏନ୍ସର୍‌ଙ୍କୁ ବନ୍ଦ କରିବା। ତେବେ ଏହି ନିୟମକୁ ସାଇବରସ୍ପେସ୍ ଆଡମିନିଷ୍ଟ୍ରେସନ ଅଫ୍ ଚୀନ୍ ଲାଗୁ କରିଛି। ସେହିପରି ଏହି ନିୟମ କେବଳ ଇନ୍‌ଫ୍ଲୁଏନ୍ସର୍‌ଙ୍କ ଉପରେ ନୁହେଁ, ବରଂ Douyin, weibo, bilibili ଭଳି ସୋସିଆଲ ମିଡିଆ ପ୍ଲାଟଫର୍ମରେ ମଧ୍ୟ ଲାଗୁ ହେବ। ଏହାବାଦ୍ ଚିକିତ୍ସା ଉପକରଣ, ହେଲଥ ଫୁଡ୍ ଏବଂ ସପ୍ଲିମେଣ୍ଟ ସମ୍ବନ୍ଧିତ ବିଜ୍ଞାପନ ଉପରେ ବି କଟକଣା ଲାଗୁ କରାଯାଇଛି। ସେହିପରି ଏହି କମ୍ପାନିମାନଙ୍କୁ ସୁନିଶ୍ଚିତ କରିବାକୁ ହେବ ଯେ, ଏହାର ପ୍ଲାଟଫର୍ମରେ ଥିବା କ୍ରିଏଟରଙ୍କ ପାଖରେ ସେସମ୍ପର୍କିତ ଡିଗ୍ରୀ, ସାର୍ଟିଫିକେଟ୍ ରହିଛି। ଯଦି ଜଣେ ଇନ୍‌ଫ୍ଲୁଏନ୍ସର୍ ତାଙ୍କ ବିଷୟବସ୍ତୁରେ ଏଆଇ ଜେନେରେଟେଡ୍ ସାମଗ୍ରୀ କିମ୍ବା ଗବେଷଣା ଅଧ୍ୟୟନ ବ୍ୟବହାର କରନ୍ତି, ତାହେଲେ ତାଙ୍କୁ ସେହି ଭିଡିଓ କିମ୍ବା ପୋଷ୍ଟରେ ଏ ବାବଦରେ ସ୍ପଷ୍ଟ ଭାବରେ କହିବାକୁ ପଡ଼ିବ। ଅନ୍ୟପଟେ ଏହି ନିୟମକୁ ନେଇ ଅନଲାଇନ୍‌ରେ ତର୍କ ଆରମ୍ଭ ହୋଇଛି। କିଛି ଲୋକ ଏହାକୁ ଠିକ୍ ପଦକ୍ଷେପ ବୋଲି କହିଥିବା ବେଳେ ଆଉ କିଛି ଜଣ ଏଭଳି ଆଇନ ବ୍ୟକ୍ତିଗତ ସ୍ୱାଧୀନତାକୁ ହସ୍ତକ୍ଷେପ କରୁଛି ବୋଲି କହିଛନ୍ତି।



## ପ୍ରହେଳିକା

- ପାତି ବାଉଁଶରେ ମୋ ଦେହ ଗଢ଼ା
ଚାଉଳରୁ କୁଣ୍ଡା ପକାଏ କାଢ଼ି
ସବୁ ପରିବାର ପାଇଁ ମୁଁ ଲୋଡ଼ା
ମୋ ପିଠିରେ ମାଆ ପାରଇ ବଡ଼ି
ଶୁଭ ବିବାହରେ ପଡ଼ଇ ଖୋଜା
ହାତୀ କାନ ପରି ରୂପଟି ମୋର
ଶବ ସଙ୍ଗେ ଯାଏ କହରେ ରାଜା
ନାଆଁଟି ମୋହର ଦୁଇ ଅକ୍ଷର ।

ଉତ୍ତର:- କୁଲା

- ସାଧୁ ବସିଥିଲେ ପୋଖରୀ କୂଳେ
ଏକ ଧ୍ୟାନରେ
ମୀନ ଖେଳୁଥିଲା ଗଭୀର ଜଳେ
ଖୁସି ମନରେ
ଜିହ୍ୱା ଲାଳସାର ମୋହରେ ସାଧୁ
ଥଣ୍ଟରେ ଧରି
ଗିଳି ପକେଇଲେ ଜିଅନ୍ତା ମାଛ
ଡେରି ନ କରି
ଡେଙ୍ଗା ଗୋଡ଼ ସାଧୁ ପୋଷାକ ଧଳା
କହି ନ ପାରିଲେ ଚଞ୍ଚଳ ପଳା
ଉତ୍ତର କହିବ ଯିଏ
ଖେଚୁଡ଼ି ଖାଇବ ସିଏ ।

ଉତ୍ତର :- ବଗ



- ବଞ୍ଚିଥିଲେ ଲକ୍ଷେ ମରିଗଲେ ଲକ୍ଷେ
ପୂର୍ବରୁ ରହିଛି ପ୍ରବାଦ
ସେଇ ଜୀବ ଏବେ ଗାଆଁ ମୁହାଁ ହୋଇ
ନିଇତି ଘଟାଏ ବିବାଦ
ଭାଙ୍ଗେ ଘରଦ୍ୱାର ମାରେ ମଣିଷ
ଲକ୍ଷ୍ମୀଙ୍କ ବାହନ ସିଏ
ଲକ୍ଷ୍ମୀ ଠାକୁରାଣୀ ଆଶିଷ ପାଇବ
ନାଆଁ କହିଦେବ ଯିଏ ।

ଉତ୍ତର :-ହାତୀ

ଜଗଦୀଶ ସାହୁ, ସଞ୍ଜପଡ଼ା, ଢେଙ୍କାନାଳ
ମୋ- ୯୦୭୮୧୮୫୬୬୭

## ଆମ ଘର



ଗୋପୀନାଥ ଦାଶ

ପଥର ଇଟା ବାଲି ଓ ସିମେଣ୍ଟରେ
ତିଆରି ଆମ ଘର
ମା' ବାପା ଭାଇ ଭଉଣୀ ସଭିଏଁ
ପ୍ରେମ ଆନନ୍ଦ ଅପାର।
ସ୍କୁଲ ପାଠ ସାରି ଘରକୁ ଫେରିଲେ
ଖୁସି ହସେ ଭରେ ମନ
ପିତା ମାତାଙ୍କ ସେନେହ ଆଦରେ
ପୁଲକିତ ହୁଏ ପ୍ରାଣ।
ଖରା ବରଷା ଶୀତ କାକରରୁ
ବଞ୍ଚାଇ ରଖିଛି ଘର
କେତେ ପୂଜା ବିଧି ଉତ୍ସବ ବ୍ୟସନ
ମୂକ ସାକ୍ଷୀ ଏ ଘର।
ସଜାଇ ରଖିଛି ଖାତା ବହି ମୁହିଁ
ନିତି ଓଳାଏ ମୁଁ ଘର
ଅଭ୍ୟାସ କରେ ପଢ଼ା ଘରେ ବସି
ପାଠ ସାରେ ତର ତର।
ରନ୍ଧା ଘରେ ମା' ତିଆରି କରେ
ସୁସ୍ୱାଦୁ ଖାଦ୍ୟ ରକମର
ମମତା ଭରି ପରସି ଦିଏ ସେ
ପୂରିଯାଏ ପେଟ ମୋର।
ଅଜଣା ପାଠକୁ ଶିଖାଇ ଦିଅନ୍ତି
ବାପା ମୋତେ ବସା ଘରେ
କେତେ ପ୍ରକାର ଖେଳଣା ଦିଅନ୍ତି
ବସି ଖେଳେ ଆନନ୍ଦରେ।
ସଫାସୁତରା ଶୋଇବା ଘରଟି
ପୂର୍ଣ୍ଣ ବାୟୁ ଚଳାଚଳ
ଗଡ଼ିଲେ ସେଜରେ ନିଦ ମାଡ଼ିଆସେ
ସତେଜ ଲାଗେ ସକାଳ।
ଘରଟି ଆମର ସୁଖ ଶାନ୍ତିର
ବନ୍ଧନର ପରିଚୟ
ଏଇଠାରେ ଏକାଠି ସଭିଏଁ ରହୁଁ
ଏଇ ତ ଆମରି ଘର। ■

ବରପାଲିପଡ଼ା, ବଲାଙ୍ଗୀର
ମୋ -୬୩୭୨୮୦୫୦୭୦

## ବଣଭୋଜି



ରାମଚନ୍ଦ୍ର ବେହେରା

ଆସିଛି ଶୀତ ଆସ ସଙ୍ଗୀତ
କରିବା ବଣଭୋଜି
ଗଛର ମୂଳେ ଝରଣା କୂଳେ
ଆନନ୍ଦେ ଯିବା ମଜି।
ବଣର କୋଳେ ସାଥିଙ୍କ ମେଳେ
ରାନ୍ଧିବା ଭାତ ଡାଲି
ଭଜା ତିଅଣ ରାନ୍ଧିବା ଆମେ
ଲଗାଇ କାଠ ଚୂଲି।
ହସ ଖୁସିରେ ଖେଳିବା ଲୁଡୁ
ଗାଇବା ଖୁସି ଗୀତ
ଏକାଠି ବସି ଏକାଠି ହସି
ଖାଇବା ଖାଦ୍ୟ ମିତ।
ରୋଷେଇ ଜାଗା ରଖିବା ସଫା
ମାନିବା ବଣ ନୀତି
ବୃକ୍ଷ ଓ ଲତା ବନ୍ୟ ପ୍ରାଣୀଙ୍କ
କରିବା ନାହିଁ କ୍ଷତି।
ରୋଷେଇ ଅନ୍ତେ ଲିଭାଇ ଦେବା
ଚୂଲିରେ ଥିବା ନିଆଁ
ପରିବେଶର ରଖିଲେ ଧ୍ୟାନ
ହସିବ ଧରା ମାଆ।
ସଞ୍ଜ ନଇଁଲେ ଫେରି ଆସିବା
କରିବା ନାହିଁ ଡେରି
ବଣଭୋଜିର ମିଠା ସ୍ମୃତିକୁ
ପରାଣେ ଦେବା ଭରି। ■

ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ସୁମନ

## ମହୁମାଛିର ଦୁଃଖ



ରାଜେଶ ରାୟ



ଶୀତଦିନେ କ୍ଷେତରେ ଫୁଟିଥିବା ସୁନ୍ଦର ହଳଦୀ ରଙ୍ଗର ସୋରିଷ ଫୁଲ ପାଖକୁ ପ୍ରତିଦିନ ମହୁମାଛିଟିଏ ଆସୁଥିଲା ଏବଂ ଫୁଲରୁ ବାହାରୁଥିବା ମିଠାରସ ଖାଇ ଆନନ୍ଦ ମନରେ ପରାଗ ରେଣୁକୁ ନେଇ ଉଡ଼ି ଯାଉଥିଲା। ତେଣୁ ସେହି ମହୁମାଛି ସହ ସୋରିଷ ଫୁଲର ଅତି ନିବିଡ଼ ସମ୍ପର୍କ ଗଢ଼ି ଉଠିଥିଲା। ସେମାନେ ପରସ୍ପରକୁ ସାଙ୍ଗ ବୋଲି ଡାକୁଥିଲେ । ଦିନକର ଘଟଣା, ମହୁମାଛିଟି ସେଦିନ ସୋରିଷ ଫୁଲ ପାଖକୁ ଆସିଲା ନାହିଁ। ସୋରିଷ ଭାବିଲା ହୁଏତ ମହୁମାଛି କୌଣସି କାମରେ ବ୍ୟସ୍ତ ରହିଯାଇଥିବ। ତା ପରଦିନ ମଧ୍ୟ ମହୁମାଛି ଆସିଲା ନାହିଁ। ନିଜ ସାଙ୍ଗକୁ ଅପେକ୍ଷା କରି କରି ସୋରିଷ ଫୁଲ ମନ ଦୁଃଖରେ ଝାଉଁଳି ପଡ଼ିଲା । ଏମିତି ୫ ଦିନ ବିତିଯିବା ପରେ ମହୁମାଛି ଆସି ପହଁଚିଲା । ନିଜ ସାଙ୍ଗକୁ ପାଖରେ ପାଇ ସୋରିଷ ଫୁଲ ବହୁତ ଖୁସିହେଲା କିନ୍ତୁ ସେ ଦେଖିଲା ମହୁମାଛି ଆଗପରି ଆଉ ଖୁସି ନାହିଁ । ଦୁଃଖରେ ମନ ମାରି ମହୁମାଛିଟି ବସି ରହିଥିଲା। ସୋରିଷ ପଚାରିଲା "ସାଙ୍ଗ କଣ ହେଇଛି ତୋର ? ତୁ ଏତେଦିନ ଯାଏଁ କୋଉଠି ଥିଲୁ ? ଜାଣିଛୁ ତତେ ଝୁରି ଝୁରି ମୁଁ କେତେ କଷ୍ଟ ପାଇଛି। ଏହାଶୁଣି ମହୁମାଛି ବହୁତ ଜୋରରେ କାନ୍ଦିବାକୁ ଲାଗିଲା ଏବଂ କହିଲା ସାଙ୍ଗ ମତେ ତୁ କ୍ଷମା କରିଦେ । ମୁଁ ଆଉ ଆଜିଠୁ ତୋ ପାଖକୁ ଆସିବି ନାହିଁ । ଏଇଟା ଆମର ଶେଷ ଦେଖା। ଏକଥା ଶୁଣିବା ପରେ ସୋରିଷ ଫୁଲର ଛାତି ଫାଟିଗଲା ଆଉ ସେ କହିଲା "କ'ଣ ପାଇଁ ସାଙ୍ଗ? ତୁ କାହିଁକି ଆସିବୁନି? କ'ଣ ଅସୁବିଧା ହେଇଛି ମତେ କହ। ତା ପରେ ମହୁମାଛି ନିଜର ଦୁଃଖକୁ ଗୋଟି ଗୋଟି କରି କହିଲା। ତା ଘର ଯେଉଁ ଗଛରେ ଥିଲା ସେଠାରେ ଲୋକମାନେ ଆସି କାରଖାନା କରିବା ପାଇଁ ଗଛ କାଟିଦେଲେ। ତେଣୁ ତା ଘର ଭାଙ୍ଗି ଯାଇଛି, ଭାଇ ଭଉଣୀମାନଙ୍କ ମଧ୍ୟରୁ କିଛି ମରି ଯାଇଛନ୍ତି ଆଉ କିଛି କେଉଁ ଆଡ଼େ ପଳେଇଛନ୍ତି। ମହୁମାଛି କହିଲା, ଯେଉଁ ପ୍ରକୃତି ଆମକୁ ସୃଷ୍ଟି କରିଛି ଏବଂ ନିଜ କୋଳରେ ରଖି ସୁରକ୍ଷା ଦେଉଛି ସେହି ପ୍ରକୃତିକୁ ମଣିଷ ଆଜି ନିଜର ସ୍ୱାର୍ଥ ପାଇଁ ନଷ୍ଟ କରି ଦେଉଛି ଯାହାର ପ୍ରଭାବରେ ଆମ ଜୈବ ବିବିଧତା ଦିନକୁ ଦିନ କମି ଯାଉଛି। ଏହି କାରଣ ଯୋଗୁ ଅନେକ ଜୀବ ଆମ ପାଖରୁ ଲୋପ ପାଇ ଗଲେଣି। ତେଣୁ ମୁଁ ନିଷ୍ପତି ନେଇଛି ଏହି ମଣିଷ ପାଖରୁ ବହୁତ୍ ଦୂରକୁ ଚାଲିଯିବି। ମହୁମାଛିର ଦୁଃଖକଥା ଶୁଣି ସୋରିଷ ଫୁଲ ମଧ୍ୟ ଭେଁ ଭେଁ ହୋଇ କାନ୍ଦିଲା ଆଉ କହିଲା " ସାଙ୍ଗ ତୁ ଯଦି ମୋ ଠାରୁ ଦୂରେଇ ଯିବୁ ତେବେ ମୁଁ ବି ମରିଯିବି କାରଣ ତୋରି ପାଇଁ ହିଁ ମୁଁ ନିଜର ପରାଗରେଣୁକୁ ଅନ୍ୟ ଫୁଲ ପାଖକୁ ପଠାଇ ପାରୁଛି ଯାହାଦ୍ୱାରା ମୋର ବଂଶ ବୃଦ୍ଧି ହେଉଛି। ତୁ ଚାଲିଗଲା ପରେ ମୋ ସଂଖ୍ୟା ମଧ୍ୟ ଧୀରେ ଧୀରେ କମିଯିବ। ଆମେ ମଣିଷ ପାଇଁ କେତେ କ'ଣ ସାହାଯ୍ୟ କରୁଛୁ କିନ୍ତୁ ସିଏ ଆମ ମୂଲ୍ୟକୁ ବୁଝି ପାରୁନି। ମହୁମାଛି କହିଲା, ଜାଣିଛୁ ସାଙ୍ଗ ମଣିଷ ଏବେ ଆଧୁନିକତାର ମାୟାରେ ଅନ୍ଧ ହୋଇ ପ୍ରକୃତି ସହ ଖେଳୁଛି ଯାହା ଫଳରେ ଆଗପରି ଆଉ ଋତୁଚକ୍ର ବଦଳୁ ନାହିଁ , ପରିବେଶ ଏବେ ଧ୍ୱଂସ ମୁହଁରେ। ଏହାର ଫଳ ସ୍ୱରୂପ ଏବେ ବନ୍ୟା , ବାତ୍ୟା, ଭୂମିକମ୍ପ ପରି ବିପର୍ଯ୍ୟୟ ଆମ ପାଖକୁ ମାଡ଼ି ଆସୁଛି। ମଣିଷ ଏବେ ଅନ୍ୟ ଗ୍ରହରେ ଘର କରିବା କଥା ଭାବୁଛି କିନ୍ତୁ ନିଜେ ରହୁଥିବା ଘରକୁ ସଜାଡୁ ନାହିଁ। ସିଏ ଜାଣି ପାରୁନି ଯେ ନିଜ ହାତରେ ନିଜର ହିଁ ସର୍ବନାଶ କରୁଛି। ଏହି କଥା କହି ଦୁହେଁ ପରସ୍ପରକୁ ଧରି କାନ୍ଦିଲେ। ଚାହୁଁ ଚାହୁଁ ସନ୍ଧ୍ୟାବେଳ ଆସିଯାଇଥିଲା। ଇଚ୍ଛା ନ ଥିଲେ ମଧ୍ୟ ଆଖିରୁ ଲୁହ ଗଡ଼ାଇ ମହୁମାଛି ତାର ଅତିପ୍ରିୟ ସାଙ୍ଗ ସୋରିଷ ଫୁଲ ପାଖରୁ ବିଦାୟ ନେଲା ଏବଂ ଗଲାବେଳେ ମଣିଷକୁ ହାତ ଯୋଡ଼ି କହିଲା, " ଯଦି ସତରେ ତୁମେ ପୃଥିବୀ ମାଆର ସନ୍ତାନ ତେବେ ନିଜ ମାଆର ଦୁଃଖକୁ ବୁଝ ଏବଂ ତାକୁ ସୁରକ୍ଷା ଦିଅ। ନହେଲେ ଆଗକୁ ଯେତେ ଭାବିଲେ ବି କିଛି ନଥିବ !" ■

ଜୟପୁର, କୋରାପୁଟ
ମୋ-୬୩୭୧୫୫୫୯୪୦







ରିଷିକା କାନୁନ୍‌ଗୋ
ପଞ୍ଚମ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର





ସାଇ ସମୀକ୍ଷା ସ୍ୱାଇଁ
ସପ୍ତମ ଶ୍ରେଣୀ
ନାରାୟଣ ସ୍କୁଲ
କଟକ





ଅମ୍ରିତ ସାହୁ
ପଞ୍ଚମ ଶ୍ରେଣୀ
ଚନ୍ଦନ ମଣ୍ଡପ ସାହି
ସରକାରୀ ପ୍ରାଥମିକ
ବିଦ୍ୟାଳୟ
ଇନ୍ଦିପୁର, ଢେଙ୍କାନାଳ



ଦେବହୂତି ବରଦାଲକ୍ଷ୍ମୀ ରାଉତ
ଦ୍ୱିତୀୟ ଶ୍ରେଣୀ
ଦୀପ୍ତି କନଭେଣ୍ଟ ସ୍କୁଲ
ରାୟଗଡ଼ା



■ ପୁରୁଷ ଜୁନିଅର ହକି ବିଶ୍ୱକପ୍

## ବୃହତ୍ ବିଜୟରୁ ଭାରତର ଅଭିଯାନ



ଚେନ୍ନଇ,୨୮।୧୧(ଏଜେନ୍ସି): ଚିଲିକୁ ୭-୦ ଗୋଲରେ ପରାସ୍ତ କରି ଆୟୋଜକ ଭାରତ ବୃହତ୍ ବିଜୟରୁ ଏଠାରେ ଆଜିଠାରୁ ଆରମ୍ଭ ହୋଇଥିବା ପୁରୁଷ ଜୁନିଅର ବିଶ୍ୱକପ୍ ହକିରେ ଅଭିଯାନ ଆରମ୍ଭ କରିଛି। ଏହି ବିଜୟରେ ଓଡ଼ିଆ ଖେଳାଳି ରୋଶନ କୁଜୁର ଓ ଦିଲରାଜ ସିଂହ ୨ଟି ଲେଖାଏଁ, ଅଜିତ ଯାଦବ, ଅନ୍ୟତମ ଓଡ଼ିଆ ଖେଳାଳି ଅନ୍‌ମୋଲ ଏକ୍କା ଓ ଅଧିନାୟକ ରୋହିତ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଛନ୍ତି। ପ୍ରଥମାର୍ଦ୍ଧ ସୁଦ୍ଧା ଦଳ ୩-୦ ଗୋଲରେ ଆଗୁଆ ରହିଥିଲା। ପୁଲ୍-ବି'ରେ ସ୍ଥାନ ପାଇଥିବା ଭାରତ ତାହାର ଦ୍ୱିତୀୟ ମ୍ୟାଚ ଓମାନ ସହ ଆସନ୍ତାକାଲି ରାତି ୮ଟାରେ ଖେଳିବ। ଏହି ପୁଲ୍‌ରେ ଖେଳାଯାଇଥିବା ପ୍ରଥମ ମୁକାବିଲାରେ ସ୍ୱିଜରଲାଣ୍ଡ ୪-୦ରେ ଓମାନକୁ ହରାଇଥିଲା। ଆଜି ଖେଳାଯାଇଥିବା ପୁଲ-ଏ'ରେ ଜର୍ମାନୀ ୪-୦ରେ ଦକ୍ଷିଣ ଆଫ୍ରିକାକୁ, ଆୟର୍ଲାଣ୍ଡ ୪-୩ରେ କାନାଡାକୁ, ପୁଲ୍-ସି'ରେ ଆର୍ଜେଣ୍ଟିନା ୪-୧ରେ ଜାପାନକୁ, ନ୍ୟୁଜିଲାଣ୍ଡ ୫-୩ରେ ଚୀନ୍‌କୁ, ପୁଲ-ଡି'ରେ ସ୍ପେନ୍ ୮-୦ରେ ଇଜିପ୍ଟକୁ ଓ ବେଲଜିୟମ ୧୨-୧ରେ ନାମିବ୍ୟାକୁ ପରାସ୍ତ କରିଛି।

■ ୧୯ ବର୍ଷରୁ କମ୍ ଏସିଆ କପ୍

## ଆୟୁଷଙ୍କୁ ଭାରତର ନେତୃତ୍ୱ

ନୂଆଦିଲ୍ଲୀ,୨୮।୧୧(ଏଜେନ୍ସି): ଦୁବାଇରେ ଡିସେମ୍ବର ୧୨ରୁ ଖେଳାଯିବାକୁ ଥିବା ୧୯ ବର୍ଷରୁ କମ୍ ଏସିଆ କପ୍ ଲାଗି ବିସିସିଆଇ ପକ୍ଷରୁ ଏକ ୧୫ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ତାରକା ଖେଳାଳି ଆୟୁଷ ମାହାତ୍ରେଙ୍କୁ ଦଳର ନେତୃତ୍ୱ ପ୍ରଦାନ କରାଯାଇଥିଲାବେଳେ ବିସ୍ଫୋରକ ଓପନର ବୈଭବ ସୂର୍ଯ୍ୟବଂଶୀଙ୍କୁ ଏହି ଟିମ୍‌ରେ ସାମିଲ କରାଯାଇଛି। ଦିନିକିଆ ଫର୍ମାଟରେ ଖେଳାଯାଉଥିବା ଏହି ଟୁର୍ଣ୍ଣାମେଣ୍ଟର ଗ୍ରୁପ୍-ଏ'ରେ ପାକିସ୍ତାନ ଓ ଆଉ ଦୁଇଟି କ୍ୱାଲିଫାଇଂ ଟିମ୍ ସହ ସ୍ଥାନ ପାଇଛି। ମନୋନୀତ ଦଳ: ଆୟୁଷ ମାହାତ୍ରେ (ଅଧିନାୟକ), ବୈଭବ ସୂର୍ଯ୍ୟବଂଶୀ, ବିହାନ ମାଲହୋତ୍ରା (ଉପଅଧିନାୟକ), ବେଦାନ୍ତ ତ୍ରିବେଦୀ, ଅଭିଜ୍ଞାନ କୁଣ୍ଡୁ (ୱିକେଟରକ୍ଷକ), ହରବଂଶ ସିଂହ (ୱିକେଟରକ୍ଷକ), ଯୁବରାଜ ଗୋହିଲ, କନିଷ୍କ ଚୌହାନ, ଖିଲନ ଏ. ପଟେଲ, ନମନ ପୁଷ୍ପକ, ଡି ଦୀପେଶ, ହେନିଲ ପଟେଲ, କିଶନ କୁମାର ସିଂ, ଉଧବ ମୋହନ, ଆରନ ଜର୍ଜ।

## ଭାରତ-ଶ୍ରୀଲଙ୍କା ମହିଳା ଟି-୨୦ ସିରିଜ୍ ଡିସେମ୍ବର ୨୧ରୁ

ନୂଆଦିଲ୍ଲୀ,୨୮।୧୧(ଏଜେନ୍ସି): ବାଂଲାଦେଶ ସହ ଭାରତର ମହିଳା କ୍ରିକେଟ ସିରିଜ୍ ବାତିଲ ହେବା ପରେ ଶ୍ରୀଲଙ୍କା ସହ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳିବାକୁ ଶ୍ରୀଲଙ୍କା ଦଳ ରାଜି ହୋଇଛି। ଏହି ସିରିଜ୍ ଡିସେମ୍ବର ୨୧ରୁ ଆରମ୍ଭ ହୋଇ ୩୦ରେ ଶେଷ ହେବ। ଏହି ସିରିଜ୍ ପରେ ଭାରତରେ ମହିଳା ପ୍ରିମିୟର ଲିଗ୍ ଜାନୁଆରୀ ୯ରୁ ଆରମ୍ଭ ହେବ ବୋଲି ଜଣାଯାଇଛି। ଏହି ସିରିଜ୍‌ର ପ୍ରଥମ ଦୁଇଟି ମ୍ୟାଚ୍ ବିଶାଖାପାଟଣାରେ ଡିସେମ୍ବର ୨୧ ଓ ୨୩ରେ, ପରବର୍ତ୍ତୀ ୩ଟି ମ୍ୟାଚ୍ ଥିରୁଅନନ୍ତପୁରମ୍‌ରେ ଡିସେମ୍ବର ୨୬, ୨୮ ଓ ୩୦ରେ ଖେଳାଯିବ।

## ବାରବାଟୀ ଟି-୨୦ ଲାଗି ଓସିଏର ପ୍ରସ୍ତୁତି ବୈଠକ




ଭୁବନେଶ୍ୱର,୨୮।୧୧(ସମିସ): ଭାରତ-ଦକ୍ଷିଣ ଆଫ୍ରିକା ଟି-୨୦ ସିରିଜ୍‌ର ପ୍ରଥମ ମ୍ୟାଚ୍ କଟକସ୍ଥିତ ବାରବାଟୀ ଷ୍ଟାଡିୟମ୍‌ରେ ଡିସେମ୍ବର ୯ରେ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟକୁ କିପରି ଶୃଙ୍ଖଳାର ସହ ପରିଚାଳନା କରାଯିବ ତାହା ଉପରେ ଆଜି ଓସିଏ ପକ୍ଷରୁ ଆଲୋଚନା କରାଯାଇଥିଲା। ବିଶେଷ କରି ପରିଚାଳନା ଲାଗି ଗଠନ କରାଯାଇଥିବା ବିଭିନ୍ନ ସବ୍ କମିଟି କିପରି ପରସ୍ପର ମଧ୍ୟରେ ସହଯୋଗ ଓ ସମନ୍ୱୟ ରଖି କାମ କରିବେ, ତାହା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି ଓ ସମ୍ପାଦକ ସଞ୍ଜୟ ବେହେରାଙ୍କ ତତ୍ତ୍ୱାବଧାନରେ ଏହି ବୈଠକ ଆୟୋଜିତ ହୋଇଥିଲାବେଳେ ଅନ୍ୟ ସମସ୍ତ କର୍ମକର୍ତ୍ତା, ବିଭିନ୍ନ କମିଟିର ସଦସ୍ୟ, ଓଡ଼ିଶା ଅଲିମ୍ପିକ୍, ଆଥ୍‌ଲେଟିକ୍, ଫୁଟବଲ ସଂଘର ସମ୍ପାଦକ ଏବଂ ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ ସିରିଜ୍ ୩୦ରୁ

# ରାଞ୍ଚିରେ ଟିମ୍ ଇଣ୍ଡିଆର ଜୋର୍‌ଦାର୍ ଅଭ୍ୟାସ

ରାଞ୍ଚି,୨୮।୧୧(ଏଜେନ୍ସି)

ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ନିକଟରୁ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ହାରିଯିବା ପରେ ଘରୋଇ ଟିମ୍ ଇଣ୍ଡିଆ ୮ ମ୍ୟାଚ୍ ବିଶିଷ୍ଟ ସୀମିତ ଓଭର ସିରିଜ୍‌ରେ ନିଜର ସମ୍ମାନ ରକ୍ଷା କରିବାକୁ ଜୋରଦାର ପ୍ରଚେଷ୍ଟା ଆରମ୍ଭ କରିଦେଇଛି। ଏହାର ପ୍ରଥମ ପଦକ୍ଷେପ ସ୍ୱରୂପ ଦଳ ପ୍ରଥମ ଦିନିକିଆ ମ୍ୟାଚ୍ ଖେଳାଯିବାକୁ ଥିବା ରାଞ୍ଚିରେ ଜୋରଦାର ଅଭ୍ୟାସ ଆରମ୍ଭ କରିଦେଇଛି। ଏହି ଦ୍ୱିପାକ୍ଷିକ ସିରିଜ୍‌ରେ ନଭେମ୍ବର ୩୦, ଡିସେମ୍ବର ୩ ଓ ୬ରେ ୩ଟି ଦିନିକିଆ ମ୍ୟାଚ୍ ପ୍ରଥମେ ଖେଳିବ। ଏହା ପରେ ୫ ଟି-୨୦ ମ୍ୟାଚ୍ ବିଶିଷ୍ଟ ସିରିଜ୍ ଖେଳାଯିବ। ଏହା ମଧ୍ୟରୁ ପ୍ରଥମ ଟି-୨୦ କଟକରେ ଡିସେମ୍ବର ୯, ଦ୍ୱିତୀୟ ଟି-୨୦ ମୋହାଲିର ମୁଲାନପୁରରେ ୧୧, ତୃତୀୟ ଟି-୨୦ ଧର୍ମଶାଳାରେ ଡିସେମ୍ବର ୧୪, ଚତୁର୍ଥ ଟି-୨୦ ଲକ୍ଷ୍ନୌ ଡିସେମ୍ବର ୧୭ ଓ ପଞ୍ଚମ ତଥା ଶେଷ ଟି-୨୦ ଅହମ୍ମଦାବାଦ୍‌ରେ ଡିସେମ୍ବର ୧୯ରେ ଖେଳାଯିବ। ଉଭୟ ସିରିଜ୍ ଲାଗି ଭିନ୍ନ ରଣନୀତି ଓ ଭିନ୍ନ ଖେଳାଳିଙ୍କୁ ସୁଯୋଗ ମିଳିବ।

ଟେଷ୍ଟ ଖେଳିଥିବା ଦଳର ୮୦ ଭାଗ ଉଭୟ ପକ୍ଷର ଖେଳାଳି ଦିନିକିଆ ଦଳରେ ସ୍ଥାନ ପାଇଛନ୍ତି। ଏହା ସତ୍ତ୍ୱେ ଟେଷ୍ଟରୁ ଦିନିକିଆ ଫର୍ମାଟରେ ଖେଳାଳିଙ୍କୁ ଖାପ୍ ଖୁଆଇବାକୁ କଷ୍ଟ କରିବାକୁ ପଡ଼ିବ। ଯେଉଁମାନେ ପେସାଦାର ମନୋବୃତ୍ତି ନେଇ ଖେଳୁଛନ୍ତି ସେମାନଙ୍କୁ ବିଶେଷ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ଦଳ ଟେଷ୍ଟ ସିରିଜ୍ ଜିତିବା ପରେ ଦୃଢ଼ ମନୋବଳ ନେଇ ଖେଳିବାକୁ ଯାଉଛି। ଅନ୍ୟ ପକ୍ଷରେ ଘରୋଇ ଦଳ ଆଗରେ ପରାଜୟର ଗ୍ଲାନି, ନିୟମିତ ଅଧିନାୟକ ତଥା ଷ୍ଟାର ବ୍ୟାଟର ଶୁବମନ ଗିଲ୍ ନାହାନ୍ତି। କିନ୍ତୁ ଦୁଇ ବିଶ୍ୱବିଖ୍ୟାତ ବ୍ୟାଟର ରୋହିତ ଶର୍ମା ଏବଂ କୋହଲି ଏମାନଙ୍କ ସହ କୌଣସି ତାରକା ବୋଲର ଯଥା ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ୍ ସାମି କିମ୍ବା ମହମ୍ମଦ୍ ସିରାଜ ମଧ୍ୟ ଦିନିକିଆ ସିରିଜ୍‌ରେ ଖେଳୁନାହାନ୍ତି। ଏଭଳି ସ୍ଥିତିରେ ଦୁଇଜଣ ଭାରତୀୟ ଖେଳାଳିଙ୍କ ଉପରେ ନଜର ରହିବ। ପ୍ରଥମ ଜଣଙ୍କ ହେଉଛନ୍ତି ଓପନର ଯଶସ୍ୱୀ ଜୟସ୍ୱାଲ। ଗତ ଦୁଇବର୍ଷରେ ଜୟସ୍ୱାଲ ଭାରତ ପକ୍ଷରୁ ୫୨ଟି ମ୍ୟାଚ୍ ଖେଳିଛନ୍ତି। କିନ୍ତୁ ତାହା ମଧ୍ୟରୁ କେବଳ ଗୋଟିଏ ଦିନିକିଆ ମ୍ୟାଚ୍ ରହିଛି। ରୋହିତ, ବିରାଟ ଓ ଶୁବମନଙ୍କ ଉପସ୍ଥିତି ଯୋଗୁଁ ଜୟସ୍ୱାଲ ଟପ୍ ଅର୍ଡରରେ ବ୍ୟାଟିଂ କରିବାର ସୁଯୋଗ ପାଇ ନାହାନ୍ତି। ଏଥର ଗିଲ୍ ଆହତ ହୋଇ ଦଳରୁ ବାଦ୍ ପଡ଼ିଥିଲେ ମଧ୍ୟ ଖେଳିବେ କି ନାହିଁ ସନ୍ଦେହ। ଏହାର ପ୍ରମୁଖ କାରଣ ହେଲା ଋତୁରାଜ ଗାଏକ୍ୱାଡଙ୍କ ଉପସ୍ଥିତି। ତେବେ ସେ ଯାହା ହେଉ ଟପ୍ ଅର୍ଡରରେ ଜଣେ ପ୍ରତିଭାବାନ ଖେଳାଳିଙ୍କୁ ବାହାରେ କେତେଦିନ ବସାଇହେବ ତାହା କହିବା କଷ୍ଟକର। ସେହିପରି ବରିଷ୍ଠ ପେସରଙ୍କ ଅନୁପସ୍ଥିତିରେ ଅର୍ଶଦୀପ ଏଥର ଫାଷ୍ଟ ବୋଲିଂର ନେତୃତ୍ୱ ନେବେ। ସେ ଦେଶ ଲାଗି ୧୧ଟି ଦିନିକିଆ ଖେଳିଛନ୍ତି, ତାହା କିନ୍ତୁ ବି' ଟିମ୍ ଲାଗି। ଏଥର ସେ ନିଶ୍ଚିତ ଭାବେ ଚୂଡାନ୍ତ ଏକାଦଶରେ ସ୍ଥାନ ପାଇବା ନିଶ୍ଚିତ। ପ୍ରସିଦ୍ଧ କ୍ରିଷ୍ଣା, ହର୍ଷିତ ରାଣା ଓ ଅର୍ଶଦୀପଙ୍କୁ ନେଇ ଭାରତୀୟ ପେସ୍ ବାହିନୀ ଗଠିତ। ଏମାନେ କିପରି ଶକ୍ତିଶାଳୀ ଦକ୍ଷିଣ ଆଫ୍ରିକା ବ୍ୟାଟିଂକୁ କିପରି ଧ୍ୱଂସ କରିବେ ତାହା ଏବେଠୁ କହିବା କଷ୍ଟକର।



**ଭାରତୀୟ ଦଳ:** ଲୋକେଶ ରାହୁଲ (ଅଧିନାୟକ/ ୱିକେଟରକ୍ଷକ), ଯଶସ୍ୱୀ ଜୟସ୍ୱାଲ, ବିରାଟ କୋହଲି, ତିଳକ ବର୍ମା, ଋତୁରାଜ ଗାଏକ୍ୱାଡ୍, ଋଷଭ ପନ୍ତ୍ ଓ ଧ୍ରୁବ ଜୁରେଲ (ଉଭୟ ୱିକେଟରକ୍ଷକ), ନୀତୀଶ କୁମାର ରେଡ୍ଡି, ରବୀନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ହର୍ଷିତ ରାଣା, ପ୍ରସିଦ୍ଧ କ୍ରିଷ୍ଣା ଓ ଅର୍ଶଦୀପ ସିଂହ।

## ପ୍ରତ୍ୟାଶା ରାୟଙ୍କୁ ଆଉ ଏକ ସ୍ୱର୍ଣ୍ଣ



ଭୁବନେଶ୍ୱର,୨୮।୧୧(ସମିସ): ରାଜସ୍ଥାନର ଜୟପୁରଠାରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସରେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରତ୍ୟାଶା ରାୟ ଆଉ ଏକ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ଆଜି ଅନୁଷ୍ଠିତ ମହିଳା ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ସେ ୩୧.୩ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଆଜି କିଟ୍‌ର ପ୍ରତିଯୋଗୀଙ୍କୁ ବିଶେଷ ସଫଳତା ମିଳିଛି। ଦିବ୍ୟାଙ୍କା ପ୍ରଧାନ ଆଉ ଏକ କାଂସ୍ୟ ପଦକ ଜିତିବା ପରେ ଦଳ ଏହି ବିଭାଗରେ ପ୍ରଥମ ରନର୍ସ ଅପ୍ ହୋଇଛି। କିଟ୍ ପ୍ରତିଯୋଗୀମାନେ ୧ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୧୦ଟି କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ମହିଳା ୮୬ କିଲୋ ଭାରୋତ୍ତୋଳନରେ କିଟ୍‌ର ମାଗନ୍ତା କୀର୍ତ୍ତି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। କିଟ୍‌ର ଉଭୟ ରଗ୍‌ବୀ ଟିମ୍ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ପୁରୁଷ ଓ ମହିଳା ଫାଇନାଲରେ କିଟ୍ ଦଳ ଚଣ୍ଡିଗଡ ବିଶ୍ୱବିଦ୍ୟାଳୟକୁ ହରାଇ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି।

## ନାଲ୍‌କୋ ଓପନ ଟେନିସ୍ ଡିସେମ୍ବର ୧୨ରୁ

ଭୁବନେଶ୍ୱର,୨୮।୧୧(ସମିସ): ଭୁବନେଶ୍ୱର ଜିଲ୍ଲା ଟେନିସ ସଂଘ (ବିଡିଟିଏ) ପକ୍ଷରୁ ୨୪ତମ ନିଖିଳ ଓଡ଼ିଶା ନାଲକୋ ଓପନ ଟେନିସ ଟୁର୍ଣ୍ଣାମେଣ୍ଟ କଳିଙ୍ଗ ଷ୍ଟାଡିୟମ୍ ଟେନିସ କମ୍ପ୍ଲେକ୍ସ ପରିସରରେ ଡିସେମ୍ବର ୧୨ରୁ ୧୪ ଯାଏ ଖେଳାଯିବ। ୯ଟି ଭିନ୍ନ ଭିନ୍ନ କାଟାଗୋରୀରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୪.୩୨ ଲକ୍ଷ ଟଙ୍କାର ପୁରସ୍କାର ଦିଆଯିବ ବୋଲି ବିଡିଟିଏ ପକ୍ଷରୁ କୁହାଯାଇଛି। ଏଥିରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ପ୍ରତିଯୋଗୀମାନେ ଶିବଶଙ୍କର ପରିଡ଼ାଙ୍କୁ ୯୦୯୦୬-୦୩୫୩୫ରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

ଜାତୀୟ ଜୁନିଅର ଫୁଟବଲ

## ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ପରାସ୍ତ

ଭୁବନେଶ୍ୱର,୨୮।୧୧(ସମିସ): ଆନ୍ଧ୍ରର ଅନନ୍ତପୁରଠାରେ ଆରମ୍ଭ ହୋଇଥିବା ଜାତୀୟ ଜୁନିଅର ବାଳିକା ଫୁଟବଲ ପ୍ରତିଯୋଗିତାର ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ପରାଜିତ ହୋଇଛି। ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ବିହାର ୧-୦ ଗୋଲରେ ଓଡ଼ିଶାକୁ ହରାଇଦେଇଛି। ଓଡ଼ିଶାର ସମସ୍ତ ଚେଷ୍ଟା ସତ୍ତ୍ୱେ ଗୋଲ ଦେବାରେ ସମର୍ଥ ହୋଇ ନ ଥିଲା। ଓଡ଼ିଶା ତାହାର ପରବର୍ତ୍ତୀ ମ୍ୟାଚ୍ ବେଙ୍ଗଲ ସହ ନଭେମ୍ବର ୩୦ରେ ଖେଳିବ। ଏହି ମ୍ୟାଚ୍ ଜିତିଲେ ଓଡ଼ିଶା ପରବର୍ତ୍ତୀ ପର୍ଯ୍ୟାୟକୁ ଯିବ ନଚେତ୍ ପ୍ରତିଯୋଗିତାରୁ ବିଦାୟ ନେବ।

ସୟଦ ମୁସ୍ତାକ ଅଲି ଟି-୨୦

# ପୁଣି ହାରିଲା ଓଡ଼ିଶା

ଭୁବନେଶ୍ୱର,୨୮।୧୧(ସମିସ): ରଣଜୀ ଟ୍ରଫି ପରେ ସିନିୟର ଦଳ ସୟଦ ମୁସ୍ତାକ ଅଲି ଟି-୨୦ କ୍ରିକେଟରେ ପରାଜୟର ଧାରା ଅବ୍ୟାହତ ରଖିଛି। ଏହି କ୍ରମରେ ଗ୍ରୁପ୍-ଏ'ରେ ସ୍ଥାନ ପାଇଥିବା ଓଡ଼ିଶା ଦଳ ଆଜି ଦ୍ୱିତୀୟ ମ୍ୟାଚ୍‌ରେ ଆନ୍ଧ୍ରପ୍ରଦେଶଠାରୁ ୬୬ ରନ୍‌ରେ ପରାଜିତ ହୋଇଛି। ଏହି ଦଳ ପ୍ରଥମ ମ୍ୟାଚ୍‌ରେ କେରଳଠାରୁ ୧୦ ୱିକେଟରେ ହାରିଥିଲା।

ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଆନ୍ଧ୍ର ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୮୪ ରନ୍ କରିଥିଲା। ଜବାବରେ ଓଡ଼ିଶା ପୁଣିଥରେ ବ୍ୟାଟିଂ ବିପର୍ଯ୍ୟୟର ଶିକାର ହୋଇ ୧୭.୨ ଓଭରରେ ୧୧୮ ରନ୍ କରି ଅଲ୍‌ଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ନଂ-୭ରେ ବ୍ୟାଟିଂ କରିଥିବା ୱିକେଟରକ୍ଷକ ସୌରଭ ଗୌଡ଼ା ସର୍ବାଧିକ ୨୪ ରନ୍ କରିଥିଲେ।

ଦୁଇ ଓପନର ସ୍ୱସ୍ତିକ ସାମଲ ୧୮, ଗୌରବ ଚୌଧୁରୀ, ଶୁଭ୍ରାଂଶୁ ସେନାପତି ୧୬ ଓ ଅଧିନାୟକ ବିପ୍ଳବ ସାମନ୍ତରାୟ ୫ ରନ୍ କରି ପ୍ରଥମେ ଶୀଘ୍ର ଆଉଟ ହୋଇଯାଇଥିଲେ। ଆନ୍ଧ୍ର ପକ୍ଷରୁ ଯାରା ପୃଥ୍ୱୀରାଜ ଓ ସୌରଭ କୁମାର ୩ଟି ଲେଖାଏଁ ୱିକେଟ ପାଇଥିଲେ। ପୂର୍ବରୁ ଆନ୍ଧ୍ର ଇନିଂସରେ କେହି ଅର୍ଦ୍ଧଶତକ ହାସଲ କରି ନ ଥିଲାବେଳେ ଅଧିନାୟକ ରିକି ଭୁଇ ସର୍ବାଧିକ ୪୭ ଓ ଶ୍ରୀକର ଭରତ ୪୨ ରନ୍ କରିଥିଲେ। ସୌରଭ କୁମାରଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଅବଶିଷ୍ଟ ମ୍ୟାଚ୍‌ରେ ଓଡ଼ିଶା ଭଲ ଖେଳିବ ବୋଲି ଓସିଏ ପକ୍ଷରୁ ଆଶା ପ୍ରକାଶ କରାଯାଇଛି।






ଉତ୍ତର-ପୂର୍ବ ଅସ୍ମିତା ଭାରୋତ୍ତୋଳନ

# ଓଡ଼ିଶାକୁ ୨ ସ୍ୱର୍ଣ୍ଣ ସହ ୧୨ ପଦକ



ଭୁବନେଶ୍ୱର,୨୮।୧୧(ସମିସ)

କୋଲକାତାରେ ଚାଲିଥିବା ଉତ୍ତରପୂର୍ବ ଅସ୍ମିତା ଭାରୋତ୍ତୋଳନରେ ଓଡ଼ିଶାର ପ୍ରତିଯୋଗୀ ମାନେ ଆଜି ଚୂଡାନ୍ତ ହୋଇଥିବା ୨୭ଟି ପଦକ ମଧ୍ୟରୁ ୧୨ଟି ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଏହା ମଧ୍ୟରେ ରହିଛି ୨ ସ୍ୱର୍ଣ୍ଣ, ୬ ରୌପ୍ୟ ଓ ୪ କାଂସ୍ୟ ପଦକ। ଯୁବ ବିଭାଗରେ ଭାଗ ନେଇଥିବା ଦୁଇ ପ୍ରତିଯୋଗୀ ଅଙ୍କିତା ପ୍ରଧାନ ଓ ପ୍ରୀତିମୟୀ ମହାନ୍ତି ଆଜି ସ୍ୱର୍ଣ୍ଣ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଗତକାଲି ଯୁବ ବର୍ଗରେ ବନିତା ନାଏକ ରାଜ୍ୟ ଲାଗି ପ୍ରଥମ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଏଯାଏ ଓଡ଼ିଶା ଜିତିଥିବା ୩ଟି ଯାକ ସ୍ୱର୍ଣ୍ଣ ପଦକ କେବଳ ଯୁବ ବିଭାଗରୁ ଆସିଛି।

ଆଜି ଅନୁଷ୍ଠିତ ଯୁବ ବିଭାଗର ୫୮ କିଲୋଗ୍ରାମ୍ କାଟୋଗୋରୀରେ ଅଙ୍କିତା ଓ ୬୯ କେଜି କାଟାଗୋରୀରେ ପ୍ରତୀମୟୀ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଏମାନେ ମଧ୍ୟ ଅନ୍ୟ ବିଭାଗରେ ପଦକ ଜିତିଛନ୍ତି। ଅଙ୍କିତା କନିଷ୍ଠ ଓ ବରିଷ୍ଠ ବିଭାଗରେ ଦୁଇଟି କାଂସ୍ୟ, ପ୍ରୀତିମୟୀ ବରିଷ୍ଠ ବିଭାଗରେ କାଂସ୍ୟ ପଦକ ହାସଲ କରିଛନ୍ତି। ଏମାନଙ୍କ ବ୍ୟତୀତ ମିନା ସାନ୍ତା-ବି' ରୌପ୍ୟ, ୬୩ କେଜି ବରିଷ୍ଠ ବିଭାଗରେ ରୋମାଲି ପ୍ରଧାନ ରୌପ୍ୟ, ୬୩ କେଜି ଯୁବ ଓ କନିଷ୍ଠ ବିଭାଗରେ ଶ୍ୱେତାଲିନା ମହାନ୍ତି ୨ଟି ରୌପ୍ୟ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଗତକାଲିର ସଫଳତାକୁ ମିଶାଇ ଓଡ଼ିଶା ପ୍ରଥମ ଦୁଇ ଦିନରେ ୩ ସ୍ୱର୍ଣ୍ଣ ସହ ୧୭ଟି ପଦକ ଜିତିବାରେ ସମର୍ଥ ହୋଇଛି।


PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS